# ଧରିତ୍ରୀ

DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୧୧/୨୦୨୩ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 11/2023 Page 20 ₹ 7.00

୪୯ଶ ଭାଗ ୩୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 346 ମୂଲ୍ୟ₹୭/-



PLATINUM Hallmark YOUR TRUST OUR COMMITMENT

# ଅଳଙ୍କାରରେ ଦିବ୍ୟତାର ଅନୁଭୂତି

## ପବିତ୍ର ଧନତେରସ୍ ଏବଂ ଶୁଭ ଦୀପାବଳିରେ

ଏକ୍ସକ୍ଲୁସିଭ୍ ଡିଜାଇନ୍‌ର ବୃହତ ସମ୍ଭାରରୁ ବାଛି ନିଅନ୍ତୁ

LALCHND

Trusted Brand Since 1948



ଫ୍ଲାଟ୍ **୨୦,୦୦୦ ଟଙ୍କା/କ୍ୟାରେଟ୍** ରିହାତି ହୀରା ମୂଲ୍ୟ ଉପରେ

ଫ୍ଲାଟ୍ **୫୦% ରିହାତି** ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ

ଫ୍ଲାଟ୍ **୨୦% ରିହାତି** ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡ ଗୁଡ଼ିକ ଉପରେ

ଫ୍ଲାଟ୍ **୧୫% ରିହାତି** ବ୍ରାଣ୍ଡେଡ୍ ଆଇଟମ୍‌ର ମୂଲ୍ୟ ଉପରେ

**ମାଗଣା ରୁପା ମୁଦ୍ରା**
(ଆଇଜେଏସ୍‌ଏଫ) ୨୫,୦୦୦ ଟଙ୍କା ବା ତଦୂର୍ଦ୍ଧ୍ୱ ମୂଲ୍ୟର କ୍ରୟ ଉପରେ
ଏବଂ
**ନିଶ୍ଚିତ ଉପହାର**
୨୫,୦୦୦ ଟଙ୍କା ବା ତଦୂର୍ଦ୍ଧ୍ୱ ମୂଲ୍ୟର କ୍ରୟ ଉପରେ

**୭୨୫ ଟଙ୍କା/ଗ୍ରାମ୍**
ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ

FRAUD ALERT
- 'UP TO' ସ୍କାମ୍ ପ୍ରତି ସତର୍କ ରୁହନ୍ତୁ
- ସର୍ତ୍ତମୂଳକ ଅଫର୍‌ରୁ (*) ବଞ୍ଚନ୍ତୁ
- ସର୍ବଦା ଫ୍ଲାଟ୍ ଓ ସ୍ୱଚ୍ଛ ଗଢ଼ା ମଜୁରୀକୁ ହିଁ ଚୟନ କରନ୍ତୁ

ଉତ୍ତମ ଗ୍ରାହକ ସେବା ପ୍ରଦାନ କରିବା ଲାଲ୍‌ଚାନ୍ଦର ମୂଳମନ୍ତ୍ର। କାରଣ ଆମେ ଶତ ପ୍ରତିଶତ ଏଚ୍‌ୟୁଆଇଡି (ହଲ୍‌ମାର୍କଯୁକ୍ତ ଏକକ ପରିଚୟପତ୍ର) ନିୟମ ଅନୁପାଳନ କରିଅଛୁ, ଯାହାଦ୍ୱାରା ଆମର ପ୍ରିୟ ଗ୍ରାହକଙ୍କୁ ସର୍ବୋତ୍ତମ ସପିଂ ଅଭିଜ୍ଞତା ପ୍ରଦାନ କରିପାରିବୁ ।

ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନା ଏକ୍ସଚେଞ୍ଜରେ ପାଆନ୍ତୁ ୧୦୦% ସୁନା ମୂଲ୍ୟ

ସମସ୍ତ ଆକାରର ୯୯୯ ଶୁଦ୍ଧତା ବିଶିଷ୍ଟ ସର୍ଣ୍ଣ ମୁଦ୍ରା ଉପଲବ୍ଧ

**ଆକର୍ଷଣୀୟ ଜୁଏଲାରୀ ସପିଂ**
୨୫ ହଜାର ଟଙ୍କାର ଗହଣା ଉପରେ ନିଶ୍ଚିତ କୁପନ୍ ଏବଂ ସୀମିତ ସଂସ୍କରଣର ରୁପା ମୁଦ୍ରା

**ଲାଲ୍‌ଚାନ୍ଦ୍ ଜୁଏଲର୍ସରେ ବିଶ୍ୱର ସର୍ବବୃହତ ଅଳଙ୍କାର ମହୋତ୍ସବ**

**ଅବିଶ୍ୱସନୀୟ ପୁରସ୍କାର**
ପର୍ଯ୍ୟାୟକ୍ରମେ ଡ୍ର'ରେ ୫୦୦୦ କୁପନ୍‌ର ପ୍ରତି ସେଟ୍‌ରେ ୨୫ ଗ୍ରାମ୍ ସୁନା ମୁଦ୍ରା

ଉଜ୍ଜ୍ୱଳିତ ସମସ୍ତଙ୍କ ଭାଗ୍ୟ! ଜିତନ୍ତୁ*

- ୧ କିଲୋଗ୍ରାମ ସୁନାର ୫ଟି ପୁରସ୍କାର
- ୧୦ ଲକ୍ଷ ଟଙ୍କା ବିଶିଷ୍ଟ ଜଡାଉ ଜୁଏଲାରୀର ୫ଟି ପୁରସ୍କାର
- ୧୦ ଲକ୍ଷ ଟଙ୍କା ବିଶିଷ୍ଟ ଟେମ୍ପଲ୍ ଜୁଏଲାରୀର ୫ଟି ପୁରସ୍କାର
- ୫ ଲକ୍ଷ ଟଙ୍କା ବିଶିଷ୍ଟ ହୀରା ଓ ମୂଲ୍ୟବାନ ପଥର ଖଚିତ ଜୁଏଲାରୀର ୧୦ଟି ପୁରସ୍କାର
- ୨.୫ ଲକ୍ଷ ଟଙ୍କା ବିଶିଷ୍ଟ ସୁନା ଗହଣାର ୧୦ଟି ପୁରସ୍କାର
- 'ଡିଭାଇନ୍ ସଲିଟେୟାର' ତରଫରୁ ହୀରା ଖଚିତ ସୁନା ମୁଦ୍ରାର ୧୦୦ଟି ପୁରସ୍କାର

IJSF INDIA JEWELLERY SHOPPING FESTIVAL 2023
ପ୍ରାୟୋଜକ DIVINE SOLITAIRES

ଉପରିସ୍ଥ ଆଇଜେଏସ୍‌ଏଫ୍ ସ୍କିମ୍ ୧୫ ଅକ୍ଟୋବରରୁ ୨୨ ନଭେମ୍ବର ପର୍ଯ୍ୟନ୍ତ ବୈଧ

ମାଷ୍ଟର କ୍ୟାଣ୍ଟିନ୍ ଶୋ'ରୁମ୍‌ରେ ଏମ୍‌ଏମ୍‌ଟିସି ସର୍ଣ୍ଣମୁଦ୍ରା ଏବଂ ରଘୁନାଥପୁର, କଟକ ତଥା ବ୍ରହ୍ମପୁରରେ ଏମ୍‌ଏମ୍‌ଟିସି ରୁପା ମୁଦ୍ରା ଉପଲବ୍ଧ

HDFC BANK
FESTIVE TREATS
- ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍/ଡେବିଟ୍ କାର୍ଡ ବ୍ୟବହାରରେ ତୁରନ୍ତ ୫% ଛାଡ଼୍
- ସର୍ବନିମ୍ନ ୪୦,୦୦୦ଟଙ୍କାର ନେଣଦେଣ ଉପରେ ଏହା ବୈଧ। ସର୍ବାଧିକ ୩,୦୦୦ଟଙ୍କାର ଛାଡ଼୍
- ପ୍ରତି କାର୍ଡ ପିଛା ଥରେ ବ୍ୟବହାର ଉପରେ ଏହି ଛାଡ଼୍ ୧୪ ନଭେମ୍ବର ୨୦୨୩ ପର୍ଯ୍ୟନ୍ତ ବୈଧ

ଲାଲ୍‌ଚାନ୍ଦ୍ ପ୍ରତିଶ୍ରୁତି ★ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ★ ସର୍ବନିମ୍ନ ଗଢ଼ାମୂଲ୍ୟ ★ ଆଜୀବନ ରକ୍ଷଣାବେକ୍ଷଣ ★ ବାଏବ୍ୟାକ୍‌ର ଗ୍ୟାରେଣ୍ଟି ★ ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ୍ ମିଟର୍

JEWELLERS SINCE 1988

| ଭୁବନେଶ୍ୱର ରଘୁନାଥପୁର | ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍ | ଭୁବନେଶ୍ୱର ଏସ୍‌ପ୍ଲାନେଡ୍ ମଲ୍ | ବ୍ରହ୍ମପୁର ଧର୍ମ ନଗର | କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ | ନୂଆଦିଲ୍ଲୀ ଲାଜପତ୍ ନଗର |
|---|---|---|---|---|---|
| 0674-2469149/150/151 | 0674-2534016/17/18 | +91-99372 29625 | 0680-2229401/02/04 | 0671-2302505/3505/4505 | 011-45769564 |

ଆପଣମାନଙ୍କ ସୁବିଧା ପାଇଁ ଆମର ମାଷ୍ଟର କ୍ୟାଣ୍ଟିନ୍ ଶୋ'ରୁମ୍‌ର ପଛପାର୍ଶ୍ୱସ୍ଥ ନୂତନ ଦ୍ୱାରଠାରେ ପର୍ଯ୍ୟାପ୍ତ ପାର୍କିଂର ସୁବ୍ୟବସ୍ଥା ସହ ନିୟମିତ ସମ୍ମୁଖ ଦ୍ୱାର ନିକଟରେ ଭାଲେ ପାର୍କିଂ ଉପଲବ୍ଧ ।



# ଲାଲ୍‌ଚାନ୍ଦ୍‌ର ଧନତେରସ୍ ଓ ଦୀପାବଳି ଅଫର୍

**ଏକ୍ସକ୍ଲୁସିଭ୍ ଡିଜାଇନ୍ ପାଆନ୍ତୁ ସର୍ବନିମ୍ନ ଗଢ଼ା ମୂଲ୍ୟ, ସ୍ୱଚ୍ଛ ରିହାତି ଏବଂ ବିନା ଲୁକ୍କାୟିତ ସର୍ତ୍ତରେ**

LALCHND

Trusted Brand Since 1948



## ଗଢ଼ା ମୂଲ୍ୟ ଉପରେ ବିଭ୍ରାନ୍ତିକର ଅଫର୍‌ଠାରୁ ଦୂରେଇ ରୁହନ୍ତୁ

| ବିଭ୍ରାନ୍ତିକର ଦାବି/ ଅଫର୍ | ସତ୍ୟତା |
|---|---|
| ମୋଟ୍ ସୁନା ମୂଲ୍ୟ ଉପରେ ଫ୍ଲାଟ୍ ୪.୫% ରିହାତି | ଗ୍ରାହକମାନେ କ୍ରୟ କରିଥିବା ସୁନା ଗହଣାର ମୋଟ ମୂଲ୍ୟ ଉପରେ ଫ୍ଲାଟ୍ ୪.୫% ରିହାତି ପାଉଥିବା ବେଳେ ବାସ୍ତବରେ ଗଢ଼ା ମୂଲ୍ୟ କେତେ, ସେ ସମ୍ପର୍କରେ କୌଣସି ତଥ୍ୟ ପାଉନାହାନ୍ତି । ଏଠାରେ ଅଧିକ ରିହାତି ଆଳ ଦେଖାଇ ଗ୍ରାହକଙ୍କୁ ଆକର୍ଷିତ କରାଯାଉଛି । ଏତଦ୍‌ଦ୍ୱାରା ଗ୍ରାହକମାନେ ଠକେଇର ଶିକାର ହେଉଥିବା ସ୍ପଷ୍ଟ ଜଣାପଡୁଛି । |
| ୩୦% ପର୍ଯ୍ୟନ୍ତ ରିହାତି ମୂଲ୍ୟବାନ ପଥର ଓ ପୋଲ୍‌କି ଜୁଏଲାରୀର ଗଢ଼ା ମୂଲ୍ୟ ଉପରେ | ଏହି ଜୁଏଲର୍ କମ୍ ବିକ୍ରୟ ଜୁଏଲାରୀ ଉପରେ ସର୍ବାଧିକ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଥିବା ବେଳେ ଅନ୍ୟ ସମସ୍ତ ଜୁଏଲାରୀ ଉପରେ ଅଧିକ ଗଢ଼ାମୂଲ୍ୟ ନେଇଥାଏ । ଏଥିସହ କେତେକ ମନୋନୀତ ଡିଜାଇନ୍‌ର ଜୁଏଲାରୀ ଉପରେ ହିଁ ଏହି ଅଫର୍ ଲାଗୁ କରାଯାଇଛି । |
| ୨୦୦୦/-, ୧୦୦୦/-, ୫୦୦/- ଟଙ୍କାର ଗିଫ୍ଟ ଭାଉଚର୍, ନିର୍ଦ୍ଦିଷ୍ଟ କ୍ରୟମୂଲ୍ୟ ଉପରେ | କେତେକ ଜୁଏଲର୍ ଗିଫ୍ଟ ଭାଉଚର୍‌ର ଆଳ ଦେଖାଇ ଗ୍ରାହକଙ୍କୁ ଆକର୍ଷିତ କରୁଛନ୍ତି, କିନ୍ତୁ ପ୍ରକୃତରେ ଗ୍ରାହକଙ୍କୁ ଏହି ଅଫର୍‌ର ଯୋଗ୍ୟ ହେବା ପାଇଁ ମୋଟାଅଙ୍କର ସୁନା ଗହଣା କ୍ରୟ କରିବାକୁ ପଡ଼ିଥାଏ । |
| ୨୫% ପର୍ଯ୍ୟନ୍ତ ଛାଡ଼ ସୁନା ଗହଣାର ମଜୁରୀ ଉପରେ | ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଦେଉଛନ୍ତି, କିନ୍ତୁ ନିଜ ମନମୁତାବକ ଗଢ଼ା ମୂଲ୍ୟକୁ ବଢ଼ାଇ ଦେଇ ତା' ଉପରେ ରିହାତି ପ୍ରଦାନ କରି ଗ୍ରାହକଙ୍କୁ ଭୁଆଁ ବୁଲାଉଛନ୍ତି । |
| ୨୦% ପର୍ଯ୍ୟନ୍ତ ଛାଡ଼ ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ | ଏହି ପ୍ରତିଷ୍ଠାନ ସୁନା ଗହଣା ଉପରେ ସର୍ତ୍ତମୂଳକ (*) ଅଫର୍ ରଖି ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛନ୍ତି, କିନ୍ତୁ ସଠିକ୍ ଗଢ଼ା ମୂଲ୍ୟ ସମ୍ପର୍କରେ ଗ୍ରାହକଙ୍କୁ ଜଣାଉନାହାନ୍ତି, ଯାହାଦ୍ୱାରା ଗ୍ରାହକମାନେ କ୍ରୟ ସମୟରେ ଦ୍ୱନ୍ଦ୍ୱରେ ପଡୁଛନ୍ତି । |
| ଫ୍ଲାଟ୍ ୫୯୯ଟଙ୍କା ଗଢ଼ା ମୂଲ୍ୟ ରେଗୁଲାର୍ ସୁନା ଗହଣା ଉପରେ | ଏଠାରେ ଜୁଏଲର୍ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ସମ୍ପର୍କରେ କୌଣସି ତଥ୍ୟ ନଦେଇ ରେଗୁଲାର୍ ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ ୫୯୯ଟଙ୍କା ରିହାତି ପ୍ରଦାନ କରୁଛନ୍ତି । ଏଥିସହ ଏହି ଅଫର୍ କେବଳ ସୀମିତ ଡିଜାଇନ୍ ଉପରେ ଲାଗୁ ହେଉଥିବା ବେଳେ ଅନ୍ୟ ସମସ୍ତ ଗହଣା ଉପରେ ଗ୍ରାହକଙ୍କୁ ୧୨୦୦ଟଙ୍କା ଗଢ଼ା ମୂଲ୍ୟ ଦେବାକୁ ପଡୁଛି । |
| ସ୍ୱର୍ଣ୍ଣ ମୁଦ୍ରା(*) | ଏହି ଜୁଏଲର୍ ସର୍ତ୍ତମୂଳକ (*) ଅଫର୍ ରଖି ମାଗଣା ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରିଥାଏ । |

### ଲାଲ୍‌ଚାନ୍ଦ୍ ଜୁଏଲର୍ସ

ଲାଲ୍‌ଚାନ୍ଦ୍ ଜୁଏଲର୍ସ ସମସ୍ତ ଗହଣା ଉପରେ ଫ୍ଲାଟ୍ ଗଢ଼ା ମୂଲ୍ୟ ଏବଂ ସ୍ୱଚ୍ଛ ରିହାତି ପ୍ରଦାନ କରେ ।

**୬୨୫ ଟଙ୍କା/ଗ୍ରାମ୍**
ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ

ଫ୍ଲାଟ୍ **୨୦,୦୦୦ଟଙ୍କା/କ୍ୟାରେଟ୍** ରିହାତି ହୀରା ମୂଲ୍ୟ ଉପରେ

ଫ୍ଲାଟ୍ **୫୦% ରିହାତି** ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ

ଫ୍ଲାଟ୍ **୨୦% ରିହାତି** ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡ ଗୁଡ଼ିକ ଉପରେ

ଫ୍ଲାଟ୍ **୧୫% ରିହାତି** ବ୍ରାଣ୍ଡେଡ୍ ଆଇଟମ୍‌ର ମୂଲ୍ୟ ଉପରେ

**ମାଗଣା ରୁପା ମୁଦ୍ରା**
(ଆଇଜେଏସ୍ଏଫ)୨୫,୦୦୦ ଟଙ୍କା ବା ତଦୂର୍ଦ୍ଧ୍ୱ ମୂଲ୍ୟର କ୍ରୟ ଉପରେ ଏବଂ
**ନିଶ୍ଚିତ ଉପହାର**
୨୫,୦୦୦ ଟଙ୍କା ବା ତଦୂର୍ଦ୍ଧ୍ୱ ମୂଲ୍ୟର କ୍ରୟ ଉପରେ

**ହିସାବ କରନ୍ତୁ | ତୁଳନା କରନ୍ତୁ | ତା'ପରେ କିଣନ୍ତୁ**

**ଗଢ଼ା ମୂଲ୍ୟ ଉପରେ ହେଉଥିବା ସ୍କାମ୍ ସମ୍ପର୍କରେ ଗ୍ରାହକମାନଙ୍କୁ ଅବଗତ କରାଇବା ଲାଲ୍‌ଚାନ୍ଦ୍ ଜୁଏଲର୍ସର ଦାୟିତ୍ୱ**

ଉତ୍ତମ ଗ୍ରାହକ ସେବା ପ୍ରଦାନ କରିବା ଲାଲ୍‌ଚାନ୍ଦ୍‌ର ମୂଳମନ୍ତ୍ର । କାରଣ ଆମେ ଶତ ପ୍ରତିଶତ ଏଚ୍‌ୟୁଆଇଡି (ହଲ୍‌ମାର୍କଯୁକ୍ତ ଏକକ ପରିଚୟପତ୍ର) ନିୟମ ଅନୁପାଳନ କରିଅଛୁ, ଯାହାଦ୍ୱାରା ଆମର ପ୍ରିୟ ଗ୍ରାହକଙ୍କୁ ସର୍ବୋତ୍ତମ ସପିଂର ଅଭିଜ୍ଞତା ପ୍ରଦାନ କରିପାରିବୁ ।

ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନା ଏକ୍ସଚେଞ୍ଜରେ ପାଆନ୍ତୁ ୧୦୦% ସୁନା ମୂଲ୍ୟ



ସମସ୍ତ ଆକାରର ୯୯୯ ଶୁଦ୍ଧତା ବିଶିଷ୍ଟ ସ୍ୱର୍ଣ୍ଣ ମୁଦ୍ରା ଉପଲବ୍ଧ

**ଆକର୍ଷଣୀୟ ଜୁଏଲାରୀ ସପିଂ**
୨୫ ହଜାର ଟଙ୍କାର ଗହଣା ଉପରେ ନିଶ୍ଚିତ କୁପନ୍ ଏବଂ ସୀମିତ ସଂସ୍କରଣର ରୁପା ମୁଦ୍ରା

**ଲାଲ୍‌ଚାନ୍ଦ୍ ଜୁଏଲର୍ସରେ ବିଶ୍ୱର ସର୍ବବୃହତ ଅଳଙ୍କାର ମହୋତ୍ସବ**

**ଅବିଶ୍ୱସନୀୟ ପୁରସ୍କାର**
ପର୍ଯ୍ୟାୟକ୍ରମେ ଡ୍ର'ରେ ୫୦୦୦ କୁପନ୍‌ର ପ୍ରତି ସେଟ୍‌ରେ ୨୫ ଗ୍ରାମ୍ ସୁନା ମୁଦ୍ରା

ଚମକିବ ସମସ୍ତଙ୍କ ଭାଗ୍ୟ! ଜିତନ୍ତୁ*

- ୧ କିଲୋଗ୍ରାମ ସୁନାର ୫ଟି ପୁରସ୍କାର
- ୧୦ ଲକ୍ଷ ଟଙ୍କା ବିଶିଷ୍ଟ ଜଡାଉ ଜୁଏଲାରୀର ୫ଟି ପୁରସ୍କାର
- ୧୦ ଲକ୍ଷ ଟଙ୍କା ବିଶିଷ୍ଟ ଟେମ୍ପଲ୍ ଜୁଏଲାରୀର ୫ଟି ପୁରସ୍କାର
- ୫ ଲକ୍ଷ ଟଙ୍କା ବିଶିଷ୍ଟ ହୀରା ଓ ମୂଲ୍ୟବାନ ପଥର ଖଚିତ ଜୁଏଲାରୀର ୧୦ଟି ପୁରସ୍କାର
- ୨.୫ ଲକ୍ଷ ଟଙ୍କା ବିଶିଷ୍ଟ ସୁନା ଗହଣାର ୧୦ଟି ପୁରସ୍କାର
- 'ଡିଭାଇନ୍ ସଲିଟେଆର୍' ତରଫରୁ ହୀରା ଖଚିତ ସୁନା ମୁଦ୍ରାର ୧୦୦ଟି ପୁରସ୍କାର

IJSF INDIA JEWELLERY SHOPPING FESTIVAL 2023
ପ୍ରାୟୋଜକ DIVINE SOLITAIRES

ଉପରିସ୍ଥ ଆଇଜେଏସ୍ଏଫ୍ ସ୍କିମ୍ ୧୫ ଅକ୍ଟୋବରରୁ ୨୨ ନଭେମ୍ବର ପର୍ଯ୍ୟନ୍ତ ବୈଧ

HDFC BANK
FESTIVE TREATS
- ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍/ଡେବିଟ୍ କାର୍ଡ ବ୍ୟବହାରରେ ତୁରନ୍ତ ୫% ଛାଡ଼
- ସର୍ବନିମ୍ନ ୪୦,୦୦୦ଟଙ୍କାର ନେଣଦେଣ ଉପରେ ଏହା ବୈଧ । ସର୍ବାଧିକ ୩,୦୦୦ଟଙ୍କାର ଛାଡ଼
- ପ୍ରତି କାର୍ଡ ପିଛା ଥରେ ବ୍ୟବହାର ଉପରେ ଏହି ଛାଡ଼ ୧୪ ନଭେମ୍ବର ୨୦୨୩ ପର୍ଯ୍ୟନ୍ତ ବୈଧ

ମାଷ୍ଟର କ୍ୟାଣ୍ଟିନ୍ ଶୋ'ରୁମ୍‌ରେ ଏମ୍ଏମ୍‌ଟିସି ସ୍ୱର୍ଣ୍ଣମୁଦ୍ରା ଏବଂ ରଘୁନାଥପୁର, କଟକ ତଥା ବ୍ରହ୍ମପୁରରେ ଏମ୍ଏମ୍‌ଟିସି ରୁପା ମୁଦ୍ରା ଉପଲବ୍ଧ

**ଲାଲ୍‌ଚାନ୍ଦ୍ ପ୍ରତିଶ୍ରୁତି** ★ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ★ ସର୍ବନିମ୍ନ ଗଢ଼ାମୂଲ୍ୟ ★ ଆଜୀବନ ରକ୍ଷଣାବେକ୍ଷଣ ★ ବାଏବ୍ୟାକ୍‌ର ଗ୍ୟାରେଣ୍ଟି ★ ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ୍ ମିଟର୍

**JEWELLERS SINCE 1988**

| ଭୁବନେଶ୍ୱର ରଘୁନାଥପୁର | ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍ | ଭୁବନେଶ୍ୱର ଏସ୍ପ୍ଲାନେଡ୍ ମଲ୍ | ବ୍ରହ୍ମପୁର ଧର୍ମ ନଗର | କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ | ନୂଆଦିଲ୍ଲୀ ଲାଜପତ୍ ନଗର |
|---|---|---|---|---|---|
| 0674-2469149/150/151 | 0674-2534016/17/18 | +91-99372 29625 | 0680-2229401/02/04 | 0671-2302505/3505/4505 | 011-45769564 |

ଆପଣମାନଙ୍କ ସୁବିଧା ପାଇଁ ଆମର ମାଷ୍ଟର କ୍ୟାଣ୍ଟିନ୍ ଶୋ'ରୁମ୍‌ର ପଛପାର୍ଶ୍ୱସ୍ଥ ନୂତନ ଦ୍ୱାରଠାରେ ପର୍ଯ୍ୟାପ୍ତ ପାର୍କିଂର ସୁବ୍ୟବସ୍ଥା ସହ ନିୟମିତ ସମ୍ମୁଖ ଦ୍ୱାର ନିକଟରେ ଭାଲେ ପାର୍କିଂ ଉପଲବ୍ଧ ।

DHARITRI
ଭୁବନେଶ୍ୱର, ଶନିବାର, ନଭେମ୍ବର ୧୧/୨୦୨୩ | Bhubaneswar, Saturday, November 11/2023


# ଶ୍ରୀମନ୍ଦିରରେ ଦଳାଚକଟା: ୨୦ ଆହତ


ମହାପ୍ରଭୁଙ୍କ ଦର୍ଶନ ପାଇଁ ଶୁକ୍ରବାର ଶ୍ରୀମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁ ଓ ହବିଷିଆଳିଙ୍କ ଭିଡ଼।

## ■ ତ୍ରୁଟିପୂର୍ଣ୍ଣ ଦର୍ଶନ ବ୍ୟବସ୍ଥାକୁ ଦାୟୀ କଲେ ଭକ୍ତ
## ■ ତୁରନ୍ତ ୪ ଦ୍ୱାର ଖୋଲାଯିବାକୁ ଦାବି
## ■ ଏସ୍‌ପି କହିଲେ ଘଟଣାର ତଦନ୍ତ ହେବ

**ପୁରୀ, ୧୦।୧୧(ଅଜିତ ମହାନ୍ତି)**

ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ମହାପ୍ରଭୁଙ୍କ ଦର୍ଶନ କରିବା ସହ ମହାପ୍ରସାଦ ପାଇବା ଆଶାରେ ଦୈନିକ ପୁରୀରେ ଅଗଣିତ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ସେହିପରି ପୁରୀରେ ହବିଷିଆଳିମାନେ ରହି କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ଫଳରେ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହେଉଛି। ଭିଡ଼କୁ ପ୍ରତିହତ କରିବା ସହ ଭକ୍ତଙ୍କ ସୁବିଧା ଦର୍ଶନ ପାଇଁ ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଥିବା କୁହାଯାଉଛି। ମାତ୍ର ବାସ୍ତବ ଚିତ୍ର ଓଲଟା ଦେଖିବାକୁ ମିଳୁଛି। ଶୁକ୍ରବାର ସକାଳେ ଶ୍ରୀମନ୍ଦିରରେ ପ୍ରବଳ ଗହଳି ଯୋଗୁ ଦଳାଚକଟା ହୋଇ ୨୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ଏଥିପାଇଁ ତ୍ରୁଟିପୂର୍ଣ୍ଣ ଦର୍ଶନ ବ୍ୟବସ୍ଥାକୁ ଦାୟୀ କରାଯାଉଛି।

ସମ୍ପ୍ରତି କେବଳ ସିଂହଦ୍ୱାର ଦେଇ ଭକ୍ତ ଓ ପଶ୍ଚିମ ଦ୍ୱାର ଦେଇ ପୁରୀବାସୀଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ଅନୁମତି ରହିଛି। ଶୁକ୍ରବାର ଧନତେରସ ଥିବାରୁ ମା' ଲକ୍ଷ୍ମୀ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ଆଶାତୀତ ଥିଲା। ମହାପ୍ରଭୁଙ୍କ ମଙ୍ଗଳ ଆଳତି ସମୟରେ ସିଂହଦ୍ୱାର ବ୍ୟାରିକେଡ୍ ଖୋଲାଯାଇ ଶ୍ରଦ୍ଧାଳୁ ଓ ହବିଷିଆଳିମାନଙ୍କୁ ଏକକାଳୀନ ମନ୍ଦିର ଭିତରକୁ ଛଡ଼ାଯାଇଥିଲା। ଫଳରେ ସାତପାହାଚ ଓ ଘଣ୍ଟିଦ୍ୱାର ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ହେବା ସହ ଠେଲାପେଲା ସୃଷ୍ଟି ହୋଇଥିଲା। ଅନେକ ହବିଷିଆଳି ଓ ଶ୍ରଦ୍ଧାଳୁ ତଳେ ପଡ଼ିଯାଇଥିଲେ। ଏପରିକି ଜଣଙ୍କ ଉପରେ ଜଣେ ପଡ଼ି ଆହତ ହୋଇଥିଲେ। କେତେଜଣ ଅଣଃନିଶ୍ୱାସୀ ହୋଇପଡ଼ିଥିବାବେଳେ ଅନ୍ୟ କେତେଜଣଙ୍କ ହାତ ଓ ଗୋଡ଼ରେ ଆଘାତ ଲାଗିଥିଲା। ସେଠାରେ ଦାୟିତ୍ୱରେ ଥିବା ଜେଟିପି, ଓଡ଼ିଶା ପୋଲିସ, ସ୍ୱେଚ୍ଛାସେବୀ, ସେବାୟତମାନେ ଆହତମାନଙ୍କୁ ଉଦ୍ଧାର କରି ପ୍ରଥମେ ଶ୍ରୀମନ୍ଦିର ପରିସରସ୍ଥ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ସେମାନଙ୍କୁ ଫ୍ୟାନ୍ ଏବଂ ଏସି ଲଗାଇ ଶୁଆଇ ଦେଇଥିଲେ। ଓଆର୍‌ଏସ୍ ପାଣି ମଧ୍ୟ ପିଇବାକୁ ଦେଇଥିଲେ। ଗୁରୁତର ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ସେମାନଙ୍କର ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଆହତ ହୋଇଥିବା ଜଣେ ଶ୍ରଦ୍ଧାଳୁ କହିଛନ୍ତି, ଦର୍ଶନ ପାଇଁ ଯାଉଥିଲୁ। ପ୍ରବଳ ଗହଳି କାରଣରୁ ହଠାତ୍ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଆଗରେ ଠିଆହୋଇଥିବା ଲୋକେ ତାଙ୍କ ଉପରେ ପଡ଼ିଯିବାରୁ ସେ ତଳେ ପଡ଼ିଗଲେ। ତାଙ୍କ ସମେତ ସାଥିରେ ଥିବା ସମ୍ପର୍କୀୟଙ୍କ ଗୋଡ଼ରେ ଆଘାତ ଲାଗିଛି। ମେଡିକାଲ ଆସି ଚିକିତ୍ସିତ ହେଉଛୁ। ଚାରିଦ୍ୱାର ଖୋଲା ନ ଯିବା ଏବଂ ତ୍ରୁଟିପୂର୍ଣ୍ଣ ଦର୍ଶନ ବ୍ୟବସ୍ଥା ଯୋଗୁ ☞ପୃଷ୍ଠା-୨







# କୋଲକାତାରୁ ପାରାଦୀପ ଆସୁଥିବା ବସ୍ ଜଳିଗଲା, ୩୬ ଆହତ

**ପାରାଦୀପ, ୧୦।୧୧**
**(ଶରତ ରାଉତ)**



କୋଲକାତାର ବାବୁଘାଟ ବସ୍ ଟର୍ମିନାଲରୁ ପାରାଦୀପ ଆସୁଥିବା ଏକ ଶତୀତାପ ନିୟନ୍ତ୍ରିତ ଯାତ୍ରୀବାହୀ ବସ୍ 'ଶିବମ୍ ଟ୍ରାଭେଲ୍ସ' ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ଟାରେ ଚଳନ୍ତା ଅବସ୍ଥାରେ ଜଳିଯାଇଛି। ପଶ୍ଚିମବଙ୍ଗର ଖଡ଼ଗପୁର ଥାନା ଅନ୍ତର୍ଗତ ୪୧ ନଂ ଜାତୀୟ ରାଜପଥର ମାଡ଼ପୁରଠାରେ ଏହି ଘଟଣା ଘଟିଛି। ମିଳିଥିବା ପ୍ରାଥମିକ ସୂଚନା ଅନୁଯାୟୀ ବସ୍‌ରେ ୪୫ରୁ ୫୦ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ୩୬ଜଣ ଆହତ ହୋଇଥିବା ଜଣାପଡ଼ିଛି। ରିପୋର୍ଟ ପ୍ରସ୍ତୁତି ବେଳକୁ ଖଡ଼ଗପୁର ଅଞ୍ଚଳର ୨ଟି ଅଗ୍ନିଶମ ଟିମ୍ ନିଆଁ ଆୟତ୍ତ ଓ ଯାତ୍ରୀ ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ଆହତମାନଙ୍କୁ ମେଦିନାପୁର ମେଡିକାଲ କଲେଜ ଏବଂ ଖଡ଼ଗପୁର ଗ୍ରାମୀଣ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଶର୍ଟସର୍କିଟରୁ ଏହି ଅଘଟଣ ଘଟିଥିବା କୁହାଯାଉଛି। ସେହିପରି ଗାଡ଼ିରେ ବାଣ ଅଣାଯାଉଥିଲା, ସେଥିରୁ ଅଗ୍ନିକାଣ୍ଡ ଘଟିଥିବା ମଧ୍ୟ କୁହାଯାଉଛି। ବସ୍‌ର ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କ ପତ୍ତା ମିଳୁନାହିଁ।

# ୧୫ରେ ଲଘୁଚାପ

## ଉପକୂଳ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୦।୧୧**
**(ଅନିଲ ଦାସ)**

ଆସନ୍ତା ୧୩ ତାରିଖରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହେବ। ୧୫ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହେବ। ଏହା ଡିପ୍ ଡିପ୍ରେସନ(ଅବପାତ)ରେ ପରିଣତ ହୋଇ ଉତ୍ତର ଦିଗକୁ ଗତିକରି ଓଡ଼ିଶା ଉପକୂଳମୁହାଁ ହେବ। ତେବେ ଅବପାତ ବାତ୍ୟାର ☞ପୃଷ୍ଠା-୨

**ଶ୍ରୀଲଙ୍କା କ୍ରିକେଟ୍‌କୁ ସସ୍‌ପେଣ୍ଡ୍ କଲା ଆଇସିସି**
ପୃଷ୍ଠା-୧୬

**ଆଜିର ସମ୍ପାଦକୀୟ**
**ନିଯୁକ୍ତି ମାନଦଣ୍ଡର ନବୀକରଣ**




# ବିଶ୍ୱ ଜନସଂଖ୍ୟା ୮୦୦ କୋଟି ଟପିଲା

## ଆମେରିକା ସେନ୍‌ସସ୍ ବ୍ୟୁରୋର ଆକଳନ

**ୱାଶିଂଟନ, ୧୦।୧୧**



ବିଶ୍ୱ ଜନସଂଖ୍ୟା ୮୦୦ କୋଟି ଅତିକ୍ରମ କରିଥିବା ଆମେରିକାର ସେନ୍‌ସସ୍ ବ୍ୟୁରୋ ଆକଳନ କରିଛି। ଜନ୍ମହାର କମିଥିଲେ ମଧ୍ୟ ଲୋକଙ୍କ ଆୟୁଷ ବଢ଼ିଥିବାରୁ ଜନସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଛି। ଗତ ସେପ୍ଟେମ୍ବର ୨୬ରେ ଜନସଂଖ୍ୟା ୮୦୦ କୋଟି ଅତିକ୍ରମ କରିଥିଲା। ଅନ୍ୟପକ୍ଷରେ ୨୦୨୨ ନଭେମ୍ବର ୨୨ରେ ବିଶ୍ୱ ଜନସଂଖ୍ୟା ୮୦୦ କୋଟି ଟପିଥିବା ଜାତିସଂଘ ପୂର୍ବରୁ ଆକଳନ କରିବା ସହ ଉକ୍ତ ଦିନକୁ 'ଡେ ଅଫ୍ ୮ ବିଲିୟନ' ଭାବେ ଘୋଷଣା କରିଥିଲା। ବିଭିନ୍ନ ଦେଶରେ ଜନଗଣନା ତରିକା ଅଲଗା ହୋଇଥିବାରୁ ଓ କେତେକ ଦେଶ ଗଣନା କରୁ ନ ଥିବାରୁ ଦୁଇଟି ଆକଳନ ମଧ୍ୟରେ ପାର୍ଥକ୍ୟ ରହୁଛି। କେତେକ ଦେଶରେ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଲାଗି ଆବଶ୍ୟକ ବ୍ୟବସ୍ଥା ନାହିଁ। ଭାରତ ଓ ନାଇଜେରିଆ ଭଳି ଜନବହୁଳ ରାଷ୍ଟ୍ର ଏକ ଦଶନ୍ଧିରୁ ଅଧିକ ଦିନ ହେଲା ଜନଗଣନା କରିନାହାନ୍ତି। ପୂର୍ବରୁ ଯେଉଁ ହାରରେ ଜନସଂଖ୍ୟା ବଢୁଥିଲା, ୧୯୬୦ରୁ ୨୦୦୦ ବେଳକୁ ଏହା ଦୁଇଗୁଣ ହୋଇଯିବ ବୋଲି ଅନୁମାନ କରାଯାଉଥିଲା। ଏକବିଂଶ ଶତାବ୍ଦୀ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ଜନସଂଖ୍ୟା ୬୦୦ କୋଟିରୁ ବଢ଼ି ୮୦୦ କୋଟିରେ ପହଞ୍ଚିଛି, ଅର୍ଥାତ୍ ବୃଦ୍ଧି ହାର ପୂର୍ବାପେକ୍ଷା ହ୍ରାସ ହୋଇଛି। ୧୯୬୦ରୁ ୨୦୦୦ ମଧ୍ୟରେ ସଂଖ୍ୟା ଦୁଇଗୁଣ ହୋଇଥିଲା। ବର୍ତ୍ତମାନ ବୃଦ୍ଧିର ମୁଖ୍ୟ କାରଣ ହେଲା ଲୋକମାନେ ଅଧିକ ବର୍ଷ ପର୍ଯ୍ୟନ୍ତ ବଞ୍ଚୁଛନ୍ତି। ବର୍ତ୍ତମାନ ବୈଶ୍ୱିକ ମଧ୍ୟମ ବୟସ ୩୨ ରହିଛି। ଏହି ଧାରା ଜାରି ରହିଲେ ୨୦୬୦ ବେଳକୁ ମଧ୍ୟମ ବୟସ ୩୯ରେ ପହଞ୍ଚିବ ବୋଲି ଆଶା କରାଯାଉଛି। କାନାଡା ଭଳି ଦେଶରେ ବୟସ୍କଙ୍କ ମୃତ୍ୟୁସଂଖ୍ୟା ହ୍ରାସ ପାଇଥିବାବେଳେ ନାଇଜେରିଆ ଭଳି ଦେଶରେ ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁହାର ଯଥେଷ୍ଟ କମିଛି। ଅଧିକାଂଶ ଦେଶରେ ମହିଳାମାନଙ୍କ ସନ୍ତାନ ଜନ୍ମ ହାର ଯଥେଷ୍ଟ ହ୍ରାସ ପାଇଛି। ଜନସଂଖ୍ୟା ସ୍ଥିର ରଖିବାକୁ ହେଲେ ହାରାହାରି ଜନ୍ମହାର ଅନ୍ୟୂନ ୨.୧ ରହିବା ଆବଶ୍ୟକ ବୋଲି ଜନସଂଖ୍ୟା ବିଶେଷଜ୍ଞମାନେ କହିଛନ୍ତି।

**ଆଜିର ମନ୍ତବ୍ୟ**

ଜାତି ଜନଗଣନା ଏକ ବୈପ୍ଳବିକ ପଦକ୍ଷେପ। ଏହା ଜନସାଧାରଣଙ୍କ ଜୀବନରେ ପରିବର୍ତ୍ତନ ଆଣିବ।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢମଣା ପଶିଲା ଗାତେ,**
**ବୋହୂ ଭୁଆସୁଣୀ ହାଟକୁ ଯିବେ,**
**ଓଢ଼ଣା ପଡ଼ିଛି ହାତେ।**

ବୟୋଜ୍ୟେଷ୍ଠମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ମୁଣ୍ଡରେ ଓଢ଼ଣା ପକାଯାଇଥାଏ। ମଥାରେ ଓଢ଼ଣା ଦେବା ନାରୀର ଲଜ୍ଜାଶୀଳା ଗୁଣକୁ ପରିପ୍ରକାଶ କରିଥାଏ। ଗ୍ରାମ୍ୟ ବୋହୂ ଭୁଆସୁଣୀ ବଜାର ହାଟ ବୁଲିବା ପାଇଁ ଘରୁ ଗୋଡ଼ କାଢ଼ିଥିବା ବେଳେ ନିଜକୁ ଦୃଷ୍ଟି ଆଢୁଆଳରେ ରଖିବାକୁ ଯାଇ ହାତେ ଲମ୍ବର ଓଢ଼ଣା ଟାଣିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢିଙ୍କି ପଡ଼େ ରସ ରସ;**
**ଚନ୍ଦ୍ରମା ମୁହଁରେ ନାହିଁ ହରଷ**
**ମିଛେ ବୋଲେ ବସ ବସ।**

ମନ ଖରାପ ଥିଲେ ମୁହଁର ଭାବଭଙ୍ଗୀ ଅନେକାଂଶରେ ବଦଳି ଯାଇଥାଏ। ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ ପଡ଼ି ଅନ୍ୟ ଆଗରେ ମୁହଁରେ ହସ ଖେଳେଇବାକୁ ପଡ଼ିଥାଏ। ମିଛରେ ଖୁସି ଥିବାର ବାହାନା କରୁଥିବା ଲୋକ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ୨୧ରେ ରାଷ୍ଟ୍ରପତିଙ୍କ ୨ଦିନିଆ ସମ୍ବଲପୁର ଗସ୍ତ

### ନୂଆ ଶିକ୍ଷା ରାଷ୍ଟ୍ରୀୟ ଅଭିଯାନର ଶୁଭାରମ୍ଭ କରିବେ

**ସମ୍ବଲପୁର,୧୦।୧୧(ବି.ଶଙ୍କର)**

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆସନ୍ତା ୨୧ରେ ଦୁଇଦିନିଆ ସମ୍ବଲପୁର ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ୨୧ରେ ରାଷ୍ଟ୍ରପତି ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି ବୋଲି କୁଳପତି ପ୍ରଫେସର ବଂଶୀଧର ମାଝି ସୂଚିତ କରିଛନ୍ତି। ସେହିପରି ୨୨ରେ ରାଷ୍ଟ୍ରପତି ପଧାନପାଲି ଛକ ପାବନ ସରୋବରଠାରେ ବ୍ରହ୍ମାକୁମାରୀ ଶିକ୍ଷା ପ୍ରଭାଗ ଆୟୋଜିତ ନୂଆ ଭାରତ ପାଇଁ ନୂଆ ଶିକ୍ଷା ରାଷ୍ଟ୍ରୀୟ ଅଭିଯାନର ଶୁଭାରମ୍ଭ କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପାବନ ସରୋବରଠାରେ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ସମ୍ବଲପୁର ଦାନୀବନ୍ଧସ୍ଥିତ ବ୍ରହ୍ମାକୁମାରୀ ପଶ୍ଚିମ ଓଡ଼ିଶା ଉପକେନ୍ଦ୍ରରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଏହି ସୂଚନା ଦେଇଛନ୍ତି।

ସେମାନେ ଆହୁରି କହିଥିଲେ, ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। ଏଥିରେ ପଶ୍ଚିମ ଓଡ଼ିଶାରୁ ପ୍ରାୟ ୪ହଜାର ପ୍ରତିନିଧିଙ୍କ ସମାଗମ ହେବ। ଯେଉଁମାନେ ଯୋଗଦେବାକୁ ଚାହିଁବେ ସେମାନେ ୧୫ ତାରିଖ ସୁଦ୍ଧା ବ୍ରହ୍ମାକୁମାରୀ ସମ୍ବଲପୁରଙ୍କ ସହାୟତାରେ



ପଞ୍ଜୀକରଣ କରିପାରିବେ। ପ୍ରତିନିଧିମାନେ ନିଜ ସାଥିରେ ଏଣ୍ଟ୍ରି କାର୍ଡ ଓ ଆଧାର କାର୍ଡ ଧରିବା ଅତ୍ୟନ୍ତ ଜରୁରୀ। ସାଙ୍ଗରେ ବ୍ୟାଗ୍, ପାଣି ବୋତଲ, ମୋବାଇଲ ଫୋନ୍ ନେବାକୁ ବାରଣ କରାଯାଇଛି। ପ୍ରତିନିଧିମାନଙ୍କ ସକାଶେ ବାଇକ୍, କାର୍, ବସ୍ ପାର୍କିଂ ବ୍ୟବସ୍ଥା କରାଯାଇଛି। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମର ସମାପ୍ତି ପରେ ପୂର୍ବାହ୍ନ ୧୦ରୁ ୧୧ ବ୍ରହ୍ମାକୁମାରୀ ଶିକ୍ଷା ପ୍ରଭାଗର ଅଧ୍ୟକ୍ଷ ବ୍ରହ୍ମାକୁମାର ଡ. ମୃତ୍ୟୁଞ୍ଜୟ ଓ ଉପାଧ୍ୟକ୍ଷା ବ୍ରହ୍ମାକୁମାରୀ ରାଜଯୋଗିନୀ ସିଲୁ ପ୍ରେରଣାଦାୟକ ବକ୍ତବ୍ୟ ପ୍ରଦାନ କରିବେ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ସମ୍ବଲପୁରସ୍ଥିତ ପଶ୍ଚିମ ଓଡ଼ିଶାର ଉପକ୍ଷେତ୍ର ସଞ୍ଚାଳିକା ରାଜଯୋଗିନୀ ପାର୍ବତୀ, ବ୍ରହ୍ମାକୁମାର ନଥମଲ ଓ ବ୍ରହ୍ମାକୁମାରୀ ଦୀପା ଉପସ୍ଥିତ ଥିଲେ।

# କୋଟିପତି ଆୟୁର୍ବେଦ କଲେଜ ଅଧ୍ୟକ୍ଷ ଗିରଫ

### ଆୟଠାରୁ ୧୧୩ ପ୍ରତିଶତ ଅଧିକ ସମ୍ପତ୍ତି ଠାବ

**ଭୁବନେଶ୍ୱର,୧୦।୧୧ (ସତ୍ୟଜିତ୍ ରାଉତ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବଲାଙ୍ଗୀର ଜିଲା ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ହସ୍ପିଟାଲ ଅଧ୍ୟକ୍ଷ ସୁଦର୍ଶନ ବେହେରାଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ଭିଜିଲାନ୍ସ ପକ୍ଷରୁ ହୋଇଥିବା ଚଢ଼ାଉରେ ସୁଦର୍ଶନଙ୍କ ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୧୧୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମ୍ପତ୍ତି ସଂକ୍ରାନ୍ତରେ ସୁଦର୍ଶନ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଶୁକ୍ରବାର ତାଙ୍କ ନାମରେ ଏକ ମାମଲା (ନଂ.୩୨/୨୦୨୩) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗିରଫ ପରେ ଅଭିଯୁକ୍ତ ସୁଦର୍ଶନଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁରସ୍ଥିତ ସୁଦର୍ଶନଙ୍କ ଘର, ସମ୍ବଲପୁର ବୁର୍ଲା ସିଆର୍‌ପିଏଫ୍ କ୍ୟାମ୍ପସ୍ଥିତ ସ୍ତ୍ରୀଙ୍କ କ୍ୱାର୍ଟର ସମେତ


ସୁଦର୍ଶନ ବେହେରା

ବଲାଙ୍ଗୀର, ପୁରୀ ଓ ସମ୍ବଲପୁରର ୭ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ସମୟରେ ସୁଦର୍ଶନଙ୍କ ୨୮ଟି ପ୍ଲଟ୍ ସମେତ ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ସାକ୍ଷୀଗୋପାଳ ବ୍ଲକ୍ ଛକରେ ଏକ ୪ ମହଲା କୋଠା, ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନହଲାସ୍ଥିତ ଦୁଇ ମହଲା କୋଠା, ଗୋପ ସୋରିସିଆପଡ଼ାସ୍ଥିତ କୋଠା ଠାବ ହୋଇଥିଲା। ସେହିଭଳି ୨୫୦ ଗ୍ରାମର ସୁନା ଅଳଙ୍କାର, ୩ଟି ଚାରିଚକିଆ ଯାନ(ସମସ୍ତ ଗାଡ଼ି ନମ୍ବର ୩୨୩୨) ଓ ଦୁଇଟି ବାଇକ ଠାବ ହୋଇଥିଲା। ତେବେ ଏହି ମାମଲାରେ ଅଧିକ ତଦନ୍ତ କରାଯାଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଜେଏସ୍‌ଡବ୍ଲ୍ୟୁ ଖଣି ଆଗରେ ଅଞ୍ଚଳବାସୀଙ୍କ ବିକ୍ଷୋଭ

### ପରିବହନ, ନିଯୁକ୍ତିରୁ ବଞ୍ଚିତ ଖଣି ପ୍ରଭାବିତ

**ଯୋଡ଼ା,୧୦।୧୧(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳସ୍ଥିତ ନୂଆଗାଁ ଜେଏସ୍‌ଡବ୍ଲ୍ୟୁ(ଜିନ୍ଦଲ ସାଉଥ୍ ୱେଷ୍ଟ) ଖଣି ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କୁ ଅଣଦେଖା କରୁଛି। ଖଣି ପ୍ରଭାବିତ ଲୋକଙ୍କ ପରିବର୍ତ୍ତେ ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତି ଦିଆଯାଉଛି। ସ୍ଥାନୀୟ ଟ୍ରକ୍ ମାଲିକଙ୍କୁ ପରିବହନ କାମରେ ନିୟୋଜିତ କରା ନ ଯାଇ ଟ୍ରେଲର ମାଧ୍ୟମରେ ମାଲ ପରିବହନ ହେଉଛି। ଏହାର ପ୍ରତିବାଦରେ ଶୁକ୍ରବାର ପୂର୍ବାହ୍ନରେ ଖଣି ପ୍ରଭାବିତ ଗୁଆଲି, ଗନ୍ଧଲପଦା, ନୂଆଗାଁ, ପାଣ୍ଡୁଲିପଷି, ଟୋପାଡ଼ିହି, କେନ୍ଦୁଡିହି, ବରପଦା, କାଟେସାହି ଅଞ୍ଚଳବାସୀ ଖଣି ଫାଟକକୁ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଛନ୍ତି।

ଅଭିଯୋଗ ଅନୁଯାୟୀ, ଖଣିରୁ ନିର୍ଗତ ପ୍ରଦୂଷିତ ଜଳକୁ ନାଳରେ ଛାଡ଼ି ଦିଆଯାଉଛି। ଫଳରେ ଜଳ ପ୍ରଦୂଷଣ ହେଉଛି। ରାସାୟନିକ ପଦ୍ଧତିରେ ବାରୁଦ ବିସ୍ଫୋରଣ କରାଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ମୃଦୁ ଭୂକମ୍ପନ ଅନୁଭୂତ ହେଉଛି। ଅଞ୍ଚଳବାସୀ ସିଧାସଳଖ ପ୍ରଭାବିତ ହେଉଥିଲେ ସୁଦ୍ଧା କମ୍ପାନୀ କାହାରିକୁ ନିଯୁକ୍ତି ଦେଉନାହିଁ। ଠିକାଦାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଛୁଟି ପଇସା ଦିଆଯାଉନାହିଁ, ଠିକାଦାର ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେଉନାହାନ୍ତି। କାର୍ଯ୍ୟକ୍ଷେତ୍ରରେ ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧା ନାହିଁ। କାମ ମାଗିଲେ ଗ୍ରାମବାସୀଙ୍କୁ ଧମକ ଦିଆଯାଉଛି। ବରପଦା ଗ୍ରାମରେ ଥିବା ଶ୍ମଶାନକୁ ମଧ୍ୟ କମ୍ପାନୀ ଦଖଲରେ ରଖିଛି। ଖଣିରେ ନିୟୋଜିତ ପ୍ରାୟ ୧୫୦ ସୁରକ୍ଷାକର୍ମୀଙ୍କ ମଧ୍ୟରୁ ମାତ୍ର ଜଣେ ମହିଳା ସ୍ଥାନୀୟ ଭାବେ ନିଯୁକ୍ତି ପାଇଛନ୍ତି। ଗ୍ରାମ ରାସ୍ତାରେ ହଜାର ସଂଖ୍ୟାରେ ଖଣିଜ ବୋଝେଇ ଭାରିଯାନକୁ ପାର୍କିଂ କରି ରାସ୍ତାଟିକୁ ଖଣି କମ୍ପାନୀ ନିଜ ଅକ୍ତିଆରରେ ରଖିଥିବା ଗ୍ରାମବାସୀ କହିଛନ୍ତି। ସ୍ଥାନୀୟ ମା' ତାରିଣୀ ଟ୍ରକ୍ ଓନର୍ ଆସୋସିଏଶନ ସହ ଖଣି କମ୍ପାନୀ କୌଣସି ଆଲୋଚନା ନ କରି ବାହାର ରାଜ୍ୟର ଟ୍ରେଲରଗୁଡ଼ିକରେ ଖଣିଜ ପରିବହନ କରୁଛି। ଫଳରେ ସ୍ଥାନୀୟ ଟ୍ରକ୍ ମାଲିକ କାର୍ଯ୍ୟହରା ହେଉଛନ୍ତି। ଯୋଡ଼ା ଖଣି ମଣ୍ଡଳରେ ଖଣି ଥାଇ କୋଇଡ଼ା ଖଣି ମଣ୍ଡଳର ବିମଳାଗଡ଼, ରେଞ୍ଜଡ଼ା, ରୋକ୍ସି, ବାରସୁଆଁ, ପଟାସାହି ପ୍ରଭୃତି ରେଳ ସାଇଡିଂକୁ ବାହାର ଅଞ୍ଚଳର ଠିକାଦାରଙ୍କୁ ଲଗାଇ ଲୁହାପଥର ପରିବହନ କରାଯାଉଥିବା ଅଭିଯୋଗ ହୋଇଛି। ଧାରଣାସ୍ଥଳରେ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଲଜିଷ୍ଟିକ ହେଡ୍ ସୁବ୍ରତ ସାହୁ, ମାନବ ସମ୍ବଳ ଅଧିକାରୀ ଜିତେନ୍ଦ୍ର ନନ୍ଦଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ପହଞ୍ଚି ଦୀର୍ଘ ୪ ଘଣ୍ଟା ଧରି ଆଲୋଚନା କରିଥିଲେ। ଆଲୋଚନା ସମୟରେ ଯୋଗ୍ୟତା ଅନୁଯାୟୀ ସର୍ବନିମ୍ନ ୫୦ ଜଣ ମହିଳା ଓ ପୁରୁଷଙ୍କୁ ଖଣିରେ ସିଧାସଳଖ ସ୍ଥାୟୀ ନିଯୁକ୍ତି ଓ ଘରୋଇ ସୁରକ୍ଷାକର୍ମୀଭାବେ ୮୦ଜଣ ମହିଳା ଏବଂ ପୁରୁଷଙ୍କୁ ନିଯୁକ୍ତି, ପ୍ରଶାସନର ଉପସ୍ଥିତିରେ ଆଲୋଚନା କରାଯିବା, ଶ୍ରମିକମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ନ କରିବା ଆଦି ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଗୁଆଲି ସରପଞ୍ଚ ବିଦ୍ୟାଧର ନାଏକ, ଟ୍ରକ୍ ମାଲିକ ସଂଘ ପକ୍ଷରୁ କୁଶ ଆପଟ୍ଟ, ଡବର ମୁଣ୍ଡା, ଦଶରଥ ବାରିକ, ସଞ୍ଜୀବ ପଲେଇ, ମନୋଜ ମହାପାତ୍ର, ରଥ ମହାକୁଡ଼, ମହେଶ୍ୱର ଘଣା, ସତ୍ୟାନନ୍ଦ ଘଣା, ଦିଲୀପ ପ୍ରଧାନ, ମହେଶ୍ୱର ଆପଟ୍ଟ ପ୍ରମୁଖଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଚେତାବନୀ ଦେଇଥିଲେ।

ଖଣିର ମାନବ ସମ୍ବଳ ଅଧିକାରୀ ଜିତେନ୍ଦ୍ର ନନ୍ଦ କହିଛନ୍ତି, ଦାବିଗୁଡ଼ିକୁ ଲିପିବଦ୍ଧ କରାଯାଇଛି, ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଅଧିକାରୀ ସୁବ୍ରତ ସାହୁ କହିଛନ୍ତି, ୧୫ ଦିନ ମଧ୍ୟରେ ପରିବହନ ଠିକାଦାର ନିଯୁକ୍ତିକୁ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ। ମାତ୍ର ସମାଧାନ ନ ହେବା ପର୍ଯ୍ୟନ୍ତ ଖଣିରୁ ଟ୍ରେଲର ବନ୍ଦ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ।


ଜେଏସ୍‌ଡବ୍ଲ୍ୟୁ ଖଣି ଫାଟକ ଆଗରେ ଧାରଣାରତ ଗ୍ରାମବାସୀ।

## ଶ୍ରୀମନ୍ଦିରରେ ଦଳାଚକଟା...

ଏଭଳି ଘଟଣା ଘଟିଲା। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବା ଆବଶ୍ୟକ। ସେହିପରି ଦାୟିତ୍ୱରେ ଥିବା ସ୍ୱେଚ୍ଛାସେବୀ ମନୋଜ ସାହୁଙ୍କ କହିବା ଅନୁଯାୟୀ, ସକାଳେ ହବିଷିଆଳିଙ୍କୁ ନେଇ ମନ୍ଦିରକୁ ଯାଇଥିଲୁ। ଘଣ୍ଟିଦ୍ୱାରଠାରେ ହଠାତ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଫଳରେ ଜଣଙ୍କ ଉପରେ ଜଣେ ପଡ଼ିଯାଇଥିଲେ। ତେଣୁ କେତେଜଣ ହବିଷିଆଳିଙ୍କ ସମେତ ପ୍ରାୟ ୨୦ ଜଣ ଭକ୍ତ ଆହତ ହୋଇଛନ୍ତି।

ଏସ୍‌ପି କନଓ୍ୱର ବିଶାଲ ସିଂହ ଦଳାଚକଟା ବା ଠେଲାପେଲା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଦର୍ଶନ ବ୍ୟବସ୍ଥା ଭଲରେ ହେଉଛି। ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଛି। ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଇଥିବା କେତେଜଣ ବୟସ୍କ ବ୍ୟକ୍ତି ଗହଳି କାରଣରୁ ପଡ଼ିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ମେଡିକାଲକୁ ନିଆଯାଇଥିଲା। ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବାରୁ ସମସ୍ତଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଏହି ଘଟଣାର ତଦନ୍ତ କରାଯିବ। ଭକ୍ତଙ୍କ ସୁବିଧା ପାଇଁ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଆଉ ୧୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ମହାପ୍ରଭୁଙ୍କୁ ଦର୍ଶନ କରିବା ନିମନ୍ତେ ଭକ୍ତମାନଙ୍କ ମଧ୍ୟରେ ବ୍ୟଗ୍ରତା ଦେଖିବାକୁ ମିଳୁଛି। ଫଳରେ ଭିଡ଼ ହୋଇ ଠେଲାପେଲା ପରିସ୍ଥିତି ଉପୁଜୁଛି। ବୟସ୍କ ବ୍ୟକ୍ତିମାନେ ତଳେ ପଡ଼ିଯାଉଥିବା ଦେଖିବାକୁ ମିଳୁଛି। ସମସ୍ତ ଭକ୍ତ ଯେପରି ଦର୍ଶନ କରି ଭଲରେ ଯିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ସେ ପ୍ରକାଶ କରିଛନ୍ତି।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି ଯେ, ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ଭକ୍ତ ଶ୍ରୀମନ୍ଦିରକୁ ଆସିଥାନ୍ତି। ବର୍ତ୍ତମାନ ପବିତ୍ର କାର୍ତ୍ତିକ ମାସ ଚାଲିଥିବାରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଅତୀତରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯାଇ ନ ଥିବା କାରଣରୁ ଅଘଟଣ ଘଟିଥିଲା। ଶୁକ୍ରବାର ସେହି କାରଣରୁ ପୁଣି ଠେଲାପେଲା ଭଳି ପରସ୍ଥିତି ଉପୁଜିଲା। ତେଣୁ ୪ ଦ୍ୱାର ଖୋଲି ଭକ୍ତଙ୍କୁ ଶୃଙ୍ଖଳିତ ଭାବେ ଦର୍ଶନ କରାଇବା ପ୍ରଶାସନର ପ୍ରଥମ କାର୍ଯ୍ୟ। ଏଥିଲାଗି ବ୍ୟବସ୍ଥାରେ ପରିବର୍ତ୍ତନ ହେବା ଆବଶ୍ୟକ। ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟନାରାୟଣ ରଥ କହିଛନ୍ତି, ଏହି ଘଟଣା ପାଇଁ ପ୍ରଶାସନ ଦାୟୀ। ଅଧିକାରୀମାନେ ଯେଭଳି ଭାବେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ତଦାରଖ ଓ ବ୍ୟବସ୍ଥା ଗ୍ରହଣ କରିବା କଥା ସେପରି କରୁନାହାନ୍ତି। ୪ ଦ୍ୱାର ଖୋଲାଯାଉ ନଥିବାରୁ ଭକ୍ତମାନେ ଠିକ୍ ଭାବେ ମହାପ୍ରଭୁଙ୍କ ଦର୍ଶନ ପାଇପାରୁନାହାନ୍ତି ବୋଲି ରଥ ଅଭିଯୋଗ କରିଛନ୍ତି। ଶ୍ରୀଜଗନ୍ନାଥ ସେନାର ଆବାହକ ତଥା ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ପରିଚାଳନାଗତ ତ୍ରୁଟି ସାଙ୍ଗକୁ ଭକ୍ତଙ୍କ ଗହଳିକୁ ଠିକ୍ ଭାବେ ନିୟନ୍ତ୍ରଣ କରାଯାଇପାରୁନାହିଁ। ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ମନଇଚ୍ଛା କାର୍ଯ୍ୟ ଏ କ୍ଷେତ୍ରରେ ଦାୟୀ। ଏ ଦିଗରେ ପ୍ରଶାସନ ଧ୍ୟାନ ଦେବା ସହ ୪ ଦ୍ୱାର ଖୋଲିବା ଆବଶ୍ୟକ। ଘଟଣା ସମ୍ପର୍କରେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମାଧବ ଚନ୍ଦ୍ର ପୂଜାପଣ୍ଡା କହିଛନ୍ତି, ବୁଧବାର ମହାପ୍ରଭୁଙ୍କ ବନକଲାଗି ଥିଲା। ସେହିପରି ଗୁରୁବାର ଏକାଦଶୀ ଥିଲା। ନୀତି ଅଧିକ ଥିବାରୁ ମହାପ୍ରଭୁଙ୍କ ପହୁଡ଼ ବିଳମ୍ବିତ ରାତିରେ ହୋଇଥିଲା। ଦ୍ୱାର ଖୋଲିବା ସମୟରେ ଭକ୍ତଙ୍କ ଗହଳି ଅଧିକ ରହିଥିଲା। ଫଳରେ ଏପରି ଘଟଣା ଘଟିଛି।

ଉଲ୍ଲେଖଯୋଗ୍ୟ, ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯାଉ ନ ଥିବାରୁ ଅଧିକାଂଶ ସମୟରେ ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ବଡ଼ଦାଣ୍ଡ ଏବଂ ବ୍ୟାରିକେଡ୍ ଭିତରେ ଠିଆହେଇ ରହୁଛନ୍ତି।

**ପ୍ରଥମ ପୃଷ୍ଠାରୁ...**

ଫଳରେ ସେମାନେ ଅନେକ ସମସ୍ୟା ଭୋଗୁଛନ୍ତି। ବିଶେଷକରି ବୟସ୍କ ଓ ପିଲାମାନେ ହଇରାଣ ହେଉଛନ୍ତି। ଆଗକୁ ପଞ୍ଚକ ଥିବାରୁ ଅଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ ସହ ତୁରନ୍ତ ୪ ଦ୍ୱାର ଖୋଲାଯିବାକୁ ଭକ୍ତଙ୍କ ପକ୍ଷରୁ ଦାବି ହେଉଛି।

## ୧୫ରେ ଲଘୁଚାପ....

ରୂପ ନେବା ସମ୍ଭାବନାକୁ ମଧ୍ୟ ଏଡ଼ାଯାଇ ନ ପାରେ। ବାତ୍ୟା ହେବ କି ନାହିଁ ତାହା ଆସନ୍ତା ୩/୪ ଦିନ ମଧ୍ୟରେ ସ୍ପଷ୍ଟ ହେବ। ଲଘୁଚାପ ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିବା ବେଳେ କୋହଲିଆ ପବନ ସହ ବର୍ଷା ହେବ। ଏହାର ପ୍ରଭାବରେ ଆସନ୍ତା ୧୫ରୁ ୨୦ ତାରିଖ ମଧ୍ୟରେ ଓଡ଼ିଶା ଉପକୂଳ ଓ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳବର୍ତ୍ତୀ ଜିଲା ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ ଆଦି ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ୬୦ରୁ ୭୦ ମିଲିମିଟର ବର୍ଷା ହେବାର ସମ୍ଭାବନା ରହିଛି। ଗତ କିଛିଦିନ ହେବ ରାଜ୍ୟରେ ପାରଦ ତଳମୁହାଁ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୧.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୩, ଦାରିଙ୍ଗବାଡ଼ି ୧୩, ନବରଙ୍ଗପୁର ୧୫, ଭବାନୀପାଟଣାରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକିରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଂକଟ ରହିଥିଲେ ମଧ୍ୟ ସରକାରୀସ୍ତରରୁ ସାହାଯ୍ୟ ସମ୍ଭାବନା ରହିଛି। ଅପ୍ରିୟ ସତ୍ୟ ଭାଷଣଜନିତ ବନ୍ଧୁ ସମ୍ପର୍କରେ ନ୍ୟୂନତା ଦେଖାଦେଇପାରେ। କଳା, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ବୃଷ** ଶୁକ୍ର ଉପଚୟାଧିପତି ଚନ୍ଦ୍ରଙ୍କ ସଂଯୋଗ ହେତୁ ସ୍ୱାସ୍ଥ୍ୟରେ ଅବନତି ଘଟିବ। ରବିଙ୍କ ଦୁର୍ବଳତା ପାରିବାରିକ ଆବଶ୍ୟକତା ପୂରଣ ପାଇଁ ଚିନ୍ତିତ କରାଇପାରେ। ପ୍ରତିବନ୍ଧକ ହଟାଇବା ସକାଶେ ବନ୍ଧୁଙ୍କ ସହଯୋଗ ଆବଶ୍ୟକ କରିବେ। ସାମାଜିକସ୍ତରରେ ସମ୍ମାନ ପାଇବେ ଓ ଚେଷ୍ଟା କରୁଥିବା କାମରେ ସାମାନ୍ୟ ଅଗ୍ରଗତି ଘଟିବ।

**ମିଥୁନ** ତୃତୀୟାଧିପଙ୍କ ବଳହୀନତା କାରଣରୁ ବନ୍ଧୁମାନେ ଦୂରେଇ ରହୁଥିଲେ ମଧ୍ୟ ଠିକ୍ ସମୟରେ ସାହାଯ୍ୟ କରିବେ। ପଡ଼ୋଶୀମାନେ ଆନୁଷଙ୍ଗିକ ପ୍ରେରଣା ଯୋଗାଇପାରନ୍ତି। ପାରିବାରିକ ସ୍ତରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ଅଫିସିଆଲି କାମରେ ତର୍କ ଓ ବିବାଦ ବୃଦ୍ଧି ପାଇବାର ଆଶଙ୍କା ରହିଛି।

**କର୍କଟ** ରାଶ୍ୟାଧିପତିଙ୍କ ସହ ଶନିଙ୍କ ଷଡ଼ାଷ୍ଟକ ସ୍ଥିତି ରହିଥିବାରୁ ଏକାଧାରରେ ଦୈହିକ ଓ ମାନସିକସ୍ଥିତି ଭଲ ରହିବ ନାହିଁ। ଯିଏ ଯାହା କହିଲେ ଚିକିଏ ଚିକିଏ କଥାରେ ଚିଡ଼ିଚିଡ଼ି କିମ୍ବା ବିରକ୍ତି ଲାଗିବ। ଅନ୍ୟମାନଙ୍କ କଥାକୁ ଭିନ୍ନାର୍ଥରେ ଗ୍ରହଣକରି ଅଶାନ୍ତ ରହିପାରନ୍ତି। ଅର୍ଥ ସମ୍ପର୍କ, ସହକର୍ମୀଙ୍କ ସହଯୋଗ, ଉପରିସ୍ଥଙ୍କ ସହ ଆଲୋଚନାଦି ମନ୍ଦ ହେବନାହିଁ।

**ସିଂହ** ପାପଗ୍ରହଯୁକ୍ତ ନୀଚସ୍ଥ ରବିଜନିତ ସମସ୍ୟାର ସମାଧାନ ନ ହେଉଣୁ ଅନ୍ୟ ଏକ ସମସ୍ୟା ମୁଣ୍ଡଟେକିବ। ପାରିବାରିକ ସ୍ତରରୁ କୌଣସି ବିଭ୍ରାନ୍ତିକର ଖବର ଅସ୍ଥିରତାର କାରଣ ହୋଇପାରେ। ସମ୍ପର୍କୀୟଙ୍କ ସହ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ କରିପାରନ୍ତି। ବିଭିନ୍ନ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ।

**କନ୍ୟା** ଶୁଭଗ୍ରହ ପ୍ରଭାବରେ କାମ ହାସଲର ଲକ୍ଷ୍ୟନେଇ ଅନ୍ୟମାନଙ୍କୁ ମନେଇବାରେ ସଫଳ ହେବେ। ଆର୍ଥିକ ଦିଗଟି ଭଲ ରହିବା କାରଣରୁ କୌଣସି କାମ ଅଟକିବ ନାହିଁ। ସାଧାରଣ କଥାରେ କ୍ରୋଧିତ ହେଲେ ପରିସ୍ଥିତି ବିଗିଡିଯାଇ ପାରେ। ଅଜଣା ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ କୌଣସି କାମ କରିବା ଠିକ୍ ହେବନି।

**ତୁଳା** ପରିସ୍ଥିତିକୁ ଦେଖି କାମ କରି ଜାଣିଲେ କୌଣସି ଅସୁବିଧା ହେବନାହିଁ। ପାପଗ୍ରହଯୁକ୍ତ ମଙ୍ଗଳ ଯୋଗୁ ଯେତିକି ପାଇବେ ତାହାଠାରୁ ଅଧିକ ଖର୍ଚ୍ଚଜନିତ ମନସ୍ତାପ କରିପାରନ୍ତି। ଠିକ୍ କଥା ବନ୍ଧୁମାନଙ୍କୁ ଖୁସି କରାଇବା ବଦଳରେ ଓଲଟା ପ୍ରତିକ୍ରିୟା ସୃଷ୍ଟି କରିବ। ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ।

**ବିଛା** ଅଷ୍ଟମାଧିପତି ରାଶିରେ ରହିଥିବାରୁ ଅତୀତର ବିବାଦୀୟ କଥା ଆଜିର ମୁଖ୍ୟଚିନ୍ତା ହୋଇପାରେ। ଦୀର୍ଘ ଦିନରୁ ପ୍ରତୀକ୍ଷିତ କୌଣସି ଶୁଭଖବର ମନକୁ ଆହ୍ଲାଦିତ କରିବ। ସାଙ୍ଗସାଥୀମାନଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯାଇପାରନ୍ତି। କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ।

**ଧନୁ** ଯାହା ଚିନ୍ତା କରୁଥିବେ ତାହାର ଓଲଟା କାମ ମନକୁ ଭାରାକ୍ରାନ୍ତ କରିବ। ମନ ମୋହିଲାଭଳି କଥା ଓ ସୁନ୍ଦର ବ୍ୟବହାର ପ୍ରଦର୍ଶନ କରି ସମସ୍ତଙ୍କର ପ୍ରିୟପାତ୍ର ହେବେ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ଆତ୍ମୀୟମାନଙ୍କ ଜରିଆରେ ବକେୟା ଅର୍ଥ ଆଦାୟ କରିପାରନ୍ତି।

**ମକର** ଭାଗ୍ୟସ୍ଥାନରେ ଶୁକ୍ର ଓ ଚନ୍ଦ୍ର ପ୍ରତ୍ୟେକ କ୍ଷେତ୍ରରେ ଶୁଭଦାୟକ ହେବ। ବହୁତଦିନରୁ ଦେଖିନଥିବା ବନ୍ଧୁ କିମ୍ବା କଥା କହୁନଥିବା ଅନ୍ତରଙ୍ଗଟି ପାଇଁ ମନ ଛଟପଟ ହୋଇପାରେ। ଶିଳ୍ପ, ବାଣିଜ୍ୟ, କଳା ସାହିତ୍ୟ, ସାମ୍ବାଦିକତାରେ କୌଣସି ଅସୁବିଧା ହେବନାହିଁ। ପରିଜନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରୁ ଆନନ୍ଦ ପାଇବେ।

**କୁମ୍ଭ** କାମଗୁଡ଼ିକ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାଜନକ ହୋଇପାରୁଛି ଆପଣଙ୍କ ପାଇଁ ତାହା ନ ହେବା କାରଣରୁ ଚିନ୍ତା କରିବେ। ପାରିବାରିକ ଶୃଙ୍ଖଳା ରକ୍ଷାରେ ସମ୍ପର୍କୀୟଙ୍କ ସହାୟତା ନେବାକୁ ପଡ଼ିପାରେ। କୌଣସି ନୀଚଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି। କୌଣସି ସ୍ୱର୍ଣ୍ଣକାତର କଥାରେ ଚିହ୍ନା ପଡ଼ନ୍ତୁନାହିଁ।

**ମୀନ** କର୍ମକ୍ଷେତ୍ରରେ ଅସୁବିଧା ଦେଖାଦେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଆପଣଙ୍କୁ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ଅଫିସ୍ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ସାମୟିକ ମାନସିକ ସୁସ୍ଥତା ରହିବ ନାହିଁ। ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବାର ସମ୍ଭାବନା ରହିଛି।

ଆଜି କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ, ଶନିବାର, ନଭେମ୍ବର ୧୧ ତାରିଖ, ରାଷ୍ଟ୍ରୀୟ ଶିକ୍ଷା ଦିବସ, ମୌଲାନା ଆବୁଲ୍ କଲାମ୍ ଆଜାଦ୍‌ଙ୍କ ଜୟନ୍ତୀ, ଧନ୍ୱନ୍ତରୀ ଜୟନ୍ତୀ, ରାଶିନକ୍ଷତ୍ର-ଚିତ୍ରା/କନ୍ୟା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୭।୨୫ ଗତେ ଘ.୦୮।୪୩ ମଧ୍ୟେ, ଘ.୧୧।୫୨ ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୮।୪୩ ଗତେ ଘ.୧୦।୦୬ ମଧ୍ୟେ ରାହୁକାଳ।

## ଯୁବକଙ୍କୁ ତଣ୍ଟି ଚିପି ହତ୍ୟା ଅଭିଯୋଗ

ଭୋଗରାଇ, ୧୦।୧୧(ପ୍ରଦୀପ ଦାସ): ବାଲେଶ୍ୱର ଜିଲା ଭୋଗରାଇ ଥାନା ଜଳସୋହରିଆ ଗ୍ରାମର ଜଣେ ଯୁବକଙ୍କୁ ତଣ୍ଟିଚିପି ହତ୍ୟା କରାଯାଇ ଏକ କାଜୁବାଦାମ ଗଛରେ ଝୁଲାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଚନ୍ଦନ କୁଣ୍ଡୁ (୧୯)। ତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବଡ଼ଭାଇ ଶକ୍ତିଧର ଏତଲା ଦେଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୪୦୩/୨୩) ରୁଜୁ କରି ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଚନ୍ଦନ ଦାଦନ ଶ୍ରମିକ ଭାବେ ଚେନ୍ନାଇର ଏକ ଘରୋଇ କମ୍ପାନୀରେ ତାଙ୍କ ମା'ଙ୍କ ସହିତ ରହି କାମ କରୁଥିଲେ। ଗତ ଗୁରୁବାର ରାତି ପ୍ରାୟ ସାଢ଼େ ୯ଟାରେ ସେ ସାଙ୍ଗମାନଙ୍କ ସହ ଚନ୍ଦନ ଯାତ୍ରା ଦେଖିବାକୁ ବେଣୁଦା ଯାଇ ଘରକୁ ଫେରି ନ ଥିଲେ।



ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଚାଲିଥିବା ଅନ୍ତର୍ଜାତୀୟ ମିଲେଟ୍ସ ସମ୍ମିଳନୀର ଶୁକ୍ରବାର ଉଦ୍‌ଯାପନ ଅବସରରେ ରାଜ୍ୟପାଳ ରଘୁବର ଦାସ ଏବଂ ଅନ୍ୟ ଅତିଥିମାନେ 'ରିପୋର୍ଟସ୍ ଅନ୍ ମିଲେଟ୍ ଆଣ୍ଡ୍ ଏସ୍‌ଡିଜି'କୁ ଉନ୍ମୋଚନ କରୁଛନ୍ତି। **(ଫଟୋ: ବିକାଶ ନାୟକ)**

# 'ଓଡ଼ିଶା ମିଲେଟ୍ ମିଶନ ବିଶ୍ୱ ମଡେଲ'

## ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ଉଦ୍‌ଯାପିତ

- **ଲଘୁଶସ୍ୟ ପ୍ରୋତ୍ସାହନ ଦିଗରେ ଓଡ଼ିଶା ଅଗ୍ରଣୀ ରାଜ୍ୟ: ରାଜ୍ୟପାଳ**
- **ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ମିଲେଟ୍ ବିଶେଷାଙ୍କ ଉନ୍ମୋଚିତ**

**ଭୁବନେଶ୍ୱର,୧୦।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

ମିଲେଟ୍ସ ଆମ ଭାରତର ପାରମ୍ପରିକ ଖାଦ୍ୟ। ଶୁଷ୍କ ଅଞ୍ଚଳରେ ବହୁ କମ୍ ରାସାୟନିକ ସାର ବ୍ୟବହାରରେ ମିଲେଟ ଚାଷ ହୋଇଥାଏ। ଚାଉଳ ଓ ଗହମ ତୁଳନାରେ ଏଥିରେ ଅଧିକ ସୂକ୍ଷ୍ମ ପୋଷକତତ୍ତ୍ୱ ରହିଛି ଏବଂ ପ୍ରୋଟିନ୍‌ର ମାତ୍ରା ମଧ୍ୟ ଅଧିକ। ଏହିସବୁ ବିଶେଷ ଗୁଣ ଯୋଗୁ ମିଲେଟ୍ସକୁ ଜଳବାୟୁ ସ୍ମାର୍ଟ ଫସଲ ଭାବରେ ସାଧାରଣରେ ଅଭିହିତ କରାଯାଏ। ଏହି ଲଘୁଶସ୍ୟକୁ ପ୍ରୋତ୍ସାହନ ଦେବା ଦିଗରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଜନତା ମଇଦାନଠାରେ ଚାଲିଥିବା ଅନ୍ତର୍ଜାତୀୟ ମିଲେଟ୍ସ ସମ୍ମିଳନୀର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଦାସ କହିଛନ୍ତି, ନୀତି ଆୟୋଗ ଏବଂ ଭାରତ ସରକାର ଓଡ଼ିଶା ମିଲେଟ ମିଶନକୁ ବିଭିନ୍ନ ରାଜ୍ୟରେ ପ୍ରୟୋଗ କରିବା ପାଇଁ ଏକ ମଡେଲ ଭାବରେ ଚିହ୍ନଟ କରିଛନ୍ତି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓଡ଼ିଶା ମିଲେଟ ମିଶନକୁ ମଧ୍ୟ ଏକ ମଡେଲ ଭାବରେ ଗ୍ରହଣ କରିଛି। ଏହାକୁ ପୂରା ଭାରତ, ଆଫ୍ରିକା ଓ ଦକ୍ଷିଣ ବିଶ୍ୱରେ ପ୍ରୟୋଗ କରାଯାଇପାରିବ ବୋଲି ରାଜ୍ୟପାଳ କହିଛନ୍ତି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ, ପୁଷ୍ଟିଶସ୍ୟ ମାଣ୍ଡିଆ ରାଜ୍ୟ କୃଷିର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପାଲଟିଯାଇଛି। ଚାଷୀଙ୍କ ଆୟବୃଦ୍ଧି ସହ ମହିଳା ସଶକ୍ତୀକରଣ ଦିଗରେ ଏହା ଏକ ପ୍ରମୁଖ ଅସ୍ତ୍ର ଭାବେ ସାବ୍ୟସ୍ତ ହୋଇଛି। ଅନ୍ୟତମ ସମ୍ମାନିତ ଅତିଥି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା କହିଲେ, ମାଣ୍ଡିଆର ପୌଷ୍ଟିକତା ସମ୍ପର୍କରେ ଲୋକମାନେ ଅଧିକରୁ ଅଧିକ ସଚେତନ ହେବା ଓଡ଼ିଶା ମିଲେଟସ ମିଶନର ସଫଳତା ଦିଗରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀ କହିଲେ, ଓଡ଼ିଶା ମିଲେଟସ ମିଶନ ପରି ଅନେକ କ୍ଷେତ୍ରରେ ଓଡ଼ିଶା ଆଜି ଭାରତବର୍ଷରେ ନେତୃତ୍ୱ ପ୍ରଦାନ କରୁଛି। ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତି ହେମ୍ବ୍ରମ୍ ପୁଷ୍ଟିଶସ୍ୟ ମାଣ୍ଡିଆର ପ୍ରଚାର ପ୍ରସାର ଓ ଲୋକଙ୍କ ଖାଦ୍ୟଥାଳିରେ ମାଣ୍ଡିଆ ପହଞ୍ଚାଇବା ଦିଗରେ ମିଶନ ଶକ୍ତିର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହତ୍ତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଫିକି ସଭାପତି ଶୁଭ୍ରକାନ୍ତ ପଣ୍ଡା ମାଣ୍ଡିଆର ପ୍ରଚାର ପ୍ରସାର ଦିଗରେ ଓଡ଼ିଶା ମିଲେଟ୍ସ ମିଶନର ବିଭିନ୍ନ କାର୍ଯ୍ୟକ୍ରମ ଉଦାହରଣୀୟ ବୋଲି କହିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଉପସ୍ଥିତ ଥିଲେ। ଏହିଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ଉପଲକ୍ଷେ ପ୍ରକାଶିତ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ମିଲେଟ ବିଶେଷାଙ୍କ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହାର ସମ୍ପାଦିକା କସ୍ତୁରୀ ମହାପାତ୍ର ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଉପସ୍ଥିତ ଥିଲେ। ଏଥିସହିତ ରିପୋର୍ଟସ୍ ଅନ୍ ମିଲେଟ୍ ଆଣ୍ଡ୍ ଏସ୍‌ଡିଜିକୁ ମଧ୍ୟ ରାଜ୍ୟପାଳ ଉନ୍ମୋଚନ କରିଥିଲେ।

## ଖୋର୍ଦ୍ଧା ସହରର ୫ ଭେଣ୍ଡିଂଜୋନକୁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ

**ଭୁବନେଶ୍ୱର,୧୦।୧୧(ଅନିଲ ଦାସ):** ଖୋର୍ଦ୍ଧା ସହରର ୫ ଭେଣ୍ଡିଂ ଜୋନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମଞ୍ଜୁରୀ ମିଳିଛି। ୮କୋଟି ୭୯ଲକ୍ଷ ଟଙ୍କା ବ୍ୟୟରେ ୨୬୬ଟି ଦୋକାନ ଘର ନିର୍ମାଣ ହେବ । ଏଥିଲାଗି ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅବସରରେ ବ୍ୟବସାୟୀ କୃତଜ୍ଞତା ଜଣାଇଛନ୍ତି । ୫୦ ବର୍ଷ ଧରି ଲାଗି ରହିଥିବା ସମସ୍ୟାର ସମାଧାନ ହୋଇଛି। ସମସ୍ୟାର ସମାଧାନ କରିବାକୁ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ପ୍ରତିଶ୍ରୁତି ଦେଇଥିଲେ।

ଆନ୍ତର୍ଜାତିକ ତୀର୍ଥକ୍ଷେତ୍ର ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ପରମହଂସ ଶ୍ରୀରାମକୃଷ୍ଣଦେବଙ୍କ ପ୍ରଦତ୍ତ ମାର୍ଗ ଓ ମତରେ ୧୬୯ତମ ଶ୍ରୀ ଶ୍ରୀ ଶ୍ୟାମା ପୂଜାର ବ୍ରତୀ ଆମେ



ପୃଥିବୀବ୍ୟାପୀ ଅଗଣିତ ସୁଧୀ ଭକ୍ତଗଣଙ୍କର ପ୍ରତ୍ୟାଶା ଅନୁଯାୟୀ ଡିଡି ବାଂଲା, ଡିଡି ଓଡ଼ିଆ, ଡିଡି ତ୍ରିପୁରା, ଡିଡି ଗୁଆହାଟି, ଡିଡି ବିହାର ସହ ସିଧାସଳଖ ଆନ୍ତର୍ଜାତିକ ସମ୍ପ୍ରଚାର ଡିଡି ଭାରତୀରେ କରାଯିବ।
୧୨ ନଭେମ୍ବର, ରବିବାର, ରାତ୍ରି ୧୦:୩୦ ମିନିଟରେ ଦୂରଦର୍ଶନରେ ଦକ୍ଷିଣେଶ୍ୱର କାଳୀ ମନ୍ଦିରରୁ ସିଧାସଳଖ ଏହି ମହାପୂଜା ଦେଖନ୍ତୁ।
ଦକ୍ଷିଣେଶ୍ୱର କାଳୀ ମନ୍ଦିରର ଅଛି ପରିଷଦ ପକ୍ଷରୁ କୁଶଳ ଚୌଧୁରୀ କର୍ତ୍ତୃକ ଆୟୋଜିତ ଓ ପ୍ରକାଶିତ



"ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଉର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। -ଶ୍ରୀଅରବିନ୍ଦ

# ନିଯୁକ୍ତି ମାନଦଣ୍ଡର ନବୀକରଣ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ରୀୟ ଲୋକସେବା ଆୟୋଗ(ୟୁପିଏସ୍‌ସି) ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଚୟନ ପାଇଁ ଏହାର ନିର୍ଦ୍ଦେଶାବଳୀକୁ ନବୀକରଣ କରିଛି। ଗତ ମାସରେ ଜାରି କରାଯାଇଥିବା ସଂଶୋଧନ ଅନୁଯାୟୀ, ଅବସର ପୂର୍ବରୁ କାର୍ଯ୍ୟକାଳ ଅତି କମ୍‌ରେ ୬ମାସ ବାକିଥିବା ପୋଲିସ ଅଧିକାରୀମାନେ ଏହି ପଦବୀ ପାଇଁ ବିଚାର ଯୋଗ୍ୟ ହେବେ। ଅଧିକନ୍ତୁ କେନ୍ଦ୍ରୀୟ ଡେପୁଟେଶନରେ ଥିବା ଆଇପିଏସ୍ ଅଧିକାରୀଙ୍କୁ ଡେପୁଟେଶନରୁ ମୁକ୍ତ କରାଯାଇପାରିବ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍ଏଚ୍ଏ) ଯଦି ରାଜ୍ୟ ସରକାରଙ୍କୁ ଅବଗତ କରେ ତେବେ ସେମାନଙ୍କୁ ରାଜ୍ୟ ଡିଜିପି ପାଇଁ ବିଚାରକୁ ନିଆଯିବ ନାହିଁ। ଅବସର ସମୟ ପାଖାପାଖିରେ ଡିଜିପି ନିଯୁକ୍ତ କରିବା କିମ୍ବା ୟୁପିଏସ୍‌ସି ପ୍ରକ୍ରିୟାକୁ ଅଣଦେଖାପୂର୍ବକ କାର୍ଯ୍ୟନିର୍ବାହୀ ଡିଜିପିଙ୍କ କାର୍ଯ୍ୟକାଳ ବୃଦ୍ଧିକରି ଡିଜିପି ଭାବେ ନିଯୁକ୍ତି ଦେବା ପ୍ରକ୍ରିୟାରୁ ରାଜ୍ୟଗୁଡ଼ିକୁ ବିରତ ରହିବା ପାଇଁ ଏହିସବୁ ପରିବର୍ତ୍ତନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଆମ୍ ଆଦମୀ ପାର୍ଟି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ଡିଜିପି ଭାବରେ ଗୌରବ ଯାଦବଙ୍କ ନିଯୁକ୍ତିକୁ ବିରୋଧ କରି ପଞ୍ଜାବର ପୂର୍ବତନ ଡିଜିପି ଭି.କେ. ଭୌରା କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ପଦରେ ୨ ବର୍ଷ ରହିବା ଲାଗି ୟୁପିଏସ୍‌ସିର ନିୟମ ଥିବା ସତ୍ତ୍ୱେ ଭୌରାଙ୍କୁ ତାଙ୍କ କାର୍ଯ୍ୟକାଳର ମଧ୍ୟଭାଗରେ ସ୍ଥାନାନ୍ତର କରାଯିବା ପରେ ସେ କୋର୍ଟକୁ ଯାଇଛନ୍ତି। ଚଳିତ ବର୍ଷ ଜୁନ୍‌ରେ ପଞ୍ଜାବ ସ୍ୱାଧୀନ ଭାବରେ ରାଜ୍ୟ ଡିଜିପି ନିଯୁକ୍ତ କରିବାକୁ ଆଇନ ପ୍ରଣୟନ କରିଥିଲା। ତେବେ ପଞ୍ଜାବ ପୋଲିସ (ସଂଶୋଧନ) ବିଲ୍, ୨୦୨୩, ଆଇନ ହେବା ପାଇଁ ରାଜ୍ୟପାଳଙ୍କ ଅନୁମୋଦନ ଲାଗି ବିଚାରାଧୀନ ରହିଛି। କୌତୂହଳର ବିଷୟ, ୨୦୨୧ରେ କେନ୍ଦ୍ର ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍ଏସ୍ ଅଧିକାରୀଙ୍କୁ ରାଜ୍ୟ ସରକାରଙ୍କ ସହମତି ନ ନେଇ ଡେପୁଟେଶନ ନିମନ୍ତେ ଆଇଏଏସ୍ କ୍ୟାଡର ନିୟମରେ ସଂଶୋଧନ କରିବାକୁ ପ୍ରସ୍ତାବ ଦେଇଥିଲା। ରାଜ୍ୟଗୁଡ଼ିକ ବିରୋଧ କରିବାରୁ ତାହାକୁ ସ୍ଥଗିତ ରଖାଯାଇଥିଲା। ତେବେ ରାଜ୍ୟଗୁଡ଼ିକ ଏହି ନୂତନ ନିର୍ଦ୍ଦେଶାବଳୀକୁ କିପରି ଗ୍ରହଣ କରିବେ ତାହା ଦେଖିବାର କଥା।

### ଆଭିମୁଖ୍ୟରେ ପରିବର୍ତ୍ତନ

ବରିଷ୍ଠ ସିଭିଲ୍ ସର୍ଭାଣ୍ଟ ବିଶେଷକରି ଯୁଗ୍ମ ସଚିବ କିମ୍ବା ତଦୂର୍ଦ୍ଧ୍ୱ ପଦବୀରେ ଥିବା ସଚିବମାନଙ୍କ ପ୍ରଦର୍ଶନ ଉପରେ ଅନ୍ୟ କର୍ମଚାରୀ ମୂଲ୍ୟାୟନ କରିବା ପଦ୍ଧତି (୩୬୦-ଡିଗ୍ରୀ ମୂଲ୍ୟାଙ୍କନ ପଦ୍ଧତି)କୁ ମୋଦି ସରକାର ଏବେ ପ୍ରତ୍ୟାଖ୍ୟାନ କରିଛନ୍ତି। ଆଭିମୁଖ୍ୟରେ ଏହି ଆକସ୍ମିକ ପରିବର୍ତ୍ତନ ମୋଦି ସରକାରଙ୍କ ଉତ୍ତରଦାୟିତ୍ୱ ଏବଂ ଏକ ସ୍ୱଚ୍ଛ ତଥା ଯୋଗ୍ୟତାଭିତ୍ତିକ ଚୟନ ପ୍ରକ୍ରିୟାର ପ୍ରତିବଦ୍ଧତା ଉପରେ ପ୍ରଶ୍ନ ଉଠାଇଛି। ୨୦୧୫ରେ ମୂଲ୍ୟାଙ୍କନ ପଦ୍ଧତି ଆରମ୍ଭ ବେଳେ ସରକାର କହିଥିଲେ ଯେ, ପୂର୍ବ ପ୍ରଦ୍ଧତିରେ ମୂଲ୍ୟାଙ୍କନ ସମୟରେ ସ୍ୱଚ୍ଛତା ଏବଂ ସାମର୍ଥ୍ୟର ଅତ୍ୟାବଶ୍ୟକ ଦିଗଗୁଡ଼ିକୁ ଜାଣି ହେଉ ନ ଥିବାରୁ ୩୬୦-ଡିଗ୍ରୀ ମୂଲ୍ୟାଙ୍କନ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ବାସ୍ତବରେ ଦିଲ୍ଲୀ ହାଇକୋର୍ଟ ଏହାର ବୈଧତାକୁ ଦର୍ଶାଇ ୨୦୧୭ରେ ନୂତନ ବ୍ୟବସ୍ଥାକୁ ସମର୍ଥନ କରିଥିଲେ। ତେବେ ଏଭଳି ସମ୍ପୂର୍ଣ୍ଣ ପରିବର୍ତ୍ତନ ଏବେ କାହିଁକି? ସରକାରଙ୍କ ଏହି ପଦ୍ଧତିକୁ ପ୍ରତ୍ୟାଖ୍ୟାନ କରିବା ଏକ ଆଶ୍ଚର୍ଯ୍ୟଜନକ ବିଷୟ ଏବଂ ଚିନ୍ତାଜନକ ମଧ୍ୟ। ଏହା ସଙ୍ଗତିର ଅଭାବକୁ ପ୍ରକାଶ କରେ। ଏହା ବିନା ସହମତିରେ ମୌଳିକ ପ୍ରକ୍ରିୟାଗୁଡ଼ିକୁ ପରିବର୍ତ୍ତନ କରିବା ଇଚ୍ଛାଶକ୍ତିକୁ ଦର୍ଶାଏ। ସୂତ୍ରରୁ ଜଣାପଡ଼ିଛି ଯେ, ଉତ୍ତରାଖଣ୍ଡ କ୍ୟାଡରର ଭାରତୀୟ ବନ ସେବା (ଆଇଏଫ୍ଏସ୍) ଅଧିକାରୀ ସଞ୍ଜୀବ ଚତୁର୍ବେଦୀ ଟ୍ରିବ୍ୟୁନାଲରେ ଏକ ପିଟିଶନ ଦାୟର କରିବାରୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ( ଡିଓପିଟି) କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ(ସିଏଟି)) ସର୍କିଟ ବେଞ୍ଚ ଆଗରେ କାହିଁକି ସତ୍ୟପାଠ ଦାଖଲ କରିଛି। ଚତୁର୍ବେଦୀ ଦାବି କରିଥିଲେ ଯେ, କେନ୍ଦ୍ର ସ୍ତରରେ ତାଙ୍କୁ ଜଣେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦେବା ଲାଗି ତାଲିକାଭୁକ୍ତ କରାଯାଇ ନ ଥିଲା। ହ୍ୱିସିଲ ବ୍ଲୋୟର ଚତୁର୍ବେଦୀଙ୍କୁ ଅଣଦେଖା କରିବା ପାଇଁ ପୂରା ସିଷ୍ଟମକୁ ବେକାର କରିବା ନିଶ୍ଚିତ ଭାବରେ ମାତ୍ରାଧିକ କାର୍ଯ୍ୟକୁ ସୂଚିତ କରୁଛି।

### ରେଲ୍‌ୱେରେ ଅଦଳବଦଳ

ଇଣ୍ଡିଆନ ରେଲୱେ ମ୍ୟାନେଜମେଣ୍ଟ ସର୍ଭିସ( ଆଇଆର୍ଏମ୍ଏସ୍)ରୁ ୧୦ ଜଣ ବରିଷ୍ଠ ରେଲୱେ ଅଧିକାରୀଙ୍କୁ ଜେନେରାଲ ମ୍ୟାନେଜର ଭାବରେ ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆଯାଇଛି। କୌତୂହଳପ୍ରଦ ବିଷୟ ହେଉଛି, ପ୍ରମୁଖ ପଦବୀରେ ରହିଥିବା ୨ଜଣ ଜେନେରାଲ ମ୍ୟାନେଜରଙ୍କୁ ଅପେକ୍ଷାକୃତ କମ୍ ଭୂମିକା ଥିବା ପଦବୀକୁ ବଦଳି କରାଯିବା। ଏହି ପଦକ୍ଷେପକୁ ନେଇ ରେଲୱେ ପରିସରରେ ଗୁଜବ ସୃଷ୍ଟି ହୋଇଛି। ଗୁଜବ ଉଠିବାର କାରଣ ଗତ ମାସରେ କିଛି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରୁ ଠାବ କରାଯାଇପାରେ। ନିର୍ଦ୍ଦେଶାବଳୀରେ ବଡ଼ଧରଣର ଏପାଖସେପାଖ କରାଯାଇ ପୂର୍ବରୁ ଉତ୍ତର-ପୂର୍ବ ସୀମାନ୍ତ ରେଲୱେ ନିର୍ମାଣ ବିଭାଗର ଜେନେରାଲ ମ୍ୟାନେଜର ଥିବା ଏସ୍.କେ.ଝାଙ୍କୁ ପୁଣେର ଭାରତୀୟ ରେଲୱେ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସିଭିଲ୍ ଇଞ୍ଜିନିୟରିଂର ମହାନିର୍ଦ୍ଦେଶକ ଭାବରେ ରାମ କରଣ ଯାଦବଙ୍କୁ ସ୍ଥାନାନ୍ତର କରାଯାଇ ନିଯୁକ୍ତ କରାଯାଇଥିଲା। ଯାଦବ ବି ଝାଙ୍କ ଦାୟିତ୍ୱ ଗ୍ରହଣ କରିଥିଲେ। ସମାନ ପ୍ରକାର ବିଚ୍ୟୁତି ସି.ଭି. ରମଣଙ୍କ କ୍ଷେତ୍ରରେ ଘଟିଥିଲା। ଉତ୍ତର ପୂର୍ବାଞ୍ଚଳ ରେଲୱେ ଜେନେରାଲ ମ୍ୟାନେଜର ରମଣଙ୍କୁ ରେଳ ବୋର୍ଡର ଡିଭିଜନାଲ ପର୍ସନାଲ ଅଫିସର (ରେଳ ଷ୍ଟୋର୍‌ସ) ସଚିବଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ପଦକ୍ଷେପରେ ଲେଭଲ ୧୫ ପୋଷ୍ଟରୁ ଲେଭଲ ୧୬କୁ ସାମୟିକ ଭାବେ ନବୀକରଣ କରାଯାଇଛି, ଯାହା ସେପ୍ଟେମ୍ବର ୩୦, ୨୦୨୫ ପର୍ଯ୍ୟନ୍ତ ଚାଲିବ। ନିକଟ ସୂତ୍ରରୁ ଜଣାପଡ଼ିଛି ଯେ ଅନୁସନ୍ଧାନକାରୀ ସଂସ୍ଥାଗୁଡ଼ିକର ମତାମତ ଏବଂ ଅଜ୍ଞାତ ସୂଚନା ଦ୍ୱାରା ଏହି ନିଷ୍ପତ୍ତି ପ୍ରଭାବିତ ହୋଇପାରେ।

Email: dilipcherian@gmail.com

# ପ୍ରଜାଙ୍କ ମତରେ ଶାସନ ଚାଲିବ



ଅକ୍ଷୟ କୁମାର ମିଶ୍ର

ସ୍ୱାଧୀନତା ପ୍ରାପ୍ତିର ବହୁ ପୂର୍ବରୁ ଉତ୍କଳମଣି ଗୋପବନ୍ଧୁ ଦାସ ଦେଶର ଶାସନ ବ୍ୟବସ୍ଥାକୁ ନେଇ ରଚନା କରିଯାଇଥିବା କବିତାର ପଙ୍‌କ୍ତିଟି ହେଲା -

''ପ୍ରଜା ଲାଗି ଉଦେ ରବି ଶଶୀ ତାରା,
ପ୍ରଜା ଲାଗି ବହେ ଶତ ନଦୀ ଧାରା।
ପ୍ରଜା ଲାଗି ରାଜ୍ୟ ପ୍ରଜାର ଶାସନ,
ଯୁଗେ ଯୁଗେ ଏହା ଶାସ୍ତ୍ରର କଥନ ।।''

ପ୍ରଜାଙ୍କ ମତରେ ଶାସନ ଚାଲିବ। ଲୋକେ ହେବେ ଶକ୍ତିକେନ୍ଦ୍ର। ଲୋକଙ୍କ ଦ୍ୱାରା ଶାସନ ପରିଚାଳିତ ହେବ। ତାହାହିଁ ହେଲା। ସ୍ୱାଧୀନତା ପରେ ଦେଶ ସେହି ରାସ୍ତାରେ ଚାଲିବ ବୋଲି ସ୍ଥିର ହେଲା। ଦେଶ ଆପଣେଇଲା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ। ସେତେବେଳକୁ ଉତ୍କଳମଣି ଇହଧାମରେ ନ ଥିଲେ। ପ୍ରଥମ କଥାଟି ହେଲା ଶାସନ ବ୍ୟବସ୍ଥାକୁ ନେଇ ସେ ଯାହା ପରିକଳ୍ପନା କରିଥିଲେ ତାହାହିଁ ହେଲା, କିନ୍ତୁ କାଗଜ କଲମରେ। ପ୍ରଚଳନ ହେଲା ଲୋକତନ୍ତ୍ର, କିନ୍ତୁ ବାସ୍ତବରେ ଏହା ହେଲା ଦଳତନ୍ତ୍ର। ଏବେ ତ ଦଳତନ୍ତ୍ରରୁ ଏକତନ୍ତ୍ର ଅଭିମୁଖୀ ହେଲାଣି। ଲୋକ ପ୍ରତିନିଧିମାନଙ୍କ ଦ୍ୱାରା ଶାସନ ପରିଚାଳିତ ହେବ ବୋଲି ସ୍ଥିର ହେଲା। ଏମାନେ କେମିତି ନିର୍ବାଚିତ ହେବେ, ଏମାନଙ୍କର ଯୋଗ୍ୟତା କ'ଣ ହେବ, କେଉଁମାନେ ଏମାନଙ୍କୁ ବାଛିବେ ଏ ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ସଂହିତା ପ୍ରସ୍ତୁତ ହେଲା। ଆମେ ସଭିଏଁ ଏହାକୁ ପାଳନ କରିବୁ ବୋଲି ଶପଥ ନେଲୁ। କିନ୍ତୁ ପ୍ରତି ମୁହୂର୍ତ୍ତରେ ଶପଥ ଭାଙ୍ଗି ଚାଲିଲୁ। ନିର୍ବାଚନ ପ୍ରକ୍ରିୟାରେ ଅନେକ ସଂସ୍କାର ଆସିଛି। ପ୍ରଥମେ ୨୧ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ଲୋକମାନେ ନିଜର ମତ ସାବ୍ୟସ୍ତ କରି ପ୍ରତିନିଧି ଚୟନ କରୁଥିଲେ। ୧୯୮୮ ରେ ୬୧ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଏହି ବୟସ ସୀମାକୁ କମାଇ ୧୮ ବର୍ଷକୁ ଅଣାଯାଇଛି। ଲୋକେ ବାଲଟ୍ ପେପର୍ ମାଧ୍ୟମରେ ଭୋଟ ଦେଉଥିଲେ। ୧୯୯୭ ଠାରୁ ଇଭିଏମ୍‌ରେ ମତଦାନ କରୁଛନ୍ତି। କୌଣସି ପ୍ରମାଣପତ୍ରର ବ୍ୟବସ୍ଥା ନଥିଲା। ୧୯୯୩ ରେ ସମସ୍ତ ମତଦାତାଙ୍କୁ ପ୍ରମାଣପତ୍ର ଦେବାର ବ୍ୟବସ୍ଥା ହେଲା। ୨୦୦୪ ଠାରୁ ପ୍ରମାଣପତ୍ର ଦେଖାଇବା ବାଧ୍ୟତାମୂଳକ ହେଲା। ଏସବୁ ସତ୍ତ୍ୱେ କହିପାରିବା ନାହିଁ ଆମ ଦେଶରେ ଅବାଧ, ନିରପେକ୍ଷ ଏବଂ ସ୍ୱଚ୍ଛ ନିର୍ବାଚନ ହେଉଛି ବୋଲି। କ୍ଷମତା ଓ ବାହୁବଳ ସାଙ୍ଗକୁ ଅର୍ଥର ପ୍ରାବଲ୍ୟ ଗଣତନ୍ତ୍ରକୁ ବାଟବଣା କରୁଛି। ଯାହା ଦେଖାଯାଉଛି, ଗଣତନ୍ତ୍ରର ପ୍ରୟୋଗଶାଳାକୁ ଏବେ ସର୍ବବୃହତ୍ ବ୍ୟବସାୟ କ୍ଷେତ୍ର ବୋଲି ବିଚାର କରାଯାଉଛି। ଅର୍ଥ ବିନିଯୋଗ କରି ଲାଭ ଉଠେଇବା



ଯେମିତି ବ୍ୟବସାୟର ଅସଲ କଥା, ସେମିତି କୋଟି କୋଟି ଟଙ୍କା ଖର୍ଚ୍ଚ କରି ଲୋକପ୍ରତିନିଧି ହେବା ଏବଂ ଦଶଗୁଣ ଅର୍ଥ ଉଠାଇବା ଏବେ ଜନସେବାର ମୁଖ୍ୟ ଉଦ୍ଦେଶ୍ୟ ପାଲଟି ଗଲାଣି।

ସେବା ଓ ତ୍ୟାଗ ପରସ୍ପର ପରିପୂରକ। ଯେଉଁଠି ତ୍ୟାଗ ନାହିଁ ଭୋଗ ଅଛି, ସେଠାରେ ସେବା ଏକ ଛଳନାପୂର୍ଣ୍ଣ ଶବ୍ଦମାତ୍ର। ଆମେ ଯାହା ଦେଖୁଛେ, ଆଜିକାଲି ଯେଉଁମାନେ ଜନସେବା କରିବା ପାଇଁ ଆଗଭର ହେଉଛନ୍ତି ସେମାନଙ୍କ ମଧ୍ୟରୁ ସିଂହଭାଗ ଲୋକ ନିଜର ପ୍ରତିଷ୍ଠା ପାଇଁ ପାଗଳ। ନିଜର ବଂଶଧରଙ୍କୁ ପ୍ରତିଷ୍ଠିତ କରିବା ପାଇଁ ବ୍ୟାକୁଳ। ଯେଉଁମାନଙ୍କର ଲକ୍ଷ୍ୟ କ୍ଷମତା, ପ୍ରତିଷ୍ଠା, ପ୍ରଭାବକୁ ଯେକୌଣସି ପ୍ରକାରେ ନିଜ ସପକ୍ଷରେ ହାତେଇବା ସେ କାହୁଁ କରିବେ ଦେଶ ସେବା। ବିଚିତ୍ର କଥା ହେଉଛି, ଥରେ ଲୋକପ୍ରତିନିଧି ହୋଇଗଲା ପରେ ଚୌକିର ମୋହ ଛାଡ଼ିବାକୁ ନାରାଜ। ପୁଅ କିମ୍ବା ଝିଅକୁ ରାଜନୈତିକ ଉତ୍ତରାଧିକାରୀ କରାଇବା ସାଧାରଣ ଘଟଣା ହୋଇଗଲାଣି। ଗଣତନ୍ତ୍ରର ମୁଖା ପିନ୍ଧି ରାଜତନ୍ତ୍ରର କ୍ଷୁଧା ମେଣ୍ଟାଇବାର ଏକ ସୁନ୍ଦର ପରିକଳ୍ପନା ପ୍ରଜାଙ୍କୁ କ୍ରମଶଃ ଶାସନ ବ୍ୟବସ୍ଥାଠାରୁ ଦୂରେଇ ନେଉଛି।

ଲୋକଙ୍କ ଦ୍ୱାରା ନିର୍ବାଚିତ ହେବା ପରେ ଲୋକଙ୍କ ମତକୁ ଆମ ଦେଶରେ ଜନପ୍ରତିନିଧିମାନେ କେତେ ଗୁରୁତ୍ୱ ଦିଅନ୍ତି ତାହା ପ୍ରତିଦିନ ଲୋକମାନେ ଅଙ୍ଗେ ଲିଭାଉଛନ୍ତି। ସତ କହିବାକୁ ଗଲେ ନିର୍ବାଚନ ଆସିଲେ ଲୋକଙ୍କ କଥା ମନେପଡ଼େ। ଲୋକଙ୍କ ନିକଟକୁ ନେତାମାନେ ଆସନ୍ତି। ନିଃସ୍ୱାର୍ଥପର ସେବାର କାହାଣୀ ବଖାଣନ୍ତି। ଯାହା ହେବ ଲୋକଙ୍କ ମତରେ ହେବ ବୋଲି ନିର୍ଭର ପ୍ରତିଶ୍ରୁତି ଦିଅନ୍ତି। ନିର୍ବାଚନ ସରିଲେ ନେତାମାନେ ନେତାଙ୍କ ବାଟରେ ରୁହନ୍ତି। ପ୍ରଜାଙ୍କ ମତରେ ଶାସନ ହୁଏ ନାହିଁ ବରଂ ପ୍ରଜାମାନେ ଶାସକଙ୍କ ମତରେ ଚାଲିବାକୁ ବାଧ୍ୟ ହୁଅନ୍ତି। ଲୋକେ କ'ଣ ଚାହୁଁଛନ୍ତି ଏକଥା ଜାଣିବାକୁ ପ୍ରୟାସ ହୁଏ ନାହିଁ। ଗୋଟିଏ ନୂତନ ନୀତି କିମ୍ବା ନିୟମ ପ୍ରଣୟନ ପୂର୍ବରୁ ଯେଉଁସବୁ ବିଧିବ୍ୟବସ୍ଥା ଅଛି ତାହା ଅନୁପାଳନ ହୁଏ ନାହିଁ, ବିଚାରବିମର୍ଶ ହେଉ ନାହିଁ। ଖୋଲାଖୋଲି ତର୍ଜମା ହେଉ ନାହିଁ। ଶାସକ ଶ୍ରେଣୀ ଯାହା ଚାହୁଁଛନ୍ତି, ସଂଖ୍ୟାଗରିଷ୍ଠତା ଖେଳରେ ତାକୁ ଅନୁମୋଦନ କରାଇ ନେଉଛନ୍ତି। ଅଧିକାଂଶ ଅଧିନିୟମ ଅଧ୍ୟାଦେଶ ବଳରେ ପାରିକରାଇ ନିଆଯାଉଛି। ଏମିତି ବି ହେଉଛି ମୁଖିଆଙ୍କ ମତ ଶାସକ ଶ୍ରେଣୀର ମତ ବୋଲି ଧରିନିଆଯାଉଛି। ପ୍ରଜା ଏଠାରେ କିଏ?

ପୁନଶ୍ଚ ଗଣତନ୍ତ୍ର ବୋଇଲେ ଆମେ ବୁଝୁ ଲୋକ ପ୍ରତିନିଧିଙ୍କ ଦ୍ୱାରା ପରିଚାଳିତ ଶାସନ ବ୍ୟବସ୍ଥା। ଏହି ବ୍ୟବସ୍ଥାରେ ବ୍ୟବସ୍ଥାପକ ସଭା ଯାହା ଆଇନ ତିଆରି କରେ, ତାକୁ କାର୍ଯ୍ୟପାଳିକା କାର୍ଯ୍ୟକାରୀ କରେ। କିନ୍ତୁ ଏବେ ବ୍ୟବସ୍ଥାପକ ସଭା କେବଳ ମୋହର ମାରୁଛି। ଅର୍ଥାତ୍ ଲୋକଙ୍କ ପାଖରେ ଯେଉଁମାନେ ସିଧାସଳଖ ଉତ୍ତରଦାୟୀ ସେମାନଙ୍କ ଗୁରୁତ୍ୱ ହ୍ରାସ ପାଇଛି। କୁହାଯାଇପାରେ, ତୃଣମୂଳ ସ୍ତର ସହିତ ସିଧାସଳଖ ସମ୍ପର୍କ ନ ଥିବା ଲୋକଙ୍କ ବେଦନାକୁ ହୃଦୟଙ୍ଗମ କରିପାରୁନଥିବା ବ୍ୟକ୍ତିମାନେ ଯଦି ଶାସନ ବ୍ୟବସ୍ଥାର ମସ୍ତିଷ୍କ ହେବେ, ଶାସନ ହୁଏତ ଠିକ୍ ଚାଲିବ କିନ୍ତୁ ଲୋକଙ୍କ ପ୍ରକୃତ ଚାହିଦା କେତେ ପୂରଣ ହେବ ତାହା ସନ୍ଦେହ ଘେରରେ।

ପ୍ରକୃତରେ ଯଦି ପ୍ରଜାଙ୍କ ମତରେ ଶାସନ ବ୍ୟବସ୍ଥା ଚାଲୁ ବୋଲି ଆମେ ଚାହିଁବା, ତେବେ ଗ୍ରାମସଭା ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଗ୍ରାମସଭା କହିଲେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଯାହାର ସର୍ବୋଚ୍ଚ ସ୍ତରକୁ ଜିଲା ପରିଷଦ, ମଧ୍ୟମ ସ୍ତରକୁ ପଞ୍ଚାୟତ ସମିତି ଏବଂ ତୃଣମୂଳ ସ୍ତରକୁ ଗ୍ରାମ ପଞ୍ଚାୟତ ବୋଲି କୁହାଯାଏ। ଗ୍ରାମ ପଞ୍ଚାୟତର କ୍ୟାବିନେଟ୍ ଗଢ଼ା ହୁଏ ୱାର୍ଡ଼ ମେମ୍ବରମାନଙ୍କୁ ନେଇ। ୱାର୍ଡ଼ ମେମ୍ବରମାନେ ଲୋକଙ୍କ ମତକୁ ସାଧାରଣ ସଭା ଜରିଆରେ ଗ୍ରହଣ କରି ଗ୍ରାମ ପଞ୍ଚାୟତରେ ଉପସ୍ଥାପନ କରିବା ହେଉଛି ପ୍ରଜାତନ୍ତ୍ରର ଅନ୍ତଃସ୍ୱର। ଆମ ଦେଶରେ ଏହି ବ୍ୟବସ୍ଥାର ପ୍ରଚଳନ ହେବା ପାଇଁ ଲାଗିଲା ୪୫ ବର୍ଷ। ୭୩ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଯଦିଓ ଏହା ୧୯୯୨ ମସିହାରେ ବିଧିବଦ୍ଧ ଭାବେ ଲାଗୁ ହେଲା, କିନ୍ତୁ ଏହା ଭିତରେ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପୂର୍ଣ୍ଣାଙ୍ଗ କ୍ଷମତା ଗ୍ରାମସଭାକୁ ଦିଆଯାଇପାରିଲା ନାହିଁ। ଅପରପକ୍ଷେ ଲୋକମାନଙ୍କର ମତ ଦେବା ବ୍ୟବସ୍ଥା କେତେ ସହଜ ଓ ସ୍ୱାଧୀନ ତାହା ମଧ୍ୟ ବିଚାରସାପେକ୍ଷ। ପୁଣି ମତସବୁ ଗ୍ରହଣ କଲାପରେ ସେଗୁଡ଼ିକ ଆଲୋଚନା ପରିସରକୁ ନିଆଯାଏ କି ନାହିଁ ତାହା କହିବାବାହୁଲ୍ୟ। ମୋଟାମୋଟି କହିବାକୁ ଗଲେ ପ୍ରଜାଙ୍କ ମତରେ ଶାସନ ପରିଚାଳନା ଏକ ସର୍ବଗ୍ରାହ୍ୟ ଚିନ୍ତନ ହୋଇଥିଲେ ବି ଏହା ଆଜିଯାଏ ବାହ୍ୟ ଆବରଣ ହୋଇ ରହିଯାଇଛି।

ସଭାପତି, ଓଷ୍ଟା, ମୋ: ୯୯୩୮୭୬୩୨୩୭

# ଜଳ ଭୀରୁତାର ପରିଣାମ



ଡ. ପ୍ରମୋଦ କୁମାର ପଣ୍ଡା

ସଭ୍ୟତାର ଅଭ୍ୟୁଦୟରେ ନଦୀଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ବଣମଣିଷ ସ୍ଥାୟୀ ଭାବରେ ବସବାସ କରିବା ପାଇଁ ନଦୀକୂଳକୁ ସର୍ବୋତ୍କୃଷ୍ଟ ସ୍ଥାନ ହିସାବରେ ବାଛିଥିଲା। କାରଣ ଏଠାରେ ବର୍ଷସାରା ପାନୀୟ ଜଳ ମିଳୁଥିଲା ଓ ବିଭିନ୍ନ ପ୍ରକାର ଫସଲ ଚାଷ ପାଇଁ ଆବଶ୍ୟକ ଉର୍ବର ମୃତ୍ତିକା ଓ ପ୍ରଚୁର ଜଳ ଥିଲା। ସେ ସିନ୍ଧୁ ନଦୀକୂଳରେ ଗଢ଼ିଉଠିଥିବା ପ୍ରାଚୀନ ସିନ୍ଧୁ ସଭ୍ୟତା ହେଉ କିମ୍ବା ମିଶରର ନୀଳନଦୀ କୂଳରେ ଗଢ଼ିଉଠିଥିବା ସଭ୍ୟତା ହେଉ କିମ୍ବା ଟାଇଗ୍ରୀସ ଓ ୟୁଫ୍ରେଟିସ ନଦୀକୂଳରେ ଗଢ଼ିଉଠିଥିବା ମେସୋପଟାମିଆ ସଭ୍ୟତା ହେଉ କିମ୍ବା ହୋୟାଙ୍ଗ ହୋ ନଦୀକୂଳରେ ଚୀନ ସଭ୍ୟତା ହେଉ, ସବୁଠି ନଦୀକୂଳ ଆଦିମ ଅଧିବାସୀମାନଙ୍କର ଭରସା ଜିତିଥିଲା । ସେମାନଙ୍କର ନାନାବିଧ ଆବଶ୍ୟକତା ପୂର୍ଣ୍ଣ କରିବାରେ ସହାୟକ ହେଉଥିଲା। ସେତେବେଳେ ନଦୀନାଳ ପୂର୍ଣ୍ଣ ଏବଂ ହିଂସ୍ରଜନ୍ତୁ ସଙ୍କୁଳ ସ୍ଥଳ ପଥରେ ଯାତାୟାତର ସୁବିଧା ହେଉ ନ ଥିବାରୁ ନଦୀଜଳ ଗମନାଗମନ ଓ ବ୍ୟବସାୟର ମୁଖ୍ୟ ଭୂମିକା ନେଇଥିଲା। ପ୍ରାଚୀନ କାଳରୁ ଓଡ଼ିଶାରେ ମଧ୍ୟ ନଦୀ ବିକାଶର ଇଞ୍ଜିନ ଭାବରେ କାର୍ଯ୍ୟ କରିଆସିଛି। ନଦୀ ଜଳପଥ ଦେଇ ବିଦେଶକୁ ବାଣିଜ୍ୟ ହେଉଥିଲା। ପୁରୀ ଓ କୋଣାର୍କ ଭଳି ବିଶାଳକାୟ ମନ୍ଦିରର ପଥର ଏହି ନଦୀଜଳ ପଥ ଦେଇ ଆସିଥିବାର ଇତିହାସ କହେ। କହିବାକୁ ଗଲେ ନଦୀ ଓଡ଼ିଶାର ଜନ, ଧାନ, ପାନ ଓ ମୀନ ବିକାଶ ଦିଗରେ ଭୂମିକା ନେଇଥିଲା। ମାତ୍ର ଆଜି ଅବସ୍ଥା ବଦଳିଯାଇଛି। ଆମେ କୁମ୍ଭୀରର ବଂଶ ବୃଦ୍ଧି କରି ନଦୀ ନାଳରେ ଛାଡ଼ିବା ଦ୍ୱାରା ନଈକୂଳିଆ ଅଞ୍ଚଳର ଜନଜୀବନ ବିପନ୍ନ ହୋଇପଡ଼ିଛି। ପ୍ରତି ମାସରେ କେନ୍ଦ୍ରାପଡ଼ା ଜିଲାରୁ କୁମ୍ଭୀରଟଣା ଜନ ମୃତ୍ୟୁ ଖବର ଆସୁଛି। ବର୍ତ୍ତମାନ ନଦୀ ଓ ନାଳରେ କୁମ୍ଭୀର ଉପସ୍ଥିତି ଭୟ ଏକପ୍ରକାର ଜନଜୀବନକୁ ପ୍ରଭାବିତ କରିବାକୁ ବସିଲାଣି।

ନଦୀକୂଳିଆ ଲୋକେ ଶୌଚ, ଗାଧୋଇବା, ଲୁଗାପଟା ଧୋଇବା, ଗୋରୁ ଗାଧୋଇବା, ଗୋରୁଙ୍କୁ ପାଣି ପିଆଇବା, ଜଳସେଚନ ଆଦି କାର୍ଯ୍ୟ ପାଇଁ ନଦୀ ନାଳ ଉପରେ ନିର୍ଭର କରନ୍ତି। କୁମ୍ଭୀର ନଦୀ ନାଳରେ ରହିଲେ ଲୋକଙ୍କ ମନରେ ଭୟ ସୃଷ୍ଟି ହେବ। ଫଳରେ ଲୋକେ ଆଉ ନଦୀ ନାଳକୁ ଯିବାକୁ ସାହସ କରିବେ ନାହିଁ। ଗୋରୁ, ଛେଳି, ମେଣ୍ଢା ସବୁ ନଦୀକୂଳିଆ ପାଟ ଜମିରେ ଚରୁଥିଲେ ଓ ନଈରୁ ପାଣି ପିଉଥିଲେ। କୁମ୍ଭୀର ଭୟରେ ଲୋକେ ଗୋରୁ ପାଳିବେନି। ଗୋପାଳନ ଉପରେ ନିର୍ଭରଶୀଳ ଭୂମିହିନ ଗରିବ ଲୋକଙ୍କ ଜୀବନ ଜୀବିକା ବିପନ୍ନ ହେବା ସ୍ୱାଭାବିକ। ଆଉ ଏକ ବଡ଼ ସମସ୍ୟା ଉପୁଜିବାକୁ ଯାଉଛି। ତାହା ହେଲା ଧୀବରମାନଙ୍କ ଜୀବନ ଜୀବିକା। ଆଦିମ କାଳରୁ ଧୀବର ସମ୍ପ୍ରଦାୟ ନଦୀ ନାଳରୁ ମାଛ ମାରି ସେମାନଙ୍କ ପରିବାର ଚଳାଇ ଆସୁଛନ୍ତି। ମାତ୍ର କୁମ୍ଭୀର ଭୟରେ ସେମାନେ ନଦୀ ନାଳ ଯିବା ବନ୍ଦ କରିଦେଲେ ଧୀରେ ଧୀରେ ତାଙ୍କ ବଂଶଧର ମାଛ ଧରିବା କୌଶଳ ଭୁଲିଯିବେ। ସମୟ ଆସିବ ନଦୀ ନାଳରୁ ମାଛ ଧରିବା ପାଇଁ ମାଛ ଧରାଳି ମିଳିବେ ନାହିଁ। ପଡ଼ୋଶୀ ରାଜ୍ୟରୁ ଧୀବର ଆଣିବାକୁ ପଡ଼ିବ ଆମ ରାଜ୍ୟକୁ। ଆମ ରାଜ୍ୟରେ ଏହାର



ଝଲକ ଦେଖିବାକୁ ମିଳିଲାଣି। ନଡ଼ିଆ ଓ ତାଳର ଗଡ଼ କୁହାଯାଉଥିବା ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଗଛ ଚଢ଼ାଳି ଆଉ ମିଳୁ ନାହାନ୍ତି। ସେଥିପାଇଁ ଲୋକେ ନଡ଼ିଆ ଗଛ ଲଗାଇବା କମାଇଲେଣି।

ଭିତରକନିକାରେ କୁମ୍ଭୀର ପାଳନ କରିବା ଦ୍ୱାରା କୁମ୍ଭୀରମାନେ ଜଳ ପ୍ରବାହରେ ବିଭିନ୍ନ ନଦୀ ନାଳକୁ ଯାଇ ଧନଜୀବନ ନଷ୍ଟ କରୁଛନ୍ତି। ତାଙ୍କର ବଂଶ ବୃଦ୍ଧି ଦ୍ୱାରା ଖାଦ୍ୟାଭାବ ସମୟରେ ଉପର ମୁଣ୍ଡରେ ପ୍ରବେଶ କରି ମଣିଷ ଓ ଗୃହପାଳିତ ପଶୁଙ୍କୁ ମାରି ଖାଇବା ଘଟଣା ବଢ଼ିବାରେ ଲାଗିଛି। ସେଥିପାଇଁ ବନ ବିଭାଗ ନଦୀର ବିଭିନ୍ନ ଘାଟରେ ବା ତୁଠରେ ତା'ର ଜାଲି ବ୍ୟବସ୍ଥା କରୁଛନ୍ତି। ମାତ୍ର ଖରା, ବର୍ଷା ଓ ପାଣିରେ ବୁଡୁଥିବା ବାଡ ବା ଜାଲି ଯେ ସବୁଦିନ ସବଳ ହୋଇ ରହିବ, ଏହାର ଗ୍ୟାରେଣ୍ଟି ନାହିଁ। ତା'ଛଡା ନଦୀ ନାଳର ସମସ୍ତ ସ୍ଥାନରେ ବାଡ଼ ଲଗାଇବା ପ୍ରଶାସନ ପକ୍ଷେ ମଧ୍ୟ ସମ୍ଭବ ନୁହେଁ। କିଛି ଅଧିକାରୀଙ୍କ ମତରେ ନଦୀକୂଳିଆ ଲୋକଙ୍କୁ ସଚେତନ କରାଯାଇପାରିଲେ କୁମ୍ଭୀର ଉପଦ୍ରବରୁ ରକ୍ଷା ମିଳିପାରିବ। ମାତ୍ର ଏହା ଆଂଶିକ ସମ୍ଭବ।

ଭୋକିଲା କୁମ୍ଭୀର ଯେକୌଣସି ଉପାୟରେ କ୍ଷତି କରିପାରିବ। ଜୈବ ବିବିଧତାର ସୁରକ୍ଷା ପାଇଁ କୁମ୍ଭୀର ପାଳନ କରାଯାଉ, ମାତ୍ର ତାହା ତାର ଜାଲି ମଧ୍ୟରେ ଆବଦ୍ଧ କରି କରାଯାଉ। ଆମେ କୃତ୍ରିମ ହ୍ରଦ ସୃଷ୍ଟି କରି ସେଠାରେ କୁମ୍ଭୀର ପାଳନ କରିପାରିବା ତାର ଜାଲି ଘେରାଇ। ତା' ଛଡା ସମୁଦ୍ର କୂଳିଆ ତଳି ଜଳବନ୍ଦୀ ବା ଜଳମଗ୍ନ ଅଞ୍ଚଳରେ ତାରବାଡ ଦେଇ ସୀମିତ ସଂଖ୍ୟକ କୁମ୍ଭୀର ପାଳନ କରାଯାଇ ପାରିବ। ମାତ୍ର ସେପରି ନ କରି ନଦୀ ନାଳରେ ଅସଂଖ୍ୟ କୁମ୍ଭୀର ପାଳନ କଲେ, ଲୋକେ ନଦୀ ନାଳକୁ ଭୟ କରିବେ। ନୂଆ ପିଢ଼ି ବା ପିଲାମାନଙ୍କୁ ନଦୀ ନାଳକୁ ଛାଡ଼ିବେ ନାହିଁ। ନୂଆ ପିଢ଼ି ନଦୀ ନାଳକୁ ଗାଧୋଇବା, ପହଁରିବା, ଡଙ୍ଗା ଚଳାଇବା, ଡଙ୍ଗାରେ ଜିନିଷ ପରିବହନ କରିବା, ମାଛ ଧରିବା ଆଦି କାମ ପାଇଁ ନଈକୁ ନ ପଶିଲେ, କିଛି ବର୍ଷ ପରେ ସେମାନେ ନଦୀଜଳକୁ ଦେଖିଲେ ଡରିବେ। ଏବେବି ନଈ ନ ଥିବା ଆଭ୍ୟନ୍ତରଣ ଅଞ୍ଚଳର ଲୋକେ ନଈରେ ପଶିବାକୁ ଭୟ କରନ୍ତି। ଆମ ଦୁଃସାହସୀ ଜାତିଟା ଡରପୋକ ଜାତିରେ ପରିଣତ ହେବ। ଆମ ରାଜ୍ୟରେ ଲୋକଙ୍କ ପାଣିରେ ଚଳିବାର ସାହସ କମିଯିବ, ବନ୍ୟା ସମୟରେ ଧନଜୀବନ ସୁରକ୍ଷା କେମିତି କରିବେ ? ବନ୍ୟା ସମୟରେ କୁମ୍ଭୀର ଚାରିଆଡେ ବ୍ୟାପିବାର ସମ୍ଭାବନା ମଧ୍ୟ ରହିଛି। ଇତିହାସ କହେ ଆମ ପୂର୍ବପୁରୁଷ ଦୁଃସାହସୀ ଥିଲେ ଓ ସମୁଦ୍ରର ଭୟାବହତାକୁ ଖାତିର ନ କରି କାଠ ବୋଇତରେ ଜାଭା ସୁମାତ୍ରା ମଧ୍ୟ ଯାତ୍ରା କରିପାରୁଥିଲେ। ଏବେ ଆମ ପାଖରେ ସେ ଦୁଃସାହସ ଆଜି ଆଉ ନାହିଁ। ଆମେ ଭୀରୁ ହୋଇ ସାରିଲେଣି। ସେପରି ସ୍ଥଳେ ପିଢ଼ି ପରେ ପିଢ଼ି ଯେତେବେଳେ ନଦୀନାଳଠାରୁ ଦୂରେଇ ରହିବେ, ସେତେବେଳେ ଗାଁରେ ଥିବା ଗଡିଆରେ ବି ପହଁରିବାକୁ ସକ୍ଷମ ହେବେ ନାହିଁ।

ଶ୍ୟାମଚାନ୍ଦପାଟନା, ଭଦ୍ରକ
ମୋ: ୮୯୧୭୪୨୬୪୪୦

## ଏଇ ଭାରତରେ

ପ୍ରଦୂଷଣ ଏବେ ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ଭାରତର ସହରଗୁଡ଼ିକରେ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ବିଶ୍ୱର ସବୁଠୁ ପ୍ରଦୂଷିତ ସହରଗୁଡ଼ିକ ମଧ୍ୟରେ ଭାରତର ୨୨ଟି ସହର ରହିଛି। ଏଭଳି ସ୍ଥିତିକୁ ଦେଖିଲେ ଦେଶରେ ପ୍ରଦୂଷଣ ହାର କମାଇବା ଲାଗି ଜୀବନଶୈଳୀରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ଯେତିକି ରହିଛି ବୃକ୍ଷ ରକ୍ଷଣାବେକ୍ଷଣର ଗୁରୁତ୍ୱ ସେତିକି ଅଛି। କେବଳ ବୃକ୍ଷରୋପଣ କରିଦେଲେ ହେବନାହିଁ, ବରଂ ବିଭିନ୍ନ ସ୍ଥାନରେ ଥିବା ପୁରୁଣା ଗଛଗୁଡ଼ିକର ସୁରକ୍ଷା ଜରୁରୀ। ଏହି କ୍ରମରେ ହାଇଦ୍ରାବାଦର ୫୩ ବର୍ଷୀୟା ଆସିୟା ଖାନ୍‌ଙ୍କ ପଦକ୍ଷେପ ପ୍ରଶଂସନୀୟ। ଆସିୟାଙ୍କ ନେତୃତ୍ୱରେ ଏକ ୨୦ ଜଣିଆ ପରିବେଶପ୍ରେମୀଙ୍କ ଟିମ୍ ଜାତୀୟ ରାଜପଥ ପ୍ରାଧିକରଣର ଗଛକଟା ନିଷ୍ପତ୍ତି ବିରୋଧରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନଜିଟି)ର ଦ୍ୱାରସ୍ଥ ହୋଇ ୯୧୪ ବରଗଛର ସୁରକ୍ଷା ନିଶ୍ଚିତ କରିଛନ୍ତି। ଏହିସବୁ ଗଛ ୧୦୦ ବର୍ଷର ପୁରୁଣା। ମୋଇନାବାଦରୁ ମାନେଗୁଡ଼ାଯାଏ ଜାତୀୟ ରାଜପଥ ୪ ଥାକିଆ କରିବା ଲାଗି ଏହିସବୁ ଗଛ କାଟିବାକୁ ଏନ୍ଏଚ୍ଏଆଇ ନିଷ୍ପତ୍ତି ନେଇଥିଲା। ଏହା ନିଶ୍ଚିତ ଯେ ଆସିୟାଙ୍କ ନେତୃତ୍ୱରେ ବୃକ୍ଷ ସୁରକ୍ଷାର ବିଜୟ ଦେଶରେ ଅନ୍ୟମାନଙ୍କୁ ବାଟ ଦେଖାଇବ।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ନଭେମ୍ବର ୧୯୯୮

- ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଯୋଗୁ ଚାନ୍ଦିପୁରସ୍ଥିତ କେନ୍ଦ୍ର ପ୍ରତିରକ୍ଷା ଓ ଗବେଷଣା କେନ୍ଦ୍ର (ଡିଆର୍‌ଡିଓ)ର ଏକ ୟୁନିଟ୍ ସମ୍ପୂର୍ଣ୍ଣ ଭସ୍ମୀଭୂତ।
- ଭାରତ ଓ ଇଟାଲୀ ମଧ୍ୟରେ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ଉପରେ ପାରସ୍ପରିକ ସହାୟତା ସମ୍ପର୍କୀୟ ଏକ ଚୁକ୍ତିନାମା ସ୍ୱାକ୍ଷରିତ।
- ଇସ୍ରାଏଲ ଆଣବିକ ନିରସ୍ତ୍ରୀକରଣ ଚୁକ୍ତି ଗ୍ରହଣ କରିବା ନେଇ ଏକ ପ୍ରସ୍ତାବ ଜାତିସଂଘର ନିରସ୍ତ୍ରୀକରଣ ଓ ଅନ୍ତର୍ଜାତୀୟ ସାମରିକ ବିଭାଗ ଦ୍ୱାରା ଗୃହୀତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | | | | 2 | |
| | | | | 5 | | | | 4 |
| 7 | | 5 | | 8 | | | | |
| | 2 | | 8 | 7 | 6 | | | |
| | 3 | 9 | | | | | | |
| | | | | | | 8 | | |
| | | | 6 | | 4 | | | |
| 1 | | 3 | | | | | | |
| 4 | | | | 2 | | | 3 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 6 | 3 | 8 | 4 | 2 | 7 | 5 |
| 3 | 8 | 7 | 2 | 5 | 9 | 6 | 4 | 1 |
| 2 | 4 | 5 | 1 | 6 | 7 | 9 | 3 | 8 |
| 7 | 1 | 2 | 4 | 3 | 5 | 8 | 6 | 9 |
| 9 | 5 | 3 | 8 | 7 | 6 | 4 | 1 | 2 |
| 4 | 6 | 8 | 9 | 1 | 2 | 7 | 5 | 3 |
| 8 | 7 | 9 | 5 | 4 | 1 | 3 | 2 | 6 |
| 6 | 2 | 1 | 7 | 9 | 3 | 5 | 8 | 4 |
| 5 | 3 | 4 | 6 | 2 | 8 | 1 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରେଳ ଦୁର୍ଘଟଣା ବଢୁଛି

ମହାଶୟ,

ରେଳ ସେବାର ଉନ୍ନତି କଳ୍ପେ ଉନ୍ନତ ବୈଷୟିକ ଜ୍ଞାନକୌଶଳର ରେଳ ଇଞ୍ଜିନ ନିର୍ମାଣ କରାଯାଉଛି। ମାତ୍ର ଲଗାତର ଭାବେ ଘଟୁଥିବା ଦୁର୍ଘଟଣା ପାଇଁ ଯାତ୍ରୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଟ୍ରେନ୍‌ର ବୈଷୟିକ ତ୍ରୁଟି, ଖରାପ ଇଞ୍ଜିନ, ରେଳ ଧାରଣାର ତ୍ରୁଟି ଓ ଅସାବଧାନତା ବଶତଃ ଅନେକ ଦୁର୍ଘଟଣା ସଂଗଠିତ ହୋଇ ବହୁ ଯାତ୍ରୀ ପ୍ରାଣ ହରାଉଛନ୍ତି। ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାରେ ୨୯୫ଜଣ ଯାତ୍ରୀ ପ୍ରାଣହରାଇଲେ। କେଉଁଠି ଟ୍ରେନ୍‌ରେ ଅଚାନକ ନିଆଁ ଜଳି ଉଠୁଛି ତ ଆଉ କେଉଁଠି ମାଲଗାଡ଼ି ସହ ଅନ୍ୟ ଗାଡ଼ି ଧକ୍କା ହେବାରୁ ଲାଇନଚ୍ୟୁତ ହେଉଛି। ଅକ୍ଟୋବର ୨୯ ରାତିରେ ବିଶାଖାପାଟଣା ପଲାସା ପାସେଞ୍ଜର ଟ୍ରେନ୍ ବିଶାଖାପାଟଣା ରାୟଗଡ଼ା ଟ୍ରେନ୍‌ରେ ଧକ୍କା ଦେବା ଫଳରେ ୧୩ଜଣ ଯାତ୍ରୀଙ୍କ ଜୀବନହାନି ଘଟିବା ସହ ଅନେକ ଶହ ଆହତ ହୋଇଥିଲେ। ଏପରି ରେଳ ଦୁର୍ଘଟଣାମାନ ବାରମ୍ବାର ଘଟୁଥିଲେ ମଧ୍ୟ ରେଳ ବିଭାଗ ପକ୍ଷରୁ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉ ନାହିଁ। କେବଳ ଦୈନିକ ଗାଙ୍ଗ କୁଲି, ଲାଇନମ୍ୟାନ ଓ ଗେଟ୍ ମ୍ୟାନ୍ ଉପରେ ରୋଷ ଝାଡ଼ି ଉପରସ୍ଥ ଅଧିକାରୀମାନେ ନିରବରେ ଦାୟିତ୍ୱ ସାରିଦେଉଛି। ରେଳଯାତ୍ରୀମାନଙ୍କର ନିରାପତ୍ତା ପାଇଁ ସରକାର ବିଶେଷ ଧ୍ୟାନ ଦେବା ଦରକାର।

-ମହେଶ୍ୱର ନାୟକ, ଗୋକୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଜି ଏହି ଅଥିର ପବନେ ମିଶି
ସୁଦୂର ସେ ପାରୁଁ କି କାନ୍ଦେ ବଇଁଶୀ ?
ଭାସିଆସେ କେସନ ସେ ମୃଦୁ ଧ୍ୱନି
ପ୍ରତି ରେଣୁ କଣାରେ ଥରେ ଅବନୀ !
-(ବଂଶୀ ଧ୍ୱନି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ


Reliance
Growth is Life
SMART BAZAAR
SMART SUPERSTORE
ବେଷ୍ଟିଭାଲ୍ ସେଲ୍
1st NOV - 15th NOV
ଫେଷ୍ଟିଭାଲ୍‌କୁ ବେଷ୍ଟିଭାଲ୍ ବନାନ୍ତୁ
ସ୍ମାର୍ଟ ବଜାର ଚାଲନ୍ତୁ
Raymond Home
ଭୁବନେଶ୍ୱର: ଫୋରମ ମାର୍ଟ, ସତ୍ୟ ନଗର • ନେକ୍ସସ୍ ଏସପ୍ଲାନେଡ୍ ମଲ୍, ରସୁଲଗଡ଼ • ସିମ୍ଫୋନୀ ମଲ୍, ରୁଦ୍ରପୁର • ଡିଏନ୍ ରେଗାଲିଆ, ପାତ୍ରପଡ଼ା • କ୍ରିଷ୍ଟା ପ୍ଲାଜା, ନୟାପଲ୍ଲୀ • ସେଣ୍ଟ୍ରାଲ ବ୍ୟାଙ୍କ ପାଖ, ସାମନ୍ତରାପୁର • ରିଲାଏନ୍ସ ମଲ , ରେଲୱେ ଷ୍ଟେସନ ପ୍ଲାଟଫର୍ମ 1 ନିକଟ, ମାଷ୍ଟର କ୍ୟାଣ୍ଟିନ୍ • ଇସ୍କନ୍ ମନ୍ଦିର ସାମ୍ନା, ନୟାପଲ୍ଲୀ • ରିଲାଏନ୍ସ ଡିଜିଟାଲ ନିକଟ, ପଟିଆ । କଟକ : ଏନଏସ୍‌ସିବି ଆର୍କେଡ୍, ଓଲ୍ଡ ଜେଲ ରୋଡ୍, ଦରଘା ବଜାର • ମୁନିସିପାଲିଟି କାର୍ଯ୍ୟାଳୟ ପଛ ପାର୍ଶ୍ୱ, ଚୌଦ୍ୱାର • ଷ୍ଟୁଆର୍ଟ କଲେଜ ସାମ୍ନା, ବକ୍ସି ବଜାର • କିତାବମହଲ ନିକଟ, କଲେଜ ଛକ • ଇପିକଲ ସର୍କଲ ନିକଟ, ଜଗତପୁର ଯାଜପୁର ରୋଡ୍ : ଉତ୍କଳ ସେଣ୍ଟ୍ରାଲ ପଏଣ୍ଟ, ଚୋର୍ଦ୍ଧା ବାଇପାସ୍, କେନ୍ଦୁଝର : କେଟିଏମ୍ ମଲ୍, ମାଇନିଂ ରୋଡ୍, ସମ୍ବଲପୁର : ସିଟି ସେଣ୍ଟର, ଫାର୍ମ ରୋଡ୍, ଝାରସୁଗୁଡ଼ା : ଶାନ୍ତି ସିଟି ସେଣ୍ଟର, ସରବହାଲ ରୋଡ୍ ରାଉରକେଲା : ଶାନ୍ତି ଟାୱାର, ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡ ନିକଟ • ଫୁଟୋନ୍ ମଲ୍, ଛେଣ୍ଡ କଲୋନୀ ନିକଟ, ଜୟପୁର : ଏସଆର୍ ସେଣ୍ଟ୍ରାଲ ମଲ୍, ମେନ୍ ରୋଡ୍, ପୁରୀ : ଗୁରୁ ଏମ୍ପାୟର, ଗ୍ରାଣ୍ଡ ରୋଡ୍, ଯାଜପୁର ରୋଡ୍ : ଚୋର୍ଦ୍ଧା ବାଇପାସ୍ ନିକଟ , ଭଦ୍ରକ : ଚାପୁଲିଆ ବାଇପାସ୍, ବାଲେଶ୍ୱର: ଷ୍ଟେସନ ରୋଡ୍ ବାରିପଦା: କେ ଏମ ବି ଏମ ରୋଡ୍ ସମ୍ବଲପୁର: ବୁଢ଼ାରାଜା ଫ୍ଲାଏ ଓଭର ନିକଟରେ ଝାରସୁଗୁଡା : ସରବାହାଲ ରୋଡ୍ ସୁନ୍ଦରଗଡ଼ : ହସ୍ପିଟାଲ ରୋଡ୍, ରାଉରକେଲା : ଫୋରମ ଗ୍ୟାଲେରିଆ ମଲ୍,ବରଗଡ : ପ୍ରାଇଭେଟ୍ ବସ ଷ୍ଟାଣ୍ଡ ନିକଟରେ, ବଲାଙ୍ଗୀର : ଭାଗୀରଥୀ ଛକ, ଖୋର୍ଦ୍ଧା : ନୂଆ ବସ ଷ୍ଟାଣ୍ଡ ନିକଟ,ଢେଙ୍କାନାଳ : ଦକ୍ଷିଣକାଳୀ ରୋଡ୍, ଅନୁଗୁଳ : ଦିବ୍ୟା ଜ୍ୟୋତି ଟକିଜ୍, କେନ୍ଦ୍ରାପଡା : ତିନିମୁହାଣୀ ଛକ ନିକଟ , ରାୟଗଡ଼ା : ଭି.କେ ସେଣ୍ଟ୍ରାଲ,ସିମିଳିଗୁଡ଼ା : ମେନ୍ ରୋଡ୍, ମାଲକାନଗିରି: ଏନଏଚ୍-326, କଲେକ୍ଟର ଅଫିସ୍ ନିକଟ
ସ୍ୱିଟସ୍
BUY ANY 1 GET ANY 1 FREE
କାଜୁ କତ୍ରୀ / ବର୍ଫି /ରସଗୁଲା / ଗୁଲାବ ଜାମୁନ / ମଇସୋର ପ୍ୟାକ୍ / ସୋନପାପଡି / ବେସନ ଲଡୁ 200 g ଡେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
(ବିକାଜୀ / ପ୍ରଭୁଜୀ / ଭିଖାରାମ ଚାନ୍ଦମାଲ / ସ୍ୱାକଟ୍ୟାକ୍ / ଲାଲ)
MRP ₹159 ଡେଣିକି
ଡ୍ରାଏ ଫୁଟ୍‌ସ୍
BUY1 GET1 FREE
ଡ୍ରାଏ ଫୁଟ୍‌ସ୍ ଗିଫ୍ଟ ପ୍ୟାକ୍ 225 g ଡେଣିକି (ନିର୍ଦ୍ଦିଷ୍ଟ ପ୍ରକାରର) (ଗୁଡ୍ ଲାଇଫ୍/ ତୁଳସୀ / ନଟରାଜ/ ୱଣ୍ଡରଲ୍ୟାଣ୍ଡ / ନଟୁରୋଲ୍)
MRP ₹399 ଡେଣିକି
₹349 / ₹369
ଗୁଡ୍ ଲାଇଫ୍ ଆଲ୍‌ମଣ୍ଡ / କ୍ୟାଶ୍ୟୁ (W320) 500 g
MRP ₹549 / ₹499
ସଞ୍ଚନ୍ତୁ ₹200 / ₹130
ହୋମ୍ ଏସେନଶିଆଲ୍‌ସ୍
₹49 ଡେଣିକି
PHILIPS ECOLINK
ଦିୱାଲୀ ଡେକୋରେଶନ୍ (ଏଲ୍‌ଇଡି ଲାଇଟ୍‌ସ / ଦୀପ / ରଙ୍ଗୋଲି / ତୋରଣ / ଟି-ଲାଇଟ୍‌ସ)
MRP ₹140 ଡେଣିକି
₹699
24 ପିସ୍ ଷ୍ଟେନଲେସ୍ ଷ୍ଟିଲ୍ ଡିନର ସେଟ୍
MRP ₹2400 ଡେଣିକି
50% ଛାଡ଼
HOME ONE
ଫର୍ଜଡ ନନ୍ ଷ୍ଟିକ୍ ରେଞ୍ଜ ହିଟ୍ ଡଟ୍ ଟେକ୍ନୋଲୋଜି ସହିତ
*ଅଏଲ୍ ମିଟର୍‌ ଡିସ୍ପ୍ଲେ ।
*ଗ୍ୟାସ୍ ଏବଂ ଇଣ୍ଡକ୍ସନ୍ ଉପଯୋଗୀ
MRP ₹1295 ଡେଣିକି
ସ୍ମାର୍ଟ ପ୍ରାଇସ୍ ₹648 ଡେଣିକି
କ୍ୟାଡବରୀ ସେଲିବ୍ରେଶନ୍ / ଫେରେରୋ ରୋଚର୍ ଚକୋଲେଟ୍ / ଲୋଟି / ଓରିଅନ୍ ଚୋକୋ ପାଇ 130.9 g ଡେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
ପର୍ଯ୍ୟନ୍ତ 33% ଛାଡ଼
MRP ₹135 ଡେଣିକି
ଅମୁଲ କାଜୁ କତ୍ରୀ 200 g / 500 g
ସଞ୍ଚନ୍ତୁ ₹20/ ₹50
MRP ₹190 / ₹435
ସ୍ମାର୍ଟ ପ୍ରାଇସ୍ ₹170 / ₹385
ବିସ୍କୁଟ୍- ଲାର୍ଜ୍ ପ୍ୟାକ୍ 300 g ଡେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 2 GET ANY 1 FREE
MRP ₹120 ଡେଣିକି / ୟୁନିଟ
କୋକାକୋଲା/ ସ୍ପ୍ରାଇଟ୍ / ଥମ୍ସ ଅପ୍ / ମାଜା / ପେପ୍‌ସୀ / ମିରିଣ୍ଡା 600 ml ଡେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 3 GET ANY 1 FREE
MRP ₹38 ଡେଣିକି / ୟୁନିଟ
ପ୍ରଭୁଜୀ ଭୁଜିଆ 900 g
BUY 1 GET 1 FREE
MRP ₹390 ଡେଣିକି
ଓମ୍‌ଫେଡ୍ ଘିଅ 1 ℓ
ସ୍ମାର୍ଟ ପ୍ରାଇସ୍ ₹685
MRP ₹720
ସଞ୍ଚନ୍ତୁ ₹35
ଫର୍ଚୁନ୍ ରିଫାଇନ୍ଡ ରାଇସ୍ ବ୍ରାନ୍ ହେଲ୍‌ଥ ତେଲ 5 ℓ + ଫର୍ଚୁନ୍ ରୋଜାନା ବାସମତି ରାଇସ୍ 5 kg
ସ୍ମାର୍ଟ ପ୍ରାଇସ୍ ₹949
କମ୍ବାଇଣ୍ଡ MRP ₹1425
ସଞ୍ଚନ୍ତୁ ₹476
ଲୁଜ୍ ସ୍ୱର୍ଣ୍ଣ ରାଇସ୍ 1 kg
ସ୍ମାର୍ଟ ପ୍ରାଇସ୍ ₹39
ବଜାର ମୂଲ୍ୟ ₹46
ଫର୍ଚୁନ୍ ସଲଫରଲେସ୍ ଚିନି 5 kg
ସ୍ମାର୍ଟ ପ୍ରାଇସ୍ ₹244 (₹48.80/kg)
MRP ₹320
ସଞ୍ଚନ୍ତୁ ₹76
ଗୁଡ୍ ଲାଇଫ୍ କଚ୍ଚିଘାନୀ ସୋରିଷ ତେଲ 1 ℓ
ସ୍ମାର୍ଟ ପ୍ରାଇସ୍ ₹119
MRP ₹170
ସଞ୍ଚନ୍ତୁ ₹51
ଅନପଲିସିଡ୍ ଡାଲି ରେଞ୍ଜ (ଟାଟା / ଗୁଡ୍ ଲାଇଫ୍)
BUY ANY 2 GET ANY 1 FREE
MRP ₹64 ଡେଣିକି / ୟୁନିଟ
HOME ONE
ଗ୍ରାସ ବ୍ରୁମ ବ୍ରୋମ ରେଗୁଲାର / XL 1 ୟୁନିଟ
50% ଛାଡ଼
MRP ₹170 / ₹250
ସ୍ମାର୍ଟ ପ୍ରାଇସ୍ ₹85 / ₹125
ପେଅର୍ସ / ଡଭ୍ / ଫିଆମା / ଲକ୍ସ / ସିନ୍ଥଲ / ଗୋଦରେଜ୍ ନଂ.1 / ସନ୍ତୁର ସୋପ୍ 125 g ଡେଣିକି (ମଲ୍ଟି ପ୍ୟାକ୍) (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 2 GET ANY 1 FREE
MRP ₹175 ଡେଣିକି / ୟୁନିଟ
ବଡ଼ି ଲୋଶନ୍ / କ୍ରିମ୍ / ଫେସ୍ ୱାଶ୍ 100 ml ଡେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
50% ଛାଡ଼
MRP ₹230 ଡେଣିକି
ସ୍ମାର୍ଟ ପ୍ରାଇସ୍ ₹115 ଡେଣିକି
ବ୍ୟୁଟି ଏସେନସିଆଲ୍ 0.35 ml ଡେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY 1 GET 1 FREE
MRP ₹99 ଡେଣିକି
ପୂଜା ସାମଗ୍ରୀ (ଅଗରବତୀ / କର୍ପୂର / ୱିକ୍‌ସ / ଧୂପ) (ନିର୍ଦ୍ଦିଷ୍ଟ ପ୍ରକାରର)
BUY 1 GET 1 FREE
MRP ₹25 ଡେଣିକି
ଗୋଲ୍ଡ ପ୍ଲେଟେଡ୍ ପୋର୍ସେଲେନ୍ ସର୍ଭିସିଂ ରେଞ୍ଜ
ସ୍ମାର୍ଟ ପ୍ରାଇସ୍ ₹499 ଡେଣିକି
MRP ₹998 ଡେଣିକି
TRIDENT Raymond Home
ଡବଲ୍ ବେଡ୍‌ସିଟ୍ ପିଲୋ କଭର ସହିତ (144 TC)
ସ୍ମାର୍ଟ ପ୍ରାଇସ୍ ₹737
Offer valid till 12th November 2023
MRP ₹2699
ARISTOCRAT
3 ପିସ୍ ହାର୍ଡ଼ ଟ୍ରଲି ସେଟ୍
*ଆଣ୍ଟି ଥେଫ୍ଟ ଜିପର୍ ସହିତ । *7 ବର୍ଷ ୱାରେଣ୍ଟି
ସ୍ମାର୍ଟ ପ୍ରାଇସ୍ ₹5999
MRP ₹22000
BERGNER
ମାଷ୍ଟରପ୍ରୋ ଏୟାର ଫ୍ରାୟର୍ 4.2 ℓ
ସ୍ମାର୍ଟ ପ୍ରାଇସ୍ ₹4999
*ୱିଣ୍ଡୋ ଦ୍ୱାରା ଦେଖନ୍ତୁ ।
*8 ପ୍ରିସେଟ୍ ମେନୁ
MRP ₹16990
ଦୀପାବଳୀର ସ୍ୱାଗତ ଷ୍ଟାଇଲ୍‌ରେ କରନ୍ତୁ
ସ୍ମାର୍ଟ ବଜାର ଚାଲନ୍ତୁ
ମହିଳା
କୁର୍ତ୍ତା ₹299 ଡେଣିକି
ଚୁଡ଼ିଦାର ₹299 ଡେଣିକି
ଦୁପଟ୍ଟା ₹199 ଡେଣିକି
ଡ୍ରେସ୍ ₹599 ଡେଣିକି
ପୁରୁଷ
କୁର୍ତ୍ତା ₹299 ଡେଣିକି
ଜ୍ୟାକେଟ୍ ₹699 ଡେଣିକି
ଟି-ଶାର୍ଟ୍‌ସ୍ ₹299 ଡେଣିକି
ଡେନିମ୍‌ସ୍ ₹599 ଡେଣିକି
ପିଲାମାନଙ୍କ
କୁର୍ତ୍ତା ₹349 ଡେଣିକି
ଲେହେଙ୍ଗା ସେଟ୍ ₹599 ଡେଣିକି
ଟି-ଶାର୍ଟ୍‌ସ୍ ₹149 ଡେଣିକି
*T & C Apply.
ଅଫର୍‌ସ୍ ଏଠାରେ ମଧ୍ୟ ଉପଲବ୍ଧ ଅଛି
fresh Signature
AXIS BANK
dil se open CELEBRATIONS
10% Instant Discount
On Min. Txn of ₹3000/- on Axis Bank Credit Cards | Max Discount up to ₹500/-
Valid Once Per Card | Offer Valid From 9th Nov to 15th Nov 2023
T & C Apply
ICICI Bank
10% Instant Discount*
On Credit Cards | Min. Transaction of ₹3,000/- | Max Discount up to ₹500/-
Valid From 9th to 18th November 2023 | Valid Once per Card
T & C Apply
ଆପଣଙ୍କ ନିକଟତମ ଷ୍ଟୋର୍ ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ
ସର୍ତ୍ତ ଓ ନିୟମାବଳୀ ଲାଗୁ । ଅଫର୍ ଷ୍ଟକ୍ ଶେଷ ପର୍ଯ୍ୟନ୍ତ ବୈଧ । ସମସ୍ତ ଅଫର୍ ବିନା ବିଜ୍ଞପ୍ତିରେ ପରିବର୍ତ୍ତନଶୀଳ ଅଟେ । ପ୍ରଦର୍ଶିତ ଦ୍ରବ୍ୟର ଚିତ୍ର / ଫଟୋଗ୍ରାଫ୍ କେବଳ ଉପସ୍ଥାପନ ଉଦ୍ଦେଶ୍ୟ ପାଇଁ । ହୋମୱେୟାର ଏବଂ ଆପାରେଲ୍‌ସ ଅଫର୍ କେବଳ ସ୍ମାର୍ଟ୍ ବଜାର ଏବଂ ସ୍ମାର୍ଟ୍ ସୁପରଷ୍ଟୋର୍‌ରେ ବୈଧ ଅଟେ । ସମସ୍ତ ଉତ୍ପାଦର ଏମ୍‌ଆର୍‌ପିରେ ସମସ୍ତ ଟିକସ ସାମିଲ ଅଟେ । ରିହାତି ପ୍ରତିଶତକୁ ଅଫର୍ ପ୍ରାଇସ୍‌ର ନିକଟତମ ପ୍ରତିଶତକୁ ପୂର୍ଣ୍ଣାଙ୍କିତ କରାଯିବା ସମସ୍ତ ଅନ୍ୟ ଅଫର୍‌ସ 15 ନଭେମ୍ବର 2023 ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବାଇରେ କୋର୍ଟର ସ୍ୱତନ୍ତ୍ର ଅଧିକାର ଅଧୀନ ଅଟେ ।

**ଆରଡିସିଙ୍କ କୋର୍ଟରେ ଦ୍ୱିତୀୟ ପର୍ଯ୍ୟାୟ ଶୁଣାଣି**

ବ୍ରହ୍ମପୁର,୧୦।୧୧(ସୁବାସ ଚନ୍ଦ୍ର ପାଢ଼ୀ): କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ଅଧକ୍ଷଙ୍କ ନାମରେ ଜାଲ୍ ଜାତି ପ୍ରମାଣପତ୍ର ଅଭିଯୋଗର ଦ୍ୱିତୀୟ ପର୍ଯ୍ୟାୟ ଶୁଣାଣି ପାଇଁ ଶୁକ୍ରବାର ଦିନ ଧାର୍ଯ୍ୟ ହୋଇଥିଲା। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର୍(ଆରଡିସି)ଙ୍କ କୋର୍ଟରେ ଆବେଦନକାରୀ ପକ୍ଷ ହାଜର ହୋଇଥିଲେ ମଧ ବ୍ଲକ ଅଧକ୍ଷ ପ୍ରଶାନ୍ତ ଗୁପ୍ତା ଅନୁପସ୍ଥିତ ଥିଲେ। ଆରଡିସି ମାମଲାର ଶୁଣାଣି କରି ଅଧକ୍ଷ ଗୁପ୍ତାଙ୍କ ସମ୍ପର୍କରେ ପ୍ରମାଣ ସହିତ ସବିଶେଷ ବିବରଣୀ ଦାଖଲ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ କୋରାପୁଟ ଏଏସ୍‌ପି, ତହସିଲଦାର ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଚଳିତମାସ ଶେଷରେ ମାମଲାର ଚୂଡାନ୍ତ ଶୁଣାଣି ହେବ ବୋଲି ସୂଚନା ମିଳିଛି।

# ନଭେମ୍ବରରୁ ଫେବୃୟାରୀରେ ଅଧିକ ଦୁର୍ଘଟଣା ଘଟୁଛି

- ଡିସେମ୍ବର ୧ରୁ ୭ ଯାଏଁ ଶୂନ୍ୟ ମୃତ୍ୟୁ ସପ୍ତାହ କରିବାକୁ ନିର୍ଦ୍ଦେଶ
- ପରିବହନ କମିଶନରଙ୍କୁ ଚିଠି ଲେଖି ଅନୁରୋଧ କଲେ ପରିବହନ ସଚିବ

ଭୁବନେଶ୍ୱର, ୧୦।୧୧(ସୁନିତ୍ ମିଶ୍ର)

ସଡ଼କ ଦୁର୍ଘଟଣା ନେଇ ରାଜ୍ୟ ସରକାରଙ୍କ ମୁଣ୍ଡ ବିନ୍ଧା କମିବାର ନାଁ ଧରୁନାହିଁ। ପରିବହନ ବିଭାଗ ସଚିବ ଉଷା ପାଢ଼ୀଙ୍କ ଏକାଧିକ ଚିଠି ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ପୁଣି ଥରେ ପାଢ଼ୀ ଚଳିତ ଶୀତଋତୁ ସମୟରେ ସଡ଼କ ଦୁର୍ଘଟଣା ଉପରେ ଗୁରୁତ୍ୱ ଦେବା ଲାଗି କହିଛନ୍ତି। ପାଢ଼ୀ ଗତ ଗୁରୁବାର ରାଜ୍ୟ ପରିବହନ କମିଶନରଙ୍କୁ ଏକ ଚିଠି ଲେଖିଛନ୍ତି।

ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ନଭେମ୍ବରରୁ ଫେବୃୟାରୀ ପର୍ଯ୍ୟନ୍ତ ସମୟ ଅତି ଗୁରୁତ୍ୱପୂର୍ଣ୍ଣ। ଏହି ସମୟ ମଧ୍ୟରେ ରାଜ୍ୟରେ ବହୁ ବାହାଘର ହେବା ସାଙ୍ଗକୁ କୁହୁଡ଼ି ରାତି ସମୟରେ ଦେଖିବାକୁ ମିଳେ। ଏହି ସମୟରେ ପିକ୍‌ନିକ୍ ମଧ୍ୟ ବହୁ ମାତ୍ରାରେ ଲୋକମାନେ ଯାଇଥାଆନ୍ତି। ତେଣୁ ଏହି ସମୟରେ ବିଭିନ୍ନ ବିଭାଗ ସହ ମିଶି ନାନା ପ୍ରକାର ସୁରକ୍ଷାଜନିତ କାର୍ଯ୍ୟକ୍ରମ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଗତ ୬ ତାରିଖରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସନ୍ତା ଡିସେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏଥିରେ ହେଲ୍‌ମେଟ୍ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଏହି ନିଷ୍ପତ୍ତିକୁ ଠିକଣା ଢଙ୍ଗରେ କାର୍ଯ୍ୟକାରୀ କରିବା ନେଇ ପାଢ଼ୀ ଅନୁରୋଧ କରିଛନ୍ତି। ଏହାସହ ୭ ଦିନ ମଧ୍ୟରେ କିପରି ସବୁ କାର୍ଯ୍ୟକ୍ରମ କରାଯିବ ତା'ର ରିପୋର୍ଟ ପ୍ରସ୍ତୁତ କରି ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ସିଆଇଡି ଏବଂ କ୍ରାଇମବ୍ରାଞ୍ଚ ଦେଇଥିବା ରିପୋର୍ଟ ମୁତାବକ, ୨୦୨୧ ତୁଳନାରେ ୨୦୨୨ରେ ୭.୬% ସଡ଼କ ଦୁର୍ଘଟଣା ବୃଦ୍ଧି ପାଇଛି। ୨୦୨୨ରେ ସଡ଼କ ଦୁର୍ଘଟଣା ଯୋଗୁ ମୋଟ୍ ୫୪୬୭ ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୩ର ଜାନୁୟାରୀରୁ ଅଗଷ୍ଟ ମଧ୍ୟରେ ଗତ ବର୍ଷର ଏହି ସମୟ ସହ ତୁଳନାକଲେ ଦୁର୍ଘଟଣାରେ ସାମାନ୍ୟ ହ୍ରାସ ଘଟିଛି। ମୁଖ୍ୟତଃ ଏପ୍ରିଲ ପରଠାରୁ ଅଗଷ୍ଟ ମଧ୍ୟରେ ଏହା ହ୍ରାସ ପାଇଥିବା ଦେଖିବାକୁ ମିଳିଛି।

# ଦର୍ପଣଗଡ଼ ଫେରିଲା ମା' କୋଟ୍ରାକ୍ଷୀଙ୍କ ମୂର୍ତ୍ତି

ଚଣ୍ଡିଖୋଲ,୧୦।୧୧
(ପ୍ରଦୀପ୍ତ କୁମାର ପୃଷ୍ଟି)

ଦୀର୍ଘ ୨ ବର୍ଷ ୧୦ ମାସର ପ୍ରତୀକ୍ଷା ପରେ ଶୁକ୍ରବାର ମା'କୋଟ୍ରାକ୍ଷୀଙ୍କ ମୂର୍ତ୍ତି ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଦର୍ପଣଗଡ଼ ଗ୍ରାମକୁ ଫେରିଛି। ଏହାପରେ ଗ୍ରାମରେ ଆନନ୍ଦର ଲହରି ଖେଳିଯାଇଛି। ଗୁରୁବାର ଦିଲ୍ଲୀରେ ମା'ଙ୍କ ମୂର୍ତ୍ତିକୁ ହସ୍ତାନ୍ତର ପରେ ଯାଜପୁର ପୋଲିସ ଓ ଦର୍ପଣ ସରପଞ୍ଚଙ୍କ ନେତୃତ୍ୱରେ ଯାଇଥିବା ଟିମ୍ ମୂର୍ତ୍ତି ଧରି ଫେରିଛନ୍ତି। ସେମାନେ ଶୁକ୍ରବାର ଭୁବନେଶ୍ୱର ବିମାନ ବନ୍ଦରରେ ଓହ୍ଲାଇ ବଡ଼ଚଣା ଥାନାକୁ ଆସିଥିଲେ। ଥାନାରେ ପୋଲିସ ଗ୍ରାମବାସୀଙ୍କୁ ମୂର୍ତ୍ତି ହସ୍ତାନ୍ତର କରିଥିଲା। ପରେ ସେଠାରୁ ଏକ ଶୋଭାଯାତ୍ରାରେ ମା'ଙ୍କୁ ଦର୍ପଣ ଗ୍ରାମକୁ ନିଆଯାଇଥିଲା। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର କୁମାର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି ପ୍ରମୁଖ ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କଠାରୁ ମୂର୍ତ୍ତିକୁ ଗ୍ରହଣ କରିଥିଲେ। ପରେ ସେଠାରୁ ବାଜା, ବାଣ ଓ ରୋଶଣି କରାଯାଇ ମୂର୍ତ୍ତି ଅଣାଯାଇଥିଲା। ଏଥିରେ ବହୁ କୀର୍ତ୍ତନମଣ୍ଡଳୀ ମଧ୍ୟ ସାମିଲ ହୋଇଥିଲେ। ହଜାରହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ବିରାଟ ଶୋଭାଯାତ୍ରାରେ ମା'ଙ୍କ ମୂର୍ତ୍ତିକୁ ନେଇ ଗ୍ରାମ ପରିକ୍ରମା କରାଇ ମନ୍ଦିରକୁ ନେଇଥିଲେ।

୨୦୨୧ ଜାନୁୟାରୀ ୧୦ରେ ଦର୍ପଣ ଗଡ଼ ଗ୍ରାମର ଗ୍ରାମଦେବତୀ ମା' କୋଟ୍ରାକ୍ଷୀଙ୍କ ଅଷ୍ଟଧାତୁ ନିର୍ମିତ ମୂର୍ତ୍ତି ଚୋରି ହୋଇଯାଇଥିଲା। ବହୁ ପ୍ରଚେଷ୍ଟା ସତ୍ତ୍ୱେ ବଡ଼ଚଣା ପୋଲିସ ମୂର୍ତ୍ତିଠାବ କରିବାରେ ବିଫଳ ହୋଇଥିଲା। ୨୦୨୨ ନଭେମ୍ବରରେ ମୂର୍ତ୍ତିଟି ଦିଲ୍ଲୀ ବିମାନ ବନ୍ଦରରେ ଧରା ପଡ଼ିଥିଲା। କଷ୍ଟମ ବିଭାଗ ପକ୍ଷରୁ ଏ ସମ୍ପର୍କରେ ଯାଜପୁର ପୋଲିସକୁ ସୂଚନା ଦିଆଯାଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମକ୍ରମେ ମୂର୍ତ୍ତି ଫେରିଥିବା ସୂଚନା ମିଳିଛି।

# ଏଟିଏମ୍‌ରେ ଟଙ୍କା ଭରୁଥିବା ଭ୍ୟାନ୍‌ରୁ ଲୁଟ୍

## ବନ୍ଧୁକ ଦେଖାଇ ୧ କୋଟି ୭୩ ଲକ୍ଷ ନେଇଗଲେ

- ମୁହଁରେ କଳା କପଡ଼ା ପିନ୍ଧି ଗାଡ଼ି ରଖି ବାଟ ଓଗାଳିଲେ
- ଫାଇନାନ୍ସ କର୍ମଚାରୀଙ୍କଠାରୁ ୫୩ ହଜାର ଟଙ୍କା ଲୁଟ୍

ଟିଗିରିଆ,୧୦।୧୧(ଜାଫର ଖାଁ)

ଟିଗିରିଆ ଥାନା ଅଞ୍ଚଳରେ ଶୁକ୍ରବାର ୨ ସ୍ଥାନରୁ ଟଙ୍କା ଲୁଟ୍ ହୋଇଛି। ଏହି ଥାନା ଅନ୍ତର୍ଗତ ଗୋଡ଼ିଝରିଆ ନିକଟସ୍ଥ ରାସ୍ତାରୁ ଅପରାହ୍ନରେ ଏଟିଏମକୁ ଟଙ୍କା ନେଇ ଯାଉଥିବା ଏକ ଭ୍ୟାନ୍‌କୁ ଅଟକାଇ ୧ କୋଟି ୭୩ ଲକ୍ଷ ଟଙ୍କା ଲୁଟି ନିଆଯାଇଛି। ପ୍ରାୟ ୭ରୁ ୮ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଏହି କାଣ୍ଡ କରିଥିବା ଅଭିଯୋଗ ହୋଇଛି। ଟିଗିରିଆ ପୋଲିସ ତଦନ୍ତ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ମାତ୍ର ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଭ୍ୟାନକୁ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ପାଇଁ ଘଟଣାସ୍ଥଳରେ ରଖାଯାଇଛି। ସେହିପରି ଟିଗିରିଆ ଥାନା ଅନ୍ତର୍ଗତ ସୋମପଡାଠାରୁ ପାଞ୍ଚଗାଁ ମଧ୍ୟରେ ଏକ ନିଛାଟିଆ ରାସ୍ତାରେ ଜଣେ ଘରୋଇ ଫାଇନାନ୍ସ କର୍ମଚାରୀଙ୍କଠାରୁ ୫୩ ହଜାର ଟଙ୍କା ଲୁଟି ନିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ର ଆଠଗଡ଼ରୁ ନରସିଂହପୁର ମଧ୍ୟରେ ଥିବା ବିଭିନ୍ନ ଏଟିଏମ୍‌ରେ ଟଙ୍କା ଭରିବା ଉଦ୍ଦେଶ୍ୟରେ ଏକ ସୁରକ୍ଷା ସଂସ୍ଥାର ଭ୍ୟାନ୍ ୨କୋଟି ଟଙ୍କା ନେଇ ବାହାରିଥିଲା। ଏଥିରେ ଜଣେ ସୁରକ୍ଷାକର୍ମୀ ଓ ୨ ଜଣ ବ୍ୟାଙ୍କ କର୍ମଚାରୀ ଓ ଚାଳକ ମିଶାଇ ୪ ଜଣ ଥିଲେ। ଭ୍ୟାନଟି ଆଠଗଡ଼ର ଶଙ୍କରପୁର ଦେଇଯାଇଥିଲା। ଟିଗିରିଆସ୍ଥିତ ଗୋଡ଼ିଝରିଆ ଏଟିଏମ୍‌ରେ ପ୍ରଥମେ ଟଙ୍କା ଭର୍ତ୍ତି କରିଥିଲେ। ଏହାପରେ ଅପରାହ୍ନ ପ୍ରାୟ ୨ ଟା ୩୦ ମିନିଟରେ ଟିଗିରିଆ ଆଡ଼କୁ ଯାଉଥିବା ସମୟରେ ନୂଆସଡ଼କସ୍ଥିତ ତାରିଣୀ ମନ୍ଦିର ନିକଟସ୍ଥ ଆମ୍ବବଗିଚା ପୂର୍ବରୁ ଏକ ପରିତ୍ୟକ୍ତ ରାଇସ୍‌ମିଲ୍ ନିକଟରେ ଏକ ନମ୍ବର ବିହୀନ ଧଳା ସ୍କର୍ପିଓ, ସ୍କୁଟି ଓ ବାଇକ ସେମାନଙ୍କ ବାଟ ଓଗାଳିଥିଲେ। ଏସବୁ ଗାଡ଼ିରେ ଆସିଥିବା ୭ରୁ ୮ ଜଣ ଦୁର୍ବୃତ୍ତ ମୁହଁରେ କଳା କପଡ଼ା ବାନ୍ଧିଥିଲେ। ସେମାନଙ୍କ ହାତରେ ବନ୍ଧୁକ ସହ ଅନ୍ୟାନ୍ୟ ମାରଣାସ୍ତ୍ର ଥିଲା। ସେମାନେ ସୁରକ୍ଷାଡ୍‌କର୍ମୀଙ୍କୁ ଧମକ ଦେବାସହ ସେମାନଙ୍କଠାରୁ ବନ୍ଧୁକ ଛଡାଇ ନେଇ ପାଖ ଜମିକୁ ଫିଙ୍ଗି ଦେଇଥିଲେ। ଏଥିସହ ଗାଡି ଚାଳକ ଓ ୨ ଜଣ କର୍ମଚାରୀଙ୍କଠାରୁ ମୋବାଇଲଫୋନ ଛଡ଼େଇ ନେଇଥିଲେ। ଏହାପରେ ଟଙ୍କା ଭର୍ତ୍ତି ଟ୍ରଙ୍କ୍ ନେଇ ରେଙ୍ଗାଲି କେନାଲ ରାସ୍ତାରେ ପଳାଇ ଯାଇଥିଲେ। କିଛି ବାଟ ଗଲା ପରେ ମୋବାଇଲଫୋନଗୁଡ଼ିକୁ ଫୋପାଡ଼ି ଦେଇଥିଲେ। ଖବରପାଇ ଟିଗିରିଆ ଆଇଆଇସି ଜ୍ଞାନରଞ୍ଜନ ସାମଲ, ଏସ୍‌ଆଇ ସନ୍ତୋଷ କୁମାର ପ୍ରଧାନ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା, ଅତିରିକ୍ତ ଏସପି କେ. ପି ପଟ୍ଟନାୟକ ଘଟଣାସ୍ଥଳ ପରିଦର୍ଶନ କରି ଏହା ଉପରେ ନଜର ରଖିଥିବା କହିଛନ୍ତି। ସେହିପରି ସୋମପଡ଼ା–ପାଞ୍ଚଗାଁ ନିଛାଟିଆ ରାସ୍ତାରେ ହୋଇଥିବା ଲୁଟ୍ ଘଟଣାରେ ୩ ଜଣ ଯୁବକ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଘରୋଇ ଫାଇନାନ୍ସ ସଂସ୍ଥାର କର୍ମଚାରୀ ପ୍ରତାପ କୁମାର ସାହୁ ଟିଗିରିଆ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେ ସୋମପଡ଼ାରୁ ଟଙ୍କା ଆଦାୟ କରି ଏକ ବାଇକ୍ ଯୋଗେ ଦିନ ପ୍ରାୟ ୧୨ଟା ୩୦ରେ ଫେରୁଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ମୁହଁରେ ମୁଖା ପିନ୍ଧି ଏକ ନମ୍ବରବିହୀନ ପଲ୍‌ସର ଗାଡ଼ିରେ ଆସି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦେଇଥିଲେ। ଏଥିସହ ତାଙ୍କ ପାଖରେ ଥିବା ଟଙ୍କା ବ୍ୟାଗ୍‌କୁ ନେଇ ସେଠାରୁ ଫେରାର ହୋଇଯାଇଥିଲେ। ଗୋଟିଏ ଦିନରେ ଟିଗିରିଆ ଥାନା ଅଞ୍ଚଳରେ ୨ଟି ଲୁଟ୍ ମାମଲା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।



ଟଙ୍କା ଲୁଟ୍ ହୋଇଥିବା ଭ୍ୟାନ୍

# ରାଜଧାନୀରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ



ଗିରଫ ୨ ନିଶା ବେପାରୀ

- ଅଟୋ ଡ୍ରାଇଭରଙ୍କ ସମେତ ୨ ଗିରଫ
- ଆଳୁ-ପିଆଜ ବୋଝେଇ ଗାଡ଼ିରେ ପଶ୍ଚିମବଙ୍ଗରୁ ଆଣିଥିଲେ

ଭୁବନେଶ୍ୱର,୧୦।୧୧
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରରେ ଦୀର୍ଘଦିନ ଧରି ବେଆଇନ ଭାବେ ନିଶାଦ୍ରବ୍ୟ କାରବାର କରୁଥିବା ୨ ନିଶା ବେପାରୀଙ୍କୁ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ ଗ୍ରାହକ ସାଜି ଧରିବାରେ ସଫଳ ହୋଇଛି। ଏହାସହ ସେମାନଙ୍କଠାରୁ ୧ କେଜି ୧୨ ଗ୍ରାମ ବ୍ରାଉନସୁଗାର ଓ ନିଶା କାରବାରରେ ବ୍ୟବହୃତ ୨ଟି ମୋଟରସାଇକେଲ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ଭରତପୁର ଥାନା ଅନ୍ତର୍ଗତ ଫୁଲେଶ୍ୱରୀ ବସ୍ତିରେ ରହୁଥିବା ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର ନିରଞ୍ଜନ ପାଟଯୋଶୀ (୩୧) ଓ ପ୍ରଦୀପ୍ତ କୁମାର ସାହୁ। ଜବତ ବ୍ରାଉନସୁଗାରର ମୂଲ୍ୟ ୧ କୋଟିରୁ ଅଧିକ ଟଙ୍କା ହେବ। ନିରଞ୍ଜନ ଜଣେ ଅଟୋ ଡ୍ରାଇଭର ହୋଇଥିବାବେଳେ ପଶ୍ଚିମବଙ୍ଗରୁ ଆଳୁ ଓ ପିଆଜ ଭର୍ତ୍ତି ଗାଡିରେ ବ୍ରାଉନସୁଗାର ଆଣି ଭୁବନେଶ୍ୱର ସମେତ ପୁରୀରେ ବିକ୍ରି କରୁଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ସେହିପରି ପ୍ରଦୀପ୍ତ କୁକୁଡା ଦାନା ବିକ୍ରି କରୁଥିବା ଜଣାପଡିଛି। ସେମାନେ ଏହି ବ୍ରାଉନସୁଗାର କାହାଠାରୁ ଆଣୁଥିଲେ ଓ କେଉଁମାନଙ୍କୁ ଦେଉଥିଲେ ତାହାର ଖୋଳତାଡ ଚଳାଇଛି ପୋଲିସ। ଅଭିଯୁକ୍ତଦ୍ୱୟ ପଶ୍ଚିମବଙ୍ଗରୁ ବ୍ରାଉନସୁଗାର ଆଣି ବିକ୍ରି କରୁଥିବା ସ୍ପେଶାଲ କ୍ରାଇମ୍ ୟୁନିଟ ବିଶେଷ ସୂତ୍ରରୁ ଖବର ପାଇଥିଲା। ଏହାପରେ ସେମାନଙ୍କୁ ଧରିବା ଲାଗି ପୋଲିସ ଗ୍ରାହକ ଓ ଟ୍ରକ ଡ୍ରାଇଭର ସାଜି ଦୀର୍ଘ ମାସେ ହେବ ତଥ୍ୟ ଯୋଗାଡ କରି ଶେଷରେ ଫୁଲେଶ୍ୱରୀ ବସ୍ତିରୁ ଧରିବାରେ ସଫଳ ହୋଇଥିଲା। ଅପରପକ୍ଷେ ଗତ ମେ'ରୁ ଏଯାବତ ସ୍ପେଶାଲ କ୍ରାଇମ ୟୁନିଟ୍ ବିଭିନ୍ନ ସ୍ଥାନରେ ଚଢାଉ କରି ୧ କେଜି ୪୨୦ ଗ୍ରାମ ବ୍ରାଉନସୁଗାର, ୨୩୦ କେଜି ଗଞ୍ଜେଇ ଜବତ କରିଥିବା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

# ଷ୍ଟାଟସ୍ ରିପୋର୍ଟ ଦାଖଲ କଲା କେନ୍ଦ୍ର

## ସୁପ୍ରିମକୋର୍ଟରେ ପୋଲାଭରମ୍ ବିବାଦ

ନୂଆଦିଲ୍ଲୀ,୧୦।୧୧

ପୋଲାଭରମ୍ ପ୍ରକଳ୍ପକୁ ନେଇ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ଛତିଶଗଡ଼ ମଧ୍ୟରେ ବିବାଦ ଲାଗିରହିଥିବାବେଳେ ଏହାର ସମାଧାନ ପାଇଁ କେନ୍ଦ୍ର ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ସୁପ୍ରିମ୍‌କୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିଛନ୍ତି। କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟ ରିପୋର୍ଟ ଦାଖଲ କରିବା ସହ ବିବାଦ ସମାଧାନ ଦିଗରେ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ଲୋଡ଼ିଛି। ପୂର୍ବରୁ କେନ୍ଦ୍ର ସରକାର ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ୩ ମାସ ସମୟ ମାଗିଥିଲେ। ଏହି ସମୟ ମଧ୍ୟରେ ଉପରୋକ୍ତ ରାଜ୍ୟଗୁଡ଼ିକ ସହ ଆଲୋଚନା କରାଯାଇ ବିବାଦ ସମାଧାନ ପାଇଁ ଉଦ୍ୟମ କରାଯାଇଥିଲା। ପୋଲାଭରମ୍ ପ୍ରୋଜେକ୍ଟ ବିରୋଧରେ ଓଡ଼ିଶା, ଛତିଶଗଡ଼ ଏବଂ ତେଲଙ୍ଗାନା ପକ୍ଷରୁ ସୁପ୍ରିମକୋର୍ଟରେ ୩ଟି ସୁଟ୍ ଦାଏର ହୋଇଛି। ୨୦୧୮ରେ ଓଡ଼ିଶା କେନ୍ଦ୍ର ବିରୋଧରେ ଏକ ଅନ୍ତରୀଣ ପିଟିଶନ ଦାଏର କରି ୨୦୧୧ ଫେବୃୟାରୀର କାର୍ଯ୍ୟାଦେଶକୁ ସାନି ପରିବେଶ ପ୍ରଭାବ ଆକଳନ ରିପୋର୍ଟ ଆସିବା ପର୍ଯ୍ୟନ୍ତ ବନ୍ଦ ରଖିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ନିବେଦନ କରିଥିଲା।



**ଏସ୍‌ଟିଏ କ୍ରିପ୍ଟୋ ଟୋକନ୍‌ରେ ହଜାରେ କୋଟିରୁ ଉର୍ଦ୍ଧ୍ୱ ଠକେଇ ମାମଲା**

# ଝାଡ଼ଖଣ୍ଡ ଏସ୍‌ଟିଏ ମୁଖ୍ୟ ଗିରଫ

- ବ୍ୟାଙ୍କ୍ ଆକାଉଣ୍ଟରେ ଥିବା ୧୫.୫୩ ଲକ୍ଷ ଟଙ୍କା ଫ୍ରିଜ୍
- ଗିରଫ ସଂଖ୍ୟା ୪ରେ ପହଞ୍ଚିଲା

ଭୁବନେଶ୍ୱର,୧୦।୧୧
(ସତ୍ୟଜିତ୍ ରାଉତ)

'ଏସ୍‌ଟିଏ କ୍ରିପ୍ଟୋ ଟୋକନ୍' ନାଁରେ ଲୋକଙ୍କୁ ହଜାରେ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଠକେଇ ମାମଲାରେ ସମ୍ପୃକ୍ତ ଆଉଜଣେ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଝାଡ଼ଖଣ୍ଡରୁ ଗିରଫ କରିଛି। ସେ ହେଲେ ଝାଡ଼ଖଣ୍ଡ ଧାନବାଦ୍ ଜିଲା ନିର୍ସା ଥାନା ଅଞ୍ଚଳର ସୁଶିଲ୍ କୁମାର ଟୁଡୁ। ଅଭିଯୁକ୍ତ ସୁଶୀଲ ଏସ୍‌ଟିଏ ପ୍ରତିଷ୍ଠାତା ସଦସ୍ୟ ଓ ଝାଡ଼ଖଣ୍ଡ ଏସ୍‌ଟିଏର ମୁଖ୍ୟ। ସୁଶୀଲ୍‌ଙ୍କୁ ବୁଧବାର ଗିରଫ କରାଯିବା ପରେ ଧାନବାଦ୍ ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ୩ଦିନିଆ ରିମାଣ୍ଡରେ ଅଣାଯାଇ ଶୁକ୍ରବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସୁଶୀଲ୍‌ଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ 'ଏସ୍‌ଟିଏ' ଭାରତ ମୁଖ୍ୟ ଗୁର୍‌ତେଜ୍ ସିଂ ସିଦ୍ଧୁ, ଓଡ଼ିଶା ମୁଖ୍ୟ ନୀରୋଦ ଦାସ ଓ ପ୍ରୋପାଗଣ୍ଡା ମୁଖ୍ୟ ତଥା ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍‌ସର୍ ରତ୍ନାକର ଦଳାଇଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଛି। ଏବେ ଗିରଫ ସଂଖ୍ୟା ୪ରେ ପହଞ୍ଚିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ପ୍ରୟାସ ଜାରି ରଖିଛି। ତେବେ ଏହି ମହାଠକେଇର ମାଷ୍ଟରମାଇଣ୍ଡ ତଥା ଏସ୍‌ଟିଏ ଟୋକନ୍‌ର ମୁଖ୍ୟ ହଙ୍ଗେରୀ ନାଗରିକ ଡେଭିଡ୍ ଗେଜ୍ ଓ ୩ ଟପ୍ ଅପ୍-ଲାଇନ୍ ମେମ୍ବର କ୍ରିଷ୍ଣା ରୁମାର, ଅନିଲ କୁମାର ଓ ଭୁରା ରାମ୍‌ଙ୍କ ବିରୋଧରେ ମଧ୍ୟ ଲୁକ୍ ଆଉଟ୍ ସର୍କୁଲାର (ଏଲ୍‌ଓସି) ଜାରି ହୋଇଛି। ତେବେ ଗିରଫ ଅଭିଯୁକ୍ତ ସୁଶୀଲ୍ ହେଲେ ଗୁର୍‌ତେଜ୍‌ଙ୍କ ଡାଉନ୍ ଲାଇନ୍ ମେମ୍ବର ଓ ଓଡ଼ିଶା ମୁଖ୍ୟ ନୀରୋଦଙ୍କ ସେ ଅପ୍ ଲାଇନ୍ ମେମ୍ବର। ତେବେ ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ଏସ୍‌ଟିଏର ସୁଶୀଲ୍ ତାଙ୍କ ତଳେ ପ୍ରାୟ ହଜାର ଡାଉନ୍ ଲାଇନ୍ ମେମ୍ବର କରିଥିବା ଇଓଡବ୍ଲ୍ୟୁ ତଦନ୍ତରୁ ଜାଣିବାକୁ ପାଇଛି। ସେ ଡାଉନ୍ ଲାଇନ୍ ମେମ୍ବରଙ୍କଠାରୁ ବେଆଇନ ଭାବେ ୪କୋଟି ଟଙ୍କା ନେଇଛନ୍ତି। ତାଙ୍କର ଗୋଟିଏ ଦିନର ରୋଜଗାର ୮୦ ହଜାର ଥିବାବେଳେ ଏସବୁ ଠକେଇ ଟଙ୍କାରେ ସେ ବହୁ ସମ୍ପତ୍ତି କରିଛନ୍ତି। ଅନ୍ୟପକ୍ଷରେ କ୍ରିପ୍ଟୋ ନିବେଶକୁ ଆଳ କରି ବିଭିନ୍ନ ଗ୍ରୁପ୍‌ରେ ସୁଶୀଲ୍ ସଦସ୍ୟ ରହିଛନ୍ତି। ତେବେ ତଦନ୍ତବେଳେ ସୁଶୀଲଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ୧୫.୫୩ ଲକ୍ଷ ଟଙ୍କା ଫ୍ରିଜ୍ କରାଯାଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, 'ଏସ୍‌ଟିଏ କ୍ରିପ୍ଟୋ ଟୋକନ୍'ରେ ଟଙ୍କା ନିବେଶ କଲେ ଦିନକୁ ୨୦ରୁ ୩ ହଜାର ଡଲାର ରୋଜଗାର କରିପାରିବେ ବୋଲି ଲୋଭ ଦେଖାଯାଉଥିଲା। ଏପରିକି ବୋନସ୍ ଓ ରେଫରାଲ ପାଇଁ ଲିଡରଶିପ୍ ପଦ ମଧ୍ୟ ଦିଆଯାଉଥିଲା। ବିଶ୍ୱାସ ଭାଜନ ହେବା ପାଇଁ ବଲିଉଡ୍ ଷ୍ଟାର୍ ଗୋବିନ୍ଦାଙ୍କୁ ମଧ୍ୟ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରି ତାଙ୍କ ଦ୍ୱାରା ପ୍ରଚାର ପ୍ରସାର କରାଇଥିଲେ ଡେଭିଡ୍ ଓ ଗୁର୍‌ତେଜ୍। ଏମାନେ ଭାରତର ବିଭିନ୍ନ ସ୍ଥାନକୁ ଯାଇ ଇଭେଣ୍ଟ କରି ସଦସ୍ୟ ଯୋଗାଡ଼ କରିଥିଲେ। ଓଡ଼ିଶାର ରୀନା ବେହେରା ନାମ୍ନୀ ମହିଳାଙ୍କ ଅଭିଯୋଗକ୍ରମେ ଜୁଲାଇରେ ଇଓଡବ୍ଲ୍ୟୁ ଏକ ମାମଲା (ନଂ.୨୨/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି।



ଗିରଫ ଅଭିଯୁକ୍ତ ସୁଶିଲ୍ କୁମାର ଟୁଡୁ

# ବିଦ୍ୟୁତ୍ ଆଘାତରେ ଦନ୍ତାହାତୀର ମୃତ୍ୟୁ



## ୨ ଜମି ମାଲିକ ଗିରଫ, ୨ ଅଟକ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ତେଲକୋଇ(ରଞ୍ଜିତ ବିଶ୍ୱାଳ),୧୦।୧୧

କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ୍ ସଲେଇକେନା ଗ୍ରାମର ଏକ ଧାନ ବିଲରୁ ଶୁକ୍ରବାର ବନ ବିଭାଗ ଦନ୍ତାହାତୀର ମୃତଦେହ ଜବତ କରିଛି। ହାତୀର ବୟସ ପ୍ରାୟ ୪୦ ବର୍ଷ ହେବ। ବିଦ୍ୟୁତ୍ ଆଘାତରେ ତା'ର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଘଟଣାରେ ବନ ବିଭାଗ ଜମି ମାଲିକ ରାଜୁ ମୁଣ୍ଡା ଓ ଖଜରୀ ମୁଣ୍ଡାଙ୍କୁ ଗିରଫ କରିଛି। ସେମାନଙ୍କ ଅନ୍ୟ ଦୁଇ ଭାଇଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ସୂଚନା ଅନୁଯାୟୀ, ସଲେଇକନା ଗ୍ରାମରେ ହାତୀ ମୃତଦେହ ପଡ଼ିଥିବା ଖବର ପାଇ ତେଲକୋଇ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ପରେ ଡିଏଫ୍‌ଓ ଧନରାଜ ଏଚ୍‌ଡି, ଏସିଏଫ ଅଶୋକ ଦାସ, ଜେଟିଏଫର ଡିଏଫଓ ହିମାଂଶୁ ଶେଖର ମହାନ୍ତି, ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀଙ୍କ ସମେତ ବିଦ୍ୟୁତ୍ ବିଭାଗର ଅଧିକାରୀ ପହଞ୍ଚିଥିଲେ। ପ୍ରଥମେ ଦୁଇ ଦନ୍ତାହାତୀ ଲଢ଼େଇ ଯୋଗୁ ହାତୀଟି ମରିଥିବା ଖବର ପ୍ରଚାର ହୋଇଥିଲା। ଅନୁଧ୍ୟାନ ପରେ ଫସଲର ସୁରକ୍ଷା ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାରରେ ଲାଗି ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଡିଏଫ୍‌ଓ ଧନରାଜ ଏଚ୍.ଡି କହିଛନ୍ତି, ଖବର ପାଇବା ପରେ ଜଏଣ୍ଟ ଟାସ୍କ ଫୋର୍ସ (ଜେଟିଏମ୍) ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ପରେ ହାତୀ ବିଦ୍ୟୁତ୍ ଆଘାତରେ ମରିଥିବା ଜଣାଇଥିଲେ। ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ବନ ବିଭାଗ ନିଜର ଦୋଷ ଲୁଚାଇବା ପାଇଁ ୨ ଜମି ମାଲିକଙ୍କୁ ଗିରଫ କରିଥିବା ସଲେଇକେନା ସରପଞ୍ଚ ପାଙ୍ଗେଲ ମୁଣ୍ଡା କହିଛନ୍ତି।

# ସିନୋପସିସ୍, ଇଣ୍ଡିଆ ଡିଜାଇନ, ଗବେଷଣା ଓ ବୈଷୟିକ କେନ୍ଦ୍ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୧୧(ଅନିଲ ଦାସ)

ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଡିଜାଇନ ଅଟୋମେଶନ (ଇଡିଏ) ଉପକରଣ ଅଗ୍ରଣୀ ଯୋଗାଣକାରୀ ସଂସ୍ଥା ସିନୋପସିସ୍‌ର ଡିଜାଇନ, ଗବେଷଣା ଓ ବିକାଶ କେନ୍ଦ୍ରକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ପୂର୍ବ ଭାରତର ସିନୋପସିସ୍‌ର ଏହା ପ୍ରଥମ କେନ୍ଦ୍ର। ଏହାଦ୍ୱାରା ଓଡ଼ିଶାରେ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଚିପ୍ ଡିଜାଇନ ଇକୋସିଷ୍ଟମ ଅଭିବୃଦ୍ଧି ହେବା ସହ ବହୁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ରାଜ୍ୟରେ ସେମିକଣ୍ଡକ୍ଟର ଡିଜାଇନ, ଗବେଷଣା ଓ ବିକାଶ କ୍ଷେତ୍ରରେ ସଶକ୍ତ ହୋଇପାରିବ। ଏହି ବୈଷୟିକ ଗବେଷଣା ଓ ବିକାଶ କେନ୍ଦ୍ରରେ ୩୦୦ରୁ ଉର୍ଦ୍ଧ୍ୱ ଦକ୍ଷତାସମ୍ପନ୍ନ ଡିଜାଇନ ଇଞ୍ଜିନିୟରିଂ କାର୍ଯ୍ୟ କରିବା ପାଇଁ ଭିତ୍ତିଭୂମିର ବ୍ୟବସ୍ଥା କରାଯାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚସ୍ତରୀୟ ପ୍ରତିନିଧି ଦଳର ଆମେରିକା ଗସ୍ତ ଓ ବିଶ୍ୱର ପ୍ରମୁଖ ଆଇଟି ଓ ସେମିକଣ୍ଡକ୍ଟର କମ୍ପାନୀ ସହିତ ସଫଳ ଆଲୋଚନା ଦ୍ୱାରା ବହୁରାଷ୍ଟ୍ରୀୟ କମ୍ପାନୀମାନେ ଭୁବନେଶ୍ୱରରେ ସେମାନଙ୍କ କେନ୍ଦ୍ର ସ୍ଥାପନ କରିବାକୁ ସହମତି ପ୍ରକାଶ କରିଛନ୍ତି। ସିନୋପସିସ୍‌ର ଡିଜାଇନ, ଗବେଷଣା ଓ ବିକାଶ କେନ୍ଦ୍ର ହେଉଛି ରାଜ୍ୟ ସରକାରଙ୍କ ଉତ୍ସର୍ଗୀକୃତ ପ୍ରୟାସର ଅନ୍ୟତମ ପ୍ରତିଫଳ। ମୁଖ୍ୟମନ୍ତ୍ରୀ




### ଓଡ଼ିଶାର ଇଲେକ୍ଟ୍ରୋନିକ୍ସ ସେମିକଣ୍ଡକ୍ଟର ଭିତ୍ତିଭୂମିକୁ ବଡ଼ ସଫଳତା

ସିନୋପସିସ୍‌କୁ ଓଡ଼ିଶାକୁ ସ୍ୱାଗତ କରିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତପ୍ରକାର ସହାୟତା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ କହିଛନ୍ତି, ବିଶ୍ୱର ଅନ୍ୟତମ ଅତ୍ୟାଧୁନିକ ଚିପ୍ ଡିଜାଇନ ଟେକ୍ନୋଲୋଜି କମ୍ପାନୀ ସିନୋପସିସ୍ ଭୁବନେଶ୍ୱରରେ ଏହାର କେନ୍ଦ୍ର ସ୍ଥାପନ କରିଥିବାରୁ ଅତ୍ୟନ୍ତ ଖୁସି । ଏହାଦ୍ୱାରା ଓଡ଼ିଶାରେ ଏକ ବୃହତ୍ ଇଏସ୍‌ଡିଏମ୍, ଇକୋସିଷ୍ଟମ୍‌ର ବିକାଶ ଘଟିବା ସହ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଓଡ଼ିଶାର ଇଲେକ୍ଟ୍ରୋନିକ୍ସ ଚିପ୍ ଡିଜାଇନ ଅଟୋମେଶନ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୧୯୮୬ରେ ପ୍ରତିଷ୍ଠିତ ସିନୋପସିସ୍‌ର ମୁଖ୍ୟାଳୟ ଆମେରିକାର କାଲିଫର୍ନିଆରେ ରହିଛି। ଏହି କମ୍ପାନୀ ୨୫ରୁ ଅଧିକ ଦେଶରେ କାର୍ଯ୍ୟ କରୁଛି। ବିଶ୍ୱସ୍ତରରେ ୧୯ ହଜାରରୁ ଅଧିକ ଲୋକ ଏହି ସଂସ୍ଥାରେ ନିଯୁକ୍ତି ହୋଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଇଲେକ୍ଟ୍ରୋନିକ୍ସ ତଥା ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା, ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ, ବିଭାଗୀୟ ସଚିବ ମନୋଜ ମିଶ୍ର, ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା, ସିନୋପସିସ୍‌ର ଉପସଭାପତି ଶିବାନନ୍ଦ କୋଟେଶ୍ୱର, ବରିଷ୍ଠ ଉପସଭାପତି ଅମିତ ସାନହଗନି ଏବଂ ସ୍ଥାନୀୟ ଗ୍ରୁପ୍‌ର ଡାଇରେକ୍ଟର (ଗବେଷଣା ଓ ବିକାଶ) ରଶ୍ମି ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶର ଇତିହାସ ଲେଖୁଛି 'ଆମ ଓଡ଼ିଶା ନବୀନ ଓଡ଼ିଶା'

## କେନ୍ଦୁଝରରୁ ଆରମ୍ଭ ଯାଜପୁରରେ ଶେଷ

- କୋରାପୁଟ ପାଇଁ ୧୨୦ କୋଟି, ନୂଆପଡ଼ା ପାଇଁ ୬୫.୫୦ କୋଟି, ଯାଜପୁର ପାଇଁ ୧୫୫.୫୦ କୋଟି ମଞ୍ଜୁର: ମୁଖ୍ୟମନ୍ତ୍ରୀ
- ଲୋକେ ଯାହା ଚାହିଁଛନ୍ତି ମୁଖ୍ୟମନ୍ତ୍ରୀ ସେହି ପ୍ରକଳ୍ପ ଦେଇଛନ୍ତି: ପାଣ୍ଡିଆନ
- ମୁଖ୍ୟମନ୍ତ୍ରୀଙ୍କ ଚିନ୍ତାଧାରାକୁ କାର୍ଯ୍ୟରେ ପରିଣତ କରିବାରେ ୫-ଟି ଅଧକ୍ଷଙ୍କ ପ୍ରତିବଦ୍ଧତାର ତୁଳନା ନାହିଁ: ପ୍ରଣବ ପ୍ରକାଶ ଦାସ



ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ପ୍ରଶାସନ ପକ୍ଷରୁ ଚଣ୍ଡିଖୋଲ ବିଜୁ କଲ୍ୟାଣ ମଣ୍ଡପଠାରେ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନା ଶୁଭାରମ୍ଭ କରାଯାଉଛି।

ଭୁବନେଶ୍ୱର,୧୦।୧୧
(ଅନିଲ ଦାସ)

ସବୁ ପଞ୍ଚାୟତରେ ପହଞ୍ଚିଲା 'ଆମ ଓଡ଼ିଶା ନବୀନ ଓଡ଼ିଶା'। ରାଜ୍ୟ ସରକାରଙ୍କ ଗ୍ରାମାଭିମୁଖୀ ଯୋଜନା 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଉଦ୍ଘାଟନ ଶୁକ୍ରବାର ଶେଷ ହୋଇଛି। ଅକ୍ଟୋବର ୧୦ରୁ ଆରମ୍ଭ ହୋଇ ନଭେମ୍ବର ୧୦ରେ ରେକର୍ଡ ୧୩ ଦିନର କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ହୋଇଥିବାରୁ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଜଣାଇଛନ୍ତି। କେନ୍ଦୁଝର ଜିଲାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବ ଆନନ୍ଦ ଉତ୍ସାହରେ ଯାଜପୁରରେ ଉଦ୍‌ଯାପନ ହୋଇଛି। ଏହି କାର୍ଯ୍ୟକ୍ରମରେ ସମୁଦାୟ ୧୬.୫୦ ଲକ୍ଷ ଲୋକ ଭାଗ ନେଇଛନ୍ତି। କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ଜନସାଧାରଣ, ଲୋକପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ୫-ଟି ଓ 'ନବୀନ ଓଡ଼ିଶା' ଅଧକ୍ଷ ଭି. କେ. ପାଣ୍ଡିଆନ ଧନ୍ୟବାଦ ଜଣାଇଛନ୍ତି।

ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ଗଠନର ଭିତ୍ତିଭୂମି ଅଭିଯାନ ରାଜ୍ୟର ସମସ୍ତ ଜିଲା, ବ୍ଲକ, ପଞ୍ଚାୟତ ଓ ସମସ୍ତ ଗାଁରେ ପହଞ୍ଚିପାରିଛି। ସାରା ରାଜ୍ୟରେ ୩,୩୯୭ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏହି କାର୍ଯ୍ୟକ୍ରମର ଫୋକସ୍ ହୋଇଛି ପ୍ରତି ପଞ୍ଚାୟତ, ପ୍ରତି ଗାଁ। ଶୁକ୍ରବାର ଭୁବନେଶ୍ୱରରୁ ଆଭାସି ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ଅନ୍ତିମ ଦିବସରେ କୋରାପୁଟ, ନୂଆପଡ଼ା ଓ ଯାଜପୁର ଜିଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏଥିପାଇଁ କୋରାପୁଟ ଜିଲାର ଲକ୍ଷ୍ମୀପୁର, କୋଟପାଡ, ଜୟପୁର, କୋରାପୁଟ ଓ ପଟାଙ୍ଗୀ ନିର୍ବାଚନମଣ୍ଡଳୀକୁ ୧୨୦ କୋଟି ଟଙ୍କା ମିଳିଥିବା ବେଳେ, ନୂଆପଡା ଜିଲାର ନୂଆପଡା ଓ ଖରିଆରି ନିର୍ବାଚନମଣ୍ଡଳୀ ପାଇଁ ୬୫.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି ଯାଜପୁର ଜିଲାର ଯାଜପୁର, ବିଞ୍ଝାରପୁର, ବଡଚଣା, ବରି, ସୁକିନ୍ଦା, ଧର୍ମଶାଳା ଓ କୋରେଇ ନିର୍ବାଚନମଣ୍ଡଳୀକୁ ୧୫୫.୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ଓଡିଶା ନବୀନ ଓଡିଶା ଏକ ଅଭିନବ କାର୍ଯ୍ୟକ୍ରମ। ଗାଁରେ ଆଧୁନିକ ବିକାଶର ଭିତ୍ତି ପକେଇବା ପାଇଁ ଏହା ପରିକଳ୍ପନା କରାଯାଇଛି। ଜଗନ୍ନାଥ ସଂସ୍କୃତିକୁ ସାଥିରେ ଧରି, ଡିଜିଟାଲ ଯୁଗ ସହିତ ତାଳ ଦେଇ ଆମ ଓଡିଶାର ଗାଁଗୁଡିକ ଆଗକୁ ବଢୁଛନ୍ତି। ସବୁ ଗାଁର ବିକାଶ ଆମର ଲକ୍ଷ୍ୟ। ଗାଁରେ ସମସ୍ତଙ୍କୁ ମିଳିବ ବିକାଶର ଗ୍ୟାରେଣ୍ଟି। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ବିକଶିତ ଗାଁ ହେବ ଆଧୁନିକ ଓଡିଶାର ପରିଚୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ସଫଳ ରୂପାୟନରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

୫-ଟି ତଥା ନବୀନ ଓଡିଶା ଅଧକ୍ଷ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଛନ୍ତି। ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଆମେ ସମସ୍ତଙ୍କ ପାଖରେ ପହଞ୍ଚି ପାରିଛୁ। ଲୋକ ଯାହା ଚାହିଁଛନ୍ତି ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସେହି ଅନୁଯାୟୀ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ବିକାଶର ଯାତ୍ରାରେ କେହି ବି ବାଦ ପଡି ନାହାନ୍ତି।

ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲାଗସ୍ତ ପରେ କୋରାପୁଟ ଜିଲାର ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ୮ଟି ପ୍ରକଳ୍ପ ପାଇଁ ୧୦୮.୩୨ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ କୋଟପାଡ ନିର୍ବାଚନ ମଣ୍ଡଳୀରେ ୫ଟି ପ୍ରକଳ୍ପ ପାଇଁ ୪୨.୦୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଜୟପୁର ନିର୍ବାଚନ ମଣ୍ଡଳୀରେ ୮ଟି ପ୍ରକଳ୍ପ ପାଇଁ ୨୬.୪୬ କୋଟି , କୋରାପୁଟ ନିର୍ବାଚନ ମଣ୍ଡଳୀରେ ୯ଟି ପ୍ରକଳ୍ପ ପାଇଁ ୧୧ କୋଟି ଟଙ୍କା, ପଟାଙ୍ଗୀ ନିର୍ବାଚନ ମଣ୍ଡଳୀରେ ୬ଟି ପ୍ରକଳ୍ପ ପାଇଁ ୩୧.୭୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି କୋରାପୁଟ ଜିଲ୍ଲାର ୫ଟି ମଣ୍ଡଳୀରେ ସମୁଦାୟ ୩୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨୧୯.୫୪ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ କହିଛନ୍ତି।

ସେହିପରି ନୂଆପଡା ଜିଲାର ଖରିଆର ନିର୍ବାଚନ ମଣ୍ଡଳୀରେ ୧୦ଟି ପ୍ରକଳ୍ପ ପାଇଁ ୪୧୪.୭୬ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ନୂଆପଡା ନିର୍ବାଚନ ମଣ୍ଡଳୀରେ ୯ଟି ପ୍ରକଳ୍ପ ପାଇଁ ୮୪.୧୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ପରି ନୂଆପଡା ଜିଲାର ୨ଟି ନିର୍ବାଚନ ମଣ୍ଡଳୀରେ ସମୁଦାୟ ୧୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୪୯୮.୯୧ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି।

ଯାଜପୁର ଜିଲାର ଯାଜପୁର ନିର୍ବାଚନ ମଣ୍ଡଳୀରେ ୧୩ ପ୍ରକଳ୍ପ ପାଇଁ ୧୦୦.୬୯ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ, ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ୯ଟି ପ୍ରକଳ୍ପ ପାଇଁ ୧୭.୮୯ କୋଟି ଟଙ୍କା, ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ୮ଟି ପ୍ରକଳ୍ପ ପାଇଁ ୨୩.୪୮ କୋଟି ଟଙ୍କା ମଞ୍ଜୁର କରାଯାଇଛ। ସେହିପରି ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ୧୩ ପ୍ରକଳ୍ପ ପାଇଁ ୬୮.୫୪ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ବରି ନିର୍ବାଚନ ମଣ୍ଡଳୀରେ ୯ଟି ପ୍ରକଳ୍ପ ପାଇଁ ୮୭.୪୧ କୋଟି ଟଙ୍କା, କୋରେଇ ନିର୍ବାଚନ ମଣ୍ଡଳୀରେ ୧୦ ପ୍ରକଳ୍ପ ପାଇଁ ୩୮.୭୩କୋଟି, ବଡଚଣା ନିର୍ବାଚନ ମଣ୍ଡଳୀରେ ୮ ପ୍ରକଳ୍ପ ପାଇଁ ୨୪.୪୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି ଯାଜପୁର ଜିଲ୍ଲାର ୭ ନିର୍ବାଚନ ମଣ୍ଡଳୀରେ ସମୁଦାୟ ୭୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୩୬୧.୫୩ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି। ୩ଟି ଜିଲାରେ ସମୁଦାୟ ୧୨୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୦୭୯.୯୮ କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ୫-ଟି ଅଧକ୍ଷ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ବାଚସ୍ପତି ପ୍ରମିଳା ମଲ୍ଲିକ, ମନ୍ତ୍ରୀ ରାଜେନ୍ଦ୍ର କୁମାର ଢୋଲକିଆ, ପ୍ରିତିରଞ୍ଜନ ଘଡାଇ, ଏମପି ଶର୍ମିଷ୍ଠା ସେଠୀ, ବିଧାୟକ ପ୍ରଣବ ପ୍ରକାଶ ଦାସ, ଅମର ପ୍ରସାଦ ଶତପଥୀ, ପ୍ରଣବ କୁମାର ବଳବନ୍ତରାୟ, ସୁନନ୍ଦା ଦାସ, ଅଶୋକ କୁମାର ବଳ, ପ୍ରଭୁ ଜାନି, ପଦ୍ମିନୀ ଦିଆନ, ପ୍ରିତମ ପାଢି, ରଘୁରାମ ପଡାଲ ପ୍ରମୁଖ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

ଯାଜପୁରଠାରେ ଉପସ୍ଥିତ ବିଧାୟକ ପ୍ରଣବ ପ୍ରକାଶ ଦାସ କହିଲେ ଯେ ବିଜୁବାବୁଙ୍କ ସ୍ୱପ୍ନକୁ ସାକାର କରିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପର୍ଣ୍ଣ ଚିନ୍ତାଧାରାକୁ କାର୍ଯ୍ୟରେ ପରିଣତ କରିବାରେ ୫-ଟି ଅଧକ୍ଷଙ୍କ ପ୍ରତିବଦ୍ଧତାର ତୁଳନା ନାହିଁ। ଏହି କାର୍ଯ୍ୟକ୍ରମରେ ୩ଟି ଜିଲାର ଜିଲ୍ଲାପାଳ ଧନ୍ୟବାଦ ଦେଇଛନ୍ତି।

# ପିଲାଙ୍କ ତାଲିକା ବଦଳରେ ପ୍ରେମିକଙ୍କ ଫଟୋ ପଠାଇଲେ ଶିକ୍ଷୟିତ୍ରୀ

ଖଇରା, ୧୦।୧୧
(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଏକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ମଧ୍ୟାହ୍ନଭୋଜନ ପାଇଁ ପିଲାଙ୍କ ତାଲିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ହ୍ୱାଟ୍ସଆପ୍‌କୁ ପଠାଇବାକୁ ଯାଇ ଭୁଲରେ ନିଜ ହୋମଗାର୍ଡ ପ୍ରେମିକଙ୍କ ଫଟୋ ପଠାଇବା ଘଟଣା ଭାଇରାଲ ହେବାରେ ଲାଗିଛି। ବିବାହିତ ହୋମଗାର୍ଡଙ୍କ ସ୍ତ୍ରୀ ନ୍ୟାୟ ପାଇଁ ଖଇରା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଥାନାରେ ଏନେଇ ହୋମଗାର୍ଡ ବିନୋଦ ଜେନା, ତାଙ୍କ ପରିବାରର ଅନ୍ୟ ୪ ସଦସ୍ୟ ଓ ଶିକ୍ଷୟିତ୍ରୀଙ୍କ ନାମରେ ଏକ ମାମଲା(ନଂ. ୩୧୪/୨୩) ରୁଜୁ କରାଯାଇଛି। କିଛିଦିନ ତଳେ ଶିକ୍ଷୟିତ୍ରୀ ଜଣକ ପ୍ରାର୍ଥନା ପରେ ନିୟମ ଅନୁଯାୟୀ ସେଦିନର ପିଲା ସଂଖ୍ୟା ଅଫିସ ହ୍ୱାଟ୍ସଆପ୍‌ରେ ପଠାଇବା କଥା। ହେଲେ ସେ ଭୁଲବଶତଃ ହୋମଗାର୍ଡ ପ୍ରେମିକଙ୍କ ସହ ପୂର୍ବର ଚାର୍ଟିଂ ଫଟୋକୁ ଅପ୍‌ଲୋଡ୍ କରିଦେଇଥିଲେ, ଯାହା ପରବର୍ତ୍ତୀ ସମୟରେ ଖୁବ୍ ଭାଇରାଲ ହୋଇଥିଲା। ଏହା ଆଧାରରେ ହୋମଗାର୍ଡଙ୍କ ସ୍ତ୍ରୀ ଚିନ୍ମୟୀ ବେହେରା ସ୍ୱାମୀ ପରକୀୟା ପ୍ରୀତି ପାଇଁ ମାରପିଟ୍ କରିବା ସହ ତାଙ୍କ ପରିବାର ଲୋକେ ମାନସିକ ଶାରିରୀକ ଅତ୍ୟାଚାର କରୁଥିବା ନେଇ ଅଭିଯୋଗ କରିଥିଲେ। ଖଇରା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# କେନ୍ଦ୍ରୀୟ ଡେପୁଟେଶନରୁ ଫେରିଲେ ବି. ରାଧିକା

ଭୁବନେଶ୍ୱର,୧୦।୧୧
(ଅନିଲ ଦାସ)

୧୯୮୯ ବ୍ୟାଚ୍ ଆଇପିଏସ୍ ଅଫିସର ବି.ରାଧିକା କେନ୍ଦ୍ରୀୟ ଡେପୁଟେଶନ ପରେ ଓଡ଼ିଶା ଫେରିଛନ୍ତି। ସୂଚନା ଅନୁସାରେ, ରାଧିକାଙ୍କ କେନ୍ଦ୍ରୀୟ ଡେପୁଟେଶନ ଅବଧିକୁ ଶେଷ କରି କେନ୍ଦ୍ର ସରକାର ନଭେମ୍ବର ୮ତାରିଖରେ ତାଙ୍କୁ ରାଜ୍ୟ କ୍ୟାଡରକୁ ଫେରାଇ ଦେଇଛନ୍ତି । ସୀମା ସୁରକ୍ଷା ବଳ ଅତିରିକ୍ତ ଡିଜି ଭାବେ ରାଧିକା କାର୍ଯ୍ୟ କରୁଥିଲେ । ୨୦୧୮ ଅକ୍ଟୋବରରୁ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିବା ରାଧିକା ୨୦୨୦ ନଭେମ୍ବରରେ ସୀମା ସୁରକ୍ଷା ବଳର ଅତିରିକ୍ତ ଡିଜି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ବରିଷ୍ଠତାଭିତ୍ତିରେ ଆଇପିଏସ୍ ଅଫିସର ରାଧିକାଙ୍କୁ ରାଜ୍ୟ ସରକାର ପରବର୍ତ୍ତୀ ଡିଜି ଭାବେ ନିଯୁକ୍ତି ଦେବା ନେଇ ଚର୍ଚ୍ଚା ହେଉଛି।





DATA ENTRY EXECUTIVE
ଆବଶ୍ୟକ
Bhubaneswar Transports ସଂସ୍ଥା ପାଇଁ Microsoft Office ରେ Data Entry ପାଇଁ ଯୋଗ୍ୟ ପ୍ରାର୍ଥୀ ଆବଶ୍ୟକ। ଯୋଗ୍ୟତା- ଗ୍ରାଜୁଏସନ୍ ।
ଯୋଗାଯୋଗ- 9853802717

WANTED
A reputed Real Estate Company requires
MARKETING MANAGER- 4 Nos.
MARKETING EXECUTIVE- 6 Nos.
(Fixed salary with high incentives).
9938725854, 8339826767


# ସ୍କୁଲ ଛାତ୍ରୀଙ୍କୁ ବଳାତ୍କାର ଘଟଣା

# ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଗିରଫ

ରାଇଘର, ୧୦।୧୧
(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନାରେ ଜଣେ ସ୍କୁଲ ଛାତ୍ରୀଙ୍କୁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଚେନ୍ଦ୍ର ନନ୍ଦ ବିଶ୍ୱାସ ଓ କନିଷ୍ଠ ଶିକ୍ଷକ କେଶବ ମାଝି ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। କୁନ୍ଦେଇ ପୋଲିସ ସେମାନଙ୍କୁ ପଚରା ଉଚରା କରିବାପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି।

ସୂଚନାନୁଯାୟୀ, ଗୁରୁବାର ଛାତ୍ରୀଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ହାଟଭରାଣ୍ଡି ମେଡିକାଲକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କ ସହ ବଳାତ୍କାର ହୋଇଥିବା ଜାଣିପାରି ପୀଡ଼ିତାଙ୍କ ବାପା କୁନ୍ଦେଇ ଥାନାରେ ଲିଖିତଭାବେ ଜଣାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ସମ୍ପୃକ୍ତି ଥିବାନେଇ ଏତଲାରେ ଉଲ୍ଲେଖ ରହିଥିଲା। ଏତଲା ଆଧାରରେ ପୋଲିସ ଉଭୟ ଶିକ୍ଷକଙ୍କୁ ଅଟକ ରଖିଥିଲା। ଛାତ୍ରୀ ଜଣକ ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ଉମରକୋଟ ଓ ପରେ ନବରଙ୍ଗପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ନବରଙ୍ଗପୁର ଏସ୍‌ଆଇ ପୂର୍ଣ୍ଣିମା ଟେଟେ ପୀଡ଼ିତାଙ୍କ ବୟାନ ନେଇଛନ୍ତି। ତାଙ୍କ ବୟାନକୁ ଆଧାରକରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା କୁନ୍ଦେଇ ଥାନାଧିକାରୀ ପ୍ରଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି। ୨ ଅଭିଯୁକ୍ତଙ୍କୁ ୩୭୬ ଡି.ବି ଆଇପିସି/୬ ଅଫ୍ ପୋକ୍ସୋ ଆକ୍ଟରେ ଗିରଫକରି କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।





ସୁଚେନ୍ଦ୍ର ନନ୍ଦ ବିଶ୍ୱାସ ଓ କେଶବ ମାଝି

## ଏନ୍‌ଏଚ୍‌ଆର୍‌ସିରେ ମାମଲା

ନବରଙ୍ଗପୁର,୧୦।୧୧
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅଧୀନ କୁନ୍ଦେଇ ଥାନା ଅଞ୍ଚଳର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ସ୍କୁଲ ପ୍ରଧାନ ଶିକ୍ଷକ ଓ ସହାକରୀ ଶିକ୍ଷକ ବଳାତ୍କାର କରିବା ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜଗତସିଂହପୁର କୁଜଙ୍ଗର ମାନବାଧିକାର କର୍ମୀ ସୁବ୍ରତ କୁମାର ଦାସ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ଅଭିଯୋଗ କରିଛନ୍ତି। ତୁରନ୍ତ ନାବାଳିକାଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୩୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। କମିଶନ ତାଙ୍କ ଏତଲା ଆଧାରରେ କେଶ ନମ୍ବର ୧୮୦୩/୨୦୨୩ରେ ଦାଏର କରିଛନ୍ତି।

## ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୧୦।୧୧
(ସତ୍ୟଜିତ୍ ରାଉତ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅନ୍ତର୍ଗତ କୁନ୍ଦେଇ ଥାନା ଅଞ୍ଚଳର ଜଣେ ୧୩ ବର୍ଷର ନାବାଳିକାଙ୍କୁ ଗଣ ବଳାତ୍କାର ଘଟଣାକୁ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଅତି ଗୁରୁତ୍ୱର ସହ ନେଇଛନ୍ତି। ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରବୀର ଦାସଙ୍କ ଏତଲାକୁ କମିଶନ ଗ୍ରହଣ କରି ଶୁକ୍ରବାର ଏକ ମାମଲା ରୁଜୁ କରିଛନ୍ତି। ଏଥିସହ ନବରଙ୍ଗପୁର ଜିଲାପାଳ, ଏସ୍‌ପି ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ରିପୋର୍ଟ କମିଶନ ତଲବ କରିଛନ୍ତି। ୪ ସପ୍ତାହ ମଧ୍ୟରେ ଏ ସଂକ୍ରାନ୍ତୀୟ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପୀଡ଼ିତା ଜଣକ ବର୍ତ୍ତମାନ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଥିବାବେଳେ ଏନେଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରି ଉନ୍ନତମାନର ଚିକିତ୍ସା ଯୋଗାଇଦେବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶନାମାରେ କୁହାଯାଇଛି। ଏପରିକି ଆବଶ୍ୟକ ପଡ଼ିଲେ ଯଦି ପୀଡ଼ିତାଙ୍କୁ ଉନ୍ନତମାନର ହସ୍ପିଟାଲକୁ ନିଆଯାଏ, ସେହି ପରିସ୍ଥିତିରେ ଏଥିପାଇଁ ସମସ୍ତ ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ କରାଯିବାକୁ କମିଶନଙ୍କ ନିର୍ଦ୍ଦେଶ ରହିଛି। ସୂଚନାଥାଉ କି, ଏହି ମାମଲାରେ ଶୁଣାଣି ଆଗାମୀ ଡିସେମ୍ବର ୧୪ରେ କମିଶନ ଧାର୍ଯ୍ୟ କରିଛନ୍ତି।


बैंक ऑफ़ बड़ौदा Bank of Baroda

କ୍ଷେତ୍ରୀୟ ଋଣଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର
ପ୍ଲଟ୍ ନଂ.: ୮୩୧/୩୮୨୩, ସାମପୁର, କଳିଙ୍ଗ ନଗର, ଭୁବନେଶ୍ୱର-୦୩,
ମୋ.: ୭୩୨୮୮୩୪୧୪୨, ଫୋନ୍: ୦୬୭୪-୨୩୮୭୧୦୦,
୭୩୨୮୮୩୪୧୪୦/୪୧, ଇମେଲ୍: sarbhu@bankofbaroda.com

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଆପେଣ୍ଡିକ୍ସ- IV - A (ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡିକୁ **ଭୌତିକ ଦଖଲ**ରେ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।

| କ୍ର. ନଂ. | ଶାଖା/ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ ଏବଂ ମାଲିକଙ୍କ ନାମ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ/ ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି)/ବିଡ୍ ବର୍ଦ୍ଧିତ ରାଶି | ଦଖଲ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | ନୟାପଲ୍ଲୀ ଶାଖା<br>ଋଣଗ୍ରହୀତା: ମେସର୍ସ ସାଇ ଶମ୍ଭୁ ଟ୍ରେଡର୍ସ, ଅଂଶୀଦାରମାନେ: ୧) ଶ୍ରୀମତୀ ଅମୁଲି ପ୍ରଧାନ, ୨) ଶ୍ରୀ ଶିବାନନ୍ଦ ପ୍ରଧାନ, ଠିକଣା: ୧) ସା: ପ୍ଲଟ୍ ନଂ.: ୩୭୫, ଯାଲାଁ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୨୦୫୪, ଠିକଣା:୨) ଝଗଦପଡା, ପୋ: ପଦ୍ମାବତୀ, ଜିଲ୍ଲା: ନୟାଗଡ, ପିନ୍ - ୭୫୨୦୬୩ | ଶ୍ରୀମତୀ ଅମୁଲି ପ୍ରଧାନଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୧୬୧, ଖାତା ନଂ.: ୨୦୧/୧୪, କ୍ଷେତ୍ର: ଏକର ୦.୧୬୦ ଡିସିମିଲି, ଅନୁରୂପ ସାବିକ ଖାତା ନଂ.: ୭୧, ସାବିକ ପ୍ଲଟ୍ ନଂ.: ୧୬୧, କ୍ଷେତ୍ର: ଏକର୦.୧୬୦ଡିସିମିଲି, ମୌଜା: ଶିଆରିଆପଲ୍ଲୀ, ଥାନା: ବୋଲଗଡ ନଂ.: ୭୦, ତହସିଲ: ବୋଲଗଡ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୫୬, ଉତ୍ତର: ପ୍ଲଟ୍ ନଂ.: ୧୬୦, ଦକ୍ଷିଣ: ପ୍ଲଟ୍ ନଂ.: ୧୬୨ | ୦୩.୦୭.୨୦୧୯ / ୩୧.୦୧.୨୦୨୦ / ୦୩.୦୭.୨୦୧୯ ସୁଦ୍ଧା ଟ.୯୪,୩୭,୭୫୧.୯୨ + ୦୩.୦୭.୨୦୧୯ ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୨୯.୧୧.୨୦୨୩ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୪୧,୨୬,୮୬୯/-<br>ଟ.୪,୧୫,୦୦୦/-<br>ଟ.୨୦,୦୦୦/- | ଭୌତିକ | ୨୪.୧୧.୨୦୨୩ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା |
| ୨. | ଭୁବନେଶ୍ୱର ମୁଖ୍ୟ ଶାଖା /<br>ଋଣଗ୍ରହୀତାମାନେ: ୧) ଶ୍ରୀମତୀ ବାସନ୍ତୀ ମଲ୍ଲିକ, ସ୍ୱାମୀ: ୰ ସୁରେନ୍ଦ୍ର ମଲ୍ଲିକ, ଠିକଣା-୧: ପ୍ଲଟ ନଂ.: ୫୯୬/୨୭୭୪, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର - ୭୫୧୦୦୬, ଠିକଣା-୨: କ୍ୱାର୍ଟର ନଂ.: ଇ/୨, ଇମ୍ପ୍ଲିମେଣ୍ଟ ଫ୍ୟାକ୍ଟ୍ରି କଲୋନୀ, ମଙ୍ଗଳା ମନ୍ଦିର ନିକଟ, ସତ୍ୟନଗର, ଭୁବନେଶ୍ୱର- ୭୫୧୦୦୭, ୨) ଶ୍ରୀ ମନୋଜ କୁମାର ମଲ୍ଲିକ, ପିତା: ୰ ସୁରେନ୍ଦ୍ର ମଲ୍ଲିକ, ୩) ଶ୍ରୀ ସରୋଜ କୁମାର ମଲ୍ଲିକ, ପିତା: ୰ ସୁରେନ୍ଦ୍ର ମଲ୍ଲିକ, ସମସ୍ତଙ୍କ ଠିକଣା- ପ୍ଲଟ ନଂ.: ୫୯୬/୨୭୭୪, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର -୭୫୧୦୦୬ | ଶ୍ରୀମତୀ ବାସନ୍ତୀ ମଲ୍ଲିକ, ସ୍ୱାମୀ: ୰ ସୁରେନ୍ଦ୍ର ମଲ୍ଲିକଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.: ୫୯୬/୨୭୭୪, ଖାତା ନଂ.: ୯୨୮/୧୮୪୯, କ୍ଷେତ୍ର: ଏକର ୦.୦୨୯ ଡ଼ିସିମିଲି, କିସମ: ଘରବାରୀ, ମୌଜା: ଭୁବନେଶ୍ୱର ସହର, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬, ଏହାର ଚାରିପାର୍ଶ୍ୱରେ ପୂର୍ବ: ଜୟୀ ସାମଲ, ପଶ୍ଚିମ: ଗୋପାଳ ସାମଲ, ଉତ୍ତର: ରାସ୍ତା, ଦକ୍ଷିଣ: ବୁଲା ଶ୍ରୀଚନ୍ଦନ | ୦୬.୦୧.୨୦୧୭ / ୨୧.୧୧.୨୦୧୭ / ୩୦.୦୭.୨୦୧୬ ସୁଦ୍ଧା ଟ.୩୪,୦୦,୪୦୪/- + ୩୦.୦୭.୨୦୧୬ ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୨୯.୧୧.୨୦୨୩ ପୂର୍ବାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୫୧,୭୫,୦୦୦/-<br>ଟ.୫,୨୦,୦୦୦/-<br>ଟ.୨୦,୦୦୦/- | ଭୌତିକ | ୨୪.୧୧.୨୦୨୩ ଅପରାହ୍ନ ୫ ଘଟିକା ସୁଦ୍ଧା |
| ୩. | ଶହୀଦ ନଗର ଶାଖା /<br>ଋଣଗ୍ରହୀତା: ମେସର୍ସ ଦାସ କମ୍ପ୍ୟୁଟର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରଶାନ୍ତ କୁମାର ଦାସ, ପ୍ଲଟ୍ ନଂ.: ୪୭୫, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୬ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନିତା ନାୟକ, ପ୍ଲଟ୍ ନଂ.: ୫୭୩/୫୭୪, ଏକାମ୍ର କାନନ ରୋଡ, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୫ | ଶ୍ରୀମତୀ ଅନିତା ନାୟକ ଓରଫ ଦାସଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ ନଂ.: ୩୬୧/୭୨୪, ସବ୍ ପ୍ଲଟ୍ ନଂ.: ୪୪ ଏବଂ ୪୫ (ଅଂଶ), ଖାତା ନଂ.: ୩୦୬/୧୩୭, କ୍ଷେତ୍ର: ଏକର୦.୦୫୫ ଡ଼ିସିମିଲି, ମୌଜା: କ୍ଷେତ୍ରପାଳ, ଥାନା: ଏୟାରଫିଲ୍ଡ, ତହସିଲ: ଜଟଣୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୩୬୮, ପଶ୍ଚିମ: ରାସ୍ତା, ଉତ୍ତର: ସବ୍ ପ୍ଲଟ୍ ନଂ.: ୪୩, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୪୫ (ଅଂଶ) | ୨୧.୦୩.୨୦୧୭ / ୨୧.୧୦.୨୦୧୭ / ୦୬.୧୧.୨୦୨୩ସୁଦ୍ଧା ଟ.୧,୦୦,୫୧,୩୪୦.୭୮ +୦୬.୧୧.୨୦୨୩ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୧୨.୧୨.୨୦୨୩ ପୂର୍ବାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୧୬,୧୭,୦୦୦/-<br>ଟ.୧,୬୧,୭୦୦/-<br>ଟ.୨୦,୦୦୦/- | ଭୌତିକ | ୦୮.୧୨.୨୦୨୩ ଅପରାହ୍ନ ୫ ଘଟିକା ସୁଦ୍ଧା |

ନିୟମ ଏବଂ ସର୍ତ୍ତାବଳୀ: ଆଗ୍ରହୀ ନିଲାମଧାରୀମାନେ ୱେବ୍‌ସାଇଟ୍: www.mstcecommerce.com ଲଗ୍ ଇନ୍ କରି, ଅମାନତ ରାଶି ଅନଲାଇନ୍ ମାଧ୍ୟମରେ କ୍ର. ନଂ. ୧ ଓ ୨ ନିମନ୍ତେ ତା୨୮.୧୧.୨୦୨୩ରିଖ ଏବଂ କ୍ର. ନଂ. ୩ ନିମନ୍ତେ ୧୧.୧୨.୨୦୨୩ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିବା ଆବଶ୍ୟକ।

ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଏଠାରେ ସ୍କାନ କରନ୍ତୁ

ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ୱେବ୍‌ସାଇଟ୍ : https://www.bankofbaroda.in/e-auction.htm, www.mstcecommerce.com and https://ibapi.in ଦେଖନ୍ତୁ ଏବଂ ସମ୍ଭାବ୍ୟ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: କ୍ଷମତାପ୍ରାପ୍ତ ଅଧିକାରୀ/ ମୁଖ୍ୟ ପ୍ରବନ୍ଧକ, କ୍ଷେତ୍ରୀୟ ଋଣଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଳିଙ୍ଗ ନଗର, ଭୁବନେଶ୍ୱର, ମୋ.: ୭୩୨୮୮୩୪୧୪୨

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୦.୧୧.୨୦୨୩

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା

## ସଂକ୍ଷେପରେ

### ଛାତରୁ ପଡ଼ି ମହିଳା ମୃତ

ବାରଙ୍ଗ,୧୦।୧୧(ଲିଙ୍ଗରାଜ ରାଉତ)- ନନ୍ଦନକାନନ ଥାନା ଅଧୀନ ରଘୁନାଥପୁର ଗ୍ରାମରେ ନିର୍ମାଣାଧୀନ ଏକ ଆପାର୍ଟମେଣ୍ଟର ୮ ତାଲା ଛାତରୁ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଉଛନ୍ତି ଦୀପ୍ତିମୟୀ ଦାଶ(୨୬)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଦୀପ୍ତିମୟୀ ତାଙ୍କ ଶ୍ୱଶୁର ଘରକୁ ଲାଗିଥିବା ନିଜ ଜମିକୁ ଏକ ବିଲ୍‌ଡରକୁ ଶେୟାରିଂରେ ଘର ନିର୍ମାଣ ପାଇଁ ଦେଇଥିଲେ। ସେଠାରେ କମଳିନୀ ଆପାର୍ଟମେଣ୍ଟ ନାମରେ ଗୃହ ନିର୍ମାଣ ହୋଇଥିଲା। ଗୁରୁବାର ଅପରାହ୍ନରେ ଦୀପ୍ତିମୟୀ ତାଙ୍କ ପରିବାର ସହ ତାଙ୍କ ଭାଗଘର ଦେଖିବାକୁ ୮ ତାଲା ଉପରକୁ ଯାଇଥିଲେ। ଘର ଛାତରେ ବୁଲୁଥିବାବେଳେ ହଠାତ୍ ଭାରସାମ୍ୟ ହରାଇ ସେ ତଳକୁ ଖସିପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ନନ୍ଦନକାନନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ଶୁକ୍ରବାର ପରିବାରକୁ ହସ୍ତାନ୍ତର କରିଛି।

### ଆରମ୍ଭ ହେଲା ‘ସ୍ୱରାର୍ଣ୍ଣବ’

ଭୁବନେଶ୍ୱର, ୧୦।୧୧ (ବନ୍ଦନା ସେଠୀ)- ଗୁରୁକୁଳ ଗୀତାଞ୍ଜଳି ଶାସ୍ତ୍ରୀୟ ସଂଗୀତ ଅନୁଷ୍ଠାନର ଷୋହଳତମ ଦୁଇଦିନିଆ ବାର୍ଷିକୋତ୍ସବ ‘ସ୍ୱରାର୍ଣ୍ଣବ’ ସୂଚନା ଭବନରେ ଉଦ୍‌ଘାଟିତ ହୋଇଛି। ଅନୁଷ୍ଠାନର ମୁଖ୍ୟ ପରିଚାଳକ ପଣ୍ଡିତ ଡ. ଚିତ୍ତରଞ୍ଜନ ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ଭାବେ ପଣ୍ଡିତ ସଞ୍ଜୀବ ଅଭୟଙ୍କର ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାୟ, ସମ୍ମାନିତ ଅତିଥି ଭାବେ ଓଡ଼ିଶା କ୍ରିକେଟ ଆସୋସିଏଶନର ଭାଇସ ପ୍ରେସିଡେଣ୍ଟ ପଙ୍କଜ ଲୋଚନ ମହାନ୍ତି ଯୋଗଦେଇ ଥିଲେ। ଏହି ଅବସରରେ ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅଶ୍ୱିନୀ ପ୍ରସାଦ ମହାନ୍ତି ଏବଂ ମନୋଜ କୁମାର ଦାସ ‘ଗୁରୁକୁଳ ଗୀତାଞ୍ଜଳି ସାଧନା ସମ୍ମାନରେ’ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ପ୍ରଥମ ଅର୍ଘ୍ୟ ଭାବେ ଅନୁଷ୍ଠାନର ଛାତ୍ରୀଛାତ୍ର ପଣ୍ଡିତ ଡ. ଦାମୋଦର ହୋତାଙ୍କର ମାଲ୍‌କୋଂଶ ରାଗରେ ରଚିତ ପ୍ରଣବ ରଙ୍ଗ ବନ୍ଦନା ଗାୟନ କରିଥିଲେ। ପରେ ଅଶ୍ୱିନୀ ରାଗ ପଞ୍ଚଦୀପ ପରିବେଷଣ କରିଥିଲେ। ପଣ୍ଡିତ ଡ. ଚିତ୍ତରଞ୍ଜନ ପାଣିଙ୍କ ପୁତ୍ର ଅରୋଶିଷ ପାଣି ରାଗ ପୁରିୟା ଧନଶ୍ରୀ ପରିବେଷଣ କରିଥିଲେ। ପରେ ଅନୁଷ୍ଠାନର ଅନ୍ୟ ଶିଳ୍ପୀମାନେ ରାଗ ଦୁର୍ଗା, ରାଗ ବାଗେଶ୍ରୀ ପରିବେଷଣ କରିଥିଲେ।

### ରାମ ମନ୍ଦିରରେ ଗୋମାଂସ ପକାଇବାକୁ ନେଇ ଉତ୍ତେଜନା, ୨ ଅଟକ

ନିଆଳି,୧୦।୧୧(ସୁକାନ୍ତ କୁମାର ସିଂ)- ନିଆଳି ତହସିଲ କଲୋନିରେ ଥିବା ରାମ ମନ୍ଦିର ପରିସରରେ ଗୋମାଂସ ପକାଇବାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଏହି ଘଟଣାରେ ନିଆଳି ପୋଲିସ ଶୁକ୍ରବାର ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସେମାନେ ହେଲେ ସେକ୍ ମୁସ୍‌ତାକ୍ ଏବଂ ମଲିକ ସାହିଲ। ଏମାନଙ୍କଠାରୁ ଏକ ବାଇକ , ବାଲ୍‌ଟି ଏବଂ ବ୍ୟାଗ୍ ଜବତ ହୋଇଛି। ଅନ୍ୟପକ୍ଷରେ ଉଦ୍ଦେଶ୍ୟମୂଳକ ଭାବେ ମାଂସ ପକାଯାଇଥିବା ସାଧାରଣରେ ଆଲୋଚନା ହେଉଛି।

# କ୍ରୀଡ଼ା ହଷ୍ଟେଲର ଖାଦ୍ୟ ତାଲିକାରେ ରହିବ ମିଲେଟ୍

ଭୁବନେଶ୍ୱର,୧୦।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀରେ ‘ମାଣ୍ଡିଆ - ଆଧୁନିକ ଆହ୍ୱାନ ପାଇଁ ପୁରାତନ ପୁଷ୍ଟିଶସ୍ୟ’କୁ ନେଇ ଶୁକ୍ରବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଡ଼ାବିତ୍‌ଙ୍କ ଖାଦ୍ୟରେ ପୁଷ୍ଟିଶସ୍ୟରେ ଥିବା ପୋଷକତତ୍ତ୍ୱର ମହତ୍ତ୍ୱ ଉପରେ ଆଲୋଚନା କରାଯାଇଥିଲା । କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଆର୍. ଭିନିଲ କ୍ରିଷ୍ଣା ଓ ବିଭାଗୀୟ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସଙ୍କ ମିଳିତ ଅଧ୍ୟକ୍ଷତାରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବର୍ଷ ପାଳନରେ ଓଡ଼ିଶା ମିଲେଟ୍ସ ମିଶନ ଏବଂ କ୍ରୀଡା ଓ ଯୁବସେବା ବିଭାଗର ସହଭାଗିତା ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ଭିନିଲ କ୍ରିଷ୍ଣା କହିଥିଲେ। ମିଲେଟକୁ ସୁପରଫୁଡ୍ ଭାବେ ଅଭିହିତ କରି ସେ କହିଲେ, କ୍ରୀଡ଼ାବିତ୍‌ଙ୍କ ଉଚ୍ଚମାନର ପ୍ରଦର୍ଶନ ଲାଗି ଯେଉଁ ପୋଷକତତ୍ତ୍ୱର ଆବଶ୍ୟକତା ରହିଛି ତାହା ମିଲେଟରୁ ମିଳିପାରିବ। ମିଲେଟ୍‌ର ଗୁଣବତ୍ତାକୁ ଉପଲବ୍ଧି କରି ଆଗାମୀ ଦିନରେ କ୍ରୀଡ଼ା ହଷ୍ଟେଲର ଖାଦ୍ୟ ତାଲିକାରେ ଏହାକୁ ସାମିଲ କରିବା ପାଇଁ ଯୋଜନା ରହିଛି ବୋଲି ସେ ପ୍ରକାଶ କରିଥିଲେ । କ୍ରୀଡ଼ାବ୍ୟକ୍ତିତ୍ୱ କେ. ରବି କୁମାର, ଅନୁପମା ସ୍ୱାଇଁ ସେମାନଙ୍କ ସଫଳ କ୍ରୀଡ଼ାଯାତ୍ରାର ଅନୁଭୂତି ବର୍ଣ୍ଣନା କରିବା ସହ ପୁଷ୍ଟିଶସ୍ୟ ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ କିପରି ଗୁରୁତ୍ୱପୂର୍ଣ୍ଣ ଥିଲା ତାହା ଉଲ୍ଲେଖ କରିଥିଲେ। ପୁଷ୍ଟି ବିଶେଷଜ୍ଞ ଅଞ୍ଜଳି ୱାଙ୍ଗେ ଓ ଲକ୍ଷ୍ମୀଶ୍ରୀ ପାଣ୍ଡରଲା କ୍ରୀଡ଼ାବିତଙ୍କ ଜୀବନରେ ପୁଷ୍ଟିଶସ୍ୟର ପୌଷ୍ଟିକ ଗୁଣ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିବା ସହ ଆଥ୍‌ଲେଟ୍‌ଙ୍କ ଶାରୀରିକ ଦକ୍ଷତା ବୃଦ୍ଧି ଦିଗରେ ଏହା ସହାୟକ ହେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସ୍ୱୟଂଶ୍ରଦ୍ଧା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ କଳିଙ୍ଗ ଷ୍ଟାଡିୟମସ୍ଥିତ ମିଲେଟ ଶକ୍ତି ଆଉଟ୍‌ଲେଟର ମିନତି ସାବତ ମିଲେଟ ପାଇଁ ସେମାନଙ୍କ ଜୀବନ କିଭଳି ରୂପାନ୍ତରିତ ହୋଇପାରିଛି ବୋଲି ପ୍ରକାଶ କରିଥିଲେ । କ୍ରୀଡ଼ା ବିଭାଗର ଯୁଗ୍ମ ଶାସନ ସଚିବ ରଞ୍ଜିତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।




ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଏକ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ଉଦ୍ୟୋଗୀ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି। ଉପସ୍ଥିତ ଅଛନ୍ତି (ବାମରୁ) ମିଶନ ଶକ୍ତି ସଚିବ ସୁଜାତା ଆର୍. କାର୍ତ୍ତିକେୟନ ଓ ଅନ୍ୟମାନେ।



ସମ୍ମିଳନୀର ଏକ ଷ୍ଟଲ୍‌ରେ ମାଣ୍ଡିଆ ସହ ୨ ଯୁବତୀ।

## ପୁଷ୍ଟିଶସ୍ୟ ରନ୍ଧନ ପ୍ରତିଯୋଗିତାରେ ୬ ପୁରସ୍କୃତ

### ଇ-ବୁକ୍‌ଲେଟ୍ ଲୋକାର୍ପିତ

ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀର ଶେଷ ଦିବସରେ ଆୟୋଜିତ ହୋଇଥିଲା ରନ୍ଧନ ପ୍ରତିଯୋଗିତା। ଛାତ୍ରୀଛାତ୍ର ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ରନ୍ଧନପ୍ରେମୀ ଓ ଉତ୍ସାହୀ ଖାଦ୍ୟ ପ୍ରସ୍ତୁତକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ। ସେଫ୍ ମାଇକେଲ, ସେଫ୍ ଗୌରବ, ଆଇଆଇଏମ୍‌ର ବୈଜ୍ଞାନିକ ଡ. ସଙ୍ଗାପା, ହୋଟେଲ ମେ’ ଫେୟାରର ଅଧ୍ୟକ୍ଷ ସୂର୍ଯ୍ୟ ସାହୁ, ତାଜ୍ ବିଭାନ୍ତର ମୁଖ୍ୟ ସେଫ୍ ସାୟନ୍ତନ ଚକ୍ରବର୍ତ୍ତୀ, ପୁରୀ ହଲିଡେ’ର ରାଜକିଶୋର ପାତ୍ର ଓ କଳିଙ୍ଗ ଷ୍ଟୋରିଜ୍‌ର ପ୍ରତିଷ୍ଠାତା ମଧୁଲିକା ଦାସ ବିଚାରକ ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୁଷ୍ଟିଶସ୍ୟ ଆଧାରିତ ବ୍ୟଞ୍ଜନ ଓ ଖାଦ୍ୟସାମଗ୍ରୀ ସମ୍ପର୍କିତ ଏକ ଇ-ବୁକ୍‌ଲେଟ୍ ମଧ୍ୟ ଲୋକାର୍ପିତ ହୋଇଥିଲା। ରନ୍ଧନ ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୌଭାଗ୍ୟ ବାରିକ, ଜୟଶ୍ରୀ କାଉର ଓ ଅମ୍ବିକା ନନ୍ଦ ଯଥାକ୍ରମ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅଂଶଗ୍ରହଣକାରୀ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ମଧ୍ୟରେ ବିନୋଦିନୀ ପ୍ରଧାନ ପ୍ରଥମ, ସବିତା ରାଉତ ଦ୍ୱିତୀୟ ଓ ଦେବଯାନୀ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃଷକ ଓ ଖାଦ୍ୟ ଉତ୍ପାଦନ ବିଭାଗର ଅତିରିକ୍ତ ଶାସନ ସଚିବ ଅଞ୍ଜନା ପ୍ରଧାନ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସୋନାଲି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୧୭ରୁ ଊର୍ଦ୍ଧ୍ୱ ଷ୍ଟଲ୍‌ରେ ଜୈବିକ ପୁଷ୍ଟିଶସ୍ୟ ଖାଦ୍ୟ

ପୁଷ୍ଟିଶସ୍ୟ ସମ୍ମିଳନୀରେ ଶୁକ୍ରବାର ଆୟୋଜିତ ଖାଦ୍ୟପର୍ବରେ ୧୭ରୁ ଅଧିକ ଷ୍ଟଲ ଖୋଲିଥିଲା। ବିଭିନ୍ନ ଷ୍ଟଲରେ ଜୈବିକ ପୁଷ୍ଟିଶସ୍ୟ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପରିବେଷିତ ହୋଇଥିଲା। ମେ ଫେୟାର ହୋଟେଲ ଆଣ୍ଡ୍ ରିସର୍ଟସ୍, କ୍ରାଉନ୍ ହୋଟେଲ, ସ୍ୱସ୍ତି ପ୍ରିମିୟମ୍, ହୋଟେଲ୍ ସୂର୍ଯ୍ୟାଂଶ, ହୋଟେଲ ବର୍ଜରୀସ୍ ବଞ୍ଜାରା (ବାଲେଶ୍ୱର)ର ଖାଦ୍ୟ ବିଶେଷଜ୍ଞ ତଥା ସେଫ୍‌ମାନେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଖାଦ୍ୟ ସାମଗ୍ରୀ ସେବନର ଭରପୂର ଅନୁଭୂତି ଅର୍ଜନ କରିଥିଲେ । କୋଲକାତା, ଆନ୍ଧ୍ର ପ୍ରଦେଶ ଓ କର୍ନାଟକର ଖାଦ୍ୟ ସହିତ ଭୂମଧ୍ୟସାଗରୀୟ ଅଞ୍ଚଳର ଖାଦ୍ୟ ଏହି ପର୍ବରେ ସ୍ଥାନ ପାଇଥିଲା। ନୂଆ ପ୍ରକାରର ମିଠା ଓ ପେଷ୍ଟ୍ରିଜ୍ ସାଙ୍ଗକୁ ସମକାଳୀନ ତଥା ପାରମ୍ପରିକ ଓଡ଼ିଶୀ ବ୍ୟଞ୍ଜନ ମଧ୍ୟ ସାମିଲ ହୋଇଥିଲା। ଫୁଡ୍ ବ୍ଲଗର ଡ. ପ୍ରିୟଙ୍କା ବ୍ରହ୍ମା, ଆରାଧନା ବିଶ୍ୱାଳ, ରୋହିତ ଶ୍ରୀବାସ୍ତବ, ଶୁଭଶ୍ରୀ ରୟ, ମିତାଲି ପତି ଓ ଅଭିଜିତ ପ୍ରଧାନ ପ୍ରମୁଖଙ୍କ ସହଯୋଗରେ ଏପରି ଖାଦ୍ୟପର୍ବ ସଫଳ ହୋଇଥିଲା।

# ପୁଷ୍ଟିଶସ୍ୟକୁ ନେଇ ଗୀତ ଗାଇଲେ, ନାଚିଲେ ଚାଷୀ

ମାଣ୍ଡିଆ ଓ ଅନ୍ୟାନ୍ୟ ପୁଷ୍ଟିଶସ୍ୟକୁ ନେଇ ଦେଶର ବିଭିନ୍ନ ରାଜ୍ୟର ଲୋକକଥା ଓ ଲୋକସଂସ୍କୃତି ରହିଛି। ବିଭିନ୍ନ ରାଜ୍ୟରେ ଥିବା ଲୋକସଂଗୀତ ପୁଷ୍ଟିଶସ୍ୟ ଚାଷ ସହ ଏହାର ସୁରକ୍ଷା ଦିଗରେ ସହାୟକ ହୋଇଆସିଛି। ମାଣ୍ଡିଆ ଦିବସ ଅବସରରେ ଅନ୍ତର୍ଜାତୀୟ ମିଲେଟ୍ ସମ୍ମିଳନୀରେ ଏହି ଆଧାରିତ ଲୋକ ସଙ୍ଗୀତରେ ଝୁମିଥିଲେ କୃଷକ। ସମ୍ମିଳନୀର ଏକ ଅଣ-ବୈଷୟିକ କାର୍ଯ୍ୟକ୍ରମରେ ମେଘାଳୟ, କର୍ନାଟକ, ଗୁଜରାଟ ଏବଂ ଓଡ଼ିଶାର କୃଷକ ଦଳ ସମବେତ ହୋଇ ପୁଷ୍ଟିଶସ୍ୟ ସଙ୍ଗୀତ ପରିବେଷଣ କରିଥିଲେ। କଣ୍ଠରେ ଥିଲା ପୁଷ୍ଟିଶସ୍ୟର ଜୟଗାନ, ପରିଚ୍ଛଦ ଥିଲା ପାରମ୍ପରିକ। କାର୍ଯ୍ୟକ୍ରମରେ ବିଭାଗୀୟ ସହକାରୀ ନିର୍ଦ୍ଦେଶକ ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଦେଇଥିବାବେଳେ ରିଭିଟାଲାଇଜିଂ ରେନ୍‌ଫେଡ୍ ଏରିଆ (ଆର୍‌ଆର୍‌ଏ)ର ଜାତୀୟ ନିର୍ଦ୍ଦେଶକ ଡ. ସବ୍ୟସାଚୀ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଗୀତିକାର ତଥା ସାମାଜିକ କର୍ମୀ ଗୁଜରାଟର ବିନୟ ମହାଜନ ଓ ଚାରୁ ଭରୱାଡ଼ା ସଙ୍ଗୀତ ପରିବେଷଣ କରିଥିବାବେଳେ ଓଡ଼ିଶାରୁ ଲୋକକବି ପଦ୍ମଶ୍ରୀ ହଳଧର ନାଗ ଅତିଥି ଭାବରେ ଉପସ୍ଥିତ ଥିଲେ। ଗୁଜରାଟ ଓ ମେଘାଳୟ ଦଳ ଫସଲ ଅମଳ ନେଇ ସେମାନଙ୍କ ପାରମ୍ପରିକ ଲୋକଗୀତ ପ୍ରସ୍ତୁତ କରିଥିଲେ। ଗଜପତି ଜିଲାର ଶିଳ୍ପୀମାନେ ବାଦ୍ୟଯନ୍ତ୍ର ସହିତ ସଙ୍ଗୀତ ପରିବେଷଣ କରିଥିଲେ। ଉପସ୍ଥିତ ଶିଳ୍ପୀ, ଅଂଶଗ୍ରହଣକାରୀ ଓ ଅତିଥିମାନେ ପୁଷ୍ଟିଶସ୍ୟକୁ ନେଇ ଶପଥପାଠ କରିଥିଲେ । ସଙ୍ଗୀତ ଓ ନୃତ୍ୟରେ ମୁଖରିତ ହୋଇଥିଲା ପରିବେଶ ।

# ବିଶ୍ୱ ମାଣ୍ଡିଆ ଦିବସ ପାଳିତ



ପ୍ରତିଯୋଗିତାରେ ମହିଳାମାନେ ମାଣ୍ଡିଆରୁ ପ୍ରସ୍ତୁତ କରୁଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀକୁ ପ୍ରଦର୍ଶନ କରୁଛନ୍ତି।

ବାଲିଅନ୍ତା,୧୦।୧୧(ନୀଳମାଧବ ସାହୁ)

ୱି ଫର୍ ଭୁବନେଶ୍ୱର ଓ ସୁକୁନ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରର ଏକ ସେବା ଭବନରେ ଶୁକ୍ରବାର ବିଶ୍ୱ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟକୁ ନେଇ ଏକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୩୦ଜଣ ମହିଳା ପ୍ରତିଯୋଗୀ ଯୋଗଦେଇ ମାଣ୍ଡିଆରେ ତିଆରି କେକ୍, ପିଠା, ଲଡୁ, ମୋମୋ, ଜାଉ, ପୋଡ଼, ଖିରି ଆଦିକୁ ପ୍ରଦର୍ଶିତ କରିଥିଲେ। ଏଥିରେ ଅତିଥି ରୂପେ ବିଜେଡିର ଭୁବନେଶ୍ୱର ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ର, ଅମରେଶ ଜେନା, ରୁଦ୍ର ସାମନ୍ତରାୟ, ଈପ୍ସିତା ସାହୁ, ନରେନ ସାହୁ, ରଶ୍ମିତା ମଲିକ, ରମାନାଥ ସାମନ୍ତରାୟ, ଗୁରୁଚରଣ ସାହୁ ଓ ଜୟଶ୍ରୀ ଧଳ ପ୍ରମୁଖ ଯୋଗଦେଇଥିଲେ।

## ଆନ୍ଦୋଳନକୁ ଓହ୍ଲାଇବ ଓଡ଼ିଶା ଏମ୍‌ସିଓ, ଏପିଓ ଆସୋସିଏଶନ

ଭୁବନେଶ୍ୱର,୧୦।୧୧ (ଅନୁରାଧା ମହାରଣା)

ଓଡ଼ିଶା ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ଅନ୍ତର୍ଗତ ରାଜ୍ୟର ସମସ୍ତ ୩୧୪ଟି ବ୍ଲକରେ କାର୍ଯ୍ୟରତ ଅତିରିକ୍ତ ପ୍ରୋଗ୍ରାମ ଅଫିସର (ଏପିଓ) ଏବଂ ୩୦ ଜିଲା ପରିଷଦ କାର୍ଯ୍ୟାଳୟରେ କାର୍ଯ୍ୟରତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କୋଅର୍ଡିନେଟର (ଏମ୍‌ସିଓ) ପୁଣି ରାଜରାସ୍ତାକୁ ଓହ୍ଲାଇବେ। ଦୁଇ ଦଫା ଦାବି ଚାକିରି ସର୍ତ୍ତାବଳୀ ଓ ସରକାରଙ୍କ ନୀତି ନିର୍ଦ୍ଧାରଣ ତଥା ବାରମ୍ବାର ଦାବି ପୂରଣ ପାଇଁ ପୂର୍ବରୁ ଦିଆଯାଇଥିବା ଚିଠିର ଉତ୍ତର ଉପରେ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଆସୋସିଏଶନ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଡିସେମ୍ବର ୩୧ ସୁଦ୍ଧା ସରକାର ଦାବି ପୂରଣ ପାଇଁ କୌଣସି ପଦକ୍ଷେପ ନ ନେଲେ ଜାନୁୟାରୀରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବ ବୋଲି ସଂଘର ସମ୍ପାଦକ ମାନସ ରଞ୍ଜନ କର ଚେତାବନୀ ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମିଶନ ଶକ୍ତିର ୧୫୦ ‘ମିଲେଟ୍ ମା’

ଭୁବନେଶ୍ୱର,୧୦।୧୧(ଅନିଲ ଦାସ)

ଶୁକ୍ରବାର ସନ୍ଧ୍ୟାରେ ନବୀନ ନିବାସଠାରେ ୧୫୦ ଜଣ ‘ମିଲେଟ୍ ମା’ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ପୁଷ୍ଟିଶସ୍ୟ ମାଣ୍ଡିଆର ପ୍ରୋତ୍ସାହନ ପାଇଁ କୃତଜ୍ଞତା ଜଣାଇଛନ୍ତି। ଏହି ମହିଳାମାନେ ସମସ୍ତେ ମିଶନ ଶକ୍ତିର ସଦସ୍ୟ ଅଛନ୍ତି । ଭୁବନେଶ୍ୱରରେ ଚାଲିଥିବା ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀରେ ସେମାନେ ଯୋଗ ଦେଇଛନ୍ତି। ମାଣ୍ଡିଆ ଚାଷଠାରୁ ଆରମ୍ଭ କରି ଲୋକଙ୍କ ପ୍ଲେଟ୍‌ରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ପହଞ୍ଚାଇବା ପର୍ଯ୍ୟନ୍ତ ମାଣ୍ଡିଆ ଫୁଡ୍ ଚେନ୍ ବିଭିନ୍ନ ସ୍ତରରେ ଏହି ମା’ମାନେ ଯୋଡ଼ିହୋଇ କାମ କରୁଛନ୍ତି । ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ, ସରକାରଙ୍କ ପକ୍ଷରୁ ଚାଷୀଙ୍କ ମାଣ୍ଡିଆ ସଂଗ୍ରହ, ମିଲେଟ୍ ଶକ୍ତି ଜରିଆରେ ମାଣ୍ଡିଆରୁ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଚାଷୀ ଓ ମହିଳାମାନେ ସମସ୍ତେ ଉପକୃତ ହେଉଛନ୍ତି । ସେମାନଙ୍କ ରୋଜଗାର ବଢ଼ିଛି । ଏହା ଆମକୁ ସଶକ୍ତ କରିଛି ବୋଲି ସେମାନେ କହିଛନ୍ତି । ମା’ମାନେ ବହୁତ ଭଲ କାମ କରୁଛନ୍ତି । ଏ ଦିଗରେ ଆହୁରି ସକ୍ରିୟ ହୋଇ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ସ୍ୱାମୀଙ୍କୁ ଆଜୀବନ ଜେଲ

ଅସ୍ତରଙ୍ଗ, ୧୦।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ): ସ୍ତ୍ରୀଙ୍କୁ ହତ୍ୟା କରି ଥାନାରେ ଆତ୍ମସମର୍ପଣ କରିବା ଘଟଣାରେ ସ୍ୱାମୀ ଗଣେଶ ବେହୁରାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ସୂଚନାଯୋଗ୍ୟ, ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ରାଇବେରୁଆଁ ଗ୍ରାମର ଗଣେଶ ୨୦୧୨ ମସିହାରେ ଅନ୍ନପୂର୍ଣ୍ଣାଙ୍କୁ ବିବାହ କରିଥିଲେ। ୨୦୧୯ ଅଗଷ୍ଟ ୨୫ ରାତିରେ କୌଣସି କାରଣକୁ ନେଇ ଗଣେଶ ତାଙ୍କ ସ୍ତ୍ରୀଙ୍କୁ କଟୁରିରେ ଆକ୍ରମଣ କରି ମୁଣ୍ଡରୁ ଗଣ୍ଡିକୁ ଅଲଗା କରି ଦେଇଥିଲେ। ତା’ ପରଦିନ ଗଣେଶ ସ୍ତ୍ରୀଙ୍କ କଟାମୁଣ୍ଡ ଧରି ଥାନାରେ ଆତ୍ମସମର୍ପଣ କରିଥିଲେ।

# ସରସ୍ୱତୀ ଶିକ୍ଷା ମନ୍ଦିରରେ ବିଜ୍ଞାନ ମେଳା, ମିନାବଜାର

ବାଲିଅନ୍ତା,୧୦।୧୧(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷାମନ୍ଦିର ପକ୍ଷରୁ ୨୨ତମ ବାର୍ଷିକ ବିଜ୍ଞାନ ମେଳା ଓ ମିନାବଜାର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସିନିୟର, ଜୁନିୟର ଓ ସବ୍- ଜୁନିୟର ବିଭାଗରେ ୧୨୦ଟି ବିଜ୍ଞାନ ଓ ପରିବେଶଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ବେହେରା ଓ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାସ ଅତିଥି ରୂପେ ଯୋଗଦେଇ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ପରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ଖାଦ୍ୟର ଷ୍ଟଲ୍ ଖୋଲାଯାଇଥିଲା।



ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ଗୁରୁମା ଓ ଗୁରୁଜୀମାନେ ଏହି ଚଟ୍‌ପଟି ଖାଦ୍ୟର ମଜା ନେଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଲକ୍ଷ୍ମୀପ୍ରିୟା ପ୍ରଧାନ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ର, ହେମନ୍ତ ନାୟକ, ହରପ୍ରସାଦ ମିଶ୍ର, ମଧୁସ୍ମିତା ରାୟ, ନମିତା ବେହେରା, ପ୍ରଭାସିନୀ ମହାନ୍ତି ଓ ବିଶ୍ୱଭୂଷଣ ବାରିକ୍ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଏସ୍‌କେୱାଇରେ ସାମିଲ ଘରୋଇ ସୁପରସ୍ପେଶାଲିଟି ସଂଖ୍ୟା ୭୬୫କୁ ବୃଦ୍ଧି

**■ରାଜ୍ୟ ବାହାରେ ୧୧୫ଟି ହସ୍ପିଟାଲ ଯୋଜନାରେ ଅନୁବନ୍ଧିତ**

**■୧୦ମାସରେ ୯୧ହଜାର ୫ଶହ ଲୋକ ଉପକୃତ**

ଭୁବନେଶ୍ୱର, ୧୦।୧୧(ବନ୍ଦନା ସେଠୀ)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ଜନସାଧାରଣ ଏବଂ ଘରୋଇ ହସ୍ପିଟାଲଗୁଡିକ ଅଧିକରୁ ଅଧିକ ସଂଖ୍ୟାରେ ସାମିଲ ହେଉଛନ୍ତି। ଅକ୍ଟୋବର ଶେଷ ସୁଦ୍ଧା ଏହି ଯୋଜନାରେ ସାମିଲ ହୋଇଥିବା ଘରୋଇ ସୁପରସ୍ପେଶାଲିଟି ବିଶ୍ୱସ୍ତରୀୟ ହସ୍ପିଟାଲ ସଂଖ୍ୟା ୭୬୫କୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଶାଳିନୀ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସ୍ୱାସ୍ଥ୍ୟସେବା ପ୍ରତିଶ୍ରୁତି ସମିତି ସମୀକ୍ଷା ବୈଠକରୁ ଏହା ଜଣାପଡିଛି। ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶ, ଆସାମ, ତେଲଙ୍ଗାନା, କର୍ନାଟକ, ଦିଲ୍ଲୀ, ଗୁଜରାଟ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଛତିଶଗଡ, ଝାଡଖଣ୍ଡ, ପଞ୍ଜାବ, ହରିୟାଣା, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଆଦି ୧୯ଟି ରାଜ୍ୟର ପ୍ରମୁଖ ସହରରେ ଅବସ୍ଥିତ ୧୧୫ଟି ସୁପର ସ୍ପେଶାଲିଟି ବିଶ୍ୱସ୍ତରୀୟ ହସ୍ପିଟାଲ ବିଏସ୍‌କେୱାଇରେ ସାମିଲ ହୋଇଛି। ଏସବୁ ରାଜ୍ୟରେ ରହୁଥିବା ଓଡିଆମାନେ ମାଗଣାରେ ଉଚ୍ଚମାନର ଚିକିତ୍ସା ସୁବିଧା ପାଇପାରୁଛନ୍ତି। ସେହିପରି ଚେନ୍ନାଇ, ଡେରାଡୁନ, ବାଶି, ବେଙ୍ଗାଲୁରୁ, ମୁମ୍ବାଇ, କଲିକତା, ଅମ୍ରିତସର, ଫରିଦାବାଦ, ଗୁରଗାଓଁ, ଜୟପୁର, ନୋଇଡା, ଲୁଧିଆନା, ନୂଆଦିଲ୍ଲୀ ଆଦି ସ୍ଥାନରେ ଥିବା ଫୋର୍ଟିସ ଗ୍ରୁପ୍‌ର ୨୪ଟି ହସ୍ପିଟାଲ ଏବଂ ନାରାୟଣ ହୃଦୟାଳୟର ୭ଟି ବିଶ୍ୱସ୍ତରୀୟ ହସ୍ପିଟାଲଗୁଡିକ ମଧ୍ୟ ବିଏସ୍‌କେୱାଇ ସହ ସହଭାଗିତା ସୂତ୍ରରେ ସଂଯୁକ୍ତ ହୋଇଛନ୍ତି। ଚଳିତ ବର୍ଷ ଜାନୁୟାରୀରୁ ଅକ୍ଟୋବର ମଧ୍ୟରେ ରାଜ୍ୟ ବାହାର ହସ୍ପିଟାଲଗୁଡିକରେ ପ୍ରାୟ ୯୧,୫୦୦ ଓଡିଆ ଲୋକ ମାଗଣାରେ ଜଟିଳ ରୋଗର ଅତ୍ୟାଧୁନିକ ଚିକିତ୍ସା ପାଇଛନ୍ତି। ଅନୁବନ୍ଧିତ ହସ୍ପିଟାଲଗୁଡିକ ବିଷୟରେ ଆବଶ୍ୟକ ସୂଚନା ବିଏସ୍‌କେୱାଇ ଓଡିଶା ୱେବ୍‌ସାଇଟ୍‌ରେ ଦିଆଯାଇଛି। ରୋଗୀଙ୍କୁ ସହଯୋଗ କରିବାକୁ ଉଭୟ ଓଡିଶା ଓ ବାହାର ରାଜ୍ୟରେ ୫୪ଜଣ ଜିଲା ସଂଯୋଜକ କାର୍ଯ୍ୟରତ ରହିଥିବାବେଳେ ୭୭୩ ସ୍ୱାସ୍ଥ୍ୟମିତ୍ର କର୍ମତତ୍ପର ଅଛନ୍ତି ବୋଲି ସୂଚନା ଦିଆଯାଇଛି। ଅତିରିକ୍ତ ଶାସନ ସଚିବ ତଥା ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁଭନନ୍ଦ ମହାପାତ୍ରଙ୍କ ସମେତ ସମିତିର ବରିଷ୍ଠ ଅଧିକାରୀ ସମୀକ୍ଷା ବୈଠକରେ ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ।

## ସଂକ୍ଷେପରେ

### ସ୍ୱାମୀଙ୍କୁ ଆଜୀବନ ଜେଲ

**ସ୍ତ୍ରୀଙ୍କ କଟାମୁଣ୍ଡ ଧରି ଥାନାରେ ଆତ୍ମସମର୍ପଣ କରିବା ଘଟଣା**

ଅସ୍ତରଙ୍ଗ, ୧୦।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ସ୍ତ୍ରୀଙ୍କୁ ହତ୍ୟା କରି ଥାନାରେ ଆତ୍ମସମର୍ପଣ କରିବା ଘଟଣାରେ ସ୍ୱାମୀ ଗଣେଶ ବେହୁରାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ସୂଚନାଯୋଗ୍ୟ, ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ରାଇବେରୁଆଁ ଗ୍ରାମର ଗଣେଶ ବେହୁରା ୨୦୧୨ ମସିହାରେ ଅନ୍ନପୂର୍ଣ୍ଣାଙ୍କୁ ବିବାହ କରିଥିଲେ। ବିବାହର ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବି କରି ଅନ୍ନପୂର୍ଣ୍ଣାଙ୍କୁ ଶଶୁର ଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ୨୦୧୯ ମସିହା ଅଗଷ୍ଟ ୨୫ତାରିଖ ରାତିରେ ପୂର୍ବ ଗଣ୍ଡଗୋଳକୁ କେନ୍ଦ୍ରକରି ଅଭିଯୁକ୍ତ ଗଣେଶ ସ୍ତ୍ରୀଙ୍କୁ କଟୁରିରେ ଆକ୍ରମଣ କରି ମୁଣ୍ଡରୁ ଗଣ୍ଡିକୁ ଅଲଗା କରି ଦେଇଥିଲେ। ତା’ ପରଦିନ ଗଣେଶ ସ୍ତ୍ରୀଙ୍କ କଟାମୁଣ୍ଡ ଧରି ଥାନାରେ ଆତ୍ମସମର୍ପଣ କରିଥିଲେ। ଏହାକୁ ନେଇ ଅସ୍ତରଙ୍ଗ ଥାନାରେ କେସ୍ ନଂ. ୮୨/୨୦୧୯ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଶୁକ୍ରବାର ମାନ୍ୟବର ଅତିରିକ୍ତ ଜିଲା ଜଜ୍ ନିମାପଡ଼ା ଲୋକନାଥ ସାହୁ ଆସାମୀ ଗଣେଶ ବେହୁରାଙ୍କୁ ଦଫା ୩୦୨ରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୀତାକାନ୍ତ ଦାସ ମାମଲା ର ପରିଚାଳନା କରୁଥିଲେ।

### ରାମ ମନ୍ଦିରରେ ଗୋମାଂସ ପକାଇବାକୁ ନେଇ ଉତ୍ତେଜନା, ୨ ଅଟକ

ନିଆଳି,୧୦।୧୧(ସୁକାନ୍ତ କୁମାର ସିଂ)

ନିଆଳି ତହସିଲ କଲୋନିରେ ଥିବା ରାମ ମନ୍ଦିର ପରିସରରେ ଗୋମାଂସ ପକାଇବାକୁ ନେଇ ନିଆଳି ପୋଲିସ ଶୁକ୍ରବାର ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସେମାନେ ହେଲେ ସେକ୍ ମୁସ୍ତାକ୍ ଏବଂ ମଲିକ ସାହିଲ। ଦୁହିଙ୍କଠାରୁ ପୋଲିସ ଏକ ବାଇକ୍ (ଓଡି ୦୫ ଟି ୨୯୨୯ ଟି ୭), ବାଲ୍ଟି ଏବଂ ଏକ ବ୍ୟାଗ୍ ଜବତ କରିଛି। ସୂଚନା ମୁତାବକ, ଜଣେ ଦୁର୍ବୃତ୍ତ ବାଇକ୍‌ରେ ଆସି ରାମମନ୍ଦିର ପରିସର ଏବଂ କଲୋନିରେ ଗୋମାଂସ ପକାଉଥିବା ମନ୍ଦିର ପୂଜକ ସକାଳୁ ଶ୍ରୀଜୀଉଙ୍କୁ ପୂଜା କରିବାକୁ ଆସି ଦେଖିଥିଲେ। ଏହାପରେ ପୂଜକ ଏନେଇ ଲୋକଙ୍କୁ ଜଣାଇବାରୁ ଘଟଣାସ୍ଥଳରେ ହିନ୍ଦୁ, ବଜରଙ୍ଗ ଦଳ ଓ ମୁସଲିମ୍ ବସ୍ତିର ମୁରବିମାନେ ପହଞ୍ଚିଥିଲେ। ଏଭଳି ଘଟଣାକୁ ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଉଭୟ ସମ୍ପ୍ରଦାୟର ତ୍ରିଲୋଚନ ବେହେରା, ଆଲୋକ ନାୟକ, ନିଗମ ଚନ୍ଦ୍ର ସାହୁ, ପ୍ରମୋଦ ବେହେରା, ସେକ୍ ୟାକୁବ୍, ସେକ୍ ମଇଉଦ୍ଦିନ୍, ସେକ୍ ସରିଫ୍, ସେକ୍ ହସନ୍, ସେକ୍ ମିହିର୍ ପ୍ରମୁଖ ନିଆଳି ଥାନାରେ ସନ୍ଦେହରେ ୫ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ପୋଲିସ ୩୮୬/୨୦୨୩ରେ ଏକ ମାମଲା ରୁଜୁ କରିଥିଲା। ୨୪ ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ପ୍ରତିଶ୍ରୁତି ଦେଇଥିଲେ।

# ବିଏସ୍‌କେୱାଇରେ ସାମିଲ ଘରୋଇ ସୁପରସ୍ପେଶାଲିଟି ସଂଖ୍ୟା ୭୬୫କୁ ବୃଦ୍ଧି

■ରାଜ୍ୟ ବାହାରେ ୧୧୫ଟି ହସ୍ପିଟାଲ ଯୋଜନାରେ ଅନୁବନ୍ଧିତ

■୧୦ମାସରେ ୯୧ହଜାର ୫ଶହ ଓଡ଼ିଆ ଲୋକ ଉପକୃତ

ଭୁବନେଶ୍ୱର, ୧୦।୧୧(ବନ୍ଦନା ସେଠୀ)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ଜନସାଧାରଣ ଏବଂ ଘରୋଇ ହସ୍ପିଟାଲଗୁଡିକ ଅଧିକରୁ ଅଧିକ ସଂଖ୍ୟାରେ ସାମିଲ ହେଉଛନ୍ତି। ଅକ୍ଟୋବର ଶେଷ ସୁଦ୍ଧା ଏହି ଯୋଜନାରେ ସାମିଲ ହୋଇଥିବା ଘରୋଇ ସୁପରସ୍ପେଶାଲିଟି ବିଶ୍ୱସ୍ତରୀୟ ହସ୍ପିଟାଲ ସଂଖ୍ୟା ୭୬୫କୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଶାଳିନୀ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସ୍ୱାସ୍ଥ୍ୟସେବା ପ୍ରତିଶ୍ରୁତି ସମିତି ସମୀକ୍ଷା ବୈଠକରୁ ଏହା ଜଣାପଡିଛି। ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶ, ଆସାମ, ତେଲଙ୍ଗାନା, କର୍ଣ୍ଣାଟକ, ଦିଲ୍ଲୀ, ଗୁଜରାଟ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଛତିଶଗଡ, ଝାଡଖଣ୍ଡ, ପଞ୍ଜାବ, ହରିୟାଣା, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଆଦି ୧୯ଟି ରାଜ୍ୟର ପ୍ରମୁଖ ସହରରେ ଅବସ୍ଥିତ ୧୧୫ଟି ସୁପର ସ୍ପେସାଲିଟି ବିଶ୍ୱସ୍ତରୀୟ ହସ୍ପିଟାଲ ବିଏସ୍‌କେୱାଇରେ ସାମିଲ ହୋଇଛି। ଏସବୁ ରାଜ୍ୟରେ ରହୁଥିବା ଓଡିଆମାନେ ମାଗଣାରେ ଉଚ୍ଚମାନର ଚିକିତ୍ସା ସୁବିଧା ପାଇପାରୁଛନ୍ତି। ସେହିପରି ଚେନ୍ନାଇ, ଡେରାଡୁନ, ବାଣି, ବେଙ୍ଗାଲୁରୁ, ମୁମ୍ବାଇ, କଲିକତା, ଅମ୍ରିତସର, ଫରିଦାବାଦ, ଗୁରଗାଓଁ, ଜୟପୁର, ନୋଇଡା, ଲୁଧିଆନା, ନୂଆଦିଲ୍ଲୀ ଆଦି ସ୍ଥାନରେ ଥିବା ଫୋର୍ଟିସ ଗ୍ରୁପ୍‌ର ୨୪ଟି ହସ୍ପିଟାଲ ଏବଂ ନାରାୟଣ ହୃଦୟାଳୟର ୭ଟି ବିଶସ୍ତରୀୟ ହସ୍ପିଟାଲଗୁଡିକ ମଧ୍ୟ ବିଏସ୍‌କେୱାଇ ସହ ସହଭାଗିତା ସୂତ୍ରରେ ସଂଯୁକ୍ତ ହୋଇଛନ୍ତି। ଚଳିତ ବର୍ଷ ଜାନୁୟାରୀରୁ ଅକ୍ଟୋବର ମଧ୍ୟରେ ରାଜ୍ୟ ବାହାର ହସ୍ପିଟାଲଗୁଡିକରେ ପ୍ରାୟ ୯୧,୫୦୦ ଓଡିଆ ଲୋକ ମାଗଣାରେ ଜଟିଳ ରୋଗର ଅତ୍ୟାଧୁନିକ ଚିକିତ୍ସା ପାଇଛନ୍ତି। ଅନୁବନ୍ଧିତ ହସ୍ପିଟାଲଗୁଡିକ ବିଷୟରେ ଆବଶ୍ୟକ ସୂଚନା ବିଏସ୍‌କେୱାଇ ଓଡିଶା ୱେବ୍‌ସାଇଟ୍‌ରେ ଦିଆଯାଇଛି। ରୋଗୀଙ୍କୁ ସହଯୋଗ କରିବାକୁ ଉଭୟ ଓଡିଶା ଓ ବାହାର ରାଜ୍ୟରେ ୫୪ଜଣ ଜିଲା ସଂଯୋଜକ କାର୍ଯ୍ୟରତ ରହିଥିବାବେଳେ ୭୭୩ ସ୍ୱାସ୍ଥ୍ୟମିତ୍ର କର୍ମତତ୍ପର ଅଛନ୍ତି ବୋଲି ସୂଚନା ଦିଆଯାଇଛି। ଅତିରିକ୍ତ ଶାସନ ସଚିବ ତଥା ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁଭନନ୍ଦ ମହାପାତ୍ରଙ୍କ ସମେତ ସମିତିର ବରିଷ୍ଠ ଅଧିକାରୀ ସମୀକ୍ଷା ବୈଠକରେ ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ।



ଟାଙ୍ଗୀ: ଶିକ୍ଷା ସଚେତନତା ରଥକୁ ସ୍ୱାଗତ ଅବସରରେ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ।

## ଶିକ୍ଷା ସଚେତନତା ରଥକୁ ସ୍ୱାଗତ

ଟାଙ୍ଗୀ,୧୦।୧୧(ରଘୁନାଥ ସାହୁ)

୬ରୁ ୧୪ ବର୍ଷ ବୟସର ସମସ୍ତ ଶିଶୁ ମାଗଣାରେ ଶିକ୍ଷା ଗ୍ରହଣ କରିବା ଏହା ତାଙ୍କର ଅଧିକାର। କୌଣସି କାରଣରୁ ଅଧାରୁ ପାଠପଢ଼ା ଛାଡିଥିବା ଶିକ୍ଷାର୍ଥୀ କିପରି ମୁଖ୍ୟସ୍ରୋତରେ ସାମିଲ ହେବା, ଶିକ୍ଷାର ଉନ୍ନତି ହେଲେ ଦେଶର ତଥା ଜାତିର ଉନ୍ନତି ହେବ ଏ ସମସ୍ତ ଉଦ୍ଦେଶ୍ୟକୁ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ଶିକ୍ଷା ସଚେତନତା ରଥ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ପରିକ୍ରମା କରୁଛି। ଶୁକ୍ରବାର କୁହୁଡି ଓ ରତନପୁର ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ରହି ଏହି ରଥକୁ ସ୍ୱାଗତ ଓ ବନ୍ଦାପନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀଧରପୁର କ୍ଲଷ୍ଟରର ସିଆର୍‌ସିସି ଦୀନବନ୍ଧୁ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସମ୍ପତ୍ତି ଭାଗବଣ୍ଟାକୁ ନେଇ ସଂଘର୍ଷ

ବଳଙ୍ଗା, ୧୦।୧୧(କେଦାରେଶ୍ୱର ନନ୍ଦ)

ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ରକରି ଶୁକ୍ରବାର ମଧ୍ୟାହ୍ନରେ ବଳଙ୍ଗା ଥାନା ଅନ୍ତର୍ଗତ ବାୟାବର ଗ୍ରାମରେ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଉଭୟ ଆହତ ହୋଇଥିବା ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ପୃଥକ ଦୁଇଟି ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ପ୍ରକାଶ ଯେ ବାୟାବର ଗ୍ରାମର ସନାତନ ମୁଦୁଲି ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଶୁକ୍ରବାର ମଧ୍ୟାହ୍ନରେ ସନାତନ ପୈତୃକ ସମ୍ପତ୍ତିର ମାପଚୁପ କରୁଥିବା ସମୟରେ ତାଙ୍କ ବଡ଼ଭାଇ ମାନସ ମୁଦୁଲି ଓ ତାଙ୍କ ସ୍ତ୍ରୀ ମନୋରମା ଓ ପୁଅ ସତ୍ୟ ସମସ୍ତେ ହାତରେ ବିଭିନ୍ନ ପ୍ରକାରର ମାରଣାସ୍ତ୍ର ଧରି ସନାତନକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ସନାତନଙ୍କ ମୁଣ୍ଡ ଫାଟି ଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ମାନସ ଓ ତାଙ୍କ ପୁଅକୁ ସନାତନ ପାଞ୍ଚଜଣ ଗୁଣ୍ଡା ଶ୍ରେଣୀୟ ଲୋକଙ୍କ ସହ ମିଶି ତଳେ ପକାଇ ମାଡ଼ ମାରିଥିଲେ। ଆକ୍ରମଣରେ ମାନସଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ଅଭିଯୋଗରେ ଦର୍ଶାଯାଇଛି।

# ଶିକ୍ଷକଙ୍କ ଅନୁପସ୍ଥିତି ନେଇ କାରଣ ଦର୍ଶାଅ ନୋଟିସ

ଗୋପ, ୧୦।୧୧(ଭାରତୀ ଭୂଷଣ ଉପାଧ୍ୟାୟ)



ସ୍କୁଲ ଖୋଲା ଅଛି, ଛାତ୍ରୀଛାତ୍ର ଅଛନ୍ତି। ଏପରିକି ଦୁଇଜଣ ଶିକ୍ଷୟିତ୍ରୀଙ୍କ ଟେବୁଲ ଉପରେ ଉଭୟଙ୍କ ବ୍ୟାଗ୍ ଥିବାବେଳେ ଦୁହେଁ ଅନୁପସ୍ଥିତ ରହିଛନ୍ତି। ଏପରି ଦୃଶ୍ୟ ଗୁରୁବାର ଗୋପ ବ୍ଲକର ଗୋପ ପଞ୍ଚାୟତ ଅଧୀନ ପାଣିଛତ୍ର ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏଠାରେ ଜଣେ ଶିକ୍ଷକ ଓ ୨ଜଣ ଶିକ୍ଷୟିତ୍ରୀ ରହିଥିବାବେଳେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬୬ ଛାତ୍ରୀଛାତ୍ରୀ ଅଧ୍ୟୟନ କରୁଛନ୍ତି। ଦୁଇଟି ଗୃହରେ ୮ଟି ଶ୍ରେଣୀର ଛାତ୍ରୀଛାତ୍ର ଜାକିଜୁକି ହୋଇ ବସୁଛନ୍ତି। ସରକାରୀ ସ୍ତରରେ ଠିକ୍ ଭାବେ ମନିଟରିଂ ହେଉ ନ ଥିବାରୁ ଏଠାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟରେ ପ୍ରାୟ ସମୟରେ ପାଳି କରି ଶିକ୍ଷକ, ଶିକ୍ଷୟିତ୍ରୀ ସ୍କୁଲକୁ ଆସିବା ଅଭିଯୋଗ ହେଉଥିଲା। ଏପରି ଅଭିଯୋଗକୁ ନେଇ ଗୁରୁବାର କେତେଜଣ ଗଣମାଧ୍ୟମ ପ୍ରତିନିଧି ସ୍କୁଲରେ ପୂର୍ବାହ୍ନ ୧୧ଟାରେ ପହଞ୍ଚିଥିଲେ। ୨ଟି ଶ୍ରେଣୀଗୃହରେ ୮ଟି ଶ୍ରେଣୀର ଛାତ୍ରୀଛାତ୍ର ବସିଥିବାବେଳେ ଦୁଇଜଣ ଶିକ୍ଷୟିତ୍ରୀ ନିଜ ବ୍ୟାଗ୍ ଟେବୁଲ ଉପରେ ରଖି ଅନ୍ୟ ଏକ କୋଠରୀରେ ବସିଥିଲେ। ଶିକ୍ଷକ ଜଣଙ୍କ ବିନା ଦରଖାସ୍ତରେ ଅନୁପସ୍ଥିତ ଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ସୁରମା ଦେଇଙ୍କୁ ପଚାରିବାରେ ଶିକ୍ଷକ ଟିକେ ବିଳମ୍ବରେ ଆସିବେ ବୋଲି କହିବା ସହ ସେମାନେ ଦୁହେଁ ସରକାରୀ କାର୍ଯ୍ୟ କରୁଥିବା ପ୍ରକାଶ କରୁଥିଲେ। ଏନେଇ ବ୍ଲକ ଶିକ୍ଷାଧିକାରୀ ସୁଶୀଲ କୁମାର ବ୍ରହ୍ମାଙ୍କୁ ଅଭିଯୋଗ କରିବାରୁ ସେ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ଜଣାପଡ଼ିଛି। ଗୋପ ବ୍ଲକର ଅଧିକାଂଶ ସ୍କୁଲରେ ଶିକ୍ଷା ବ୍ୟବସ୍ଥାର ଏଭଳି ଚିତ୍ର ଦୃଷ୍ଟିକୁ ଆସୁଥିବା ସାଧାରଣରେ ଆଲୋଚନା ହେଉଛି।

# ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ କକ୍ଷ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବେଗୁନିଆ,୧୦।୧୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର-କଣ୍ଟାମଲିମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଶ୍ରେଣୀଗୃହ ଉଦ୍‌ଘାଟିତ ହୋଇଯାଇଛି। ଡିଆଇଇଟିର ଅଧ୍ୟକ୍ଷ ତାପସ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଫାଉଣ୍ଡେସନାଲ ଲିଟେରାଶି ଓ ନ୍ୟୁମେରାଶି (ଏଫ୍‌ଏଲ୍‌ଏନ୍)ପକ୍ଷରୁ ଚୟନ କରାଯାଇଥିବା ବ୍ଲକର ପ୍ରଥମ ଏହି ଗୃହରେ ଶିଶୁମାନଙ୍କର ବୌଦ୍ଧିକ ଶିକ୍ଷାର ମାନ ବୃଦ୍ଧି କରିବା ପାଇଁ ଏହାର ଲକ୍ଷ୍ୟ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ହୋଇଥିଲା। ବକ୍ତାଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା ଏବଂ ସମ୍ମାନିତ ଅତିଥିଭାବେ ଏବିଇଓ ଲକ୍ଷ୍ମୀ ଦେଇ, ଏବିଇଓ କୈଳାସ ଚନ୍ଦ୍ର ସେଠୀ, ପ୍ରଶିକ୍ଷିକା ଶିଖା ଶିଆଳ, ପରିଚାଳନା କମିଟି ସଭାପତି ମୀରା ବେହେରା, ସ୍ଥାନୀୟ ସରପଞ୍ଚ ହାଡିବନ୍ଧୁ ମହାପାତ୍ର, ସିଆରସିସି ଦାଶରଥି ପ୍ରଧାନ, ସାମାଜିକ କର୍ମୀ ବାଙ୍କନିଧି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଶ୍ରେଣୀଗୃହରେ ପ୍ରଥମରୁ ତୃତୀୟ ଶ୍ରେଣୀରେ ପଢୁଥିବା ଶିଶମାନଙ୍କର ବୌଦ୍ଧିକ ବିକାଶ ଲାଗି ନୂତନ ତରିକା ଗ୍ରହଣ କରାଯାଇଛି। ଶବ୍ଦ ପଢିବା, ଶୁଦ୍ଧ ଭାଷା ଜାଣିବା, ସହଜରେ ଅଙ୍କ କସିବା, ସଂଖ୍ୟା ଚିହ୍ନିବା, ମାତ୍ରା ଓ ଫଳା ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିପାରିବେ ବୋଲି ଅତିଥି ନାୟକ କହିଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ରଙ୍କ ଦ୍ୱାରା ପରିଚାଳିତ ସଭାରେ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରତିମା ପଣ୍ଡା, ସୁମିତ୍ରା ସାହୁ, ବୀଣାପାଣି ଦେଇ, ଶିକ୍ଷକ ରାଧାଶ୍ୟାମ ପଣ୍ଡା, ତ୍ରିନାଥ ପରିଡା ପ୍ରମୁଖ ସହଯୋଗ କରିଥିଲେ।

# ଗ୍ରେ ୱାଟର ପରିଚାଳନା ନିମନ୍ତେ ପ୍ରଶିକ୍ଷଣ ଶିବିର




ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ମଡେଲ ଶ୍ମଶାନ ପରିଦର୍ଶନ କଲେ ଅଧିକାରୀ**

ଜଟଣୀ,୧୦।୧୧(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌର ପରିଷଦର ସମ୍ମିଳନୀ କକ୍ଷରେ ଗ୍ରେ ୱାଟର ପରିଚାଳନାର କାର୍ଯ୍ୟକାରିତା ପାଇଁ ଏକ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡର ବରିଷ୍ଠ ପରାମର୍ଶଦାତାଙ୍କ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ଅଧ୍ୟକ୍ଷତା କରିଥିଲେ। ଶିବିରରେ ଇଆଇସି ପ୍ରଶାନ୍ତ କୁମାର ମହାପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ବିଭାଗର ସମସ୍ତ ଅତିରିକ୍ତ ସଚିବ, ମୁଖ୍ୟ ଯନ୍ତ୍ରୀଙ୍କ ସହ ଜଟଣୀ ନଗରପାଳ ଅନନ୍ତ ବେହେରା, ଜଟଣୀ ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତିଙ୍କ ସହ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଶିବିରର ଦ୍ୱିତୀୟାର୍ଦ୍ଧରେ ୱାର୍ଡ ସଂଖ୍ୟା ୧୩ ଏବଂ ୧୧ରେ କ୍ଷେତ୍ର ପରିଦର୍ଶନ କରିବା ସହିତ ସମସ୍ତ ଅଧିକାରୀ ଜଟଣୀ ପୌର ପରିଷଦ ଦ୍ୱାରା ନିର୍ମିତ ମଡେଲ ଶ୍ମଶାନ ପରିଦର୍ଶନ କରିଥିଲେ।

## ଯୁବକଙ୍କୁ ମାରି ପୋଖରୀରେ ପକାଇଥିବା ଅଭିଯୋଗ

ନିଆଳି ୧୦।୧୧(ସୁକାନ୍ତ କୁମାର ସିଂ)

ପୋଖରୀରୁ ଶୁକ୍ରବାର ସକାଳୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ନିଆଳି ଥାନା ଅଧୀନ ନିଆଳି ପଞ୍ଚାୟତର ନାହାକଟା ସାହିର କାମଦେବ ଭୋଇଙ୍କ ପୁତୁରା ବାଦଲ ଭୋଇ (୨୩)। ଏନେଇ ପୋଲିସ ୩୮୫/୨୦୨୩ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବାଦଲଙ୍କୁ ଯୁବକମାନେ ମାରି ପୋଖରୀରେ ପକାଇଥିବା ଥାନାରେ ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ପ୍ରଧାନ ଶିକ୍ଷକଙ୍କ ବ୍ଲକସ୍ତରୀୟ ମାସିକ ଆଲୋଚନା

ଟାଙ୍ଗୀ,୧୦।୧୧(ରଘୁନାଥ ସାହୁ)

ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବ୍ଲକସ୍ତରୀୟ ମାସିକ ଆଲୋଚନା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଡ଼ପାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓସେପା ର ଉପନିର୍ଦ୍ଦେଶକ ସସ୍ମିତା ମାଳି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, କ୍ଷେତ୍ରବାସୀ ଏକାଡେମୀର ପ୍ରଧାନ ଶିକ୍ଷୟତ୍ରୀ ସ୍ନିଗ୍ଧା ଛୋଟରାୟ, ବଳରାମ ଦେବ ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ, ଜନତା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ ସ୍ୱାଇଁ, ବଡ଼ପାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭଞ୍ଜ କିଶୋର ସାହୁ, ସିଆର୍‌ସିସି ଦୁଃଶାସନ ପ୍ରଧାନ ପ୍ରମୁଖ ଯୋଗଦେଇ ଶିକ୍ଷାର୍ଥୀଙ୍କ ଶୈକ୍ଷିକ ବିକାଶଠୁ ନେଇ ବିଦ୍ୟାଳୟ ଭିତ୍ତିଭୂମିର ଉତ୍ତମ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ହାଉସ ସିଷ୍ଟମ, କ୍ଲବ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିଶ୍ଚିତ ପାସ, ଜିଜ୍ଞାସା, ସାହିତ୍ୟ ସୃଜନୀ, କୌଶଳୀ, କ୍ରୀଡ଼ାଙ୍ଗନ, ଛାତ୍ରୀଛାତ୍ରଙ୍କ ସାଇକେଲରେ ଷ୍ଟିକରିଙ୍ଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୬ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଆଲୋଚନାରେ ଭାଗ ନେଇଥିଲେ। ଦାଶରଥି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ପରିଡ଼ା, ଡମଣଭୂଇ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦେବାଶିଷ ଜେନା, ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରିୟ ରଞ୍ଜନ ପଟ୍ଟନାୟକ, ପାରିଓରଡ଼ ହାଇସ୍କୁଲ ପ୍ରଧାନ ଶିକ୍ଷକ ତ୍ରିଲୋଚନ ମିଶ୍ର, ସରପାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଧାକର ସାହୁ, ବାଲିପାଟପୁର ହାଇସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ମାନସୀ କୁମାରୀ ପରିଡ଼ା, ଟାଙ୍ଗୋଳ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସିପ୍ରା ମହାପାତ୍ର, ଭୂଷଣ୍ଡପୁର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର, ସୁନ୍ଦରପୁର ପଦ୍ମକୁମୁଦ ବିଦ୍ୟା ନିକେତନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ଯୋଗଦେଇଥିଲେ।



ମାସିକ ଆଲୋଚନାରେ ଯୋଗଦେଇଥିବା ପ୍ରଧାନଶିକ୍ଷକମାନେ।

# କୌଳିକ ବୃତ୍ତିରୁ ମୁହଁ ଫେରାଉଛନ୍ତି କୁମ୍ଭକାର



ଜଟଣୀ,୧୦।୧୧(ରବୀନ୍ଦ୍ରନାଥ ମହାକୁଡ଼)

ଦୀପାବଳି ଉପଲକ୍ଷେ ଚଳଚଞ୍ଚଳ ହୋଇଉଠିଛି ଗାଁଠୁ ସହର। ପ୍ରତ୍ୟେକ ଘର ଦୀପ ଆଲୋକରେ ଆଲୋକିତ ହେବ। ତେଣୁ ଦୀପ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି ଜଟଣୀ ବଡ଼ ନୂଆଗାଁ ଅଞ୍ଚଳର ୧୫ରୁ ଊର୍ଦ୍ଧ୍ୱ କୁମ୍ଭକାର ପରିବାର। ତେବେ କଞ୍ଚାମାଲ(ମଟାଳ ମାଟି)ର ଅଭାବ ଓ ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ମିଳୁ ନ ଥିବାରୁ ଅନେକ ଏହି କୌଳିକ ବୃତ୍ତିରୁ ଦୂରେଇ ଯାଇ ଅନ୍ୟ ଧନ୍ଦାରେ ମନୋନିବେଶ କରୁଛନ୍ତି। ବର୍ତ୍ତମାନ ବଡ଼ ନୂଆଗାଁରେ କେବଳ ଦୁଇଟି ପରିବାର କୌଳିକ ବୃତ୍ତିକୁ ବଞ୍ଚାଇବାକୁ ମାଟି ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।

ପୂର୍ବରୁ ଏହି କୁମ୍ଭକାର ପରିବାରଙ୍କ ଦ୍ୱାରା ତିଆରି ଦୀପ, କଳସ, ମାଠିଆ, ସରା, ସୁରେଇ ଆଦି ସାମଗ୍ରୀର ଚାହିଦା ଅଧିକ ରହିଥିଲା। ଜଟଣୀ ସହର ଓ ଆଖପାଖ ଜିଲାରେ ବିକ୍ରି କରି ଭଲ ରୋଜଗାର କରୁଥିଲେ। ବର୍ତ୍ତମାନ ସମୟରେ ବୈଜ୍ଞାନିକ ଜ୍ଞାନକୌଶଳରେ ନିର୍ମିତ ଅନେକ ଉପକରଣ ବଜାରରେ ରହିଥିଲେ ମଧ୍ୟ ଏହି ପରିବାର ସେ ସୁବିଧା ସୁଯୋଗରୁ ବହୁ ଦୂରରେ। ଦୀପାବଳି ସମୟରେ ଆଗରୁ ହଜାର ହଜାର ସଂଖ୍ୟାରେ ମାଟି ଦୀପ ଗଢ଼ା ଯାଉଥିଲା। ତେବେ ବର୍ତ୍ତମାନ ଆଧୁନିକ ସମୟରେ ବଜାରରେ ଚାଇନା ଦୀପ ଲାଇଟ, ମହମବତିର ବହୁଳ ବ୍ୟବହାର ଯୋଗୁ ମାଟି ଦୀପର ଆଦର ଆଗଭଳି ନାହିଁ। ମାଟି ସାମଗ୍ରୀରୁ ମୁହଁ ଫେରାଉଛନ୍ତି ଲୋକେ। ତେଣୁ ମାଟି ସାମଗ୍ରୀ ପ୍ରତି ଲୋକଙ୍କ ଆଗ୍ରହ ବଢ଼ାଇବାକୁ ସରକାରୀ ସାହାଯ୍ୟ ଅପେକ୍ଷାରେ କୁମ୍ଭକାର ପରିବାର।

**ଏମାନେ ଯାହା କୁହନ୍ତି...**

“ କେଉଁକାଳରୁ ଆମ ପରିବାର କୁମ୍ଭାର କାମ କରିଆସୁଛୁ। ସରକାରୀ ସାହାଯ୍ୟ ଓ ପ୍ରୋତ୍ସାହନ ନ ଥିବାରୁ ଏହି ବୃତ୍ତିରୁ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ତେଣୁ ପିଲାମାନେ ଏହି କାମ କରିବାକୁ ଆଗ୍ରହ ହେଉନାହାନ୍ତି। ବାହାରକୁ ଯାଇ ଅନ୍ୟ କାମ କରୁଛନ୍ତି।

**-କାର୍ତ୍ତିକ ମୁଦୁଲି, ମାଟି କାରିଗର**

“ ଦୀପ, ସରା, ଘଡ଼ି, ମାଠିଆ, ସୁରେଇ ଭଳି ବହୁ ସାମଗ୍ରୀ ତିଆରି ହେଉଥିଲେ ମଧ୍ୟ ପରିଶ୍ରମ ଅନୁସାରେ ରୋଜଗାର ନାହିଁ। ସରକାରୀ ସୁବିଧା ବି କିଛି ନାହିଁ, ଯାହା ନିଜ ବୁଦ୍ଧି ଓ ବଳରେ କୌଳିକ ବୃତ୍ତିକୁ ବଞ୍ଚାଇବାକୁ କରୁଛୁ। ମାଟି କିମ୍ବା ଜାଳେଣି ମିଳୁନି, ତେଣୁ ଏହି କାମ ଆଗକୁ କରିବା ବହୁ କଷ୍ଟକର ହୋଇପଡ଼ିବ। ପିଲାମାନେ କିଛି ଲାଭ ନାହିଁ ବୋଲି କାମ ଶିଖୁନାହାନ୍ତି।

**- ମୀନା ମୁଦୁଲି, କାରିଗର**

“ ଏ ମାଟି କାମ ଆଉ କରିହେଉନି। ଜିଲାରୁ ଟ୍ରାକ୍ଟର ପିଛା ୧୦ହଜାର ଟଙ୍କାରେ ମାଟି କିଣିବାକୁ ପଡୁଛି। ଜାଳେଣି ବି ମିଳୁନି। ଏପଟେ ଲୋକେ ଲାଇଟ ଦୀପ ସହିତ ଚାଇନା ସାମଗ୍ରୀକୁ ବେଶୀ ଆଦର କରୁଛନ୍ତି। ତେଣୁ ଆମେ କ୍ଷତି ସହୁଛୁ। ପରିଶ୍ରମର ଫଳ ମିଳୁନି।

**- ଲୋକନାଥ ମୁଦୁଲି, କୁମ୍ଭକାର**



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୦।୧୧।୨୦୨୩

| | |
|---|---|
| ୭,୩୧,୨୭୭ ଟଙ୍କା | |
| ସୁନା | ୨.୨୫୦ ଗ୍ରାମ୍ |
| ରୁପା | ୧୨ ଗ୍ରାମ୍ |

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ସରପଞ୍ଚ, ସମିତିସଭ୍ୟ

ପୁରୀ,୧୦।୧୧( ଅଜିତ୍ ମହାନ୍ତି):

ଆମ ଓଡ଼ିଶା ନବୀନ ଓଡିଶା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ଗ୍ରାମ୍ୟ କମିଟି ସୁପାରିଶ ଅନୁଯାୟୀ କାର୍ଯ୍ୟ କରିବା ସମ୍ପର୍କରେ ଶୁକ୍ରବାର ଭାଜପା ନେତା ଓମ୍ ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ସତ୍ୟବାଦୀ ବ୍ଲକ୍‌ର ସରପଞ୍ଚ ଓ ସମିତିସଭ୍ୟ ଜିଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ରାଜ୍ୟ ସରକାରଙ୍କ ପାଣ୍ଠି ପଞ୍ଚାୟତର ବିକାଶମୂଳକ କାର୍ଯ୍ୟରେ ବିନିଯୋଗ ଯଥା 'ଆମ ଓଡ଼ିଶା ନବୀନ ଓଡ଼ିଶା' ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା କାର୍ଯ୍ୟ ଗ୍ରାମପଞ୍ଚାୟତ ସରପଞ୍ଚ, ସମିତିସଭ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଗ୍ରାମ୍ୟ କମିଟି ସହଯୋଗରେ କରାଯାଉ। ଏଥିପାଇଁ ପୂର୍ବରୁ ଜିଲାପାଳ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଏବଂ ଦୁଇ ଥର ମୌଖିକ ଭେଟିଥିଲେ ମଧ ସୁଫଳ ମିଳିଲା ନାହିଁ । ଏହା ଦଳୀୟ ଭିତ୍ତିରେ ବ୍ଲକ୍ ଚେୟାରମ୍ୟାନ ଓ ବିଧାୟକଙ୍କ ସୁପାରିଶକ୍ରମେ କରାଯାଉଛି ବୋଲି କନିଷ୍ଠ ଯନ୍ତ୍ରୀ ଓ ବିଡିଓ ମତବ୍ୟକ୍ତ କରୁଛନ୍ତି। ରାଜ୍ୟ ସରକାରଙ୍କ ସମସ୍ତ ବିକାଶମୂଳକ କାର୍ଯ୍ୟ, ଜନସଚେତନ କାର୍ଯ୍ୟକ୍ରମ ଗ୍ରାମ ପଞ୍ଚାୟତରେ କରୁଥିବା ସ୍ଥଳେ ଏପରି କାର୍ଯ୍ୟକ୍ରମରେ ସରପଞ୍ଚମାନଙ୍କୁ ଗୁରୁତ୍ୱ ନ ଦେବା ଦୁଃଖଦ ଘଟଣା। ବିଭିନ୍ନ ସରକାରୀ ଅନୁଦାନ ବିଧାୟକ ପାଣ୍ଠି, ସାଂସଦ ପାଣ୍ଠିର ଫଲ୍ସ୍ ବିଲ କରି ସରକାରୀ ଅର୍ଥକୁ ଆତ୍ମସାତ କରାଯାଉଛି ବୋଲି ସରପଞ୍ଚ ଏବଂ ସମିତିସଭ୍ୟମାନେ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗ ଗୁଡିକର ପୁନଃବିଚାର କରି ଯଦି ଆସନ୍ତା ସାତ ଦିନ ମଧ୍ୟରେ ସମାଧାନ ନ କରାଯାଏ ବ୍ଲକ୍ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।



ଜିଲା ପ୍ରଶାସନକୁ ଅଭିଯୋଗ ଜଣାଇବାକୁ ଆସିଥିବା ସରପଞ୍ଚ, ସମିତି ସଭ୍ୟବୃନ୍ଦ ।





ପୁରୀ ଫଟୋଗ୍ରାଫର୍ସ ଆସୋସିଏଶନ ପକ୍ଷରୁ ଶୁକ୍ରବାର ରକ୍ତଭଣ୍ଡାରଠାରେ ଆୟୋଜିତ ରକ୍ତଦାନ ଶିବିର। (ଫଟୋ-ଯଜ୍ଞେଶ୍ୱର ମହାନ୍ତି )

## ସଂକ୍ଷେପରେ

### ମିର୍ଜାପୁର ଗାଁରେ ପ୍ରତିଷ୍ଠା ହେଲା ଡାକଘର

ପୁରୀ, ୧୦।୧୧(ଅଜିତ ମହାନ୍ତି):

ବ୍ରହ୍ମଗିରି ଅଞ୍ଚଳର ମାଣିକ ପଞ୍ଚାୟତ ଅଧୀନ ମିର୍ଜାପୁର ଗ୍ରାମରେ ନୂତନ ଡାକଘରକୁ ଶୁକ୍ରବାର ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଓ ନେତ୍ରୀ ଉପାସନା ମହାପାତ୍ର ଉଦଘାଟନ କରିଛନ୍ତି। ଏଥିସହ ପୋଷ୍ଟ ମାଷ୍ଟରଙ୍କୁ ସ୍ୱାଗତ ଓ ସମ୍ମାନିତ କରିଛନ୍ତି। ଏହି ଅବସରରେ ସୁକନ୍ୟା ସମୃଦ୍ଧି ଯୋଜନା ଏବଂ ମହିଳା ସମ୍ମାନ ସଞ୍ଚୟ ଯୋଜନା ଅଧୀନରେ ବିଭିନ୍ନ ଲୋକଙ୍କ ଆକାଉଣ୍ଟ ଖୋଲାଯାଇଛି। ସୂଚନାଯୋଗ୍ୟ, ମିର୍ଜାପୁର ଗ୍ରାମବାସୀଙ୍କୁ ଡାକ ସୁବିଧା ଦେବା ପାଇଁ ପାତ୍ର ସେପ୍ଟେମ୍ବର ୧୦ରେ ଓଡ଼ିଶାର ପୋଷ୍ଟ ମାଷ୍ଟର ଜେନେରାଲ ଶୁଭେନ୍ଦୁ ସ୍ୱାଇଁଙ୍କୁ ଭେଟି ମିର୍ଜାପୁରରେ ଏକ ପୋଷ୍ଟ ଅଫିସ ପ୍ରତିଷ୍ଠା ପାଇଁ ଅନୁରୋଧ କରିଥିଲେ। ଅନୁରୋଧକୁ ରକ୍ଷା କରି ଅଞ୍ଚଳବାସୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ମର୍ଜାପୁର ଗ୍ରାମରେ ଡାକଘର ପ୍ରତିଷ୍ଠା କରାଯାଇଛି। ମିର୍ଜାପୁର ଗ୍ରାମବାସୀଙ୍କ ପାଇଁ ଏହା ଅତ୍ୟନ୍ତ ଖୁସିର ମୁହୂର୍ତ୍ତ, ବର୍ତ୍ତମାନ ସେମାନେ ଡାକ ବିଭାଗ ସହ ଜଡିତ ସେବାଗୁଡିକର ସୁବିଧା ସହଜରେ ପାଇପାରିବେ ବୋଲି ପାତ୍ର କହିଛନ୍ତି।

### ୩ କେଜି ଗଞ୍ଜେଇ ଜବତ, ୪ ଗିରଫ

କାକଟପୁର, ୧୦।୧୧ (ଶୁଭଦର୍ଶନ ମିଶ୍ର):

କାକଟପୁର ଥାନା ପୋଲିସ ଗତ ଗୁରୁବାର ରାତ୍ର ପାଟ୍ରୋଲିଂ ସମୟରେ ୪ଜଣ ଚୋରା ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଏକ ଜରି ବସ୍ତାରେ ଥିବା ୩ କେଜି ୧୦୦ ଗ୍ରାମ୍ ଓଜନର ଗଞ୍ଜେଇ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲା ଦାରିଙ୍ଗିବାଡ଼ି ଟେକାଙ୍ଗିଆ ଗ୍ରାମର ରଞ୍ଜନ ଦିଗାଲ, ଗୋପବନ୍ଧୁ ଦିଗାଲ, ଦୀପକ ଦିଗାଲ ଓ ଫ୍ଲୋରେନ୍ସ ଦିଗାଲ। ସୂଚନା ଅନୁଯାୟୀ ଗୁରୁବାର ଭୋର୍ ୪ଟାରେ କାକଟପୁର ନିକଟସ୍ଥ ବଲରାଠାରେ କାକଟପୁର ପୋଲିସ ପକ୍ଷରୁ ନାକା ଚେକିଂ ଚାଲିଥିବାବେଳେ ଉପରୋକ୍ତ ୪ ଅଭିଯୁକ୍ତ ପୋଲିସ ହାବୁଡ଼ରେ ପଡ଼ିଥିଲେ। ପୋଲିସକୁ ଦେଖି ସେମାନେ କାକଟପୁର ବଜାର ଆଡ଼କୁ ଦ୍ରୁତଗତିରେ ଚାଲିଯାଉଥିବାବେଳେ ପୋଲିସ ସେମାନଙ୍କୁ ପିଛାକରି ମଙ୍ଗଳାରୋଡ଼ରେ କାବୁ କରିଥିଲା। ତାଙ୍କ ନିକଟରୁ ୨ଟି ବାଇକ, ୩ଟି ମୋବାଇଲ, ପାନ କାର୍ଡ, ଆଧାର କାର୍ଡ଼ ଜବତ କରାଯାଇଛି। ଶୁକ୍ରବାର ସମସ୍ତ ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଦଫା ୨୦ବି(ଆଇ) ଏନ୍‌ଡିପିଏସ ଆକ୍ଟରେ ଥାନା କେସ୍ ନମ୍ବର ୨୧୭/୨୩ରେ ମାମଲା ରୁଜୁ କରାଯାଇଛି ବୋଲି କାକଟପୁର ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ କହିଛନ୍ତି ।

# ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପ୍ରଦର୍ଶନ କଲେ ମହିଳା

ପୁରୀ,୧୦।୧୧(ଅଜିତ୍ ମହାନ୍ତି):

ପୁରୀ ସଂକଳ୍ପ ଫାଉଣ୍ଡେଶନ ଟ୍ରଷ୍ଟ ପରିବାର ପକ୍ଷରୁ ମିଲେଟ୍ ବର୍ଷ ପାଳନ ଅବସରରେ ଶୁକ୍ରବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ସୁକାନ୍ତ ମହାନ୍ତି ଏବଂ ସୁଷମା ସାହୁ ଯୋଗ ଦେଇଥିଲେ। ସ୍ଥାନୀୟ ମହିଳାମାନେ ମାଣ୍ଡିଆରେ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ସଭାକୁ ଆଣିଥିଲେ। ସେମାନଙ୍କ ମଧ୍ୟରେ ରିନା ପ୍ରଧାନ ହାଲୁଆ, ସ୍ୱର୍ଣ୍ଣଲତା ଦାସ ଖିରି, ଅଞ୍ଜଳି ପ୍ରଧାନ ରସଗୋଲା,ବାସନ୍ତୀ ମୁଦୁଲି କେକ୍, ଲିଜା ବରାଳ ନିମିକି, ସନ୍ଧ୍ୟା ମହାନ୍ତି ପକଡ଼ି, ଅର୍ଚ୍ଚନା ମହାପାତ୍ର ଉପମା, ଜୟନ୍ତୀ ବାରିକ ମସଲା ଚକୁଳି ପ୍ରଭୃତି ପ୍ରସ୍ତୁତ କରିଥିଲେ। ଅନୁଷ୍ଠାନର ସଦସ୍ୟ ରାକେଶ ଦାସ, ପୂର୍ଣ୍ଣିମା ରଥ ବେହେରା, ବାସନ୍ତୀ ସାହୁ ,ସ୍ମିତା ମହାନ୍ତି, ନିତୁ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷା ସୁଚରିତା ପାଢ଼ୀ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମହିଳାମାନେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପ୍ରଦର୍ଶନ କରୁଛନ୍ତି ।

## କୃଷକଙ୍କ ଉନ୍ନତି ପାଇଁ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ

ଡେଲାଙ୍ଗ, ୧୦।୧୧ (ରଶ୍ମିରଞ୍ଜନ ପ୍ରଧାନ):

କୃଷି ଓ କୃଷକର ଉନ୍ନତି ନିମନ୍ତେ ଯାନ୍ତ୍ରିକ କୌଶଳରେ ଚାଷର ଲକ୍ଷ୍ୟ ନେଇ ଡେଲାଙ୍ଗ ବ୍ଲକ୍ କୃଷି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର କୃଷିଯନ୍ତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କୃଷି ଯନ୍ତ୍ରପାତି ଉତ୍ପାଦନ ସଂସ୍ଥାର ବିକ୍ରେତାମାନେ ଉପସ୍ଥିତ ରହି କ୍ଷୁଦ୍ର ଧାନକଳ, ଅଟାକଳ, ତେଲକଳ, ପାଣିଉଠା ପମ୍ପ, ଔଷଧ ସିଞ୍ଚନ ଯନ୍ତ୍ର, ପାୱାର ଟିଲର, ବିଭିନ୍ନ ପ୍ରକାର କଳଲଙ୍ଗଳ, ଧାନକଟାଯନ୍ତ୍ର, ଧାନ ଅମଳଯନ୍ତ୍ର, ଘାସକଟା ଯନ୍ତ୍ର ଓ ଗଛକଟା ଯନ୍ତ୍ର ଆଦି ପ୍ରଦର୍ଶନ କରିଥିଲେ। ଚାଷୀମାନଙ୍କୁ ଏହାର ବ୍ୟବହାର କୌଶଳତା ସମ୍ପର୍କରେ ଅବଗତ କରିବା ସହ ମହିଳା, ତଫସିଲଭୁକ୍ତ ଜାତି, ଉପଜାତିଙ୍କୁ ୫୦ ପ୍ରତିଶତ ଓ ସାଧାରଣ ବର୍ଗଙ୍କ ପାଇଁ ୪୦ ପ୍ରତିଶତ ସବ୍‌ସିଡି ସମ୍ପର୍କରେ ଅବଗତ କରାଯାଇଥିଲା। ଏହି ଯାନ୍ତ୍ରିକ କୌଶଳ ସଚେତନତା ସମାବେଶରେ ଡେଲାଙ୍ଗ ବ୍ଲକ କୃଷି ଅଧିକାରୀ ମାନସୀ ମୃଦୁଭାଷିନୀ ପଶାୟତ, କୃଷି ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ପତି, ସହକାରୀ ଯନ୍ତ୍ରୀ ପାର୍ଥସାରଥି ମୁର୍ମୁ, ସହକାରୀ କୃଷି ଅଧିକାରୀ ସନାତନ ସାହୁ, ବୈଷୟିକ ପରିଚାଳକ ଜ୍ଞାନରଞ୍ଜନ ହରିଚନ୍ଦନ ପ୍ରମୁଖ କମ୍ ମଜୁରି ଖର୍ଚ୍ଚରେ ଯନ୍ତ୍ରଦ୍ୱାରା କିପରି ଚାଷପ୍ରତି ଆଗ୍ରହ ବଢ଼ିବ ସେ ସମ୍ପର୍କରେ ଅବଗତ କରିଥିଲେ।

## ସମ୍ପତ୍ତି ଭାଗବଣ୍ଟାକୁ ନେଇ ରକ୍ତାକ୍ତ ସଂଘର୍ଷ

ବଳଙ୍ଗା, ୧୦।୧୧(କେଦାରେଶ୍ୱର ନନ୍ଦ) :

ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ରକରି ଶୁକ୍ରବାର ମଧ୍ୟାହ୍ନରେ ବଳଙ୍ଗା ଥାନା ଅନ୍ତର୍ଗତ ବାୟାବର ଗ୍ରାମରେ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଉଭୟ ଆହତ ହୋଇଥିବା ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ପୃଥକ ଦୁଇଟି ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ପ୍ରକାଶ ଯେ ବାୟାବର ଗ୍ରାମର ସନାତନ ମୁଦୁଲି ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଶୁକ୍ରବାର ମଧ୍ୟାହ୍ନରେ ସନାତନ ପୈତୃକ ସମ୍ପତ୍ତିର ମାପଚୁପ କରୁଥିବା ସମୟରେ ତାଙ୍କ ବଡ଼ଭାଇ ମାନସ ମୁଦୁଲି ଓ ତାଙ୍କ ସ୍ତ୍ରୀ ମନୋରମା ଓ ପୁଅ ସତ୍ୟ ସମସ୍ତେ ହାତରେ ବିଭିନ୍ନ ପ୍ରକାରର ମାରଣାସ୍ତ୍ର ଧରି ସନାତନକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ସନାତନଙ୍କ ମୁଣ୍ଡ ଫାଟି ଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ମାନସ ଓ ତାଙ୍କ ପୁଅକୁ ସନାତନ ପାଞ୍ଚଜଣ ଗୁଣ୍ଡା ଶ୍ରେଣୀୟ ଲୋକଙ୍କ ସହ ମିଶି ତଳେ ପକାଇ ମାଡ଼ ମାରିଥିଲେ। ଆକ୍ରମଣରେ ମାନସଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ଅଭିଯୋଗରେ ଦର୍ଶାଯାଇଛି।

## ସ୍ୱାମୀଙ୍କୁ ଆଜୀବନ ଜେଲ

ଅସ୍ତରଙ୍ଗ/ନିମାପଡା, ୧୦।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ/ବିଚିତ୍ରା ନନ୍ଦ ସାହୁ ):

**ସ୍ତ୍ରୀଙ୍କ କଟାମୁଣ୍ଡ ଧରି ଥାନାରେ ଆତ୍ମସମର୍ପଣ କରିବା ଘଟଣା**

ସ୍ତ୍ରୀଙ୍କୁ ହତ୍ୟା କରି ଥାନାରେ ଆତ୍ମସମର୍ପଣ କରିବା ଘଟଣାରେ ସ୍ୱାମୀ ଗଣେଶ ବେହୁରାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ସୂଚନାଯୋଗ୍ୟ, ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ରାଇବେରୁଆଁ ଗ୍ରାମର ଗଣେଶ ବେହୁରା ୨୦୧୨ ମସିହାରେ ଅନ୍ନପୂର୍ଣ୍ଣାଙ୍କୁ ବିବାହ କରିଥିଲେ। ବିବାହର ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବି କରି ଅନ୍ନପୂର୍ଣ୍ଣାଙ୍କୁ ଶଶୁର ଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ୨୦୧୯ ମସିହା ଅଗଷ୍ଟ ୨୫ତାରିଖ ରାତିରେ ପୂର୍ବ ଗଣ୍ଡଗୋଳକୁ କେନ୍ଦ୍ରକରି ଅଭିଯୁକ୍ତ ଗଣେଶ ସ୍ତ୍ରୀଙ୍କୁ କଟୁରିରେ ଆକ୍ରମଣ କରି ମୁଣ୍ଡରୁ ଗଣ୍ଡିକୁ ଅଲଗା କରି ଦେଇଥିଲେ। ତା' ପରଦିନ ଗଣେଶ ସ୍ତ୍ରୀଙ୍କ କଟାମୁଣ୍ଡ ଧରି ଥାନାରେ ଆତ୍ମସମର୍ପଣ କରିଥିଲେ। ଏହାକୁ ନେଇ ଅସ୍ତରଙ୍ଗ ଥାନାରେ କେସ୍ ନଂ. ୮୨/୨୦୧୯ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଶୁକ୍ରବାର ମାନ୍ୟବର ଅତିରିକ୍ତ ଜିଲା ଜଜ୍ ନିମାପଡ଼ା ଲୋକନାଥ ସାହୁ ଆସାମୀ ଗଣେଶ ବେହୁରାଙ୍କୁ ଦଫା ୩୦୨ରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୀତାକାନ୍ତ ଦାସ ମାମଲା ର ପରିଚାଳନା କରୁଥିଲେ।

# ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ

ପିପିଲି, ୧୦।୧୧(ଦୁର୍ଗାମାଧବ ମିଶ୍ର):

ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା ବୈଠକ ପିପିଲି ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟଗୁଡିକର ସମୀକ୍ଷା କରାଯାଇଥିଲା। ବିଭିନ୍ନ ବିଭାଗରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା କାର୍ଯ୍ୟଗୁଡିକ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ ଜିଲା ପ୍ରକଳ୍ପ ଅଧିକାରୀ। ଏହି ବୈଠକରେ କୃଷି, ଜଳସେଚନ, ପାନୀୟ ଜଳ, ଗମନାଗମନ, ସ୍ୱାସ୍ଥ୍ୟ, ଖାଉଟି, ଶିଶୁ ବିକାଶ ଆଦି ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାଛଡା ପିପିଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ସଁପୁର, ନୂଆ ଶାସନ , ରଥ ପୁରୁଷୋତ୍ତମପୁର ଆଦି ଅଞ୍ଚଳରେ ନିର୍ମାଣାଧୀନ ରାସ୍ତା କାର୍ଯ୍ୟକୁ ଖୁବଶୀଘ୍ର ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଜିଲା ପ୍ରକଳ୍ପ ଅଧିକାରୀ। ଏହି ସମୀକ୍ଷା ବୈଠକରେ ପୁରୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ପ୍ଲାନିଂ କମିଟି ଡେପୁଟି ଡାଇରେକ୍ଟର ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ପିପିଲି ବିଡିଓ ସରୋଜ ରାଉତ, ଡେଲାଙ୍ଗ ବିଡିଓ କ୍ଷିତୀଶ ବେହେରା, ପିପିଲି ଓ ଡେଲାଙ୍ଗର ଏନଏଏସି ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସମେତ ୨୮ଟି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।





ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ ।

## ଉଦ୍ୟାନ କୃଷି କର୍ମଶାଳା

ଚାରିଛକ,୧୦।୧୧(ଶିଶିର ସ୍ୱାଇଁ)

ଚାରିଛକ ଥାନା ଅଧୀନ ବାହାରଣା ପଞ୍ଚାୟତରେ ନିମାପଡ଼ା ଏଏଚ୍‌ଓ ଶୁଭଶ୍ରୀ କରଙ୍କ ନେତୃତ୍ୱରେ ଏକ ଉଦ୍ୟାନ କୃଷି କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ପୁରୀ ଜିଲା ଏଡିଏଚ୍ ଅଜୟ ପ୍ରଧାନ, ଗୋପ ଏଡିଏଚ୍ ତ୍ରିଭୁବନ ବଡ଼ଜେନା, ବାହାରଣା ପଞ୍ଚାୟତ ବିଜେଡି ସଭାପତି ସର୍ବେଶ୍ୱର ରଥ ପ୍ରମୁଖ ଉପସ୍ଥିତ ରହି ଚାଷ ଉପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳାଙ୍କୁ ବୁଝାଇଥିଲେ। ମହିଳାମାନେ କିପରି ଆତ୍ମନିର୍ଭର ହୋଇ ରୋଜଗାର କରିବେ ଏହି କୃଷି କର୍ମଶାଳାରେ ତାହା ବୁଝାଇ କହିଥିଲେ। କର୍ମଶାଳାରେ ବାହାରଣା ପଞ୍ଚାୟତ ସୁରକ୍ଷା- ୨୮ର ସଭାନେତ୍ରୀ ସରୋଜିନୀ ସାହୁ, ସମ୍ପାଦିକା ସଙ୍ଘମିତ୍ରା ବାରିକ୍, ଶାନ୍ତିଲତା ସ୍ୱାଇଁ, ଭାରତୀ ଦଳାଇ, ମାନସୀ ବେହେରା, ଆରତି ଦଳାଇ ପ୍ରମୁଖ ମିଶନ ଶକ୍ତି ସଭ୍ୟା ସହଯୋଗ କରିଥିଲେ।

## ପୋଲିସଙ୍କ ପାଇଁ ନିର୍ମାଣ କଲେ ସିଟିଂ ପୋଷ୍ଟ



ସିଟିଂ ପୋଷ୍ଟକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

ଅସ୍ତରଙ୍ଗ (ପ୍ରଦୀପ୍ତ କୁମାର ଦୀକ୍ଷିତ):

**ପ୍ରକୃତିପ୍ରେମୀଙ୍କ ନିଆରା ଉଦ୍ୟମ**

ଅସ୍ତରଙ୍ଗ ବ୍ଲକ ଆଲସାହି ପଞ୍ଚାୟତ ବରାଙ୍ଗ ଗ୍ରାମର ପ୍ରହଲ୍ଲାଦ ସ୍ୱାଇଁ ଅଞ୍ଚଳରେ ପ୍ରକୃତିପ୍ରେମୀ ଭାବରେ ବେଶ ପରିଚିତ। ପେସାରେ ସେ ଜଣେ କୃଷକ, ହେଲେ ନିଶା ତାଙ୍କର ଗଛ ଲଗାଇବା ଓ ଗଛଗୁଡ଼ିକର ଯତ୍ନ ନେବା। ପ୍ରତିଦିନ ସକାଳୁ ଉଠି ଚାରାରୋପଣ କିଛି ମାତ୍ରାରେ କରିଥାନ୍ତି। ସେ ବିଭିନ୍ନ ବିଦ୍ୟାଳୟ, ସରକାରୀ ଓ ବେସରକାରୀ ଅନୁଷ୍ଠାନ, ରାସ୍ତାକଡ଼, ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ କରିଥାନ୍ତି। ତେବେ ପ୍ରହଲ୍ଲାଦଙ୍କ ଆଉ ନିଆରା ଉଦ୍ୟମ ତାଙ୍କୁ ସବୁଠି ପ୍ରଶଂସିତ କରିଛି। ନିଜ ସଞ୍ଚିତ ଅର୍ଥରୁ କିଛି ଅର୍ଥ ଖର୍ଚ୍ଚ କରି ଅସ୍ତରଙ୍ଗ ବଜାରରେ ପୋଲିସ ସିଟିଂ ପୋଷ୍ଟ ନିର୍ମାଣ କରିଛନ୍ତି। ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ବଜାର କମିଟି ସଭାପତି ଦୁଷ୍ମନ୍ତ ପରିଡା, ଅସ୍ତରଙ୍ଗ ଥାନା ଏଏସ୍‌ଆଇ ରତ୍ନାକର ବେହେରାଙ୍କ ସହ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତରେ ଏହାର ଉଦ୍‌ଘାଟନୀ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଶିକ୍ଷକଙ୍କ ଅନୁପସ୍ଥିତି ନେଇ କାରଣ ଦର୍ଶାଅ ନୋଟିସ

ଗୋପ, ୧୦।୧୧(ଭାରତୀ ଭୂଷଣ ଉପାଧ୍ୟାୟ):

**- ଶ୍ରେଣୀରେ ନ ପଢ଼ାଇ ଶିକ୍ଷୟିତ୍ରୀ ଅନ୍ୟ କାମରେ ବ୍ୟସ୍ତ**

ସ୍କୁଲ ଖୋଲା ଅଛି, ଛାତ୍ରୀଛାତ୍ର ଅଛନ୍ତି। ଏପରିକି ଦୁଇଜଣ ଶିକ୍ଷୟିତ୍ରୀଙ୍କ ଟେବୁଲ ଉପରେ ଉଭୟଙ୍କ ବ୍ୟାଗ୍ ଥିବାବେଳେ ଦୁହେଁ ଅନୁପସ୍ଥିତ ରହିଛନ୍ତି। ଏପରି ଦୃଶ୍ୟ ଗୁରୁବାର ଗୋପ ବ୍ଲକର ଗୋପ ପଞ୍ଚାୟତ ଅଧୀନ ପାଣିଛତ୍ର ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏଠାରେ ଜଣେ ଶିକ୍ଷକ ଓ ୨ଜଣ ଶିକ୍ଷୟିତ୍ରୀ ରହିଥିବାବେଳେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬୬ ଛାତ୍ରୀଛାତ୍ରୀ ଅଧ୍ୟୟନ କରୁଛନ୍ତି। ଦୁଇଟି ଗୃହରେ ୮ଟି ଶ୍ରେଣୀର ଛାତ୍ରୀଛାତ୍ର ଜାକିଜୁକି ହୋଇ ବସୁଛନ୍ତି। ସରକାରୀ ସ୍ତରରେ ଠିକ୍ ଭାବେ ମନିଟରିଂ ହେଉ ନ ଥିବାରୁ ଏଠାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟରେ ପ୍ରାୟ ସମୟରେ ପାଳି କରି ଶିକ୍ଷକ, ଶିକ୍ଷୟିତ୍ରୀ ସ୍କୁଲକୁ ଆସିବା ଅଭିଯୋଗ ହେଉଥିଲା। ଏପରି ଅଭିଯୋଗକୁ ନେଇ ଗୁରୁବାର କେତେଜଣ ଗଣମାଧ୍ୟମ ପ୍ରତିନିଧି ସ୍କୁଲରେ ପୂର୍ବାହ୍ନ ୧୧ଟାରେ ପହଞ୍ଚିଥିଲେ। ୨ଟି ଶ୍ରେଣୀଗୃହରେ ୮ଟି ଶ୍ରେଣୀର ଛାତ୍ରୀଛାତ୍ର ବସିଥିବାବେଳେ ଦୁଇଜଣ ଶିକ୍ଷୟିତ୍ରୀ ନିଜ ବ୍ୟାଗ୍ ଟେବୁଲ ଉପରେ ରଖି ଅନ୍ୟ ଏକ କୋଠରୀରେ ବସିଥିଲେ। ଶିକ୍ଷକ ଜଣଙ୍କ ବିନା ଦରଖାସ୍ତରେ ଅନୁପସ୍ଥିତ ଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ସୁରମା ଦେଇଙ୍କୁ ପଚାରିବାରେ ଶିକ୍ଷକ ଟିକେ ବିଳମ୍ବରେ ଆସିବେ ବୋଲି କହିବା ସହ ସେମାନେ ଦୁହେଁ ସରକାରୀ କାର୍ଯ୍ୟ କରୁଥିବା ପ୍ରକାଶ କରୁଥିଲେ। ଏନେଇ ବ୍ଲକ ଶିକ୍ଷାଧିକାରୀ ସୁଶୀଲ କୁମାର ବ୍ରହ୍ମାଙ୍କୁ ଅଭିଯୋଗ କରିବାରୁ ସେ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ଜଣାପଡ଼ିଛି। ଗୋପ ବ୍ଲକର ଅଧିକାଂଶ ସ୍କୁଲରେ ଶିକ୍ଷା ବ୍ୟବସ୍ଥାର ଏଭଳି ଚିତ୍ର ଦୃଷ୍ଟିକୁ ଆସୁଥିବା ସାଧାରଣରେ ଆଲୋଚନା ହେଉଛି।



ଶ୍ରେଣୀରେ ପିଲା ବସିଥିବା ବେଳେ ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀ ନାହାନ୍ତି ।

# ଆଇନ ସଚେତନତା କର୍ମଶାଳା, ପଦଯାତ୍ରା

ପୁରୀ, ୧୦।୧୧(ଅଜିତ୍ ମହାନ୍ତି):

ପୁରୀ ଜିଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍‌ଙ୍କ ଆଦେଶ ଅନୁସାରେ ପ୍ରାଧିକରଣ ସଚିବ ଅମିତ୍ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଗୁରୁବାର ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ଶିତିକଣ୍ଠ ସାମଲ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ସୁଭାଷ ବୋଷ ଛକଠାରୁ ସିଭିଲ୍ କୋର୍ଟ ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ପ୍ରାଧିକରଣ ସମ୍ମିଳନୀ କକ୍ଷରେ ସଚେତନତା ସଭା ହୋଇଥିଲା। ଜିଲା ଓ ଦୌରାଜଜ୍ ମୌଳିକ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଫଟୋ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୋକ୍‌ସୋ କୋର୍ଟ ଜଜ୍ ରମାନାଥ ପଣ୍ଡା, ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷା ପ୍ରତିମା ପଣ୍ଡା, ପରିବାର ଅଦାଲତ ବିଚାରପତି ଅରୁଣ କୁମାର ମଲ୍ଲିକ, ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ୍ ଅମିୟ ଜେନା, ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଚିନ୍ମୟ ମିଶ୍ର, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ରାଣା ଘୋଷ, ପ୍ରଥମ ଅତିରିକ୍ତ ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ଦେବାଶିଷ୍ ବିଶୋଇ, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ଦିଗ୍‌ବିଜୟ ଦାସ, ରେଜିଷ୍ଟ୍ରାର ନିଖିଳ ଭରତ ମହାନ୍ତି, ପ୍ରୋଟୋକଲ ଅଫିସର ଜୀବନ ପଟ୍ଟନାୟକ, ଦେୱାନୀ ଅଦାଲତ ବିଚାରପତି ମନିନ୍ଦ୍ର ଭୂଷଣ ସାହୁ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପତିତପାବନ ପଣ୍ଡା, ଗ୍ରାମନ୍ୟାୟାଳୟ ଅଧିକାରୀ ନର୍ମଦା କର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଶ୍ରୁତକୀର୍ତ୍ତି ଆଚାର୍ଯ୍ୟ ଏବଂ ତନ୍ମୟ ରଞ୍ଜନ ଦାସ, ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ପ୍ରିନ୍‌ସିପାଲ୍ ଡ. ହରପ୍ରିୟା ଦାସ, ଅଧ୍ୟାପିକା ଜ୍ୟୋତିସ୍ମିତା ସାହୁ ଏବଂ ଅଧ୍ୟାପକ ଅଭିଜିତ୍ ପଣ୍ଡା ଯୋଗଦେଇଥିଲେ। ସଭାରେ ଆଇନଜୀବୀ, ପାରାଲିଗାଲ୍ ସ୍ୱେଚ୍ଛାସେବୀ, ଶିକ୍ଷୟିତ୍ରୀ ଶିକ୍ଷକ,





ଶୋଭାଯାତ୍ରାକୁ ଜିଲା ଓ ଦୌରାଜଜ୍ ଶିତିକଣ୍ଠ ସାମଲ ଉଦ୍‌ଘାଟନ କରୁଛନ୍ତି ।

**ଟ୍ରାକ୍ଟର-ଟ୍ରକ୍ ଧକ୍କା, ୨ ଗୁରୁତର**

**ଚୌଦ୍ୱାର (ଆଶୁତୋଷ ଦାସ):** ୫୫ ନମ୍ବର ଜାତୀୟ ରାଜପଥର ଚୌଦ୍ୱାର ନିକଟବର୍ତ୍ତୀ ଦେବୀନଗର ଗଡ଼ା ନିକଟରେ ଏକ ଟ୍ରାକ୍ଟର ଓ ଟ୍ରକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, କାଠ ବୋଝେଇ ହୋଇଥିବା ଏକ ଟ୍ରାକ୍ଟର ଚୌଦ୍ୱାର ଆଡୁ ବାଣୀପଦାସ୍ଥିତ କରତକଳ ଶିଳ୍ପପୁଞ୍ଜକୁ ଯାଉଥିଲା। ସେହି ସମୟରେ ଦେବୀନଗର ଗଡ଼ାଠାରେ ଅନୁଗୋଳରୁ ଆସୁଥିବା ଆଇରନ୍ ବୋଝେଇ ଏକ ଟ୍ରକ୍ ସହିତ ତା'ର ମୁହାଁମୁହିଁ ହୋଇଥିଲା। ଏଥିରେ ଟ୍ରାକ୍ଟର ଚାଳକ ଓ ଅନ୍ୟ ଜଣେ ଆରୋହୀ ଗୁରୁତର ଆହତ ହୋଇଥିଲେ। ଚୌଦ୍ୱାର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ୨ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଦୁର୍ଘଟଣା ପରେ ଦୀର୍ଘ ସମୟ ଧରି ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା।



## ସଂକ୍ଷେପରେ

### ରାମ ମନ୍ଦିରରେ ଗୋମାଂସ ପକାଇବାକୁ ନେଇ ଉତ୍ତେଜନା, ୨ ଅଟକ

**ନିଆଳି,୧୦।୧୧(ସୁକାନ୍ତ କୁମାର ସିଂ):** ନିଆଳି ତହସିଲ କଲୋନିରେ ଥିବା ରାମ ମନ୍ଦିର ପରିସରରେ ଗୋମାଂସ ପକାଇବାକୁ ନେଇ ନିଆଳି ପୋଲିସ ଶୁକ୍ରବାର ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସେମାନେ ହେଲେ ସେକ୍ ମୁସ୍ତାକ୍ ଏବଂ ମଲିକ ସାହିଲ। ଦୁହିଁଙ୍କଠାରୁ ପୋଲିସ ଏକ ବାଇକ୍, ବାଲ୍ଟି ଏବଂ ଏକ ବ୍ୟାଗ୍ ଜବତ କରିଛି। ସୂଚନା ମୁତାବକ, ଜଣେ ଦୁର୍ବୃତ୍ତ ବାଇକ୍‌ରେ ଆସି ରାମମନ୍ଦିର ପରିସର ଏବଂ କଲୋନିରେ ଗୋମାଂସ ପକାଉଥିବା ମନ୍ଦିର ପୂଜକ ସକାଳୁ ଶ୍ରୀଜୀଉଙ୍କୁ ପୂଜା କରିବାକୁ ଆସି ଦେଖିଥିଲେ। ଏହାପରେ ପୂଜକ ଏନେଇ ଲୋକଙ୍କୁ ଜଣାଇବାରୁ ଘଟଣାସ୍ଥଳରେ ହିନ୍ଦୁ, ବଜରଙ୍ଗ ଦଳ ଓ ମୁସଲିମ୍ ବସ୍ତିର ମୁରବିମାନେ ପହଞ୍ଚିଥିଲେ। ଏଭଳି ଘଟଣାକୁ ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଉଭୟ ସମ୍ପ୍ରଦାୟର ତ୍ରିଲୋଚନ ବେହେରା, ଆଲୋକ ନାୟକ, ନିଗମ ଚନ୍ଦ୍ର ସାହୁ, ପ୍ରମୋଦ ବେହେରା, ସେକ୍ ୟାକୁବ୍, ସେକ୍ ମଇଉଦ୍ଦିନ୍, ସେକ୍ ସରିଫ୍, ସେକ୍ ହସନ୍, ସେକ୍ ମିହିର୍ ପ୍ରମୁଖ ନିଆଳି ଥାନାରେ ସନ୍ଦେହରେ ୫ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ପୋଲିସ ୩୮୬/୨୦୨୩ରେ ଏକ ମାମଲା ରୁଜୁ କରିଥିଲା। ଥାନା ଆଇଆଇସି ତପନ ରାଉତ ଉଭୟ ସମ୍ପ୍ରଦାୟଙ୍କୁ ୨୪ ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିଆଳି ଏକ ଭାଇଚାରା ଅଞ୍ଚଳ ହୋଇଥିବାବେଳେ ଏଠାରେ କେବେ ସାମ୍ପ୍ରଦାୟିକ ଦଙ୍ଗା ଦେଖାଯାଇନାହିଁ। ଉଦ୍ଦେଶ୍ୟମୂଳକ ଭାବେ ଏପରି କରାଯାଇଥିବା ସାଧାରଣରେ ଆଲୋଚନା ହେଉଛି।

### ଯୁବକଙ୍କୁ ମାରି ପୋଖରୀରେ ପକାଇଥିବା ଅଭିଯୋଗ

**ନିଆଳି ୧୦।୧୧(ସୁକାନ୍ତ କୁମାର ସିଂ):** ପୋଖରୀରୁ ଶୁକ୍ରବାର ସକାଳୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ନିଆଳି ଥାନା ଅଧୀନ ନିଆଳି ପଞ୍ଚାୟତର ନାହାକଟା ସାହିର କାମଦେବ ଭୋଇଙ୍କ ପୁତୁରା ବାଦଲ ଭୋଇ (୨୩)। ଏନେଇ ପୋଲିସ ୩୮୫/୨୦୨୩ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବାଦଲଙ୍କୁ ଯୁବକମାନେ ମାରି ପୋଖରୀରେ ପକାଇଥିବା ଥାନାରେ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଗୁରୁବାର ଅପରାହ୍ନ ୨ଟା ସମୟରେ ବାଦଲ ଘରୁ କୁଆଡେ ପଳାଇ ଯାଇଥିଲେ। ପରେ ଘର ଲୋକେ ତାଙ୍କୁ ଖୋଜାଖୋଜି କରି ମଧ୍ୟ ପାଇ ନ ଥିଲେ। ବାଦଲ ଜଲ୍ଲାରପୁର ଓ ସାହାନାଜପୁର ଗ୍ରାମର କିଛି ପିଲାଙ୍କ ସହ ଥିବାବେଳେ ସେମାନେ ହିଁ ତାଙ୍କୁ ମାରି ଗାଁ ପାଖ ଏକ ପୋଖରୀରେ ଫୋପାଡ଼ିଦେଇଥିବା ଘର ଲୋକେ ଖବର ପାଇଥିଲେ। ଏହାପରେ ପରିବାର ଲୋକେ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଉକ୍ତ ପୋଖରୀରେ ଖୋଜାଖୋଜି କରିଥିଲେ ମଧ୍ୟ ବାଦଲଙ୍କ ସନ୍ଧାନ ପାଇ ନ ଥିଲେ। ଶୁକ୍ରବାର ସକାଳୁ ଅଗ୍ନିଶମ ବିଭାଗ ଓ ଗ୍ରାମବାସୀଙ୍କ ଉଦ୍ୟମରେ ପୋଖରୀରୁ ବାଦଲଙ୍କ ମୃତଦେହ ଜବତ କରାଯାଇଥିଲା। ନିଆଳି ପୋଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ଅନୁସନ୍ଧାନ ଜାରି ରଖିଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଆଇଆଇସି ତପନ ରାଉତ କହିଛନ୍ତି।

# ସବୁଜ ବାଣ ଦର ଆକାଶଛୁଆଁ

**କଟକ,୯।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)**



ଏଥର ମହଙ୍ଗା ହେବ ଦୀପାବଳି। ସବୁଜ ବାଣ ଫୁଟାଇବାକୁ ଅନୁମତି ମିଳିଥିଲେ ବି ବଜାରରେ ଏହି ବାଣ ଦର ମୂଲ୍ୟ ଆକାଶଛୁଆଁ ରହିଛି। ଅନ୍ୟପଟେ ପାରମ୍ପରିକ ବାଣ ଓ ରାସାୟନିକ ବାଣ ଫୁଟାଇବା ଓ ବିକ୍ରି ଉପରେ କଟକଣା ଯୋଗୁ ଦୀପାବଳିରେ ଦୀପ ଓ ଲାଇଟର ଚାହିଦା ବଢ଼ିଛି। ଯେଉଁ ବାଣ ଗତବର୍ଷ ୧୦୦ ଟଙ୍କା ଥିଲା, ତା' ଦର ଏଥର ୧୩୦ରୁ ୧୪୦ଟଙ୍କା ଛୁଇଁଛି। ଫ୍ୟାନ୍ସି ବାଣ ଦର ଏତେ ଯେ, ହାତ ମାରି ହେଉନି। ସ୍କାଏ ସର୍ଟ ୫ ଶହରୁ ୫ ହଜାର ଯାଏଁ ରହିଛି। ଗୋଟିଏ କେଜିକିଆ ପଲିଥିନ୍ ଭର୍ତ୍ତି ଫ୍ୟାନ୍ସି ବାଣ ଆଣିଲେ, ଅତିକମରେ ୨ ହଜାର ଟଙ୍କା ପକେଟ୍‌ରୁ ଯିବାଟା ଥୟ। ତେବେ ବାଣପ୍ରେମୀଙ୍କୁ ଆଶ୍ୱସ୍ତି ଦେବ କିଛି ଦେଶୀ ବାଣ। ଏଥର ଆକାଶ ଦୀପ, ଘଡ଼ି ଓ ଝୁରଝରି ଭଳି ଦେଶୀ ବାଣ ଡିମାଣ୍ଡରେ ରହିବ। କଟକ ଓ ଏହାର ଉପକଣ୍ଠରେ ପ୍ରାୟ ୨୦ଟି ପଡ଼ିଆରେ ଖୋଲିଛି ୨୦୦ରୁ ଅଧିକ ବାଣ ଦୋକାନ। ଗୁରୁବାରଠାରୁ ୩ ଦିନ ପାଇଁ ବାଣ ବିକ୍ରି କରାଯିବ। ସେପଟେ କଟକ ମାର୍କେଟରେ ଫ୍ୟାନ୍ସି ବାଣ ୫୦ ଟଙ୍କାରୁ ମିଳୁଛି। ଫ୍ୟାନ୍ସି ଆଇଟମରେ ସବୁଠୁ ଅଧିକ ଦର ୧୦ ହଜାର ଯାଏଁ ଅଛି। ପିଲାଙ୍କ ପାଇଁ ଡିମାଣ୍ଡରେ ଥିବା 'ପପ୍ପପ୍' ବାଣର ୬ଟି ଆଇଟମ୍ ଅଛି। ଯାହାର ଦର ୧୦ ଟଙ୍କାରୁ ୪୦ ଯାଏଁ ରହିଛି। ସେହିପରି ଆକାଶ ଦୀପ ଦର ୨୫ରୁ ୩୦ ଟଙ୍କା ଅଛି। ଚାହିଦା ଦେଖି କିଛି ବ୍ୟବସାୟୀ ଏହାକୁ ୫୦ ଟଙ୍କାରେ ବି ବିକିବେ। ସେହିପରି ଆକାଶଛୁଆଁ ସଟ୍ ଅତିକମରେ ୩୦୦-୫୦୦ ଟଙ୍କାରେ ମିଳିଯିବ। ଯେଉଁଥିରେ ମାତ୍ର ୭ରୁ ୮ଟି ସଟ୍ ଅଛି। ୩୦ରୁ ୪୦ ସଟ୍ ଥିବା ବାଣର ଦର ୧ହଜାର ଟଙ୍କା ରହିଛି। ସବୁଠୁ ଅଧିକ ୧୨୦ ସଟ୍ ଥିବା ବାଣର ଦର ୪୫୦୦ରୁ ୧୦ହଜାର ଟଙ୍କା ଯାଏଁ ରଖାଯାଇଛି। ଘଡି ବାଣ ୨୦ରୁ ୩୦ ଟଙ୍କା, ସ୍କାଏ ଲଣ୍ଠନ ୪୦ ଟଙ୍କାରୁ ୧୦୦ ଟଙ୍କା, ୨୦ ଟଙ୍କାର ମହମବତି ରହିଛି। କେବଳ ପେଟ୍ରୋଲିୟମ ଆଣ୍ଡ ଏକ୍ସପ୍ଲୋସିଭସ ସେଫଟି ଅର୍ଗାନାଇଜେଶନ ଅନୁମୋଦିତ ସବୁଜ ବାଣ ବିକ୍ରିର ଅନୁମତି ଅଛି। ଦରଦାମ୍ ବଢ଼ିବାର କାରଣ ନେଇ କଟକର ଜଣେ ବାଣ ବ୍ୟବସାୟୀ ସଂଗ୍ରାମ କୁମାର ସାହୁ କହିଛନ୍ତି, ଜଟଣୀ ହୋଲସେଲ୍ ମାର୍କେଟକୁ ବାଣ ମଗାଯାଉଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ପରେ ବାଣରେ ଅନେକ କଟକଣା ଲାଗିଛି। ଉତ୍ପାଦ ବି ପୂର୍ବ ଅପେକ୍ଷା ଢେର କମ୍। ଏଥିଯୋଗୁଁ ଏଥର ହୋଲସେଲ୍ ଦର ଅତିକମ୍‌ରେ ୨୫-୩୦ ପ୍ରତିଶତ ବଢ଼ିଛି।

**ଡିମାଣ୍ଡରେ ଫ୍ୟାନ୍ସି ବାଣ ଓ ଆକାଶ ଦୀପ**

ସେହି ଅନୁସାରେ ଗ୍ରାହକଙ୍କ ପାଖରେ ବାଣ ପହଞ୍ଚିବା ବେଳକୁ ଦର ବଢ଼ିଯାଉଛି। ଅପରପକ୍ଷରେ ବାଣ ବ୍ୟବସାୟ ବେଳେ ସତର୍କତା ପାଇଁ ପଦକ୍ଷେପ ନିଆଯାଇଛି। ଅଘଟଣ ରୋକିବା ପାଇଁ କଟକର ବିଭିନ୍ନ ସ୍ଥାନରେ ବାଣ ଦୋକାନରେ ଅଗ୍ନିଶମ ବିଭାଗ ଯାଞ୍ଚ କରିଛି। ଚଳିତବର୍ଷ କଟକ ସହରରେ ମୋଟ ୩୧ଟି ସ୍ଥାନରେ ଅସ୍ଥାୟୀ ବାଣ ଦୋକାନକୁ ଲାଇସେନ୍ସ ଦିଆଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ବେଆଇନ ଭାବେ ହୋଇଥିବା ବାଣ ଦୋକାନକୁ ସିଲ୍ କରାଯାଉଛି। ସେହିଭଳି ବାଣ ଦୋକାନଗୁଡିକ ସୁରକ୍ଷା ସମ୍ପର୍କିତ ସମସ୍ତ ନିୟମ ପାଳନ କରୁଛନ୍ତି କି ନା, ସେ ଦିଗରେ ମଧ୍ୟ ଅଗ୍ନିଶମ ବିଭାଗ ଯାଞ୍ଚ କରିଛି। ମୁଖ୍ୟତଃ ପ୍ରଦୂଷଣମୁକ୍ତ ବାଣ ବିକ୍ରି, ଅତ୍ୟଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ବିକ୍ରି ଉପରେ ନିଷେଧାଦେଶ ରହିଛି। ତେଣୁ ସେଭଳି ବାଣ ଯଦି ବିକ୍ରି କରାଯାଉଛି ତେବେ ତାକୁ ଜବତ କରାଯାଇଛି।




ବାଲିଯାତ୍ରା ତଳପଡ଼ିଆରେ କମିଶନରେଟ୍ ପୋଲିସ ପକ୍ଷରୁ ଅନୁଷ୍ଠିତ ବସ୍ତିକୁ ଚାଲ କାର୍ଯ୍ୟକ୍ରମରେ ମହିଳାଙ୍କ ଯୋଗ ପ୍ରଦର୍ଶନ।

# ଢେଙ୍କାନାଳ ଆଇଆଇଏମ୍‌ସି ଠିକା କର୍ମଚାରୀ ନିୟମିତ ହେବେ

**କଟକ,୧୦।୧୧(କାର୍ତ୍ତିକ ସାହୁ)**

ଢେଙ୍କାନାଳସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାସ୍ କମ୍ୟୁନିକେଶନ (ଆଇଆଇଏମ୍‌ସି)ର ସମସ୍ତ ଠିକା କର୍ମଚାରୀ ନିୟମିତ ହେବେ। ସେଣ୍ଟ୍ରାଲ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ (କ୍ୟାଟ୍) ଏନେଇ ଦେଇଥିବା ଆଦେଶ ଉପରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିଦେଇଛନ୍ତି। ହାଇକୋର୍ଟରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏବଂ ବିଚାରପତି ମୁରାହରି ଶ୍ରୀ ରମଣଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ଅପିଲ୍‌କୁ ଖାରଜ କରିବା ସହ କ୍ୟାଟ୍ ଆଦେଶକୁ କାଏମ ରଖିଛନ୍ତି। ଏହି ଠିକା କର୍ମଚାରୀମାନଙ୍କ ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ ସହ ନିଯୁକ୍ତି ଦିନରୁ ସେମାନଙ୍କୁ ନିୟମିତ କରିବା ଲାଗି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଢେଙ୍କାନାଳସ୍ଥିତ ଆଇଆଇଏମସିରେ ବହୁ ବର୍ଷ ଧରି ଅନେକ କର୍ମଚାରୀ ଠିକାରେ କାର୍ଯ୍ୟ କରିଆସୁଛନ୍ତି। ସେମାନଙ୍କୁ ନିୟମିତ କରିବା ଲାଗି ସେମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଆସୁଥିଲେ। ହେଲେ ସେମାନଙ୍କ ଆବେଦନକୁ ବିଚାର କରାନଯାଇ ଖାରଜ କରିଦିଆଯାଉଥିଲା। ଫଳରେ ଠିକା କର୍ମଚାରୀମାନେ ଏହା ବିରୋଧରେ ପ୍ରଥମେ କ୍ୟାଟ୍‌ରେ ମାମଲା ରୁଜୁ କରିଥିଲେ। ୨୦୨୩ ଜୁଲାଇ ୧୩ରେ କ୍ୟାଟ ଆବେଦନକାରୀମାନଙ୍କୁ ସେମାନଙ୍କ ନିଯୁକ୍ତି ଦିନଠାରୁ ନିୟମିତ କରିବା ସହ ବକେୟା ପ୍ରାପ୍ୟ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର ସରକାର ଏହି ଆଦେଶ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଇଆଇଏମ୍‌ସି କର୍ମଚାରୀଙ୍କ ପକ୍ଷରୁ ଆଗତ ଏହି ମାମଲାକୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ପରିଚାଳନା କରୁଥିଲେ।

**କ୍ୟାଟ୍ ଆଦେଶ ହାଇକୋର୍ଟରେ କାଏମ**

# ଶୁକ ପାଇକା ନାଳ ଖନନ କାର୍ଯ୍ୟର ଶିଳାନ୍ୟାସ



**କଟକ ସଦର,୧୦।୧୧(ସୁଶାନ୍ତ ଜେନା)**

କଟକ ସଦର ବ୍ଲକ ଅଧୀନ ଆୟଉପୁରଠାରେ ଶୁକ ପାଇକା ନାଳ ଖନନ କାର୍ଯ୍ୟର ଶିଳାନ୍ୟାସ ଶୁକ୍ରବାର ହୋଇଯାଇଛି। କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଏହାର ଶିଳାନ୍ୟାସ କରିଥିଲେ। ଏନେଇ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ସଭାରେ ଜଳସ୍ତର କମୁଥିବାରୁ ୭୨ ବର୍ଷ ପରେ ଶୁକ ପାଇକା ନଦୀକୁ କେନାଲରେ ରୂପାନ୍ତରିତ କରାଯାଉଥିବା ବକ୍ତାମାନେ କହିଥିଲେ। ବିଧାୟକ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଏମ୍‌ପି ମହତାବ ଯୋଗଦେଇଥିଲେ। ଏଥିସହ ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମାହାଳି, ଡ୍ରେନେଜ୍ ଡିଭିଜନର ନିର୍ବାହୀ ଯନ୍ତ୍ରୀ ସୌରଭ ଶେଖର ସାହୁ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଆୟଉପୁର ସରପଞ୍ଚ ରାକେଶ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସାହୁ, ରଜନୀକାନ୍ତ ସାହୁ, ସମର ବେହେରା, ଶରତ ରାୟ, ବିଭୂତି ଭୂଷଣ ପରିଡ଼ା ଓ ରତିକାନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୁଷ୍ଠାଶ୍ରମ- ତାରପୁର ନଦୀବନ୍ଧ ରାସ୍ତା କିଶନନଗର ପାଇଁ ସଫଳତା

**କଟକ ସଦର,୧୦।୧୧(ସୁଶାନ୍ତ ଜେନା)**

କୁଷ୍ଠାଶ୍ରମ- ତାରପୁର ମହାନଦୀ ବନ୍ଧ ରାସ୍ତା କିଶନନଗର ତହସିଲ ଅଞ୍ଚଳ ପାଇଁ ବଡ଼ ସଫଳତା ବୋଲି ବିଜେଡି ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ସତ୍ୟ ସିଦ୍ଧାନ୍ତ ଦାଶ କହିଛନ୍ତି। କିଶୋରନଗର ପଞ୍ଚାୟତ ବାଲିଶୁକ୍ରି ଗ୍ରାମ ମୁକ୍ତେଶ୍ୱର ପୀଠରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ପଞ୍ଚାୟତ ଅନୁଦାନ ୫୦ ଲକ୍ଷ ଟଙ୍କା ବ୍ୟତୀତ ଅନେକ ନୂତନ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ସହାୟତା ରାଶି ଘୋଷଣା କରିଥିଲେ। ବିଜେଡି ନେତା ଗଗନ ମହାପାତ୍ର, ଅଚ୍ୟୁତାନନ୍ଦ ମହାନ୍ତି, ସୁରେଶ ବିଷୋୟୀ, ସମିତିସଭ୍ୟା ବାସନ୍ତୀ ଭୋଇ, ଜ୍ଞାନରଞ୍ଜନ ସାହୁ, ପ୍ରମୋଦ ସାହୁ, ଅଜିତ୍ ରାଉତରାୟ, ଇଲାବତି ବିଷୋୟୀ ପ୍ରମୁଖ ଉଭୟ ନେତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ।

# ୪ ଦିନ ହେଲା ପିପିପି ସିଟି ସ୍କାନ୍ ମେଶିନ ଅଚଳ

**କଟକ,୧୦।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ (ଏସ୍‌ସିବି)ରେ ରଞ୍ଜନରଶ୍ମିଠାରେ ଥିବା ପିପିପି ମୋଡ୍ ସିଟି ସ୍କାନ୍ ମେଶିନ ଗତ ୪ଦିନ ହେଲା ଅଚଳ ହୋଇପଡ଼ିଛି। ଏଥି ଯୋଗୁ ବହୁ ରୋଗୀ ସିଟି ସ୍କାନ୍‌ରୁ ବଞ୍ଚିତ ହେଉଛନ୍ତି। ଏପରିକି ଶୁକ୍ରବାର ରୋଗୀମାନେ ଲମ୍ବାଧାଡ଼ି ଲଗାଇ କେବଳ ଆଗାମୀ ଦିନରେ କରିବାକୁ ଥିବା ପରୀକ୍ଷା ପାଇଁ ତାରିଖ ନେଇ ଫେରୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଆଞ୍ଚଳିକ ନିଦାନ କେନ୍ଦ୍ର ପରିସରରେ ଥିବା ଏସ୍‌ସିବିର ନିଜସ୍ୱ ସିଟି ସ୍କାନ୍ ମେଶିନ ଗୁରୁବାରଠାରୁ କାର୍ଯ୍ୟକାରୀ ହୋଇଥିବାରୁ ସେଠାରେ ରୋଗୀଙ୍କ ଭିଡ଼ ଜମୁଛି। ତେବେ ଉନ୍ନତଧରଣର ସିଟି ସ୍କାନ୍ ନେଇ ପିପିପି ମୋଡ୍‌ରେ ସ୍କାନିଂ କରାଇବା ପାଇଁ ଆଞ୍ଚଳିକ ନିଦାନ କେନ୍ଦ୍ର ପରିସରରେ ଥିବା ଡାକ୍ତରଙ୍କ ଠାରୁ ଦସ୍ତଖତ ଆଣି ମଧ୍ୟ ରୋଗୀମାନେ ମେଶିନ ଖରାପ ଯୋଗୁ ହନ୍ତସନ୍ତ ହେଉଛନ୍ତି। ଏସ୍‌ସିବିରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରୋଗୀମାନେ ଉନ୍ନତମାନର ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲକୁ ଆସୁଥିବାବେଳେ ଆବଶ୍ୟକ ପରୀକ୍ଷଣ ନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀଙ୍କୁ ସ୍କାନିଂ ବଦଳରେ ଆଗାମୀ ଦିନ ନିମନ୍ତେ ତାରିଖ ଦିଆଯାଉଛି, ଯାହାଦ୍ୱାରା ଚିକିତ୍ସାରେ ବାଧା ଉପୁଜୁଥିବା ରୋଗୀମାନେ ଅଭିଯୋଗ କରିଛନ୍ତି। ଶୁକ୍ରବାର ପିପିପି ମୋଡ୍ ସିଟି ସ୍କାନ୍ ମେଶିନ ବନ୍ଦ ରହିଛି। ଆଞ୍ଚଳିକ ନିଦାନ କେନ୍ଦ୍ରରେ ଥିବା ଏସ୍‌ସିବିର ନିଜସ୍ୱ ସିଟି ସ୍କାନ୍ ମେଶିନରେ ରୋଗୀଙ୍କ ସ୍କାନିଂ କରାଯାଉଛି। ତେବେ ପିପିପି ମୋଡ୍ ସିଟି ସ୍କାନ୍ ଆବଶ୍ୟକ କରୁଥିବା ରୋଗୀଙ୍କୁ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲକୁ ପଠାଯାଉଛି। ଆଉଟ୍‌ଡୋର ରୋଗୀ ନିଜେ ଯାଇ ସ୍କାନିଂ କରାଉଛନ୍ତି ଏବଂ ଇନ୍‌ଡୋର ରୋଗୀଙ୍କୁ ବ୍ୟାଟେରି ଗାଡ଼ି ଯୋଗେ ନିଆଯାଇ ସ୍କାନିଂ କରାଯାଉଛି। ଟେକ୍‌ନିକାଲ ଟିମ୍ ଏହି ମେଶିନ ମରାମତିରେ ଲାଗିଛନ୍ତି, ତାହା ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହୋଇଯିବ ବୋଲି ଏସ୍‌ସିବିର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ କହିଛନ୍ତି।

ସୂଚନା ଅନୁଯାୟୀ, ପିପିପି ମୋଡ୍ ସିଟି ସ୍କାନ୍ ଦ୍ୱାରା ଦୈନିକ ୨ଶହରୁ ଅଧିକ ରୋଗୀ ସ୍କାନିଂ କରାଇଥାନ୍ତି। ଏହି ମେଶିନ ଖରାପ ହେବା ଯୋଗୁ ଜନୈକ ମହିଳା ଠକାମିର ଶିକାର ହୋଇଛନ୍ତି। ଏହି ଘଟଣା ନେଇ ତନାଘନା ଆରମ୍ଭ ହୋଇଛି। ଅନ୍ୟପଟେ ଗୁରୁବାର ଆଞ୍ଚଳିକ ନିଦାନ କେନ୍ଦ୍ରଠାରେ ଥିବା ଏସ୍‌ସିବିର ନିଜସ୍ୱ ସିଟି ସ୍କାନ୍ ମେଶିନକୁ ୩୫ ଲକ୍ଷ ଟଙ୍କାରେ ଠିକ୍ କରାଯାଇ ରୋଗୀଙ୍କ ସ୍କାନିଂ କରାଯାଉଛି।

**ଚିକିତ୍ସାରେ ବାଧା, ଫେରୁଛନ୍ତି ରୋଗୀ**

### ବସ୍ତି ବାସିନ୍ଦା ସଂଘ ବୈଠକ

**ଚୌଦ୍ୱାର,୧୦।୧୧(ଆଶୁତୋଷ ଦାସ):** ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡ ସୁଇପର କଲୋନୀ ବସ୍ତି ବାସିନ୍ଦା ସଂଘର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରକାଶ ଗୋଛାୟତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଅତିଥି ଭାବେ ଯୋଗଦେଇଥିଲେ। ଜାଗା ମିଶନରେ ବସ୍ତିଗୁଡ଼ିକୁ ବାସୋପଯୋଗୀ କରିବାକୁ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତିକୁ ତୁରନ୍ତ ପୂରଣ କରିବାକୁ ସମସ୍ତ ପ୍ରକାର କାର୍ଯ୍ୟକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବ ବୋଲି ସାମଲ କହିଥିଲେ। ଆଗାମୀ ଦିନରେ ବସ୍ତି ବାସିନ୍ଦାଙ୍କ ସମସ୍ତ ମୌଳିକ ସୁବିଧା ଦିଗରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ସ୍ଥାନୀୟ କାଉନ୍‌ସିଲର ଆଶୁତୋଷ ଦାସ ପ୍ରକାଶ କରିଥିଲେ। ଏଥିରେ ଜାଗା ମିଶନ ଗୋଷ୍ଠୀ ସଂଯୋଜିକା ନିକିତା ଜେନା, ୱାର୍ଡ ଅଫିସର ରଶ୍ମିରଞ୍ଜନ ଦାସ, ଆବାସ ନୋଡାଲ ଅଫିସର ଦେବଦାସ ପଣ୍ଡା, ପ୍ରହଲ୍ଲାଦ ସାହୁ, ବିଭୁ ମହାନ୍ତି, ଟିଙ୍କିନା ନାଏକ, ଗେଡ଼ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ସେବା ଯୋଜନାରେ ସ୍ୱାସ୍ଥ୍ୟ ଶିବିର

**କଟକ,୧୦।୧୧(କାର୍ତ୍ତିକ ସାହୁ)**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସେବା ଯୋଜନାର ପୋଷ୍ୟ ତିନିକୋଣିଆ ବଗିଚା ବସ୍ତି ଅଞ୍ଚଳର ଲୋକଙ୍କୁ ଏହି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ମାର୍ଗଦର୍ଶନରେ ଶିବିର ପରିଚାଳିତ ହୋଇଥିଲା। ବକ୍ସିବଜାରସ୍ଥିତ ପୋଲିସ ହସ୍ପିଟାଲର ବିଶେଷଜ୍ଞ ଡା. ନିବେଦିତା ପଟ୍ଟନାୟକ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଲୋକଙ୍କୁ ଔଷଧ ମଧ୍ୟ ବିତରଣ କରାଯାଇଥିଲା। ଜାତୀୟ ସେବା ଯୋଜନା ଅଧିକାରୀ ଡ. ଯୋଗମାୟା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଶିବିର ପରିଚାଳନାରେ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।




ଶୈଳବାଳା ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ଚିକିତ୍ସା ଶିବିର।



ଧନତେରାସ୍ ଅବସରରେ କଟକ ହାୱ୍ଡ଼ା ମୋଟର୍ସ ଛକଠାରେ ଥିବା ଗହଣା ଦୋକାନରେ ଗ୍ରାହକଙ୍କ ଭିଡ଼ ।

# କୋଟି କୋଟି ଟଙ୍କା ଠକି ମାଆ-ପୁଅ ଗିରଫ

**କଟକ,୧୦।୧୧ (କାର୍ତ୍ତିକ ସାହୁ)**





**ପ୍ଲଟ୍ ବିକ୍ରିରେ ଜାଲିଆତି**

ପ୍ଲଟ୍ ବିକ୍ରି ନାମରେ ଏକ ବଡ଼ ଧରଣର ଠକେଇ ହୋଇଛି। ଜମି ଦେବାକୁ କହି ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକେଇ ଅଭିଯୋଗରେ ବାଦାମବାଡ଼ି ଥାନା ପୋଲିସ ମାଆ-ପୁଅଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏମାନେ ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଠକି ସେହି ପଇସାରେ ଅୟସ କରୁଥିଲେ। ସେମାନେ ହେଲେ ଜଗତସିଂହପୁରର ମୂଳବାସିନ୍ଦା ତଥା ନୂଆବଜାର ଗୋଶାଳା ରୋଡ୍‌ର ଅଧିବାସୀ ତୁଳସୀ ମିଶ୍ର (୫୪) ଓ ସମୀର ମିଶ୍ର (୩୨)। ଗତ ଜାନୁୟାରୀରେ ଅଭିଯୁକ୍ତ ମହିଳାଙ୍କ ଅନ୍ୟ ଜଣେ ପୁଅ ସମାନ ଅଭିଯୋଗରେ ଗିରଫ ହୋଇଥିଲେ। ଜଣେ ବିଲ୍ଡରଙ୍କ ମୃତ୍ୟୁ ପରେ ତାଙ୍କ ସଂସ୍ଥାକୁ ହାତେଇ ଅଭିଯୁକ୍ତମାନେ ଏଭଳି କାରବାର ଚଳାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ସୂଚନା ଅନୁସାରେ, ନୂଆବଜାର ଅଞ୍ଚଳର ସୁଧାଂଶୁ ମହାନ୍ତି ନାମକ ବ୍ୟକ୍ତି ସାଇ କନଷ୍ଟ୍ରକଶନ ନାମରେ ଏକ ସଂସ୍ଥା କରିଥିଲେ। ସେ ତ୍ରିଶୂଳିଆ ଅଞ୍ଚଳରେ ଜମି ପ୍ଲଟିଂ କରି ଲୋକଙ୍କୁ ବିକ୍ରି କରୁଥିଲେ। ସୁଧାଂଶୁଙ୍କ ପରିବାର ବାହାରେ ରହନ୍ତି। କିଛିବର୍ଷ ପୂର୍ବରୁ ସୁଧାଂଶୁଙ୍କ ସହିତ ତୁଳସୀ ମିଶ୍ରଙ୍କ ପରିଚୟ ହୋଇଥିଲା। ସମ୍ପର୍କ ବଢ଼ିବାରୁ ତୁଳସୀ ନିଜ ଦୁଇ ପୁଅଙ୍କୁ ନେଇ ସୁଧାଂଶୁଙ୍କ ଘରେ ରହିଲେ। ସମୟକ୍ରମେ ତୁଳସୀ ଡେଭଲପର୍ସ ନାମରେ ଏକ ନୂଆ ସଂସ୍ଥା ଗଢ଼ି ସୁଧାଂଶୁ ବ୍ୟବସାୟ କଲେ। କିଛିଦିନ ପରେ ସୁଧାଂଶୁଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଲା। ପରେ ତୁଳସୀ ମିଶ୍ର ନିଜ ସାଙ୍ଗିଆ ମହାନ୍ତିକୁ ବଦଳାଇଥିଲେ। ସେ ମୃତ ସୁଧାଂଶୁଙ୍କ ପତ୍ନୀ ବୋଲି ନିଜକୁ ପରିଚୟ ଦେଇ ତାଙ୍କ ସଂସ୍ଥା ଓ ସମ୍ପତ୍ତିକୁ ଦଖଲ କଲେ। ତୁଳସୀ ଓ ତାଙ୍କର ଦୁଇ ପୁଅ ଜମି ଦେବାକୁ କହି ସୁଧାଂଶୁଙ୍କ ସଂସ୍ଥା ନାଁରେ ବହୁ ଲୋକଙ୍କଠାରୁ ଟଙ୍କା ଆଣିଲେ। ହେଲେ ଜମି ଦେବା ସମୟ ହେବାରୁ ସେମାନେ ଖସିବାକୁ ଲାଗିଲେ। ଲୋକେ ଟଙ୍କା ଫେରସ୍ତ ମାଗିଲେ ତୁଳସୀ ନିଜର ଆଧାର କାର୍ଡ ଆଣି ସେଥିରେ ମହାନ୍ତି ନୁହେଁ, ମିଶ୍ର ସାଙ୍ଗିଆ ଲେଖାଥିବା ଦେଖାଇ ଖସୁଥିଲେ। ହେଲେ ତୁଳସୀ ଓ ତାଙ୍କ ଦୁଇ ପୁଅ ସବୁ ଟଙ୍କା ଓ ସମ୍ପତ୍ତି ଦଖଲ କରି ରଖିଥିବା ସମସ୍ତେ ଜାଣିବାରୁ ସେମାନଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରୁଜୁ କରିବା ଆରମ୍ଭ କଲେ। ଗତ ଜାନୁୟାରୀ ମାସରେ ବାଦାମବାଡ଼ି ଥାନାରେ ପ୍ରଥମ ଠକେଇ ମାମଲା ରୁଜୁ ହୋଇଥିଲା। ଏହାପରେ ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳର ସନ୍ତୋଷ ରାଉତ ଏତଲା ଦେଇଥିଲେ। ପୋଲିସ ମାମଲାର ତଦନ୍ତ କରି ପ୍ରଥମେ ତୁଳସୀଙ୍କ ବଡ଼ ପୁଅ ଶିଶିର ମିଶ୍ର ଓରଫ ଶିଶିର ମହାନ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେ ଜେଲରେ ଥିବା ବେଳେ ତୁଳସୀ ଓ ତାଙ୍କ ପୁଅ ସମୀର ଫେରାର ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୧ ନଭେମ୍ବର, ୨୦୨୩



**ପ୍ଲଟ ବିକ୍ରିରେ ଜାଲିଆତି: ମାଆ-ପୁଅ ଗିରଫ**

କଟକ,(କାର୍ତ୍ତିକ ସାହୁ): ପ୍ଲଟ୍ ବିକ୍ରି ନାମରେ ବଡ଼ ଠକେଇ ହୋଇଛି। ଜମି ଦେବାକୁ କହି ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକେଇ ଅଭିଯୋଗରେ ବାଦାମବାଡ଼ି ଥାନା ପୋଲିସ ମାଆ-ପୁଅଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏମାନେ ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଠକି ସେହି ପଇସାରେ ଅୟସ କରୁଥିଲେ। ସେମାନେ ହେଲେ ଜଗତସିଂହପୁରର ମୂଳବାସିନ୍ଦା ତଥା ନୂଆବଜାର ଗୋଶାଳା ରୋଡ୍‌ର ଅଧିବାସୀ ତୁଳସୀ ମିଶ୍ର ଓ ସମୀର ମିଶ୍ର। ଗତ ଜାନୁୟାରୀରେ ଅଭିଯୁକ୍ତ ମହିଳାଙ୍କ ଅନ୍ୟ ଜଣେ ପୁଅ ସମାନ ଅଭିଯୋଗରେ ଗିରଫ ହୋଇଥିଲେ। ଜଣେ ବିଲ୍ଡରଙ୍କ ମୃତ୍ୟୁ ପରେ ତାଙ୍କ ସଂସ୍ଥାକୁ ହାତେଇ ଅଭିଯୁକ୍ତମାନେ ଏଭଳି କାରବାର ଚଳାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

## ସଂକ୍ଷେପରେ

### ରମାଦେବୀ ବିଶ୍ୱବିଦ୍ୟାଳୟରେ ଯୋଗ ପ୍ରତିଯୋଗିତା

ଭୁବନେଶ୍ୱର,୧୦।୧୧(ଅନୁରାଧା ମହାରଣା

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆନ୍ତଃମହାବିଦ୍ୟାଳୟସ୍ତରୀୟ ମହିଳା ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ ଉଦ୍‌ଘାଟନ କରିବା ସହ କ୍ରୀଡ଼ାର ମହତ୍ତ୍ୱ ସମ୍ବନ୍ଧରେ ପ୍ରତିଯୋଗୀଙ୍କୁ ବୁଝାଇଥିଲେ। ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ନିର୍ଦ୍ଦେଶିକା ପ୍ରଫେସର ଜ୍ୟୋତିର୍ମୟୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପନିର୍ଦ୍ଦେଶିକା ଡ. ଇତିଶ୍ରୀ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାରେ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ୧୫ଟି ମହାବିଦ୍ୟାଳୟର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। କଟକ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତିଯୋଗୀ ଚାମ୍ପିୟନ ହୋଇଥିଲାବେଳେ କଟକ ଇମର୍ତ୍ତି ଦେବୀ ମହିଳା ମହାବିଦ୍ୟାଳୟର ପ୍ରତିଯୋଗୀ ଉପବିଜେତା ତଥା ରନରଅପ ହୋଇଥିଲେ। ଯୋଗଗୁରୁ ଡ. ସୁଶୀଲ କୁମାର ପଟ୍ଟନାୟକ, ଶାଶ୍ୱତୀ ପତି ଏବଂ ଜାତୀୟ ଯୋଗ ପ୍ରତିଯୋଗୀ ମୁନା ମଲ୍ଲିକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ରଥ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ସହ ପଦକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡ. ପ୍ରକାଶ ଚନ୍ଦ୍ର ପରିଚ୍ଛା ପରିଚାଳନା କରିଥିଲାବେଳେ କ୍ରୀଡ଼ା ପରିଷଦର ସଦସ୍ୟା ଡ. କଲ୍ୟାଣୀ ଷଡ଼ଙ୍ଗୀ, ଡ. ମୁକ୍ତାମୟୀ କୁମ୍ଭାର, ବି.ଆର. ଆଭା ଆୟୁଶ୍ରୀ ଓ କ୍ରୀଡା ପ୍ରଶିକ୍ଷିକା ମିସ କୁନମୁନ ବେହେରା ସହାୟତା କରିଥିଲେ।

### ରାଜ୍ୟସ୍ତରୀୟ ଶିଶୁ କ୍ରୀଡ଼ା: କନ୍ଧମାଳ ପ୍ରଥମ, କେନ୍ଦୁଝର ରନର୍ସଅପ୍

ଭୁବନେଶ୍ୱର, ୧୦।୧୧ (ବନ୍ଦନା ସେଠୀ)

ମହିଳା ଶିଶୁ ବିକାଶ ବିଭାଗ ଅଧିନସ୍ଥ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ପକ୍ଷରୁ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଚାଲିଥିବା ୩ଦିନିଆ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉତ୍ସବ 'ଉତ୍ସାହ' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଭାଗର କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ, ପ୍ରତିଯୋଗିତାରେ ଭାଗ ନେଇଥିବା ଶିଶୁମାନେ ଭବିଷ୍ୟତରେ ରାଜ୍ୟ ପାଇଁ ଅଧିକ ସୁନାମ ଓ ଗୌରବ ଆଣିଦେବେ ବୋଲି ଆଶା ପୋଷଣ କରିଥିଲେ। ଅଲିମ୍ପିୟାନ ଭାରୋତ୍ତୋଳୟନକାରୀ କେ. ରବିକୁମାର, ଜାତିସଂଘ ଜନସଂଖ୍ୟା ପାଣ୍ଠିର ରାଜ୍ୟ ମୁଖ୍ୟ ମହମ୍ମଦ ନଦିମ ନୂର ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ୨୪ଜଣ ପିଲାଙ୍କୁ ବିଜେତା ଘୋଷିତ କରାଯାଇଥିଲା। ୩୦ଟି ଜିଲା ମଧ୍ୟରୁ କନ୍ଧମାଳ ଜିଲା ଚମ୍ପିୟାନ ଟ୍ରଫି ପାଇଥିବାବେଳେ କେନ୍ଦୁଝର ଜିଲା ରନର୍ସ ଅପ୍ ହୋଇଥିଲା। ମହିଳା ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ରେଗା ଗୀତାରାଣୀ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ପ୍ରୀତିକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ୱିନ୍‌ସିଟିରେ ରାତି ୧୦ଟା ପରେ ବାଣ ଫୁଟାଇବା ମନା

ଭୁବନେଶ୍ୱର,୧୦।୧୧
(ସୂର୍ଯ୍ୟକାନ୍ତ ବେହେରା)

- ୧୨ ଡେସିବିଲ୍‌ରୁ ଅଧିକ ଶବ୍ଦର ବାଣ ଫୁଟାଇଲେ କାର୍ଯ୍ୟାନୁଷ୍ଠାନ
- ଗ୍ରୀନ୍ କ୍ରାକର ଫୁଟାଇବା ପାଇଁ ଅପିଲ୍ କଲେ ପୋଲିସ କମିଶନର



ବାୟୁ ଓ ଶବ୍ଦ ପ୍ରଦୂଷଣକୁ ଦୃଷ୍ଟିରେ ରଖି ସାରା ଦେଶରେ ବାଣ ଫୁଟାଇବା ଉପରେ ରୋକ୍ ଲଗାଇଛନ୍ତି ସୁପ୍ରିମକୋର୍ଟ। ଏଥିସହ ଏହାକୁ ନିୟନ୍ତ୍ରଣ କରିବାକୁ ଆବଶ୍ୟକ ପଦକ୍ଷେପ ନେବା ଲାଗି ପରାମର୍ଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ପରାମର୍ଶ ଅନୁଯାୟୀ କଟକଣା ଜାରି କରିଛି କଟକ-ଭୁବନେଶ୍ୱର କମିଶନରେଟ ପୋଲିସ। ଦୀପାବଳିରେ ରାତି ୧୦ଟା ପରେ ଟ୍ୱିନ୍‌ସିଟିରେ ବାଣଫୁଟାକୁ ବନ୍ଦ କରାଯାଇଛି। ପୁଣି ୧୨ ଡେସିବିଲ୍‌ଠାରୁ ଅଧିକ ଶବ୍ଦର ବାଣ ଫୁଟାଇଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହାସହ ସମସ୍ତେ ଗ୍ରୀନ୍ କ୍ରାକର ଫୁଟାଇବା ପାଇଁ ସହରବାସୀଙ୍କୁ ଅପିଲ କରିଛନ୍ତି। ସେହିପରି ବେଆଇନ ବାଣ ଫୁଟା ରୋକିବା ପାଇଁ ମଧ୍ୟ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିବା ପୋଲିସ କମିଶନର ସୂଚନା ଦେଇଛନ୍ତି।

ଆଲୋକର ପର୍ବ ଦୀପାବଳି ପାଳନ କରିବାକୁ ସବୁଠି ଉତ୍ସାହ ଦେଖିବାକୁ ମିଳୁଛି। ବିଶେଷକରି ଦୀପାବଳିରେ ବାଣ ଫୁଟାଇବା ସମୟରେ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି। ସେହିପରି ପରିବେଶ ଉପରେ ଏହାର ଗଭୀର କୁପ୍ରଭାବ ପଡୁଛି। ତେଣୁ ଦୀପାବଳିରେ ବାଣ ଫୁଟାଇବାକୁ ନେଇ ଅଗ୍ନିଶମ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯିବା ସହ ସତର୍କ କରାଯାଇଛି। ସିଧାସଳଖ ହାତ ଦ୍ୱାରା ବାଣରେ ଅଗ୍ନି ସଂଯୋଗ କରନ୍ତୁ ନାହିଁ। ଗୃହପାଳିତ ପଶୁଙ୍କୁ ଦୂରେଇ ରଖନ୍ତୁ। ନିକଟରେ ପାଣି ବାଲ୍ଟି ଓ ବାଲି ରଖନ୍ତୁ। ବାଣ ଫୁଟାଇବା ସମୟରେ ସୂତା ବସ୍ତ୍ର ପରିଧାନ କରନ୍ତୁ। ଜନ ଗହଳି ସ୍ଥାନରେ ବାଣ ଫୁଟାନ୍ତୁ ନାହିଁ ବୋଲି କୁହାଯାଇଛି। ସେହିପରି ବାଣ ଦୋକାନ ଚାରିପଟେ ପଲିଥିନ ଓ ଦହନଶୀଳ ପଦାର୍ଥ ନ ରଖିବାକୁ ପରାମର୍ଶ ଦିଆଯାଇଛି। ଦୋକାନ ପରସ୍ପରଠାରୁ ଅତି କମରେ ୧୦ ଫୁଟ ଦୂରତା ରଖିବେ। କୌଣସି ତେଲ, ଦୀପ, ଗ୍ୟାସ୍ ଦୀପ, ଖୋଲା ଲାଇଟ ବ୍ୟବହାର ନ କରିବାକୁ କୁହାଯାଇଛି।




ପାଲେଷ୍ଟାଇନ୍ ଉପରେ ଆକ୍ରମଣ ଜାରି ରଖିଥିବା ଇସ୍ରାଏଲ୍‌କୁ ଭାରତ ନିର୍ମାଣ ଶ୍ରମିକ ପଠାଇବାକୁ ବିରୋଧ କରି ସର୍ବଭାରତୀୟ ନିର୍ମାଣ ଶ୍ରମିକ ମହାସଂଘ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ। (ଫଟୋ- ମନୋରଞ୍ଜନ ମିଶ୍ର)

# ଇସ୍ରାଏଲକୁ ଭାରତରୁ ନିର୍ମାଣ ଶ୍ରମିକ ନ ପଠାଇବାକୁ ଦାବି

ଭୁବନେଶ୍ୱର,୧୦।୧୧(ଅନୁରାଧା ମହାରଣା)

ପାଲେଷ୍ଟାଇନ ଉପରେ ଇସ୍ରାଏଲ ଆକ୍ରମଣ ପରେ ଇସ୍ରାଏଲ ପାଲେଷ୍ଟାଇନ ଶ୍ରମିକ ମାନଙ୍କୁ ଦେଶରୁ ତଡ଼ି ଭାରତରୁ ନିର୍ମାଣ ଶ୍ରମିକଙ୍କୁ ନେବା ଲାଗି ଭାରତ ସରକାରଙ୍କୁ ନିବେଦନ କରିଛି। ଭାରତ ସରକାର ଇସ୍ରାଏଲର ଏହି ନିବେଦନକୁ ଗ୍ରହଣ କରି ଇସ୍ରାଏଲକୁ ନିର୍ମାଣ ଶ୍ରମିକ ପଠାଇବା ଅନୁଚିତ ବୋଲି ସର୍ବଭାରତୀୟ ନିର୍ମାଣ ଶ୍ରମିକ ମହା ସଂଘ ପକ୍ଷରୁ ଦର୍ଶାଇବା ସହ ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ୍ ଛକରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଭାରତୀୟ ଶ୍ରମିକଙ୍କୁ ଇସ୍ରାଏଲକୁ ପଠାଇ ସେମାନଙ୍କ ଜୀବନ ଏକ ସଙ୍କଟ ଭିତରକୁ ଚାଲିଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଇସ୍ରାଏଲ ନିର୍ମାତା ସଂଘର ଏସପ୍ରକାର ନିବେଦନକୁ ଭାରତ ସରକାର ପ୍ରତ୍ୟାଖାନ କରି ପାଲେଷ୍ଟାଇନ ଶ୍ରମିକଙ୍କ ସପକ୍ଷରେ ସମର୍ଥନ ଦେବାକୁ ସଂଘ ଦାବି କରିଛି। ଓଡ଼ିଶା ନିର୍ମାଣ ଶ୍ରମିକ ମହାସଂଘର ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡା ଘଟଣାକୁ ନିନ୍ଦା କରିବା ସହିତ ଭାରତୀୟ ଶ୍ରମମନ୍ତ୍ରୀଙ୍କୁ ସ୍ମାରକପତ୍ର ପଠାଯିବ ଓ ପ୍ରତି ଜିଲାରେ ଏ ସଂପର୍କରେ ନିର୍ମାଣ ଶ୍ରମିକମାନଙ୍କ ମଧ୍ୟରେ ଜନମତ ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି। ଏହାର ପ୍ରତିବାଦରେ ବଂଶୀଧର ପରିଡ଼ା, ଶଙ୍କର ନାଏକ, ମାନସ ରଞ୍ଜନ ପ୍ରଧାନ, ବିଜୟ ବେହେରା, ନଳିନୀ ଦିଗାଲ, ଚିତ୍ରସେନ ସେଠୀ ପ୍ରମୁଖ ସାମିଲ ହୋଇ ଭାରତ ସରକାରଙ୍କ ଏହି ପଦକ୍ଷେପକୁ ନିନ୍ଦା କରିଥିଲେ।

### ୧୫ରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୦।୧୧(ଅନୁରାଧା ମହାରଣା)

ରାଜ୍ୟ କ୍ରୀଡ଼ା, ସଂସ୍କୃତି, ସାମାଜିକ କ୍ଷେତ୍ରରେ ଯୁବ ବର୍ଗ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅଧୀନରେ ଏକ ନୂତନ ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନାରେ ଯୁବ ବର୍ଗ ତଥା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନ ସ୍ତରରେ ପ୍ରତିଯୋଗିତା ଆୟୋଜନ କରାଯିବ। ପରବର୍ତ୍ତୀ ସମୟରେ ଜିଲା ଓ ରାଜ୍ୟ ସ୍ତରରେ ଯୁବ ମହୋତ୍ସବ ମାନ ଆୟୋଜନ କରାଯିବ। ଶୁକ୍ରବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଭିଡିଓ କନଫରେନ୍ସିଂରେ ଏହି କାର୍ଯ୍ୟକ୍ରମର ସମୀକ୍ଷା କରି କହିଛନ୍ତି, ଉଚ୍ଚଶିକ୍ଷା ବିଭାଗର ନିୟନ୍ତ୍ରଣାଧୀନ ୬୮୭ଟି ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ୍ରେ କ୍ରୀଡ଼ା, ସଂସ୍କୃତି ଓ ସାମାଜିକ କାର୍ଯ୍ୟ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୫ ତାରିଖରୁ ପ୍ରତିଯୋଗିତା ଆରମ୍ଭ ହେବ। ଏହା ଡିସେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ କ୍ରୀଡ଼ା ଓ ଯୁବସେବା ବିଭାଗ ଆବଶ୍ୟକ ମାର୍ଗଦର୍ଶିକା ଓ ପାଣ୍ଠି ଯୋଗାଇଥିବା ସୂଚନା ରହିଛି। ସମୀକ୍ଷା ସମୟରେ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ, ସ୍ୱତନ୍ତ୍ର ସଚିବ ପ୍ରମୋଦ ମିଶ୍ର, ବିଭାଗର ନିର୍ଦ୍ଦେଶକ ଭବାନୀ ଶଙ୍କର ଚୟନୀଙ୍କ ସମେତ ଅଧ୍ୟକ୍ଷ, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### 'ରେବତୀ ଓ ଅନ୍ୟାନ୍ୟ ରେବତୀ' ଆଲୋଚନାଚକ୍ର

ଭୁବନେଶ୍ୱର,୧୦।୧୧(ଅନୁରାଧା ମହାରଣା)

ଫକୀରମୋହନ ଫାଉଣ୍ଡେଶନ ନୂଆଦିଲ୍ଲୀ ଓଡ଼ିଶା ଶାଖା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ଫକୀରମୋହନଙ୍କ 'ରେବତୀ' ଓ ଅନ୍ୟାନ୍ୟ ରେବତୀ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ଡ. ମନିକା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫକୀରମୋହନ ଫାଉଣ୍ଡେଶନ ଯୁବ ପିଢ଼ିକୁ କିଭଳି ଗୁରୁତ୍ୱ ଦେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛି, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାସହିତ 'ରେବତୀ' ଗଳ୍ପ କିଭଳି ସର୍ବଭାରତୀୟ ସ୍ତରରେ ଏକ ଶ୍ରେଷ୍ଠ ଦରଦୀ ଗଳ୍ପ ଭାବେ ରହି ଆସିଛି ସେନେଇ ଆଲୋଚନା କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ଫକୀରମୋହନୀୟ ଗବେଷକ ଅସିତ ମହାନ୍ତି ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଫକୀରମୋହନଙ୍କ 'ରେବତୀ' ଗଳ୍ପ ପାଇଁ ବିଭିନ୍ନ ଗାଳ୍ପିକଙ୍କ ଦ୍ୱାରା କିଭଳି ୭୭ରୁ ଊର୍ଦ୍ଧ୍ୱ ଗଳ୍ପ ଓଡ଼ିଆରେ ରଚିତ ହୋଇଛି ତା' ଉପରେ ଆଲୋଚନା କରିଥିଲେ। ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶାନ୍ତିନିକେତନର ଓଡ଼ିଆ ଅଧ୍ୟାପକ ତଥା ଫାଉଣ୍ଡେଶନର ମହାସଚିବ 'ରେବତୀ' ଗଳ୍ପରେ ଯେଉଁ ବହୁସ୍ୱରୀୟତା ରହିଛି ତାହାକୁ ଉନ୍ମୋଚନ କରିବାକୁ ସେ ପ୍ରୟାସ କରିଥିଲେ। ବିଭାଗୀୟ କାର୍ଯ୍ୟନିର୍ବାହୀ ଅଧ୍ୟାପକ ଡ. ରମେଶ ଚନ୍ଦ୍ର ମଲ୍ଲିକ ସଭା ପରିଚାଳନା କରିଥିଲେ। ନାଟ୍ୟକାର ନିବେଦିତା ଜେନାଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା 'ରେବତୀ' ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକସ୍ଥିତ ଫକୀରମୋହନ ଏବଂ ବାଗ୍‌ଦେବୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପଦଯାତ୍ରା କରାଯାଇଥିଲା। ଅଧ୍ୟାପକ ଅନପା ମାରାଣ୍ଡି ଧନ୍ୟବାଦ ଦେଇଥିଲେ।

# ବିଏମ୍‌ସି, ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ତାଲିମ




ଭୁବନେଶ୍ୱର, ୧୦।୧୧ (ବନ୍ଦନା ସେଠୀ)

**ସ୍ୱଚ୍ଛ ସବୁଜ ସୁରକ୍ଷିତ ଦୀପାବଳି ପାଇଁ ପଦକ୍ଷେପ**

ଦୀପାବଳି ସମୟରେ ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଓ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ତେଣୁ ଏଥିରୁ ଦୂରେଇ ରହିବା ସହ ଆବଶ୍ୟକ ପଡିଲେ ଏହାକୁ କିପରି ଦୃଢ ମୁକାବିଲା କରାଯାଇ ପାରିବ ସେ ନେଇ ବିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଜରୁରୀକାଳୀନ ଅଗ୍ନି ନିରାପତ୍ତା ଢାଞ୍ଚା ଓ ଯୋଜନା ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡିଶା ଷ୍ଟେଟ ଡିଜାଷ୍ଟର ମିଟିଗେଶନ ଅଥରିଟି (ଓସ୍‌ଡମା) ଓ ଅଗ୍ନିଶମ ବିଭାଗର ମିଳିତ ସହଯୋଗରେ ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ଏହି ବୈଠକରେ ବସ୍ତିବାସିନ୍ଦା, ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଆଦିରେ ଅଗ୍ନିକାଣ୍ଡ ଘଟିଲେ ଲୋକଙ୍କୁ କିପରି ଉଦ୍ଧାର କରାଯିବ ସେ ସଂପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିସହ ବିଭିନ୍ନ ଉଦ୍ଧାର କୌଶଳ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ଅଗ୍ନିଶମ ଓ ଡିଜାଷ୍ଟର ରେସପନ୍ସ ଏକାଡେମୀର ଡେପୁଟି ଫାୟାର ଅଫିସର ପ୍ରକାଶ କୁମାର ଜେନା ଏହି ତାଲିମ ଦେବା ସହ କୌଶଳ ପ୍ରଦର୍ଶନ କରିଥିଲେ। ବୈଠକରେ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଡେପୁଟି କମିଶନର ପ୍ରିୟଙ୍କା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ଦୀପାବଳି ପାଇଁ ଖାଦ୍ୟ ନିରାପତ୍ତା ଟିମ୍‌ର ଚଢ଼ାଉ

ଭୁବନେଶ୍ୱର, ୧୦।୧୧ (ବନ୍ଦନା ସେଠୀ)

ଦୀପାବଳି ସମୟରେ ବିଭିନ୍ନ ମିଠା ଦୋକାନରେ ବାସି ଓ ନଷ୍ଟ ହୋଇଯାଇଥିବା ମିଠା ବିକ୍ରି ହୋଇଥାଏ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଟିମ୍ ବିଏମ୍‌ସିର ଖାଦ୍ୟ ନିରାପତ୍ତା ଦଳ ଉତ୍ତର ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ ବୁଲି ମିଷ୍ଟାନ୍ନ ଭଣ୍ଡାରଗୁଡ଼ିକୁ ଯାଞ୍ଚ କରିଥିଲେ। ପ୍ରଥମେ ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ନିକଟରୁ ବାହାରି ଶୈଳଶ୍ରୀ ବିହାର, ନିଳାଦ୍ରୀବିହାର, କିଟ୍, ପଟିଆ, ଡମଣା ଇତ୍ୟାଦି ଅଞ୍ଚଳର ପ୍ରାୟ ୨୦ଟି ଦୋକାନକୁ ଯାଇ ଖାଦ୍ୟ ଯାଞ୍ଚ କରାଯାଇଥିଲା। ଉପସ୍ଥିତ ଗ୍ରାହକଙ୍କୁ ମଧ୍ୟ ଖାଦ୍ୟର ଗୁଣବତ୍ତା, ଅପମିଶ୍ରଣ, ରଙ୍ଗଦିଆ ଖାଦ୍ୟ, ଫଏଲ ଚପା ହୋଇଥିବା ଖାଦ୍ୟ ଇତ୍ୟାଦିରୁ ଦୂରେଇ ରହିବା ଏବଂ ବାସି ଖାଦ୍ୟ ବିକ୍ରୟ କରୁଥିବା ଦୋକାନୀ ବାବଦରେ ବିଏମ୍‌ସିକୁ ଜଣାଇବା ବାବଦରେ ସଚେତନ କରାଯାଇଥିଲା। ଏହାପରେ ସଂପୃକ୍ତ ଦୋକାନୀମାନଙ୍କୁ ନାଗରିକଙ୍କ ସ୍ୱାସ୍ଥ୍ୟ ରକ୍ଷାକୁ ଧ୍ୟାନ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କେତେକ ସ୍ଥାନରେ ବିକ୍ରି ପାଇଁ ପ୍ରଦର୍ଶିତ ଖାଦ୍ୟଗୁଡିକରୁ ନମୁନା ଆଣି ମୋବାଇଲ ଟେଷ୍ଟିଂ ଲାବରେଟୋରିରେ ପରୀକ୍ଷା କରାଯାଇଥିଲା। ପ୍ରାୟ ୨୦-୨୫ କିଲୋ ମିଠାକୁ ନଷ୍ଟ କରିବା ସହ ୪ଟି ଦୋକାନରୁ ୭ ହଜାର ଟଙ୍କା ଜରିମାନା କରାଯାଇଥିଲା। ଫୁଡ୍ ସେଫ୍ଟି ଟିମ୍ ସାଇନ୍ ଏହି ଅଭିଯାନରେ ସାମିଲ ହୋଇଥିଲେ। ସ୍ୱତନ୍ତ୍ର ଖାଦ୍ୟ ନିରାପତ୍ତା ଅଧିକାରୀ ସତ୍ୟଜିତ୍ ପଟେଲଙ୍କ ନେତୃତ୍ୱରେ ଟିମ୍ ବିଏମ୍‌ସି ଏହି ଯାଞ୍ଚ କରିଥିଲା।

### ଛୁଟି ତାଲିକା ପ୍ରସ୍ତୁତି ନିୟମରେ ପରିବର୍ତ୍ତନ ଦାବି

ଭୁବନେଶ୍ୱର,୧୦।୧୧(ଅନୁରାଧା ମହାରଣା)

ମାଧ୍ୟମିକ ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ପ୍ରସ୍ତୁତ ସରକାରୀ ଛୁଟି ତାଲିକାକୁ ନେଇ ଓଡ଼ିଶା ସରକାରୀ ହାଇସ୍କୁଲ(ମାଧ୍ୟମିକ)ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଛୁଟି ତାଲିକା ପ୍ରସ୍ତୁତି ନିୟମକୁ ପରିବର୍ତ୍ତନ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ସୂଚନା ଥାଉକି, ମାଧ୍ୟମିକ ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ଯେଉଁ ଛୁଟି ତାଲିକା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଦ୍ୱାରା ଜାରି କରାଯାଇଥାଏ, ସେଥିରେ ଛୁଟି ଦିବସ ସହିତ ବିଦ୍ୟାଳୟରେ ପାଳନ ହେଉଥିବା ଦିବସଗୁଡିକ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥାଏ। ପାଳନ ଦିବସଗୁଡିକରେ ଶିକ୍ଷୟିତ୍ରୀଶିକ୍ଷକ ବିଦ୍ୟାଳୟକୁ ଯିବା ସହିତ ବକ୍ତୃତା ପ୍ରତିଯୋଗିତା,ଚିତ୍ରାଙ୍କନ ପ୍ରତିଯୋଗିତା, କଣ୍ଠ ସଂଗୀତ ପ୍ରତିଯୋଗିତା, ସାଧାରଣ ଜ୍ଞାନ ପ୍ରତିଯୋଗିତା, ପ୍ରବନ୍ଧ ପ୍ରତିଯୋଗିତା, ଖେଳ ପ୍ରତିଯୋଗିତା ଆଦି ଅନେକ କାର୍ଯ୍ୟ କରିଥାନ୍ତି। ଅଧିକାଂଶ ପାଳନ ଦିବସରେ ମଧ୍ୟାହ୍ନ ଭୋଜନ ବଣ୍ଟନ ପରେ ହିଁ ଶିକ୍ଷୟିତ୍ରୀଶିକ୍ଷକ ବିଦ୍ୟାଳୟରୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ତେଣୁ ଏହି ପାଳନ ଦିବସକୁ ଛୁଟି ଦିବସ ଭାବେ କିପରି ଗଣନା କରାଯାଇପାରେ ବୋଲି ସଂଘ ପକ୍ଷରୁ ପ୍ରଶ୍ନ କରାଯାଇଛି। ତେଣୁ ଛୁଟି ତାଲିକାରୁ ପାଳନ ଦିବସଗୁଡିକୁ ବାଦ୍‌ଦେଇ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ଅବିକଳ ଛୁଟି ଦିବସ ସହ ତାଲିକା ପ୍ରସ୍ତୁତ କରିବାକୁ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଆଇଚ ପ୍ରମୁଖ ପ୍ରକାଶ କରିଛନ୍ତି।

# ଏକାମ୍ରରେ ୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

ପୁରୁଣା ଭୁବନେଶ୍ୱର,୧୦।୧୧
(ସୁବାସ ଚନ୍ଦ୍ର ପ୍ରଧାନ)



ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ରଥ ରୋଡ ଉନ୍ନତୀକରଣ ପାଇଁ ମାଉସୀମା' ଛକରୁ ବଢେଇ ବାଙ୍କ ଛକ ପର୍ଯ୍ୟନ୍ତ ରାସ୍ତାକୁ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରାୟ ସାଢ଼େ ୪କୋଟି ଟଙ୍କା ମଞ୍ଜୁର ହୋଇଥିବା କାର୍ଯ୍ୟକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶିଳାନ୍ୟାସ କରିଛନ୍ତି। ପରେ ଗଡମହାବୀର ରାସ୍ତାର ଏକ କଲଭର୍ଟ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଶିଶୁପାଳ ଗଡ ମୁଖ୍ୟ ରାସ୍ତା ଓ ନାଳ ପାଇଁ ୬୦ ଲକ୍ଷ ଟଙ୍କାର କାର୍ଯ୍ୟକୁ ମନ୍ତ୍ରୀ ପଣ୍ଡା ଶିଳାନ୍ୟାସ କରିଥିଲେ। ପରେ ଡୁମୁଡୁମା ନୂଆସାହି କୋଠ ଘରକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ଶିବ ପ୍ରସାଦ ବେହେରା, ବିଧାୟକଙ୍କ ପ୍ରତିନିଧି ଦାଶରଥି ଗରାବଡୁ, ଜିଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ରଶ୍ମି ରଞ୍ଜନ ଶ୍ରୀଚନ୍ଦନ, କ୍ଷୀରୋଦ ପ୍ରଧାନ, ବିନୋଦ ରାଉତରାୟ, ପ୍ରକାଶ ସାହୁ, ମନୋରଞ୍ଜନ ମହାନ୍ତି, ଦିଲୀପ ଜେନା, କୃଷ୍ଣ ଚନ୍ଦ୍ର ନାୟକ, ଶିବପ୍ରସାଦ ମହାପାତ୍ର, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ନଳିନୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଧାନଫସଲ ନଷ୍ଟ କରୁଛନ୍ତି ୨୨ ଟିକିଆ ହାତୀପଲ

ବାରଙ୍ଗ,୧୦।୧୧(ଲିଙ୍ଗରାଜ ରାଉତ)



ଗତ ୩ଦିନ ଧରି ବାରଙ୍ଗ ବ୍ଲକ ଅଧୀନ ନରାଜ ମାର୍ଥାପୁର, ରାମଦାସପୁର, ମୁଣ୍ଡଳି ପଞ୍ଚାୟତରେ ୨୨ଟିକିଆ ହାତୀପଲଙ୍କ ଦୌରାତ୍ମ୍ୟ ଦେଖାଦେଇଛି। ହାତୀପଲଙ୍କ ଉପଦ୍ରବ ଯୋଗୁ ଚାଷୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକ ନାହିଁ ନ ଥିବା ହଇରାଣ ହେଉଛନ୍ତି। ରାତିରେ ବାରଙ୍ଗ-ବାଙ୍କୀ ମୁଖ୍ୟ ରାସ୍ତା ଅତିକ୍ରମ କରି ଚାଷଜମିକୁ ଯାଉଥିବାରୁ ଏହି ରାସ୍ତାରେ ଯାତାୟାତ କରୁଥିବା ସାଧାରଣ ଲୋକଙ୍କ ପାଇଁ ବିପଦର କାରଣ ପାଲଟିଛି। ଏହି ହାତୀପଲ କେତେବେଳେ ଗାଁରେ ପଶୁଛନ୍ତି ତ ଆଉ କେତେବେଳେ ଚାଷଜମିରେ ପଶି ଧାନଫସଲ ନଷ୍ଟ କରୁଛନ୍ତି। ଏହା ଭିତରେ ମୁଣ୍ଡଳି, ନରାଜ ମାର୍ଥାପୁର ଓ ରାମଦାସପୁର ଗ୍ରାମ ପଞ୍ଚାୟତର ସବୁ ଚାଷ ଜମିରେ ଧାନଫସଲ ଖାଇବା ସହ ଦଳିମକଚି ନଷ୍ଟ କରିଦେଇଛନ୍ତି। ଦେବ ଦାସ, ସୁଶାନ୍ତ ଦାସଙ୍କ ସମେତ ବହୁ ଚାଷୀଙ୍କର ପ୍ରାୟ ୧୫ ଏକରରୁ ଊର୍ଦ୍ଧ୍ୱ ଧାନଚାଷ ନଷ୍ଟ କରିଦେଇଛନ୍ତି। ଚାଷୀମାନେ ରାତି ଉଜାଗର ହୋଇ ଜୀବନକୁ ବାଜି ଲଗାଇ ହାତୀ ଘଉଡାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ବିଫଳ ହେଉଛନ୍ତି। ବନ ବିଭାଗ କର୍ମଚାରୀ ଆସି ହାତୀ ଘଉଡାଇବାରେ ଚାଷୀଙ୍କୁ ସହାୟତା କରୁଥିଲେ ମଧ୍ୟ ସେମାନେ ହାତୀଙ୍କୁ ଜଙ୍ଗଲକୁ ଫେରାଇ ନେବାରେ ସକ୍ଷମ ହୋଇପାରିନାହାନ୍ତି। ଅନ୍ୟପଟେ ସନ୍ଧ୍ୟା ହେବା ମାତ୍ରେ ସ୍ଥାନୀୟ ଲୋକେ ବାରଙ୍ଗ-ବାଙ୍କୀ ମୁଖ୍ୟରାସ୍ତାକୁ ଆସିବାକୁ ନିରାପଦ ମଣୁନାହାନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଚନ୍ଦକା-ଡମପଡ଼ା ଡିଏଫ୍‌ଓ ଶରତ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।



ଇନ୍‌ଫୋସିସ୍ ଫାଉଣ୍ଡେଶନ ଓ ଭାରତୀୟ ବିଦ୍ୟାଭବନ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଚାଲିଥିବା ଲୁପ୍ତପ୍ରାୟ କଳା କାର୍ଯ୍ୟକ୍ରମରେ ଶୁକ୍ରବାର ପରିବେଷିତ ନାଟକ 'ମୁଁ ଚକରା କହୁଛି'ର ଏକ ଦୃଶ୍ୟ।




ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଗୀତଗୋବିନ୍ଦ ସଦନରେ ଶୁକ୍ରବାର ଅନୁଷ୍ଠିତ କୃଷ୍ଣ କଥା କାର୍ଯ୍ୟକ୍ରମ। (ଫଟୋ- ମୌସମ ନନ୍ଦ)




ସୂଚନା ଭବନରେ ଶୁକ୍ରବାର ନିଖିଳ ଓଡ଼ିଶା ସ୍ୱେଚ୍ଛାସେବୀ ମହାସଂଘର ପ୍ରଥମ ବୈଠକ ଓ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ପ୍ରଫେସର ଭ୍ରମରବର ଦାଶଙ୍କୁ 'ନିଖିଳ ଉତ୍କଳ ଗୌରବ' ସମ୍ମାନ ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ୧୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ



ନିରାକାରପୁର,୧୦।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ପକ୍ଷରୁ ଶୁକ୍ରବାର ୧୬ ନମ୍ବର ଜାତୀୟ ରାଜପଥରେ ମଲାଗୁଣି ବ୍ରିଜ ନିକଟରେ ଯାନବାହନ ଯାଞ୍ଚ କରାଯାଇଛି। ଯାଞ୍ଚ ବେଳେ କେତେଜଣ ବିନା ହେଲମେଟଧାରୀ, ବିନା ଡ୍ରାଇଭିଂ ଲାଇସେନ୍ସଧାରୀ ଓ ଦ୍ରୁତ ବେଗରେ ଗାଡି ଚାଳନା କରୁଥିବା ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଏମାନଙ୍କଠାରୁ ୧୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ସବଇନ୍ସପେକ୍ଟର ଦୀପାଳିଶା ନାୟକ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ମଧ୍ୟ ଚଢ଼ାଉ ଜାରି ରହିବ ବୋଲି ଥାନା ଅଧିକାରୀ ସୁଚିତ୍ରା ଜେନା କହିଛନ୍ତି। ଯାଞ୍ଚ ସମୟରେ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ଅବକାରୀ ଚଢ଼ାଉ, ଜଣେ ମହିଳାଙ୍କ ସମେତ ୨ ଗିରଫ

ଟାଙ୍ଗୀ,୧୦।୧୧(ରଘୁନାଥ ସାହୁ)

ଟାଙ୍ଗୀ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଜଣେ ମହିଳାଙ୍କ ସମେତ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଶୈଳବାଳା ପ୍ରଧାନ ଓ ମଙ୍ଗୁଳି ନାୟକ। ଏମାନଙ୍କ ନିକଟରୁ ମୋଟ୍ ୯୦ ଲିଟର ଦେଶୀ ମଦ, ଆସ୍କା ଫର୍ଟି ଜବତ ହୋଇଛି। ଅବକାରୀ ଇନ୍ସପେକ୍ଟର ନାରାୟଣ ଜେନାଙ୍କ ନେତୃତ୍ୱରେ କର୍ମଚାରୀମାନେ ଜଟିଆପାଟଣା ଗ୍ରାମରେ ଚଢ଼ାଉ କରି ୩୦ ଲିଟର ଦେଶୀ ମଦ ଜବତ କରିବା ସହ ଶୈଳବାଳାଙ୍କୁ ଗିରଫ କରିଥିଲେ। ସେହିପରି ଜରିପଡ଼ା ଗ୍ରାମରେ ଚଢ଼ାଉ କରି ୬୦ ଲିଟର ଆସ୍କା ଫର୍ଟି ଜବତ କରିବା ସହ ମଙ୍ଗୁଳିଙ୍କୁ ଗିରଫ କରିଥିଲେ।

### ଏକାମ୍ରରେ ୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

ପୁରୁଣା ଭୁବନେଶ୍ୱର,୧୦।୧୧(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ରଥ ରୋଡ ଉନ୍ନତୀକରଣ ପାଇଁ ମାଉସୀମା ଛକରୁ ବଢେଇ ବାଙ୍କ ଛକ ପର୍ଯ୍ୟନ୍ତ ରାସ୍ତାକୁ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରାୟ ସାଢ଼େ ୪କୋଟି ଟଙ୍କା ମଞ୍ଜୁର ହୋଇଥିବା କାର୍ଯ୍ୟକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶିଳାନ୍ୟାସ କରିଛନ୍ତି। ପରେ ଗଡମହାବୀର ରାସ୍ତାର ଏକ କଲଭର୍ଟ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଶିଶୁପାଳ ଗଡ ମୁଖ୍ୟ ରାସ୍ତା ଓ ନାଳ ପାଇଁ ୬୦ ଲକ୍ଷ ଟଙ୍କାର କାର୍ଯ୍ୟକୁ ମନ୍ତ୍ରୀ ପଣ୍ଡା ଶିଳାନ୍ୟାସ କରିଥିଲେ। ପରେ ଡୁମୁଡୁମା ନୂଆସାହି କୋଠ ଘରକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ଶିବ ପ୍ରସାଦ ବେହେରା, ବିଧାୟକଙ୍କ ପ୍ରତିନିଧି ଦାଶରଥି ଗରାଡୁ, ଜିଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ରଶ୍ମି ରଞ୍ଜନ ଶ୍ରୀଚନ୍ଦନ, କ୍ଷୀରୋଦ ପ୍ରଧାନ, ବିନୋଦ ରାଉତରାୟ, ପ୍ରକାଶ ସାହୁ, ମନୋରଞ୍ଜନ ମହାନ୍ତି, ଦିଲ୍ଲୀପ ଜେନା, କୃଷ୍ଣ ଚନ୍ଦ୍ର ନାୟକ, ଶିବପ୍ରସାଦ ମହାପାତ୍ର, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ନଳିନୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମରୁଡ଼ି ଅଞ୍ଚଳ ଘୋଷଣା ଦାବିରେ ଚାଷୀ ସମାବେଶ

ବୋଲଗଡ଼,୧୦।୧୧(ଦେବବ୍ରତ ହୋତା)



ବୋଲଗଡ଼ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣାରେ ବସିଛନ୍ତି।

ଜଳସେଚନର ସୁବିଧା ନ ଥିବା ଓ ବର୍ଷା ଅଭାବରୁ ବୋଲଗଡ଼ ବ୍ଲକ ଅଞ୍ଚଳରେ ଜମି ଫାଟି ଆଁ କରିବା ସହ ଧାନକେଣ୍ଡା ଶୁଖିଗଲାଣି। ତୁରନ୍ତ ଜଳସେଚନର ସୁବିଧା ନ କରାଗଲେ ବ୍ଲକ ଅଞ୍ଚଳର ୮୦ ପ୍ରତିଶତ ଧାନ ଫସଲ ନଷ୍ଟ ହୋଇଯିବା ଆଶଙ୍କା ରହିଛି। ଏପରିକି ମରୁଡ଼ି ଭଳି ସ୍ଥିତି ଉପୁଜିଲାଣି। ଫଳରେ ବ୍ୟାଙ୍କ, ଅନ୍ୟାନ୍ୟ ସଂସ୍ଥା ଓ ମହାଜନଙ୍କଠାରୁ ଋଣ ନେଇଥିବା ଚାଷୀ କିପରି ଶୁଝିବ ଚିନ୍ତାରେ ପଡ଼ିଛି। ବୋଲଗଡ଼ ବ୍ଲକ ଅଞ୍ଚଳକୁ ମରୁଡ଼ି ଅଞ୍ଚଳ ଘୋଷଣା ଦାବିରେ ଶୁକ୍ରବାର ବୋଲଗଡ଼ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସର୍ବଦଳୀୟ ଚାଷୀ ସଙ୍ଗଠନର ଆବାହକ ରବୀନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୋଲଗଡ଼ ପଞ୍ଚାୟତ କଂଗ୍ରେସ ସଭାପତି ଭାସ୍କର ମଙ୍ଗରାଜ, ଭାଜପା ମଣ୍ଡଳ ସଭାପତି ରଘୁନାଥ ଷଡ଼ଙ୍ଗୀ, ସମବାୟବିତ୍ ଲଲାଟେନ୍ଦୁ କେଶରୀ ସିଂହ, କୃଷକ ନେତା ସୁରେଶ ଚନ୍ଦ୍ର ମାନସିଂହ, ବୋଲଗଡ଼ ସେବା ସମବାୟ ସମିତି ସଭାପତି ସୌରାଂଶୁ ପରିଡା, ବିଜେଡି ନେତା ଦୁର୍ଗା ଚରଣ ଜଗଦ୍ଦେବ, ଫକୀର ଫତେସିଂହ, ବାସୁଦେବ ପରିଡା, ବୈକୁଣ୍ଠ ମହାରଣା, ନକୁଳ ରାଉତରାୟ, ମୋଇନ ଖାଁ, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ପ୍ରସନ୍ନ ସୁବୁଦ୍ଧି, କାହ୍ନୁ ଚରଣ ବେହେରା, ନକୁଳ ପ୍ରଧାନଙ୍କ ସମେତ ବ୍ଲକ ଅନ୍ତର୍ଗତ ୧୯ଟି ପଞ୍ଚାୟତର ବହୁ ଚାଷୀ ଉପସ୍ଥିତ ଥିଲେ। ଏହି ଅବସରରେ ବୋଲଗଡ଼ ବ୍ଲକକୁ ମରୁଡି ଅଞ୍ଚଳ ଘୋଷଣା, ସମସ୍ତ ସମବାୟ ଓ ଜାତୀୟକରଣ ବ୍ୟାଙ୍କର କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼ ଓ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଫସଲବୀମା ବନ୍ଦୋବସ୍ତ କରିବା ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୋଲଗଡ଼ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିବା ବେଳେ ତାଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣି ସସ୍ମିତା ଭୂୟାଁ ଗ୍ରହଣ କରିଥିଲେ। ଏହି ଦାବିପତ୍ରର ଏକ ନକଲ ସ୍ଥାନୀୟ କୃଷି ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

## ୪୦ ସମବାୟ ସମିତିକୁ ୫୦ ହଜାର ଲେଖାଏ ଚେକ୍ ପ୍ରଦାନ



ଚେକ୍ ପ୍ରଦାନ ଅବସରରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟ ଅତିଥି।

ଖୋର୍ଦ୍ଧା,୧୦।୧୧(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଦ୍ୱାରା ରାଜ୍ୟରେ ପ୍ରଥମ ଥର ପାଇଁ ପ୍ରାଥମିକ କୃଷି ସମବାୟ ସମିତିମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶୁକ୍ରବାର ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ(କେସିସିବି) ପକ୍ଷରୁ ସ୍ଥାନୀୟ ଜୟୀ ରାଜଗୁରୁ ଭବନଠାରେ ଆର୍ଥିକ ସହାୟତା ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେସିସିବି ସଭାପତି ଅଭିଷେକ ସିଂହସାମନ୍ତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ସମ୍ମାନିତ ଅତିଥିଭାବେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଓଡ଼ିଶା ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ, ଏଆର୍‌ସିଏସ୍ ପ୍ରମୁଖ ଯୋଗଦେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ୪୦ଟି ସମବାୟ ସମିତିକୁ ୫୦ ହଜାର ଟଙ୍କା ଲେଖାଏ ଚେକ୍ ପ୍ରଦାନ କରାଯାଇଛି। ଏହି ଅର୍ଥ ଦ୍ୱାରା ସମବାୟ ସମିତିମାନେ ସିସିଟିଭି, କମ୍ପ୍ୟୁଟର, ଆସବାବ ସାମଗ୍ରୀ କିଣିବେ। ଆଗାମୀ ଦିନରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ସମସ୍ତ ୧୫୭ଟି ସମବାୟ ସମିତିକୁ ଏହି ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଟି.ପ୍ରସାଦରାଓ ଦୋରା ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଛନ୍ତି।

## ୨୧ରେ ଏବିଭିପିର ଛାତ୍ର ହୁଙ୍କାର ସମାବେଶ

### ଶିକ୍ଷା, ସୁରକ୍ଷା ଓ ରୋଜଗାର ଦାବି

ଖୋର୍ଦ୍ଧା,୧୦।୧୧(ପ୍ରଭାତ ପାଣିଗ୍ରାହୀ)



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏକ ଦାୟିତ୍ୱବାନ ଛାତ୍ର ସଙ୍ଗଠନ ଭାବେ ସବୁବେଳେ ବିଦ୍ୟାର୍ଥୀଙ୍କ ହକ୍ ପାଇଁ ଲଢ଼ି ଆସିଛି। ଓଡ଼ିଶାରେ ଦୀର୍ଘ ୨୩ ବର୍ଷରେ ସରକାର ଶିକ୍ଷା, ରୋଜଗାର ଓ ସୁରକ୍ଷା କ୍ଷେତ୍ରରେ ବିଫଳ ହୋଇଛନ୍ତି। କ୍ୟାମ୍ପସରେ ଶୈକ୍ଷିକ ବାତାବରଣ ଫେରାଇବା ଆଳରେ ଛାତ୍ରସଂସଦ ନିର୍ବାଚନ ବନ୍ଦ କରାଯାଇଛି। କ୍ୟାମ୍ପସରେ ଅଧ୍ୟାପକ ନାହାନ୍ତି। ରାଗିଂ ବଢ଼ିବାରେ ଲାଗିଛି। କେତେକ କଲେଜର ଜମି କଲେଜ ନାମରେ ଏପର୍ଯ୍ୟନ୍ତ ହୋଇନାହିଁ। ରାଜ୍ୟରେ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଶୃଙ୍ଖଳା ରହୁନାହିଁ। ସରକାରୀ ମହାବିଦ୍ୟାଳୟରେ ସେଲ୍ଫ ଫାଇନାନ୍ସିଂ ନାଁରେ ଟଙ୍କା ଲୁଟ କରାଯାଉଛି। ସବୁ କଲେଜରେ ଛାତ୍ରୀ ନିବାସ ନାହିଁ। ସେହିଭଳି ରୋଜଗାର କ୍ଷେତ୍ରରେ ଅପାର ସମ୍ଭାବନା ଥିଲେ ମଧ୍ୟ ରାଜ୍ୟ ସରକାର ସ୍ଥାନୀୟ ଯୁବକଙ୍କ ନିଯୁକ୍ତି ପାଇଁ ଆଖିଦୃଷ୍ଟିଆ ପଦକ୍ଷେପ ନେଉନାହାନ୍ତି। ଓଡ଼ିଶାର ସୀମା ସୁରକ୍ଷା, କୋଟିଆ ଭଳି ପ୍ରସଙ୍ଗରେ ତତ୍ପର ହୁଅନ୍ତୁ ସରକାର, ରାଜ୍ୟରେ ବଢୁଥିବା ବଙ୍ଗଳାଦେଶି ଅନୁପ୍ରବେଶକୁ ବନ୍ଦ କରିବା ଓ ତାଙ୍କୁ ଚିହ୍ନଟ କରିବା ରାଜ୍ୟ ସରକାର ପ୍ରୟାସ କରିବାର ଆବଶ୍ୟକତା ରହିଛି ବୋଲି ରାଜ୍ୟ ସହ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ ଖୋର୍ଦ୍ଧାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେ ଆହୁରି କହିଥିଲେ, ଏବିଭିପି ବରମ୍ବାର ସରକାରଙ୍କ ଆଗରେ ଓଡ଼ିଶାର ଶିକ୍ଷା ସମସ୍ୟା, ରୋଜଗାର ସମସ୍ୟା ଓ ସୁରକ୍ଷା ବିଷୟରେ ଆନ୍ଦୋଳନ କରିଛି ତଥାପି ସରକାର ପଦକ୍ଷେପ ନେଉନାହାନ୍ତି। ତେଣୁ ୪୧ଟି ଦାବି ନେଇ ଏବିଭିପି ଜିଲାସ୍ତରରେ ମଧ୍ୟ ଆନ୍ଦୋଳନ କରିଛି। ଆସନ୍ତା ୨୧ ତାରିଖରେ ଓଡ଼ିଶାର ସମସ୍ତ ବ୍ଲକ, କ୍ୟାମ୍ପସରୁ ହଜାର ହଜାର ବିଦ୍ୟାର୍ଥୀ ରାଜଧାନୀ ଭୁବନେଶ୍ୱରରେ ଛାତ୍ର ହୁଙ୍କାର ସମାବେଶରେ ଯୋଗଦେଇ ନିଜ ଦାବି ସମାଧାନ ପାଇଁ ସ୍ୱର ଉତ୍ତୋଳନ କରିବେ। ଏହି ସମ୍ମିଳନୀରେ ଜିଲା ସହ ସଂଯୋଜିକା ଲିପ୍ସା ପ୍ରଧାନ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଶାଖା ସଭାପତି ଦଧିବାମନ ଦାସ ଉପସ୍ଥିତ ଥିଲେ।

### ଶିକ୍ଷାବିତ୍ ବି.ରଙ୍ଗନାଥନଙ୍କ ଜୟନ୍ତୀ

ଟାଙ୍ଗୀ,୧୦।୧୧(ରଘୁନାଥ ସାହୁ)

ପୂଜ୍ୟପୂଜା ସଂସଦ ଓଡ଼ିଶା, ଚିଲିକା ଶାଖା ପକ୍ଷରୁ ଶୁକ୍ରବାର ବିଶିଷ୍ଟ ଶିକ୍ଷାବିତ୍ ବି.ରଙ୍ଗନାଥନଙ୍କ ଜୟନ୍ତୀ ବଡ଼ପଦରସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ସାହିତ୍ୟିକ ରାମଚନ୍ଦ୍ର କର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଡା.ବିଭୂତି ଭୂଷଣ ହରିଚନ୍ଦନ ଏବଂ ନାରୁଣୀ ଗୋଦାବରୀଶ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମନ୍ତସିଂହାର ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ନାରୁଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ବଳିୟାରସିଂହ, ଚିଲିକା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, କାଳିଜାଇ ମହାବିଦ୍ୟାଳୟ ବାଲୁଗାଁର ଅଧ୍ୟକ୍ଷ ପ୍ରଫେସର ଗଙ୍ଗାଧର ପ୍ରଧାନ, ବର୍ଷୀୟାନ ଶିକ୍ଷକ ଗୋଲକ ବିହାରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରଙ୍ଗନାଥନ ଜଣେ ପ୍ରଚଣ୍ଡ ଶିକ୍ଷାବିତ୍, ବିଶିଷ୍ଟ ଇଂରାଜୀ ଭାଷାବିତ୍ ଥିଲେ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ସେବା ନିବୃତ୍ତ ଶିକ୍ଷକ ଗୋଲକ ବିହାରୀ ପଟ୍ଟନାୟକଙ୍କୁ ବି.ରଙ୍ଗନାଥନ ଶିକ୍ଷକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ନାରୁଣୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ପ୍ରଫେସର ରାଜକିଶୋର ସାହୁ, ରାମଚନ୍ଦ୍ର ମାର୍ଥା, ପୂର୍ବତନ ଏବିଡିଓ କାଳୁ ଚରଣ ସାମନ୍ତରାୟ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ରାଉତରାୟ, ଜାଗୃତିକା ଅନୁଷ୍ଠାନର ସମ୍ପାଦକ ବିରଞ୍ଚି ନାରାୟଣ ପ୍ରସାଦ ନାୟକ ପ୍ରମୁଖ ରଙ୍ଗନାଥନଙ୍କ ସ୍ମୃତିଚାରଣ କରିଥିଲେ। ପୂଜ୍ୟପୂଜା ସଂସଦର ସଭାପତି ଦିଲୀପ କୁମାର ଶତପଥୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ନାଟ୍ୟକାର ଭିକାରୀ ଚରଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ବୈଷ୍ଣୋ ଦେବୀ ମନ୍ଦିରର ବାର୍ଷିକୋତ୍ସବ

ଟାଙ୍ଗୀ,୧୦।୧୧(ରଘୁନାଥ ସାହୁ)

ଟାଙ୍ଗୀ ଗୋବିନ୍ଦପୁର ସାହିସ୍ଥିତ ମା'ବୈଷ୍ଣୋ ଦେବୀ ମନ୍ଦିରର ଦ୍ୱାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ମା'ଙ୍କୁ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇ ମା'ଙ୍କ କୃପାଭିକ୍ଷା କରିଥିଲେ।

## 'ଓଡ଼ିଆ କବିତା ମାନବ ସମାଜ ପାଇଁ ବରଦାନ'

କୃଷ୍ଣପ୍ରସାଦ,୧୦।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକର ନନ୍ଦଳାଠାରେ ମାନସିଂହ ସାହିତ୍ୟ ସଂସଦର ୩୫ତମ କବିତା ଆସର ବିଷ୍ଣୁପ୍ରସାଦ ଦଳେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆସରରେ ୬୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ଭାଗନେଇଥିଲେ। ପ୍ରଶାସନିକ ଅଧିକାରୀ ପଲ୍ଲବୀ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଆ କବିତା ଭିତରେ ରହିଛି ସାମାଜିକ ଓ ମାନବୀୟ ମୂଲ୍ୟବୋଧ ବୋଲି କହିଥିଲେ। ପୂର୍ବତନ ବିଧାୟିକା ଡ.ସିପ୍ରା ମଲ୍ଲିକ, ଡ.ସୁଷମା ମିଶ୍ର, ମୁମ୍ବାଇରୁ ସ୍ନେହା ମିଶ୍ର, ପ୍ରିୟପତ୍ର ସମ୍ପାଦକ ବିପିନ ବିହାରୀ ଦଳେଇ ଯୋଗଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ପ୍ରେମାନନ୍ଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ପାଦକ ଲଳିତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମ୍ପ୍ରତିକ ପରିସ୍ଥିତି, ବିଚ୍ଛେଦ, ପ୍ରେମ ଓ ଯନ୍ତ୍ରଣାକୁ ନେଇ ଲିଖିତ ସମସ୍ତ କବିତା ସୁନ୍ଦର ଥିଲା। ସମସ୍ତ କବିତାକୁ ସଂଯୋଜନାରେ ସଜାଇଥିଲେ ବରଗଡ଼ର ଅଧ୍ୟାପିକା ମନ୍ଦାକିନୀ ପାଢ଼ୀ। ବନ୍ଦନା ପଣ୍ଡା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ସଦସ୍ୟ ଡ. ଲକ୍ଷ୍ମୀ ନାରାୟଣ ଦାଶ କବିତାଗୁଡ଼ିକୁ ସମୀକ୍ଷା କରିଥିଲେ। ଅନୁଷ୍ଠାନର ସଂଯୋଜକ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଦେଇଥିଲେ। ଏହି କବିତା ଆସରରେ ଆମେରିକାରୁ ଚନ୍ଦ୍ରା ମିଶ୍ର, ଡ.ସରୋଜିନୀ ବରାଇ, ବିଜୟ ମିଶ୍ର, ପ୍ରବସିନୀ ଠାକୁର, ପୂର୍ଣ୍ଣ ଚନ୍ଦ୍ର ଜେନା, ଶିବ ପ୍ରସାଦ ସାହୁ, ସଙ୍ଗୀତା ତ୍ରିପାଠୀ, ବନବିହାରୀ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ମିଶ୍ର, ସାଉଦି ଆରବରୁ ଆରୁ ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଆସର ସେପ୍ଟେମ୍ବର ୧୦ରେ ହେବା ନେଇ ସମ୍ପାଦକ ଲଳିତ କୁମାର ସ୍ୱାଇଁ ଘୋଷଣା କରିଥିଲେ।

## ଭାରତ ଡାଲି, ପିଆଜ ପାଇଁ ବଜାରରେ ଭିଡ଼



ଖୋର୍ଦ୍ଧା,୧୦।୧୧(ପ୍ରଭାତ ପାଣିଗ୍ରାହୀ)

ବଜାରରେ ମିଳୁଛି ଭାରତ ଡାଲି, ପିଆଜ ଏବଂ ଅଟା। ନାଫେଡ ପକ୍ଷରୁ ସୁଲଭ ମୂଲ୍ୟରେ ଏହି ସାମଗ୍ରୀ ଯୋଗାଇଦିଆଯାଉଛି। ସହରର ଏକାଧିକ ସ୍ଥାନରେ ଭ୍ରାମ୍ୟମାଣ ଗାଡ଼ି ମାଧ୍ୟମରେ ଏହି ସାମଗ୍ରୀ ବିକ୍ରି ଚାଲିଛି। ଗୀତାଭବନଠାରେ ବୁଟ ଡାଲି କେଜି ପିଛା ୬୦ ଟଙ୍କା ଏବଂ ପିଆଜ କେଜି ପିଛା ୨୫ ଟଙ୍କାରେ ବିକ୍ରି କରାଯାଇଛି। ଡାଲି, ପିଆଜ ନେବା ଲାଗି ଲୋକଙ୍କ ଲମ୍ବାଧାଡି ଲାଗିଥିଲା। ପୂର୍ବାହ୍ନ ୯ଟାରୁ ଅପରାହ୍ନ ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ଜମିଥିଲା। ଅତ୍ୟାବଶ୍ୟକ ସାମଗ୍ରୀ, ଦରଦାମ ବୃଦ୍ଧି ଯୋଗୁ ସାଧାରଣ ଖାଉଟି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନାଫେଡ ପକ୍ଷରୁ ଉଚିତ ମୂଲ୍ୟରେ ସାମଗ୍ରୀ ପାଇ ଗ୍ରାହକଙ୍କ ମଧ୍ୟରେ ଏକପ୍ରକାର ଖୁସି ରହିଥିବା ଦେଖିବାକୁ ମିଳିଥିଲା। ଏନେଇ ନାଫେଡ ଆସିଷ୍ଟାଣ୍ଟ ମ୍ୟାନେଜର ଲିଜାରାଣୀ ସାମଲ କହିଛନ୍ତି, ବଜାରରେ ଏହି ସାମଗ୍ରୀ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ଲୋକଙ୍କୁ ଯୋଗାଇ ଦିଆଯିବ। ପର୍ଯ୍ୟାପ୍ତ ମାତ୍ରାରେ ସାମଗ୍ରୀ ଉପଲବ୍ଧ ରହିଛି। ଗ୍ରାହକଙ୍କ ଚାହିଦା, ଆବଶ୍ୟକ ଅନୁସାରେ ଏହି ଅଭିଯାନ ଜାରି ରହିବ। କୁବେରପୁରୀ ବ୍ୟବସାୟୀ ସଂଘ ସମ୍ପାଦକ ଶକ୍ତିଶଙ୍କର ମିଶ୍ର ଉପସ୍ଥିତ ରହି ଗ୍ରାହକ ଯେପରି ସାମଗ୍ରୀ କିଣିପାରିବେ, ତାହାର ବ୍ୟବସ୍ଥା କରିଥିଲେ। ଏହି ଅବସରରେ ସେ କହିଥିଲେ, ବଜାର ଦର ବୃଦ୍ଧି ଯୋଗୁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲା। ନାଫେଡ ପକ୍ଷରୁ ଉଚିତ ମୂଲ୍ୟରେ ସାମଗ୍ରୀ ବିକ୍ରି ବ୍ୟବସ୍ଥା କରାଯାଇଛି। ଗ୍ରାହକଙ୍କ ପାଇଁ ଆଶ୍ୱସ୍ତି ଆଣିଛି। ବରିଷ୍ଠ ନାଗରିକ ପ୍ରଭାତ ମିଶ୍ର କହିଛନ୍ତି, ଦୀର୍ଘଦିନ ଅତ୍ୟାବଶ୍ୟକ ସାମଗ୍ରୀ, ଖାଇବା ତେଲ, ଡାଲି, ପିଆଜ, ଅଟା ଦର ବୃଦ୍ଧି ଯୋଗୁ ସାଧାରଣ ପରିବାର ଲୋକେ ଅତିଷ୍ଠ ହୋଇପଡିଥିଲେ।

## ଫସଲ ସ୍ଥିତି ଅନୁଧ୍ୟାନ କଲେ ଜିଲା କୃଷି ଅଧିକାରୀ



ନିରାକାରପୁର,୧୦।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ପାଣି ଅଭାବରୁ ଚାଷଜମି ଫାଟି ଆଁ କରିଥିବା ବେଳେ ଧାନକେଣ୍ଡା ଶୁଖିଗଲାଣି। ଏନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ଶୁକ୍ରବାର ଜିଲା କୃଷି ଅଧିକାରୀ ଶରତ କୁମାର ପରିଡା ଚାଷଜମି ବୁଲି ଦେଖିବା ସହ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ ସ୍ଥାନୀୟ ବ୍ୟାରେଜରୁ କେନାଲକୁ କାହିଁକି ପାଣି ଯାଉନି ଏହାର ସ୍ଥିତି ପରଖିବା ପରେ ପରିଡ଼ା ଫେରିଯାଇଥିଲେ। ତେବେ ଏ ସମ୍ପର୍କରେ କୃଷି ଅଧିକାରୀ ପରିଡା କହିଛନ୍ତି, ବହୁଦିନ ଧରି ଖୋର୍ଦ୍ଧା ଜିଲାରେ ବର୍ଷା ହୋଇନି। ଫଳରେ କିଛି ବ୍ଲକ ଅଞ୍ଚଳକୁ ବାଦ୍‌ଦେଲେ ଅନ୍ୟ ବ୍ଲକ ଅଞ୍ଚଳର ବିଲରେ ପାଣି ନାହିଁ। ପାଣି ଅଭାବରୁ ଚାଷଜମି ଫାଟି ଆଁ କରିଛି। ସମସ୍ୟାର ସମାଧାନ ପାଇଁ ଏଡିଏମ୍‌ଙ୍କ ସହିତ ଆଲୋଚନା କରିବି ବୋଲି ସେ କହିଛନ୍ତି।

## ବେଗୁନିଆ ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ଦେବ ସିପିଆଇ

ବେଗୁନିଆ,୧୦।୧୧(ହର ପ୍ରସନ୍ନ ପଣ୍ଡା)

ପାଖେଇ ଆସୁଛି ସାଧାରଣ ନିର୍ବାଚନ। ଏନେଇ ସମସ୍ତ ଦଳ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ନିର୍ବାଚନ ଲଢ଼ିବା ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ଖୋର୍ଦ୍ଧା ଜିଲା ବେଗୁନିଆ ନିର୍ବାଚନମଣ୍ଡଳୀ ଅଞ୍ଚଳରେ କ୍ଷେତ୍ର ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ଏବଂ ଗଡ଼ଡ଼ପାଟଣା ଆଦି କେତେକ ଗ୍ରାମରେ ଶୁକ୍ରବାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହରିବନ୍ଧୁ ରଣସିଂହ ଓ ଲୋଚନ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ରାଜ୍ୟ କମ୍ୟୁନିଷ୍ଟ ପାର୍ଟିର ସାଥୀ ବସନ୍ତ କୁମାର ପାଇକରାୟ ଓ ରାଜ୍ୟ ସମ୍ପାଦକ ମଣ୍ଡଳୀର ସାଥି କ୍ଷୀରୋଦ ସିଂହଦେଓ ଯୋଗଦେଇଥିଲେ। ରାଜ୍ୟ ଓ କେନ୍ଦ୍ରର ଜନବିରୋଧୀ ନୀତି ବିରୋଧରେ ବ୍ୟାପକ ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜୋନ ସମ୍ପାଦକ ବିଜୟ କୁମାର ଗୁମାନସିଂହ, ସହ ସମ୍ପାଦକ ବସନ୍ତ ସେଠୀ, ସାମାଜିକ କର୍ମୀ ଶ୍ରୀକାନ୍ତ ମିଶ୍ର, ସନାତନ ମାଝୀ, ବେଣୁଧର ଭୁଜବଳ, ବୁଦ୍ଧ ବେହେରା, ଭକ୍ତି ବଲ୍ଲଭ ମହାପାତ୍ର, ଅନ୍ତର୍ଯ୍ୟାମୀ ବଡ଼ପଣ୍ଡା ପ୍ରମୁଖ ଦଳୀୟ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ସେହିପରି ଆଗାମୀ ସାଧାରଣ ନିର୍ବାଚନରେ ସିପିଆଇ ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଦେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।



କର୍ମୀ ସମ୍ମିଳନୀରେ ଉପସ୍ଥିତ ସିପିଆଇ ନେତା ଓ କର୍ମୀମାନେ।

# ବସ୍ତିବାସିନ୍ଦାଙ୍କୁ ଥଇଥାନ ଦାବିରେ ଧାରଣା

### ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ଜଟଣୀ,୧୦।୧୧(ରବୀନ୍ଦ୍ର ନାଥ ମହାକୁଡ଼)



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ବିସ୍ଥାପିତ ବସ୍ତି ବାସିନ୍ଦାଙ୍କୁ ଥଇଥାନ ଦାବିରେ ଶୁକ୍ରବାର ଜଟଣୀ ନାଗରିକ କମିଟି ପକ୍ଷରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ନାଗରିକ କମିଟିର ସଭାପତି କ୍ୟାପଟେନ ମନ୍ମଥ ରାଉତରାୟଙ୍କ ନେତୃତ୍ୱରେ ଶତାଧିକ ବସ୍ତି ବାସିନ୍ଦା ଯୋଗଦେଇଥିଲେ। ଦୀର୍ଘ ବର୍ଷ ଧରି ସ୍ଥାନୀୟ ରେଲୱେ ଅଞ୍ଚଳରେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କୁ କିଛି ବର୍ଷ ହେବ ରେଲୱେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଉଚ୍ଛେଦ ହୋଇଥିବା ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଗଲା ନାହିଁ। ଫଳରେ ବସ୍ତିବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ବିଭିନ୍ନ ରାଜନୈତିକ ଦଳ ଏବଂ ସଙ୍ଗଠନ ବସ୍ତିବାସିନ୍ଦାଙ୍କୁ ଥଇଥାନ ଦାବିରେ ସ୍ୱର ଉଠାଇ ଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଏନେଇ ଜଟଣୀ ନାଗରିକ କମିଟି ପକ୍ଷରୁ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଉକ୍ତ ବସ୍ତିବାସିନ୍ଦାଙ୍କୁ ଆସନ୍ତା ୭ଦିନ ମଧ୍ୟରେ ଥଇଥାନ କରା ନ ଗଲେ ଆନ୍ଦୋଳନ ସହ ରାସ୍ତାରୋକୋ କରାଯିବ ବୋଲି କମିଟି ସଭାପତି ମନ୍ମଥ ରାଉତରାୟ କହିଛନ୍ତି। ଧାରଣାସ୍ଥଳରେ ଅତିରିକ୍ତ ତହସିଲଦାର ପହଞ୍ଚି ଆସନ୍ତା ମଙ୍ଗଳବାର ବୈଠକରେ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ବିଧାୟକ ସୁରେଶ କୁମାର ରାଉତରାୟ, ସଙ୍କେତ ପୋଟଶାଣୀ, ପୂର୍ବତନ କାଉନସିଲର ଲୁସେନ ରାୟ, ପୂର୍ବତନ ସରପଞ୍ଚ ସୁନୀଲ ରାଉତରାୟ, ସୁଲୁ ରଥ, ସୁଧାକର ଜେନା, ବୁଲୁ ମହାପାତ୍ର, ବିଧାୟକଙ୍କ ରାଜନୈତିକ ସଚିବ କଳିଙ୍ଗ କୁମାର ସାହୁଙ୍କ ସମେତ ନାଗରିକ କମିଟିର ବହୁସଦସ୍ୟ ଉପସ୍ଥିତ ଥିଲେ। କୌଣସି ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ଜଟଣୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ସଂକ୍ଷେପରେ

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ସାକ୍ଷୀଗୋପାଳ, ୧୦।୧୧ (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ): ସତ୍ୟବାଦୀ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଉତ୍କଳ ମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨୧୯ ଜଣ ଭିନ୍ନକ୍ଷମ ହିତାଧିକାରୀ ଏଠାରେ ପଞ୍ଜୀକରଣ କରିଥିଲେ। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତର ଶିବିରରେ ପରୀକ୍ଷା ନିରୀକ୍ଷା କରି ୧୩୯ ଜଣ ଅସ୍ଥିଶଲ୍ୟ, ୨୫ ଜଣ କର୍ଣ୍ଣନାଶା, ୨୧ ଜଣ ଦୃଷ୍ଟିବାଧିତ ଓ ୩୪ ଜଣ ମାନସିକ ବିକାରଗ୍ରସ୍ତ ଜଣଙ୍କୁ ଚିହ୍ନଟ ରହିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସତ୍ୟବାଦୀ ବିଡିଓ ଲିପ୍ସା ରାୟ, ତହସିଲଦାର ଜୟନ୍ତ କୁମାର ଜୟସିଂ, ସାକ୍ଷୀଗୋପାଳ କଲେଜ ଅଧ୍ୟକ୍ଷ ସତ୍ୟ ଶିବ ସୁନ୍ଦର ମିଶ୍ର, ଅତିରିକ୍ତ ବିଡିଓ ସଲିଲ ଦାଶ ଯୋଗଦେଇ ଭିନ୍ନକ୍ଷମମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ପ୍ରୋତ୍ସାହନ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। ବ୍ଲକ ସମାଜ ମଙ୍ଗଳ ଅଧିକାରୀ ମୋନିକା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କଂଗ୍ରେସ ପକ୍ଷରୁ ସଂକୀର୍ତ୍ତନ ସତ୍ୟାଗ୍ରହ

କାକଟପୁର, ୧୦।୧୧ (ଶୁଭଦର୍ଶନ ମିଶ୍ର) ଶ୍ରୀମନ୍ଦିର ଚାରିଦ୍ୱାରରେ ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ ସୁଯୋଗ, ରତ୍ନଭଣ୍ଡାର ଅଳଙ୍କାର ଗଣତି, ମଠ ମନ୍ଦିର ସୁରକ୍ଷା ଆଦି ଦାବିରେ ଗୁରୁବାର କାକଟପୁର ବ୍ଲକ କଂଗ୍ରେସ ପକ୍ଷରୁ ଆନନ୍ଦ ବଜାରସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସତ୍ୟାଗ୍ରହ କରାଯାଇଥିଲା। କାକଟପୁର ବ୍ଲକ କଂଗ୍ରେସ ସଭାପତି ଅବଧୂତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ପିସିସି ଉପସଭାପତି ବିଶ୍ୱଭୂଷଣ ଦାସ, ଅସ୍ତରଙ୍ଗ ବ୍ଲକ ସଭାପତି ସୁକାନ୍ତ ମହାନ୍ତି, ଗୋପ ବ୍ଲକ ସଭାପତି ଭାସ୍କର ସେଠ, କୋଣାର୍କ ଏନଏସି ସଭାପତି ଉପେନ୍ଦ୍ର କାଣ୍ଡି, ବାଙ୍ଗୁରୀଗାଁ ପଞ୍ଚାୟତ ସଭାପତି ହୃଷିକେଶ ବେହେରା, ଓଥକା ପଞ୍ଚାୟତ ସଭାପତି କୃଷ୍ଣଚନ୍ଦ୍ର ବିଶ୍ୱାଳ, କାକଟପୁର ପଞ୍ଚାୟତ ସଭାପତି ନଳିନୀକାନ୍ତ ଦୀକ୍ଷିତ, ପ୍ରଶାନ୍ତ ଭୋଲ, ଦେଶବନ୍ଧୁ ଲେଙ୍କା, କବିତା ଦାସ, ପ୍ରଫୁଲ୍ଲ ବିଶ୍ୱାଳ, ସୁକାନ୍ତ ପରିଡ଼ା ପ୍ରମୁଖ ସାମିଲ ଥିଲେ।

### ଯୁବକଙ୍କ ଆତ୍ମହତ୍ୟା, ପୋଲିସର ତଦନ୍ତ

ଗୋପ, ୧୦।୧୧ (ଭାରତୀ ଭୂଷଣ ଉପାଧ୍ୟାୟ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଇଟାଭାଟି ନିକଟସ୍ଥ ଗୋଟିଏ ଘରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମୃତ ଯୁବକ ହେଉଛନ୍ତି ଚାରିଛକ ଥାନା ଅନ୍ତର୍ଗତ ଜୋରକୁଳ ଗ୍ରାମର ଗୋକୁଳ ସେନାପତି (୪୦)। କିଛିଦିନ ଧରି ଗୋକୁଳ ଓ ତାଙ୍କ ସ୍ତ୍ରୀ ଏକ ଇଟାଭାଟିରେ କାମ କରୁଥିଲେ। ଗୁରୁବାର କୌଣସି ଘଟଣାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାର ଅଳ୍ପ ସମୟ ପରେ ଗୋକୁଳ ଅତ୍ୟଧିକ ମଦ୍ୟପାନ କରି ନିଜ ଗାମୁଛାରେ ଆତ୍ମହତ୍ୟା କରିଥିବା ନୟାହାଟ ଫାଣ୍ଡି ଅଧିକାରୀ କୁନାଲ୍ କୁମାର କହିଛନ୍ତି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୩୭୨୩) ରୁଜୁ ହୋଇ ତଦନ୍ତ ଚାଲିଥିବା ପୋଲିସ କହିଛି। ଗୋକୁଳ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାବେଳେ ତାଙ୍କର ଗୋଟିଏ ୩ବର୍ଷର ଝିଅ ଅଛି।

# ଆୟୁର୍ବେଦର ପ୍ରଚାର, ପ୍ରସାର ଉପରେ ଗୁରୁତ୍ୱ

## ଶୋଭାଯାତ୍ରା, ସ୍ୱାସ୍ଥ୍ୟ ଶିବିର, ଫୁଡ୍ ଫେଷ୍ଟିଭାଲ ଆୟୋଜିତ

ପୁରୀ, ୧୦।୧୧ (ଅଜିତ୍ ମହାନ୍ତି): ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅଷ୍ଟମ ଆୟୁର୍ବେଦ ଦିବସ ଏବଂ ଧନ୍ୱନ୍ତରୀ ଜୟନ୍ତୀ ଉପଲକ୍ଷେ ଶୁକ୍ରବାର ଏକ ଶୋଭାଯାତ୍ରା ସହ ମେଗା ସ୍ୱାସ୍ଥ୍ୟ ଶିବିର ଓ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଅରୁଣ କୁମାର ଦାସଙ୍କ ନେତୃତ୍ୱରେ ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରୁ ଗାନ୍ଧୀ ପାର୍କ ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟରେ ଧନ୍ୱନ୍ତରୀଙ୍କ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର, ସ୍ୱର୍ଣ୍ଣପ୍ରାସନ, ଫୁଡ୍ ଫେଷ୍ଟିଭାଲ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ମହାବିଦ୍ୟାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି, ମହର୍ଷି ଶୁଶ୍ରୁତ ଓ ମହର୍ଷି ଚରକଙ୍କ ପ୍ରତିମୂର୍ତ୍ତିରେ ସେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ତିଆରି କରାଯାଇଥିବା ଖାଦ୍ୟର ସ୍ୱାଦ ନେବା ସହ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ମେଗା ସ୍ୱାସ୍ଥ୍ୟ ଶିବିର ଏବଂ ସ୍ୱର୍ଣ୍ଣପ୍ରାଶନରେ ରୋଗୀଙ୍କୁ ମାଗଣା ଆୟୁର୍ବେଦିକ ଔଷଧ ବଣ୍ଟନ ସହ ବିଭିନ୍ନ ରୋଗର ପରୀକ୍ଷା କରି ସେବା ଯୋଗାଇ ଦିଆଯାଇଥିଲା।



ସହର ପରିକ୍ରମା ପାଇଁ ବାହାରିଥିବା ସଚେତନତା ଶୋଭାଯାତ୍ରା ।

# ୭୪ ବର୍ଷୀୟାଙ୍କୁ ୯ ମାସ ହେଲା ମିଳୁନି ଭତ୍ତା

ଚାରିଛକ, ୧୦।୧୧ (ଶିଶିର ସ୍ୱାଇଁ) କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ସମସ୍ତ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ଓ ବିଧବା ଭତ୍ତା ଦ୍ୱାରା ଟଙ୍କା ପ୍ରଦାନ କରାଯାଉଛି। ତେବେ ପୁରୀ ଜିଲା ନିମାପଡ଼ା ବ୍ଲକ ଚାରିଛକ ଥାନା ଅଧୀନ ଛଣିଜଙ୍ଗ ବେଗୁନିଆ ଗ୍ରାମର ସ୍ୱର୍ଗତ ଭ୍ରମର ବେହେରାଙ୍କ ସ୍ତ୍ରୀ ନୟନ (୭୪)ଙ୍କୁ ଆଜକୁ ୯ ମାସ ହେଲା ଭତ୍ତା ଟଙ୍କା ମିଳୁନାହିଁ। ଭତ୍ତା ପାଇଁ ସରପଞ୍ଚ ଓ ବ୍ଲକ ବିଡିଓଙ୍କ ପାଖକୁ ବାରମ୍ବାର ଯାଇ ଅଭିଯୋଗ କରିଥିଲେ ମଧ୍ୟ ଭତ୍ତା ଟଙ୍କା ବ୍ୟାଙ୍କ ଖାତାକୁ ଆସୁନାହିଁ। ଫଳରେ ବୃଦ୍ଧା ନିଜର ଔଷଧ ସହ ବିଭିନ୍ନ ପ୍ରକାର ଖର୍ଚ୍ଚ କରିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ପୁରୀ ଜିଲାପାଳ, ୫-ଟି ସଚିବ ଓ ମୁଖ୍ୟମନ୍ତ୍ରୀ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପ୍ରତିଭା ଦେଖାଇଲେ କୁନି ବୈଜ୍ଞାନିକ

ଅସ୍ତରଙ୍ଗ, ୧୦।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ): ବିଜ୍ଞାନ ପ୍ରତି ଆଗ୍ରହ, ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ଉଦ୍ଭାବନ, ବିଜ୍ଞାନ ଉପରେ କୁନି ବୈଜ୍ଞାନିକଙ୍କ ଚିନ୍ତାଧାରାକୁ ଅଭିବୃଦ୍ଧି କରି ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ କାଳନ୍ଦୀ ଚରଣ ଛାଟୋଇ, ମୁଖ୍ୟବକ୍ତା ଶିକ୍ଷାବିତ୍ ରବୀନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, କ୍ଲଷ୍ଟର ସଂଯୋଜକ ସନ୍ତୋଷ ସ୍ୱାଇଁ, ବିଦ୍ୟାଳୟ ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ସେନାପତି, ନିରଞ୍ଜନ ବେହେରା, ରବୀନ୍ଦ୍ର ବିଶ୍ୱାଳ, ଯତୀନ୍ଦ୍ର ବିଶ୍ୱାଳ, ରଙ୍ଗଲତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟରୁ ୪୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ମୁଖ୍ୟତଃ ଜୈବ ବିବିଧତା, ପରିବେଶ ପ୍ରଯୁକ୍ତି ବିଦ୍ୟା ଉପରେ ଛାତ୍ରୀଛାତ୍ରମାନେ ସେମାନଙ୍କ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଅପରାହ୍ନରେ ବିଜ୍ଞାନ ମେଳା ଉଦ୍‌ଯାପନୀ ସମୟରେ ମୁଖ୍ୟ ଅତିଥି ଅସ୍ତରଙ୍ଗ ବ୍ଲକ ଅତିରିକ୍ତ ଶିକ୍ଷାଧିକାରିଣୀ ରାଜଲକ୍ଷ୍ମୀ ପାତ୍ର, ସୁଧାଂଶୁ ବାଳା ଶତପଥୀ, ମୋ ବିଦ୍ୟାଳୟ ସଭାପତି ଦୁଷ୍ମନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।


ବିଜ୍ଞାନ ମେଳାରେ ପିଲାମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।



ପୁରୀ ଶରଧାବାଲିସ୍ଥିତ ରାଣୀସତୀ ଭବନରେ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଆୟୋଜିତ ମାଧ୍ୟମିକ ବିଦ୍ୟାଳୟ ସ୍ତରୀୟ କୁସ୍ତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ ।

## ମାଧ୍ୟମିକ ବିଦ୍ୟାଳୟସ୍ତରୀୟ କୁସ୍ତି ପ୍ରତିଯୋଗିତା

ପୁରୀ, ୧୦।୧୧ (ଅଜିତ ମହାନ୍ତି): ଶରଧାବାଲିସ୍ଥିତ ରାଣୀସତୀ ଭବନରେ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଗୋପୀନାଥ ଦେବ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ପ୍ରତାପ ପୁରୁଷୋତ୍ତମପୁର ଦ୍ୱାରା ରାଜ୍ୟ (ଯୁକ୍ତଦୁଇ) ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ବାଳିକା ଓ ବାଳକ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରୁଷ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ହେଲେ ପ୍ରଭାସ ରଞ୍ଜନ ପ୍ରଧାନ, ଆରିୟନ ସାହୁ, ତୁସାରି ଚାନ୍ଦୁକା, ଆଶିଷ ନାୟକ, ଅଭିଷେକ୍ ତିଆଡ଼ି, ଦାସ ଗମାତା, ପି.ରେବତୀ ରମଣ, ଗୋବିନ୍ଦ ସମୀର। ସେହିପରି ମହିଳା ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିବା ଖେଳାଳି ହେଲେ କାବେରୀ ବେହେରା ଓ ରାଜଲକ୍ଷ୍ମୀ ଦାସ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଚୟନକର୍ତ୍ତା ଭାବେ ହରିହର କର ଓ ଚିତ୍ତରଞ୍ଜନ ପ୍ରଧାନ ଯୋଗଦେଇଥିଲେ। ଅତିଥି ଭାବେ ଦଇତାପତି ସେବାୟତ ରାମଚନ୍ଦ୍ର ଦାସମହାପାତ୍ର, ସୁରଜ ମଲ୍ଲ ଶାହା କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଜେନା, ଗୋପୀନାଥ ଦେବ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିବାକର ପ୍ରଧାନ, ରାଜ୍ୟ ଦୌଡ଼କୁଦ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ଯୁବ ସଙ୍ଗଠନ ଶୁଭାଶିଷ ଖୁଣ୍ଟିଆ, ପୁରୀ ବକ୍ସିଂ ଏକାଡେମୀ ପ୍ରତିଷ୍ଠାତା ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାକୁ ପ୍ରଫୁଲ୍ଲ ମିଶ୍ର ସଂଯୋଜନା କରିଥିବାବେଳେ ଅଧ୍ୟାପକ ମୋହନ ଜେନା ଧନ୍ୟବାଦ ଦେଇଥିଲେ। ନୀଳକଣ୍ଠ ମିଶ୍ର, ଜ୍ଞାନ ରଞ୍ଜନ ମହାପାତ୍ର, ରବିନାରାୟଣ ମିଶ୍ର, ବିଶ୍ୱକେଶର ମିଶ୍ର ଏବଂ ଲକ୍ଷ୍ମୀଧର ମିଶ୍ର ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

# ହେନ୍ତାଳ ବଣ ପୁନରୁଦ୍ଧାର ସଂକ୍ରାନ୍ତ କର୍ମଶାଳା


କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ ।

ପୁରୀ, ୧୦।୧୧ (ଅଜିତ୍ ମହାନ୍ତି): ସାମାଜିକ ଅନୁଷ୍ଠାନ ସ୍ପନ୍ଦନ ଏବଂ ଏଚ୍‌ସିଏଲ୍ ଫାଉଣ୍ଡେଶନ ତରଫରୁ ଗୁରୁବାର ସ୍ଥାନୀୟ ପାନ୍ଥନିବାସ ପରିସରରେ ପୁରୀର ମତ୍ସ୍ୟଜୀବୀ ଓ ସମୁଦ୍ରକୂଳ ବାସିନ୍ଦାଙ୍କ ସୁରକ୍ଷା ଓ ହେନ୍ତାଳବଣ ପୁନରୁଦ୍ଧାର ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ପୁରୀ ପେଣ୍ଠକଟାର ମତ୍ସ୍ୟଜୀବୀ ସମ୍ପ୍ରଦାୟ ଓ ସ୍ଥାନୀୟ ଚିକିନା ଗ୍ରାମର ମହିଳା ସଂଘ କର୍ମକର୍ତ୍ତା ଯୋଗଦେଇଥିଲେ। କର୍ମଶାଳାରେ ଉପକୂଳ ସୁରକ୍ଷା, ସମୁଦ୍ରକୂଳ ପରିଷ୍କାର ରଖିବା, ସମୁଦ୍ର କୂଳରେ ହେନ୍ତାଳ ବଣ ବଢାଇବା ଉପରେ ଆଲୋଚନା କରାଯାଇଥିଲା। ଆମ ପରିବେଶ ସୁରକ୍ଷିତ ରହିଲେ ଆମେ ସୁରକ୍ଷିତ ରହିବା। ଏହା ଆମକୁ ଏକ ସୁରକ୍ଷିତ ଜୀବନ ଓ ଜୀବିକା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବାରେ ସାହାଯ୍ୟ କରିବ ବୋଲି ଅତିଥିମାନେ କହିଥିଲେ। କର୍ମଶାଳାରେ ପୁରୀ ପୌରପାଳିକାର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଡିସିଓ ଦେବାଶିଷ ପାଢ଼ୀ, ଜିଲା ଜଙ୍ଗଲ ବିଭାଗର ଅଧିକାରୀ, ଏଚ୍‌ସିଏଲ୍ ଫାଉଣ୍ଡେଶନର ଡ. ଆଧବନ୍ ଏବଂ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଡ. ଶିବପ୍ରସାଦ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସ୍ପନ୍ଦନ ଅଧ୍ୟକ୍ଷା ବର୍ଷାରାଣୀ ମିଶ୍ର କାଯ୍ୟକ୍ରମ ପରିଚାଳନା କରିଥିଲେ। ଦୁର୍ଗା, ସାଇନା, ରାଜଲକ୍ଷ୍ମୀ, ଆମିୟା, ଅଭିଜିତ୍, ହୃଦାନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କାଳଜୟୀ ସାହିତ୍ୟ ପାଇଁ ଚିରସ୍ମରଣୀୟ ରହିବେ ପଣ୍ଡିତ ନୀଳକଣ୍ଠ

ପୁରୀ, ୧୦।୧୧ (ଅଜିତ ମହାନ୍ତି): ପୂଜ୍ୟପୂଜା ସମନ୍ୱୟ ସମିତି ଏବଂ କ୍ରାନ୍ତିଦର୍ଶୀ ସାହିତ୍ୟ ମଞ୍ଚର ମିଳିତ ଆନୁକୂଲ୍ୟରେ ସ୍ୱତନ୍ତ୍ର ଓଡ଼ିଶାର ପ୍ରମୁଖ ବିଧାଣୀ, ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିଷ୍ଠାତା ତଥା ପ୍ରଥମ ସଭାପତି ପଣ୍ଡିତ ନୀଳକଣ୍ଠ ଦାସଙ୍କ ୫୮ତମ ପୁଣ୍ୟତିଥି ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଇଂ. ଗିରିଜା ଶଙ୍କର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଡ. ପ୍ରଭାକର ତ୍ରିପାଠୀ ଯୋଗଦେଇ କହିଲେ ଯେ, ପଞ୍ଚସଖାଙ୍କ ମଧ୍ୟରେ ଅଗ୍ରଣୀ ପଣ୍ଡିତ ନୀଳକଣ୍ଠ ତାଙ୍କ ଅନବଦ୍ୟ କୃତି ମାଧ୍ୟମରେ ଓଡ଼ିଆ ସାହିତ୍ୟ କାନନକୁ ସୁରଭିତ କରିଥିଲେ। ମୁଖ୍ୟବକ୍ତା ଡ. ପ୍ରମୋଦ କୁମାର ଦଳାଇ 'କୋଣାର୍କେ' କାବ୍ୟରୁ ଉଦ୍ଧୃତି ଦେଇ ନୀଳକଣ୍ଠ ତାଙ୍କ କାଳଜୟୀ ସାହିତ୍ୟ ପାଇଁ ଓଡ଼ିଆ ଜାତିର ଚିରସ୍ମରଣୀୟ ହୋଇରହିବେ ବୋଲି କହିଥିଲେ। ପ୍ରାରମ୍ଭରେ ପ୍ରାଧ୍ୟାପିକା ଡ. ବାସନ୍ତୀ ମିଶ୍ର ସ୍ୱାଗତ ଭାଷଣ ଦେଇ ନୀଳକଣ୍ଠଙ୍କ ନିଃସ୍ୱାର୍ଥପର ଜନସେବା ଓ ମୂଲ୍ୟବୋଧଯୁକ୍ତ ରାଜନୀତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଶିବସୁନ୍ଦର ମିଶ୍ର, ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ, ଡ. ସରୋଜ କୁମାର ହାତୀ, ଚାରୁଲତା ମିଶ୍ର, ମନ୍ଦାକିନୀ ଆଚାର୍ଯ୍ୟ, ସମାଜସେବୀ ରଞ୍ଜିତା ମହାପାତ୍ର, ଅଧ୍ୟାପକ ବିଭୂତି ଭୂଷଣ କର, ଏମ୍. କୋଟେଶ୍ୱର ରାଓ, ଉପାସକ ଉମେଶ ଚନ୍ଦ୍ର ଦାସ, ମୀରା ମହାନ୍ତି, ରୂପ ରଞ୍ଜନ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସମ୍ପାଦକ ଡ. ବଳରାମ ଦାଶ ଧନ୍ୟବାଦ ଦେଇଥିଲେ।

# ମାନବିକତା ଦେଖାଇଲେ ଜିଲା ଭାଜପା ସଭାପତି

ପିପିଲି, ୧୦।୧୧ (ପ୍ରଭାତ କୁମାର ମହାପାତ୍ର): ରାତିଅଧରେ ଗୁରୁତର ନାବାଳକଙ୍କୁ ଚିକିତ୍ସା କରାଇ ମାନବିକତା ଦେଖାଇଲେ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ। ଗୁରୁବାର ରାତିରେ ଆଶ୍ରିତ ପୁରୀ ଜଗନ୍ନାଥ ଦର୍ଶନ ସାରି କୌଣସି କାର୍ଯ୍ୟରେ ଡେଲାଙ୍ଗ ଅଞ୍ଚଳରେ ରହିଥିଲେ। ସେହି ସମୟରେ ନିକଟସ୍ଥ ସଡ଼ାଙ୍ଗଇ ଗ୍ରାମର ଜଣେ ନାବାଳକଙ୍କୁ ପାଗଳା କୁକୁର କାମୁଡ଼ି ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ତେବେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବିତ ହେବା ଖବରପାଇ ଆଶ୍ରିତ ନିଜ ଗାଡ଼ିରେ ଗୁରୁତର ନାବାଳକଙ୍କୁ ଉଦ୍ଧାର କରି ପ୍ରଥମେ ପିପିଲି ମେଡିକାଲ ପରେ ଭୁବନେଶ୍ୱର ମେଡିକାଲକୁ ପଠାଇ ଚିକିତ୍ସା କରାଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ଠିକ୍ ସମୟରେ ଚିକିତ୍ସା ହୋଇଥିବା ଯୋଗୁ ନାବାଳକ ଜଣକ ସୁସ୍ଥ ହୋଇଥିଲେ। ଏନେଇ ନାବାଳକଙ୍କ ପରିବାର ଓ ସ୍ଥାନୀୟ ଲୋକେ ଆଶ୍ରିତ ପଟ୍ଟନାୟକଙ୍କୁ ସାଧୁବାଦ ଦେଇଛନ୍ତି। ଏହି ଘଟଣାରେ ଆଶ୍ରୀତଙ୍କୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ସାଧୁବାଦ ଦେଇଛନ୍ତି।


ନାବାଳକଙ୍କ ଅଭିଭାବକଙ୍କୁ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ ଭେଟୁଛନ୍ତି ।

## ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

# ସିଦ୍ଧାର୍ଥ ସତ୍ୟସ୍ୱରୂପ ପ୍ରଥମ

ପୁରୀ, ୧୦।୧୧ (ଅଜିତ୍ ମହାନ୍ତି): ପୁରୀ ଜିଲାରେ ଅନୁଷ୍ଠିତ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ସମଗ୍ର ଜିଲାରେ କଣାସ ବ୍ଲକର ସିଦ୍ଧାର୍ଥ ସତ୍ୟସ୍ୱରୂପ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ନିମାପଡ଼ା ବ୍ଲକର ଆଶୁତୋଷ ଦାଶ, କୃଷ୍ଣପ୍ରସାଦ ବ୍ଲକର ଅନ୍ୱେଷା ଅନମୋଲ୍ ଓ ବ୍ରହ୍ମଗିରି ବ୍ଲକର ତୁଳସୀ ଦଳାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଡେଲାଙ୍ଗ ବ୍ଲକର ରୁଦ୍ର ପ୍ରସାଦ ମିଶ୍ର ଓ ସ୍ମିତିପ୍ରଜ୍ଞା ପ୍ରିୟଦର୍ଶିନୀ ତଥା ପୁରୀ ମ୍ୟୁନିସିପାଲିଟି ଅଞ୍ଚଳର ସ୍ନେହାଶ୍ରିତା ମିଶ୍ର ତୃତୀୟ ସ୍ଥାନ ହାସଲ କରିଛନ୍ତି। ସୂଚନାଯୋଗ୍ୟ, ଏହି ବୃତ୍ତି ପରୀକ୍ଷା ଶୁକ୍ରବାର ଜିଲାର ୨୫ଟି କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ପରୀକ୍ଷା ପରେ ୧୧ଟି କେନ୍ଦ୍ରରେ ଏହାର ମୂଲ୍ୟାୟନ କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ୍ ଘୋଷଙ୍କ ତତ୍ତ୍ୱାବଧାନରେ ଏହି ପରୀକ୍ଷା ଫଳ ପ୍ରକାଶ ପାଇଛି । ପରୀକ୍ଷା ଦିନ ଫଳ ପ୍ରକାଶ ପାଇଥିବାରୁ ଅଭିଭାବକ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି । ଏହା ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମର ସଫଳ ରୂପାୟନ ବୋଲି ମତ ପ୍ରକାଶ ପାଇଛି ।

# 'ପାଲା ପରିବେଷଣ ବ୍ୟକ୍ତିର ଆଧ୍ୟାତ୍ମିକ ଭାବନାକୁ ଜାଗ୍ରତ କରେ'

ସାକ୍ଷୀଗୋପାଳ, ୧୦।୧୧ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ): ସତ୍ୟବାଦୀ ପାଲା ଗାୟକ ମଣ୍ଡଳର ବାର୍ଷିକ ସମ୍ମିଳନୀ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସିଦ୍ଧବକୁଳ ପୀଠ ନିକଟ ବକୁଳବାଟିକାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଶ୍ୱନାଥ ବିଶ୍ୱାଳଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପାଲାରେ ଉଚ୍ଚକୋଟୀର ବିଷୟବସ୍ତୁ ପରିବେଷଣ କରିବା ଦ୍ୱାରା ବ୍ୟକ୍ତିର ଆଧ୍ୟାତ୍ମିକ ଭାବ ଜାଗ୍ରତ ହୁଏ। ମାତ୍ର ସମ୍ପ୍ରତି ସମୟରେ ପାଲା ସଂସ୍କୃତିକୁ ସରକାରଙ୍କ ବିନା ପ୍ରୋତ୍ସାହନରେ ବଞ୍ଚାଇ ରଖିବା କଷ୍ଟ ହୋଇପଡ଼ିଲାଣି ବୋଲି ସଭାପତି କହିଥିଲେ। ଏହି ବୈଠକରେ ଅନେକେ ଗୁରୁତ୍ୱପୂର୍ଣ୍ଣ କଥା ଆଲୋଚନା କରାଯିବା ସହ ଡିସେମ୍ବର ୧୦ ତାରିଖରେ ସତ୍ୟବାଦୀର ସିଦ୍ଧବକୁଳ ପୀଠରେ ମଣ୍ଡଳର ବାର୍ଷିକ ସମ୍ମିଳନୀ ଆୟୋଜନ କରିବା ପାଇଁ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଓ ବାଚସ୍ପତି ସ୍ୱର୍ଗତ ମହେଶ୍ୱର ମହାନ୍ତି ଏବଂ ବର୍ଷୀୟାନ ସଙ୍କୀର୍ତ୍ତନ ଗାୟକ ତଥା ଗୁରୁ ସ୍ୱର୍ଗତ ସନାତନ ପ୍ରଧାନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାପତି ବିଶ୍ୱନାଥ ବିଶ୍ୱାଳ, ଉପସଭାପତି ଲିଙ୍ଗରାଜ ପ୍ରଧାନ, ସମ୍ପାଦକ ରମେଶ ଚନ୍ଦ୍ର ପଲେଇ, କୋଷାଧ୍ୟକ୍ଷ ପ୍ରତାପ କୁମାର ପ୍ରଧାନଙ୍କ ସହ ବରିଷ୍ଠ ଗାୟକ ପ୍ରଭାକର ବିଶ୍ୱାଳ, ସଦାଶିବ ବରାଳ, ରାଜକିଶୋର ମୁଦୁଲି, ବିଜୟ ଚନ୍ଦ୍ର ସାମନ୍ତରାୟ, ନରେନ୍ଦ୍ର ଜେନା, ବିଜୟ ପଟ୍ଟନାୟକ, କାଳନ୍ଦୀ ଚରଣ ନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସତ୍ୟନାରାୟଣ ଆଚାର୍ଯ୍ୟ, ରବୀନ୍ଦ୍ର ନାୟକ, ରବିନାରାୟଣ ବେହେରା ଓ ସୁଦର୍ଶନ ପ୍ରଧାନ ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।


ସତ୍ୟବାଦୀ ପାଲା ଗାୟକ ମଣ୍ଡଳର ବୈଠକରେ ଉପସ୍ଥିତ ସଭ୍ୟମାନେ ଆଲୋଚନା କରୁଛନ୍ତି।

# ବିଧାୟକଙ୍କ ହସ୍ତକ୍ଷେପ ପରେ ଫେରିଲା ଶାନ୍ତି

## ଦୁଇ ସାହି ମଧ୍ୟରେ ଭସାଣି ଗଣ୍ଡଗୋଳ ଘଟଣା

ଗୋପ, ୧୦।୧୧ (ଭାରତୀ ଭୂଷଣ ଉପାଧ୍ୟାୟ): ଦୁଇ ସାହି ମଧ୍ୟରେ ସାମାନ୍ୟ ଟେଣ୍ଟଚିରାକୁ ନେଇ ହୋଇଥିବା ଗୋଷ୍ଠୀ ସଂଘର୍ଷର ଅନ୍ତ ଘଟିଛି। ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶଙ୍କ ହସ୍ତକ୍ଷେପ ପରେ ଶାନ୍ତି ଫେରିଥିବାବେଳେ ପୋଲିସ ପ୍ରଶାସନକୁ ମଧ୍ୟ ଆଶ୍ୱସ୍ତି ମିଳିଛି। ଏହି ଗୋଷ୍ଠୀ ସଂଘର୍ଷ ଯେପରି ଆଗକୁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପ୍ରତି ଦୃଷ୍ଟି ରଖାଯାଇ ଏକ ୧୧ ଜଣିଆ ଶାନ୍ତି କମିଟି ଗଠନ କରାଯାଇଛି। ପ୍ରକାଶ ଯେ, ଗତ ୫ ତାରିଖ ବିଳମ୍ବିତ ରାତିରେ ଗୋପ ବଜାର ସନ୍ନିକଟ ତଳସାହି ଗ୍ରାମର ଗଜଲକ୍ଷ୍ମୀ ଭସାଣି ଅନୁଷ୍ଠିତ ହୋଇଥିଲା। ଭସାଣି ଯାତ୍ରାରେ ଯାଇଥିବା ଟ୍ରାକ୍ଟର ଫେରିବା ବେଳେ ଛେଳିଆ ମହଲାରେ ବିବାହ କାର୍ଯ୍ୟ ଲାଗି ହୋଇଥିବା ଟେଣ୍ଟ କପଡ଼ାରେ ଲାଗି ଚିରିଯାଇଥିଲା। ଏହାକୁ ନେଇ ଗଣ୍ଡଗୋଳ ହେବା ପରେ ଗୋଟିଏ ଗୋଷ୍ଠୀର ୪/୫ ଜଣ ମହିଳା ଆହତ ହୋଇଥିଲେ। ପରେ ଏହାକୁ ନେଇ ଦୁଇ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହେବାରୁ ପୋଲିସ ଦୁଇଟି ମାମଲା ରୁଜୁକରି ଗୋଟିଏ ଗୋଷ୍ଠୀର ଜଣେ ନାବାଳକଙ୍କ ସହ ୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗୋଟିଏ ଗୋଷ୍ଠୀ ଦଳିତ ଶ୍ରେଣୀର ହୋଇଥିବା ବେଳେ ଅନ୍ୟ ଗୋଷ୍ଠୀଟି ସଂଖ୍ୟାଲଘୁ ହୋଇଥିବାରୁ ଘଟଣାସ୍ଥଳରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଦୀର୍ଘ ୫ ଦିନ ଧରି ଉତ୍ତେଜନା ନ ଥମିବାରୁ ଶେଷରେ ବିଧାୟକ ସମୀର ରଞ୍ଜନ ଦାଶ ଶୁକ୍ରବାର ସେଠାରେ ପହଞ୍ଚି ଉଭୟ ପକ୍ଷ ଭଦ୍ରଲୋକଙ୍କ ସହାୟତାରେ ଆପୋଷ ସମାଧାନ କରିବାରେ ସଫଳ ହୋଇଥିଲେ। ଏହି ସମାଧାନ ହେବା ସମୟରେ ପୁରୀ ଜିଲା ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, ନିମାପଡ଼ା ଡିଏସ୍‌ପି ପ୍ରଭାତ କୁମାର ମଲ୍ଲିକ, ଗୋପ ଥାନା ଅଧିକାରୀ ମହେଶ୍ୱର ସେଠୀ ଉପସ୍ଥିତ ଥିଲେ। ଆଗକୁ ଯେପରି କୌଣସି ଅଘଟଣ ନ ଘଟେ ସେଥିପାଇଁ ଥାନା ଅଧିକାରୀ ମହେଶ୍ୱର ସେଠୀଙ୍କୁ ଆବାହକ ରଖାଯାଇ ଏକ ଶାନ୍ତି କମିଟି ଗଠନ କରାଯାଇଛି।



## ୨୦ରୁ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

ତିଗିରିଆ,(ଜାଫର ଖାଁ): ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ମିନି ଷ୍ଟାଡିୟମରେ ଦିବ୍ୟଜ୍ୟୋତି ଆସୋସିଏଶନ ତରଫରୁ ୮ମ ରାଜ୍ୟସ୍ତରୀୟ ପାଞ୍ଚଗାଁ ଫୁଟବଲ ଟୁର୍ନାମେଣ୍ଟ ନଭେମ୍ବର ୨୦ରୁ ଆରମ୍ଭ ହେବ। ପାଞ୍ଚଗାଁ ଆଞ୍ଚଳିକ ଆଥ୍‌ଲେଟିକ୍ ଆସୋସିଏଶନ ଓ ପାଞ୍ଚଗାଁ ଗ୍ରାମବାସୀଙ୍କ ସହଯୋଗରେ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯିବ। ଏଥିରେ ରାଜ୍ୟର ୧୬ଟି ଦଳ ଭାଗ ନେବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

### ସଂକ୍ଷେପରେ

## ଇଟା କାରଖାନାରେ ଶ୍ରମିକଙ୍କ ମୃତ୍ୟୁ ନେଇ ଉତ୍ତେଜନା

ନିଶ୍ଚିନ୍ତକୋଇଲି,୧୦।୧୧ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ୍ ଅଧୀନ କେଣ୍ଟାଲୋ ଗ୍ରାମରେ ଥିବା ଏକ ସିମେଣ୍ଟ ଇଟା କାରଖାନାରେ କାର୍ଯ୍ୟରତ ଜଣେ ଆଦିବାସୀ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ସାଧାରଣରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ଦେଉଳିଆ ଗ୍ରାମର ବାଜି ସିଂଙ୍କ ପୁତ୍ର ରମେଶ ସିଂ(୨୭)। ସେ କାରଖାନାରେ କାମ କରୁଥିବାବେଳେ ଅସାବଧାନତା ହେତୁ ମେଶିନରେ ଗୁଡାଇ ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ତାଙ୍କ ପରିବାର ତରଫରୁ ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ନେମାଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଏନେଇ ଥାନାରେ ନମ୍ବର ୧୮୩/୨୩ରେ ଏକ ମାମଲା ରୁଜୁ ହୋଇଛି।

# ଟ୍ୱିନ୍‌ସିଟିରେ ରାତି ୧୦ଟା ପରେ ବାଣ ଫୁଟାଇବା ମନା

ଭୁବନେଶ୍ୱର,୧୦।୧୧(ସୂର୍ଯ୍ୟକାନ୍ତ ବେହେରା)



■ ଦୀପାବଳିରେ ୧୨ ଡେସିବଲ୍‌ରୁ ଅଧିକ ଶବ୍ଦର ବାଣ ଫୁଟାଇଲେ କାର୍ଯ୍ୟାନୁଷ୍ଠାନ

■ ଗ୍ରୀନ୍ କ୍ରାକର ଫୁଟାଇବା ପାଇଁ ଅପିଲ୍ କଲେ ପୋଲିସ କମିଶନର

ବାୟୁ ଓ ଶବ୍ଦ ପ୍ରଦୂଷଣକୁ ଦୃଷ୍ଟିରେ ରଖି ସାରା ଦେଶରେ ବାଣ ଫୁଟାଇବା ଉପରେ ରୋକ୍ ଲଗାଇଛନ୍ତି ସୁପ୍ରିମକୋର୍ଟ। ଏଥିସହ ଏହାକୁ ନିୟନ୍ତ୍ରଣ କରିବାକୁ ଆବଶ୍ୟକ ପଦକ୍ଷେପ ନେବା ଲାଗି ପରାମର୍ଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ପରାମର୍ଶ ଅନୁଯାୟୀ କଟକଣା ଜାରି କରିଛି କଟକ-ଭୁବନେଶ୍ୱର କମିଶନରେଟ ପୋଲିସ। ଦୀପାବଳିରେ ରାତି ୧୦ଟା ପରେ ଟ୍ୱିନ୍‌ସିଟିରେ ବାଣଫୁଟାକୁ ବନ୍ଦ କରାଯାଇଛି। ପୁଣି ୧୨ ଡେସିବିଲ୍‌ଠାରୁ ଅଧିକ ଶବ୍ଦର ବାଣ ଫୁଟାଇଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହାସହ ସମସ୍ତେ ଗ୍ରୀନ୍ କ୍ରାକର ଫୁଟାଇବା ପାଇଁ ସହରବାସୀଙ୍କୁ ଅପିଲ କରିଛନ୍ତି। ସେହିପରି ବେଆଇନ ବାଣ ଫୁଟା ରୋକିବା ପାଇଁ ମଧ୍ୟ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିବା ପୋଲିସ କମିଶନର ସୂଚନା ଦେଇଛନ୍ତି।

ଆଲୋକର ପର୍ବ ଦୀପାବଳି ପାଳନ କରିବାକୁ ସବୁଠି ଉତ୍ସାହ ଦେଖିବାକୁ ମିଳୁଛି। ବିଶେଷକରି ଦୀପାବଳିରେ ବାଣ ଫୁଟାଇବା ସମୟରେ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି। ସେହିପରି ପରିବେଶ ଉପରେ ଏହାର ଗଭୀର କୁପ୍ରଭାବ ପଡୁଛି। ତେଣୁ ଦୀପାବଳିରେ ବାଣ ଫୁଟାଇବାକୁ ନେଇ ଅଗ୍ନିଶମ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯିବା ସହ ସତର୍କ କରାଯାଇଛି। ସିଧାସଳଖ ହାତ ଦ୍ୱାରା ବାଣରେ ଅଗ୍ନି ସଂଯୋଗ କରନ୍ତୁ ନାହିଁ। ଗୃହପାଳିତ ପଶୁଙ୍କୁ ଦୂରେଇ ରଖନ୍ତୁ। ନିକଟରେ ପାଣି ବାଲ୍ଟି ଓ ବାଲି ରଖନ୍ତୁ। ବାଣ ଫୁଟାଇବା ସମୟରେ ସୂତା ବସ୍ତ୍ର ପରିଧାନ କରନ୍ତୁ। ଜନ ଗହଳି ସ୍ଥାନରେ ବାଣ ଫୁଟାନ୍ତୁ ନାହିଁ ବୋଲି କୁହାଯାଇଛି। ସେହିପର ବାଣ ଦୋକାନ ଚାରିପଟେ ପଲିଥିନ ଓ ଦହନଶୀଳ ପଦାର୍ଥ ନ ରଖିବାକୁ ପରାମର୍ଶ ଦିଆଯାଇଛି। ଦୋକାନ ପରସ୍ପରଠାରୁ ଅତି କମରେ ୧୦ ଫୁଟ ଦୂରତା ରଖିବେ। କୌଣସି ତେଲ, ଦୀପ, ଗ୍ୟାସ୍ ଦୀପ, ଖୋଲା ଲାଇଟ ବ୍ୟବହାର ନ କରିବାକୁ କୁହାଯାଇଛି।

## ୩ ପରିବାରର ୫ ବଖରା ଜଳିଗଲା



ବଡ଼ମ୍ବା,୧୦।୧୧(ମାୟାଧର ମଲ୍ଲିକ)

### ଜଣେ ଆହତ, ଗାଈ ଅର୍ଦ୍ଧଦଗ୍ଧ

ବଡ଼ମ୍ବା ବ୍ଲକ ଅନ୍ତର୍ଗତ କରଡିବନ୍ଧ ଗାଁରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୫ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। ଗ୍ରାମର ଶ୍ୟାମ ନାୟକ, ଶଙ୍କର ନାୟକ ଓ ପ୍ରବାସ ନାୟକଙ୍କ ପରିବାର ଶୋଇଥିବାବେଳେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଏହାଦେଖି ସେମାନେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ବଡ଼ମ୍ବା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ଘରର ଆସବାବପତ୍ର, ଟଙ୍କା, ସୁନାଗହଣା, ବାସନ କୁସନ ଆଦି ପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣା ପଡି ନ ଥିଲେ ମଧ୍ୟ ସର୍ଟ ସର୍କିଟ କାରଣରୁ ଏପରି ହୋଇଥିବା କୁହାଯାଉଛି। ଏଥିରେ ୩ ପରିବାର ଯଥା ଶ୍ୟାମ, ଶଙ୍କର ଓ ପ୍ରବାସ ନାୟକଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଶଙ୍କରଙ୍କ ମୁଣ୍ଡ ଉପରେ ନିଆଁ ପଡ଼ିବାରୁ ସେ ଆହତ ହୋଇଛନ୍ତି। ତାଙ୍କର ଏକ ଗାଈ ଅର୍ଦ୍ଧଦଗ୍ଧ ହୋଇଛି। ସେହିପରି ଏହି ଅଗ୍ନିକାଣ୍ଡରେ ଅଶାନ୍ତି ନାୟକ ଓ ମଥୁରା ନାୟକଙ୍କ ମଧ୍ୟ କ୍ଷତି ଘଟିଛି। ତହସିଲଦାର ଶାଶ୍ୱତ ରଞ୍ଜନ ଦାଶଙ୍କ ନିର୍ଦ୍ଦେଶକ୍ରମେ କରଡ଼ିବନ୍ଧ ରାଜସ୍ୱ ନିରୀକ୍ଷକ ଅଜିତ କୁମାର ନାୟକ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ତଦନ୍ତ କରିଛନ୍ତି। କରଡ଼ିବନ୍ଧ ସରପଞ୍ଚ ନିବେଦିତା ଧୀରସାମନ୍ତ ଓ ପ୍ରତିନିଧି ସନ୍ତୋଷ କୁମାର ମହାନ୍ତି ବିପନ୍ନ ପରିବାରକୁ ଭେଟି ଆଶ୍ୱାସନା ଦେବା ସହିତ ୫୦୦ ଟଙ୍କା ଲେଖାଏ ସହାୟତା ପ୍ରଦାନ କରିଛନ୍ତି। ବିପନ୍ନ ପରିବାରଙ୍କୁ ତୁରନ୍ତ ପଲିଥିନ ସହିତ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ପ୍ରଶାସନ ନିକଟରେ ସରପଞ୍ଚ ଧୀରସାମନ୍ତ ଦାବି କରିଛନ୍ତି।




ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଡ୍ରିମ୍‌ସ ଶାଖା ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଜିଲାସ୍ତରୀୟ ଉଦ୍ୟୋଗୀ ମିତ୍ର ତାଲିମ ଶିବିର ଉଦ୍‌ଯାପିତ

ମାଣିଆବନ୍ଧ,୧୦।୧୧(ଅଖିଳ କୁମାର ସାହୁ)

ଓଡ଼ିଶା ଜୀବିକା ମିଶନ ଓ ଗ୍ରାମୀଣ ଜୀବିକା ମିଶନ ବିଭାଗ ତରଫରୁ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଅଭିମାନପୁରସ୍ଥିତ ମିଶନଶକ୍ତି ପରିଚାଳକ ତାଲିମ କେନ୍ଦ୍ର ପରିସରରେ ୫ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଉଦ୍ୟୋଗୀ ମିତ୍ର ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ନବ ନିଯୁକ୍ତ ଉଦ୍ୟୋଗୀମିତ୍ରଙ୍କୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ଉଦ୍ୟୋଗୀ ମାଧ୍ୟମରେ ସ୍ୱାବଲମ୍ବୀ କରିବା ପାଇଁ ତାଲିମ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୋନାଲିସା ତ୍ରିପାଠୀ, ପ୍ରସନ୍ନ କୁମାର ପାଳ, ସ୍ୱର୍ଣ୍ଣଲତା ଲେଙ୍କା, ଇତିଶ୍ରୀ ସାମଲ, ବିଧାନଚନ୍ଦ୍ର କର, ଗୋଲେଖ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ସ୍ୱରାଜ ଟ୍ରାକ୍ଟର ନୂତନ ବିକ୍ରୟ ପ୍ରତିଷ୍ଠାନର ଶୁଭାରମ୍ଭ

ଆଠଗଡ,୧୦।୧୧(ସତ୍ୟ ପ୍ରସାଦ ରଥ)

ଆଠଗଡ ସହର ଉପକଣ୍ଠ ରାଧାପତିପୁର(ଚିରୁଗୁଡିଆ)ଠାରେ ସ୍ୱରାଜ ଟ୍ରାକ୍ଟର ତଥା କୃଷି ଉପକରଣ କମ୍ପାନୀର ନୂତନ ବିକ୍ରୟ ପ୍ରତିଷ୍ଠାନର ଶୁଭାରମ୍ଭ ହୋଇଛି। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିବାୟ ମୋଟର୍ସ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସ୍ୱାଇଁଙ୍କ ସମେତ କମ୍ପାନୀର ରାଜ୍ୟ ମୁଖ୍ୟ,ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ ଉପାଧ୍ୟକ୍ଷ ଶୁଭ୍ରଶଙ୍କର ଜ୍ୟୋତି ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ,ଶାନ୍ତିଲତା ବେହେରା ପ୍ରମୁଖ ଯୋଗଦେଇଥିଲେ। କୃଷିକ୍ଷେତ୍ରରେ ଯାନ୍ତ୍ରିକକରଣ ଆବଶ୍ୟକତାକୁ ଉପଲବ୍ଧି କରି କମ୍ପାନୀ ତରଫରୁ ରାଜ୍ୟ ସରକାରଙ୍କ ସହଯୋଗରେ କୃଷକମାନଙ୍କୁ ସିଧାସଳଖ ସୁବିଧା ପହଞ୍ଚାଇବାକୁ ପ୍ରୟାସ କରାଯାଇଛି ବୋଲି ପ୍ରତିଷ୍ଠାନ ପ୍ରୋପାଇଟର୍ ସୁଧାକର ସାହୁ, ସୁଚିତ୍ରା ସାହୁ କହିଛନ୍ତି।

## ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଶେଷ କର

### ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସମୀକ୍ଷା ବୈଠକ

ସାଲେପୁର,୧୦।୧୧(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୪୫ ଓ ୪୬ ନଂ. ଜିଲାପରିଷଦ ଜୋନ୍‌ର ଉପସ୍ଥିତ ଜନପ୍ରତିନିଧିମାନଙ୍କୁ ନିଜ ପଞ୍ଚାୟତରେ ହେବାକୁ ଥିବା ପ୍ରକଳ୍ପଗୁଡିକର କାର୍ଯ୍ୟ ତ୍ୱରାନ୍ୱିତ କରି ଶୀଘ୍ର ସମାପ୍ତ କରିବାକୁ ବିଧାୟକ ବେହେରା ପରାମର୍ଶ ଦେଇଥିଲେ। ଏଥିସହ ବିଧାୟକ ପାଣ୍ଠି, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପାଣ୍ଠି, ସମିତି ପାଣ୍ଠି ଇତ୍ୟାଦିରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଜାନୁୟାରୀ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ମଣ୍ଡଳ ଉନ୍ନୟନ ଅଧିକାରୀ ଖଗେଶ୍ୱର ପାତ୍ର, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ରାଉତ, ସହକାରୀ ଯନ୍ତ୍ରୀ ବିଭୂତି ନାୟକ, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ରମେଶ ଜେନା, ରାଜଶ୍ରୀ ଜେନା, ଚିରଞ୍ଜନ ପୁହାଣ, ସରପଞ୍ଚ ଚୌଧୁରୀ ପ୍ରମୋଦ ରାଉତରାୟ, ଜ୍ଞାନରଞ୍ଜନ ପଟ୍ଟନାୟକ, ଅନିଲ ଦାସ, ପ୍ରକାଶଦୀପ ନାୟକ, ମନୋଜ ପ୍ରଧାନ, ବିଭୂତିଭୂଷଣ ଦାଶ ପ୍ରମୁଖ ଭାଗନେଇଥିଲେ।

# ଭସାଣି ପୂର୍ବରୁ ହେବ କେବୁଲ ତାର ଅପସାରଣ

କଟକ,୧୦।୧୧ (କାର୍ତ୍ତିକ ସାହୁ)

### ଜିଲା ପ୍ରଶାସନର କାଳୀପୂଜା ପ୍ରସ୍ତୁତି ବୈଠକ

ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ନରହରି ସେଠୀଙ୍କ ଅଧ୍ୟକ୍ଷତାରେ କାଳୀପୂଜା ଓ ଭସାଣି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ପୂଜା କମିଟିର ସାଧାରଣ ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀଙ୍କ ଉପସ୍ଥିତିରେ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ସମ୍ପାଦକ ଭିକାରୀ ଦାସ, କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ ଓ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଭସାଣି ସମୟରେ ରାସ୍ତା ପାର୍ ପାଇଁ କେବୁଲ ତାର ସମସ୍ୟା ସୃଷ୍ଟି କରିଛି। ତୁରନ୍ତ ଭସାଣି ପୂର୍ବରୁ କେବୁଲ ତାର ଅପସାରଣ ନିମନ୍ତେ ଜିଲାପାଳ ନରହରି ସେଠୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାସ୍ତାରେ ଥିବା ଗଛର ଡାଳଗୁଡ଼ିକ ମେଢ଼ ପରିକ୍ରମା ପାଇଁ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ଏହାର ଅପସାରଣ ଦିଗରେ କଟକ ମହାନଗର ନିଗମ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। କାଳୀପୂଜା ସମୟରେ ପାନୀୟ ଜଳ ଯୋଗାଣ ତଥା ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଆସନ୍ତା ସୋମବାର ପ୍ରଶାସନ ପକ୍ଷରୁ ଏନେଇ ଏକ ବୈଠକ ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଉପ ନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ଧନ୍ୟବାଦ ଅର୍ପଣ କରିଥିଲେ। କଟକ ସଦର ଉପଜିଲାପାଳ କମଲଜିତ ଦାସ, ତହସିଲଦର ସୁଜୟ କୁମାର ପତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନେ ଏଥିରେ ଉପସ୍ଥିତ ଥିଲେ।

## କାଳୀପୂଜା ଶାନ୍ତି କମିଟି ବୈଠକ

ତିଗିରିଆ,୧୦।୧୧(ଜାଫର ଖାଁ)

ତିଗିରିଆ ବ୍ଲକର ନିଜିଗଡ଼ଠାରେ ଦୀପାବଳିଠାରୁ ପ୍ରସିଦ୍ଧ ଶ୍ୟାମାକାଳୀ ପୂଜା ଆରମ୍ଭ ହେବ। ଏହାକୁ ଶାନ୍ତି ଶୃଙ୍ଖଳା ସହ କରିବା ପାଇଁ ଓ ଅଧିକ ସରସ ସୁନ୍ଦର କରିବାକୁ ତିଗିରିଆ ଥାନାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତିଗିରିଆ ଥାନା ଆଇଆଇସି ଜ୍ଞାନରଞ୍ଜନ ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଶାନ୍ତି କମିଟି ଉପଦେଷ୍ଟା ତଥା ପୂର୍ବତନ ଏମ୍‌ପି ସୁବାସ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ,ଶାନ୍ତି କମିଟି ସଭାପତି ପ୍ରଣବ କୁମାର ପଟ୍ଟନାୟକ, ସମ୍ପାଦକ ଆଇନଜୀବୀ ଗିରିଜା ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୨୨ ତାରିଖରେ ହେବାକୁ ଥିବା ଭସାଣି ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ବୈଠକରେ ୧୭ଟି ପୂଜା କମିଟିର ସଭାପତି, ସମ୍ପାଦକ ଓ ଶାନ୍ତି କମିଟିର ସଦସ୍ୟ ଯୋଗଦେଇଥିଲେ। ଜଗବନ୍ଧୁ ତୁଙ୍ଗ ସାମନ୍ତ,ଆଇନଜୀବୀ ବିକ୍ରମ କେଶରୀ ଦାଶ, ଲୁଟୁ ଗୁରୁ, ଜୟନ୍ତ ସିଂହ ଓ ଶିକ୍ଷାବିତ୍ ରବିନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## ଏନ୍‌ଏସିରେ ୮ରାସ୍ତା ପାଇଁ ଶିଳାନ୍ୟାସ



କୃଷିମନ୍ତ୍ରୀ ରାସ୍ତା ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

ଆଠଗଡ,୧୦।୧୧(ସତ୍ୟପ୍ରସାଦ ରଥ)

କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଠଗଡ ଏନ୍‌ଏସିର ୧,୨,୩,୫,୮,୯,୧୬ନଂ ଓ୍ୱାର୍ଡରେ ରାସ୍ତା ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଛନ୍ତି। ଏସବୁ ଓ୍ୱାର୍ଡରେ ପ୍ରଥମ ପର୍ଯ୍ୟାୟ କଚ୍ଚା ଓ ପାଦଚଲା ରାସ୍ତାର ଉନ୍ନତି ପାଇଁ ୧,୯୧,୪୫,୮୧୫ଟଙ୍କା ବ୍ୟୟ ବରାଦ କରାଯାଇଛି। ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଠଗଡ ଏନ୍‌ଏସିରେ ବିଭିନ୍ନ ଓ୍ୱାର୍ଡର କଚ୍ଚା ଓ ପାଦଚଲା ରାସ୍ତାର ଉନ୍ନତିକରଣ ପାଇଁ ୫କୋଟି୭୧ଲକ୍ଷ,୨୨ହଜାର,୬୮୫ଟଙ୍କା ଅନୁଦାନ ଦିଆଯାଇଛି। ଅବଶିଷ୍ଟ ଓ୍ୱାର୍ଡରେ ପ୍ରକଳ୍ପ ପାଇଁ ଶୀଘ୍ର ଶୁଭାରମ୍ଭ କରାଯିବ ବୋଲି ଆଠଗଡ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ ଆଠଗଡ ଏନଏସିସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଖବରଦାତା ସମ୍ମିଳନୀ ଆୟୋଜନ କରି କହିଛନ୍ତି। ଏହି ଅବସରରେ ସେ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ଓ କୃଷିମନ୍ତ୍ରୀ ସ୍ୱାଇଁଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷା ରାଉତଙ୍କ ସମେତ ଉପାଧ୍ୟକ୍ଷ ବି.ଶୁଭ୍ରଶଙ୍କର ଜ୍ୟୋତି, କାଉନସିଲର ସିପ୍ରା ଦାଶ, ଯୁବନେତା ପ୍ରକାଶ ରାଉତ,କେଶବ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଆଠଗଡ଼ ମହୋତ୍ସବ ପାଇଁ ସ୍ୱତନ୍ତ୍ର ବୈଠକ

ଆଠଗଡ,୧୦।୧୧(ସତ୍ୟ ପ୍ରସାଦ ରଥ)

ଆଠଗଡ ମହୋତ୍ସବ-୨୦୨୩ ଡିସେମ୍ବର ୧୫ରୁ ଆରମ୍ଭ ହୋଇ ୧୯ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରରିପ୍ରେକ୍ଷୀରେ ମହୋତ୍ସବର ଶୁଭାରମ୍ଭ ପାଇଁ ଚଳିତ ମାସ ୧୪ତାରିଖ ଶିଶୁ ଦିବସରେ ଏକ ସାମୂହିକ ପଦଯାତ୍ରା ଆଠଗଡ ସହରର ଉପକଣ୍ଠର ୩ ମୁଖ୍ୟସ୍ଥାନ ଯଥା ରଥଗଡା, ବୀରକିଶୋର ପୁର ଓ କନ୍ତୋଲ ଠାରୁ ବାହାରି ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯିବ। ସ୍ଥାନୀୟ ମହୋତ୍ସବ ପଡ଼ିଆରେ ମହୋତ୍ସବ ପତାକା ଉତ୍ତୋଳନ କମିଟି କାର୍ଯ୍ୟକାରୀ ସଭାପତି ତଥା ଉପଜିଲାପାଳ ପ୍ରଶାନ୍ତ କୁମାର ତରେଇ, ଉପଦେଷ୍ଟା ପୂର୍ବତନ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ପତାକା ଉତ୍ତୋଳନ କରି ମହୋତ୍ସବକୁ ଆନୁଷ୍ଠାନିକଭାବେ ଶୁଭାରମ୍ଭକରିବେ। ଚଳିତ ବର୍ଷ ମହୋତ୍ସବର ସ୍ମରଣିକା ଅଷ୍ଟାୟନ ପ୍ରକାଶ କରିବା ପାଇଁ କମିଟି ତରଫରୁ ନିଷ୍ପତ୍ତି ହୋଇଛି। ଏଥିରେ ଆଠଗଡ ଇତିହାସ, କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଦେବାଦେବୀ, ବରପୁତ୍ର,କୃଷି, ଶିକ୍ଷା,ଧର୍ମଧାରା ସମ୍ବନ୍ଧୀୟ ଗବେଷଣାତ୍ମକ ସନ୍ଦର୍ଭ(ପ୍ରବନ୍ଧ ଓ କବିତା) ପ୍ରକାଶ ପାଇବ ବୋଲି ଉପଜିଲାପାଳ ପ୍ରଶାନ୍ତ କୁମାର ତରେଇ ସୂଚନା ଦେଇଛନ୍ତି।

# ଭଟ୍ଟାରିକା ବିଦ୍ୟାପୀଠରେ ଶିକ୍ଷା ସମୀକ୍ଷା ବୈଠକ

ବଡ଼ମ୍ବା,୧୦।୧୧(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକରେ ଦ୍ୱିତୀୟ ବ୍ଲକସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକମାନଙ୍କ ମଧ୍ୟରେ ସହଭାଗିତା ଓ ପରସ୍ପର ମତ ବିନିମୟ ହୋଇଥିଲା। ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଶାଙ୍ଗର ଭଟ୍ଟାରିକା ନୋଡାଲ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ବୈଠକରେ ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜସିଂହ ଅଧ୍ୟକ୍ଷତା କରିଥିଲେ। ସହଶିକ୍ଷାଧିକାରୀ ବିବେକାନନ୍ଦ ସାହୁ, ବଡ଼ମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମୀନା କୁମାରୀ ସାହୁ, ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୁକ୍ତିପାଦ ନନ୍ଦ, ବ୍ଲକର ୫-ଟି ବିଦ୍ୟାଳୟଗୁଡିକ ପାଇଁ ନୋଡାଲ ଅଫିସର ଭାବେ ଅଶୋକ କୁମାର ଧଳ, ଏବିଇଓ ନରେନ୍ଦ୍ର କୁମାର ରଥ ଓ ପର୍ଯ୍ୟବେକ୍ଷକ ଭାବେ ମୋ ସ୍କୁଲ ତରଫରୁ ସ୍ୱାତି ଜେନା ମଞ୍ଚାସୀନ ହୋଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ କାମରାଜ ସାହୁ ଶ୍ରେଣୀଗୃହ କାର୍ଯ୍ୟ, ବିଜୟ କୁମାର ଛତ୍ର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନା ଉପରେ କହିଥିଲେ। ସରୋଜ କୁମାର ମିଶ୍ର ସାଇକେଲ ବଣ୍ଟନ ଓ ଷ୍ଟିକରିଂ ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟଗୁଡ଼ିକର ସହଜ ପରିଚାଳନା ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ଶ୍ୟାମବନ୍ଧୁ ବେହୁରା, ପଞ୍ଚୁ ଷଣ୍ଢ, ଅରୁଣ କୁମାର ବଳ, ସନାତନ ବେହେରା, ପୁଷ୍ପଲତା ରାଉତ, ମାନସୀ ମଞ୍ଜରୀ ସେଠୀ, କ୍ଷଣପ୍ରଭା ନାୟକ ପ୍ରମୁଖ ବିଜ୍ଞାନ ମେଳା, ବ୍ୟାଣ୍ଡ ପାର୍ଟି ଗଠନ ଏବଂ ପିଲାମାନଙ୍କୁ ଚାପମୁକ୍ତ ରଖିବା ପାଇଁ କି ପଦକ୍ଷେପ ନିଆଯିବା ବିଧେୟ ସେ ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭଟ୍ଟାରିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଦୋଷ କୁମାର ଧଳ ଧନ୍ୟବାଦ ଦେଇଥିଲେ।



ସମୀକ୍ଷା ବୈଠକରେ ଯୋଗଦେଇଥିବା ଅତିଥିମାନେ।

# ୮୪ ଲକ୍ଷ ଟଙ୍କାର କୃଷି ଯନ୍ତ୍ରପାତି କିଣିଲେ ଚାଷୀ

ବାଙ୍କୀ,୧୦।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରାଂଶ ମେଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

### ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରାଂଶ ମେଳା ଉଦ୍‌ଯାପିତ

ବାଙ୍କୀ କଚେରି ପଡିଆଠାରେ ୩ଦିନ ଧରି ଚାଲିଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରାଂଶ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ମେଳାର ୩ୟ ଦିନରେ ଚାଷୀମାନଙ୍କର କୃଷି ଯନ୍ତ୍ରପାତି କିଣିବା ପାଇଁ ପ୍ରବଳ ଭିଡ ଦେଖାଦେଇଥିଲା। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଚାଷୀମାନେ ଓଡ଼ିଶା ସରକାରଙ୍କ ତରଫରୁ କୃଷି ଯନ୍ତ୍ରପାତି ଉପରେ ମିଳୁଥିବା ରିହାତି ଉପରେ ଆଲୋଚନା କରିଥିଲେ। ଏଥିସହ ଚାଷୀମାନଙ୍କ ପାଇଁ ବିଭିନ୍ନ କଲ୍ୟାଣମୂଳକ ଯୋଜନା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟିଅଧ୍ୟକ୍ଷ ଆଶିଷ କୁମାର ସାହୁ, ବାଙ୍କୀ ଏନ୍‌ଏସି ଅଧ୍ୟକ୍ଷା ମାଣିକ ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ରଣା, ଡମପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପାତ୍ର, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଶିଶିର କୁମାର ସାହୁ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୂଚନା ସ୍ୱସ୍ତିକା ଯୋଗଦେଇ ଏହି ମେଳାର ଉପକାରିତା ଉପରେ ଆଲୋଚନା କରିଥିଲେ। ସଭାରେ ବାଙ୍କୀର ଉପଜିଲାପାଳ ଦେବୀପ୍ରସାଦ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ସହକାରୀ କୃଷି ଅଧିକାରୀ ପି.ରୋଜାଲିନ୍ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମେଳାରେ ଚାଷୀମାନେ ୮୩ଲକ୍ଷ ୮୯ ହଜାର ୪୩୫ ଟଙ୍କାର କୃଷି ଯନ୍ତ୍ରପାତି କ୍ରୟ କରିଛନ୍ତି। ସେମାନଙ୍କୁ ୨୪ଲକ୍ଷ ୮୦ହଜାର ୩୧୨ଟଙ୍କାର ରିହାତି ସରକାରଙ୍କ ତରଫରୁ ପ୍ରଦାନ କରାଯାଇଛି। ଏଥିସହ ମେଳାରେ ୧କୋଟି ଟଙ୍କାର କୃଷିଯନ୍ତ୍ରପାତି କିଣିବା ପାଇଁ ଚାଷୀମାନେ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକୃତ କରିଛନ୍ତି। ସଭାରେ ଚାଷୀ ପାଣ୍ଡବ ସାହୁ, ପ୍ରକାଶ ପଟ୍ଟନାୟକ, ଲିଙ୍ଗରାଜ ସାହୁ, ପ୍ରକାଶ ଦାସଙ୍କୁ ମୁଖ୍ୟ ଅତିଥି ବିଧାୟକ ତ୍ରିପାଠୀ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ମେଳାରେ ୩୫ଟି ଷ୍ଟଲ୍ ହୋଇଥିଲା ବୋଲି କୃଷି ଜିଲା ଅଧିକାରୀ ବିଶ୍ୱନାଥ ଦାସ ସୂଚନା ଦେବା ସହ ଏହା ସଫଳ ହୋଇଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ୩୦ତମ ଶ୍ରାଦ୍ଧୋତ୍ସବ, ରବୀନ୍ଦ୍ର ମଣ୍ଡପ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ସୁବର୍ଣ୍ଣ ଶିଶୁ ମହୋତ୍ସବ, ବିଜେଇଏମ୍ ସ୍କୁଲ ପରିସର, ସକାଳ ୮ଟା।
- ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପୁରାତନ ଛାତ୍ର-ଛାତ୍ରୀ ମଙ୍ଗଳ ସମିତି ଆନୁକୂଲ୍ୟରେ ୧୦ମ ବାର୍ଷିକୋତ୍ସବ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟା।
- 'ଓଡ଼ିଶା ଲୋକ କଲ୍ୟାଣ ଟ୍ରଷ୍ଟ'ର ବାର୍ଷିକୋତ୍ସବ, ରେଡକ୍ରସ ଭବନ, ପୂର୍ବାହ୍ନ ୧୦ଟା ୩୦।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରଫେସର ମଧୁ ଦଣ୍ଡବତେଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୧ଟା।
- ଯାନ୍ତ୍ରିକ ଭବନର ୧୪ତମ ବାର୍ଷିକ ପ୍ରତିଷ୍ଠା ଦିବସ, ସତ୍ୟନଗର, ମଧ୍ୟାହ୍ନ ୧୨ଟା।
- ପାଲେଷ୍ଟାଇନ ଶିଶୁଙ୍କ ମୃତାହତ ସମ୍ବନ୍ଧୀୟ ପେଣ୍ଟିଂ ପ୍ରଦର୍ଶନ, ମାଷ୍ଟରକ୍ୟାଣ୍ଟିନ, ଅପରାହ୍ନ ୪ଟା।
- ସପୋର୍ଟର ୨୩ତମ ବାର୍ଷିକ ଉତ୍ସବ, ଗୀତଗୋବିନ୍ଦ ସଦନ, ଅପରାହ୍ନ ୫ଟା।
- ଅମିୟ ପାଣ୍ଡବଙ୍କ ୧୨ତମ ପୁସ୍ତକ 'ଦ୍ୱେଷଦ୍ରୋହୀ' ଓ 'ଅକ୍ଷର' ଶରତ ସ୍ୱତନ୍ତ୍ର-୨୦୨୩, ରେଡକ୍ରସ ଭବନ, ସନ୍ଧ୍ୟା ୬ଟା।
- ଗୁରୁକୁଳ ଗୀତାଞ୍ଜଳି ପକ୍ଷରୁ ହିନ୍ଦୁସ୍ତାନୀ କ୍ଲାସିକାଲ ମ୍ୟୁଜିକ୍, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଇନଫୋସିସ୍ ଫାଉଣ୍ଡେଶନ ଏବଂ ଭାରତୀୟ ବିଦ୍ୟା ଭବନର ସାଂସ୍କୃତିକ କାର୍ଯ୍ୟକ୍ରମ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

# ବ୍ୟାଟେରି ଫାଟି ଜଳିଗଲା ଇଭି ୱାର୍ଲ୍ଡ

■ଇଲେକ୍ଟ୍ରିକ ବାଇକ ଶୋ'ରୁମ୍‌ରେ ଅଗ୍ନିକାଣ୍ଡ

■୧୫ ଗାଡ଼ି ସହ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଭସ୍ମ

କଟକ,୧୦।୧୧ (କାର୍ତ୍ତିକ ସାହୁ)



ପୋଡ଼ିଯାଇଥିବା ଗାଡ଼ିକୁ ବାହାରକୁ କଢ଼ାଯାଉଛି।



ଅଗ୍ନିଶମ ବାହିନୀ ନିଆଁ ଲିଭାଉଛି।

ଯୋବ୍ରା କେନାଲ ରୋଡ୍‌ରେ ଥିବା 'ଇଭି ୱାର୍ଲ୍ଡ' ନାମକ ଏକ ଇଲେକ୍ଟ୍ରିକ ବାଇକ୍ ଶୋ'ରୁମ୍‌ରେ ଶୁକ୍ରବାର ସନ୍ଧ୍ୟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିଶମ ବାହିନୀର ଆକଳନ ଅନୁସାରେ ପ୍ରାୟ ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ନଷ୍ଟ ହୋଇଛି। ୩ ମହଲା ବିଶିଷ୍ଟ ଉକ୍ତ କୋଠାଘରର ତଳ ମହଲାରେ ହୋଇଥିବା ଇଭି ଶୋ'ରୁମ୍ ଜଳି ପାଉଁଶ ହୋଇଯାଇଛି। ଶୋ'ରୁମ୍‌ରେ ଥିବା ୧୫ଟି ଇଭି ବାଇକ୍ ସମ୍ପୂର୍ଣ୍ଣ ଜଳିଯାଇଛି। ବିଦ୍ୟୁତଚାଳିତ ବାଇକ ପାଇଁ ବ୍ୟବହାର ହେଉଥିବା ଏକ ବ୍ୟାଟେରି ଫାଟିଯିବା ଫଳରେ ଏହି ଅଗ୍ନିକାଣ୍ଡ ଘଟିଥିବା ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା କହିଛନ୍ତି।

ସୂଚନା ଅନୁସାରେ, ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଅଗ୍ନିଶମ ବାହିନୀକୁ ଉକ୍ତ ଶୋ'ରୁମ୍‌ରେ ନିଆଁ ଲାଗିଥିବା ନେଇ ସୂଚନା ମିଳିଥିଲା। ଦୀପାବଳି ପାଇଁ ମାଲଗୋଦାମଠାରେ ହୋଇଥିବା ଅସ୍ଥାୟୀ ଅଗ୍ନିଶମ କେନ୍ଦ୍ରରୁ ଗୋଟିଏ ଦମକଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁଲିଭାରେ ଲାଗିପଡ଼ିଥିଲା। ଅଗ୍ନିକାଣ୍ଡର ଭୟାବହତା ସମ୍ପର୍କରେ ଜିଲା ଅଗ୍ନିଶମ ଅଧିକାରୀ ବେହେରା ଅଗ୍ନିଶମ କର୍ମଚାରୀମାନଙ୍କଠାରୁ ଜାଣିବା ପରେ ତୁରନ୍ତ ବକ୍ସିବଜାରରୁ ଦୁଇଟି ଓ ଚାଉଳିଆଗଞ୍ଜରୁ ଦୁଇଟି ଦମକଳ ସେଠାରେ ପହଞ୍ଚିଥିଲା। ପ୍ରାୟ ୩୦ ଜଣ ଅଗ୍ନିଶମ କର୍ମଚାରୀ ୨ଘଣ୍ଟା ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ତଳ ମହଲାରୁ ଉପର ମହଲାକୁ ନିଆଁ ଯେପରି ନ ବ୍ୟାପେ ତାହା ଥିଲା ସବୁଠାରୁ ବଡ଼ ଆହ୍ୱାନ। ବ୍ୟାଟେରି ଫାଟି ନିଆଁ ଲାଗିଥିବା ଇଭି ୱାର୍ଲ୍ଡ୍‌ର ମାଲିକ ଦୀପକ ଅଗ୍ରୱାଲ ଅଗ୍ନିଶମ ଅଧିକାରୀଙ୍କୁ ସବୁ କଥା ଜଣାଇବା ପରେ ସ୍ୱତନ୍ତ୍ର ଫୋମ୍ ସାହାଯ୍ୟରେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରାଯାଇଥିଲା। ନିଆଁର ପ୍ରକୋପ ଏତେ ଥିଲା ଯେ ଭିତରକୁ ପ୍ରବେଶ କରିବା କଷ୍ଟକର ଥିଲା। ଉପର ୨ ମହଲାକୁ ନିଆଁ ବ୍ୟାପିପାରି ନ ଥିଲେ ବି ତଳ ମହଲା ସମ୍ପୂର୍ଣ୍ଣ ଭସ୍ମ ହୋଇଯାଇଛି। ୧୫ ଇଭି ବାଇକ ସମେତ ଅନ୍ୟାନ୍ୟ ଯନ୍ତ୍ରପାତି, ଘର ଭିତରର ଡେକୋରେଶନ ସବୁକିଛି ଜଳିଯାଇଥିବା ଅଗ୍ନିଶମ ଅଧିକାରୀ ବେହେରା ସୂଚନା ଦେଇଛନ୍ତି।

# ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ଶିକ୍ଷା ସାଧନ କେନ୍ଦ୍ର' ଲୋକାର୍ପିତ



ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ଶିକ୍ଷା ସାଧନ କେନ୍ଦ୍ର ଉଦ୍‌ଘାଟନ ଅବସରରେ ସିଙ୍ଗାପୁରସ୍ଥିତ ଆଇଟିଇଏସ୍‌ର ସିଇଓ ବ୍ରୁସ ପୋହ ଓ ଦକ୍ଷତା ବିକାଶ ପ୍ରାଧିକରଣ ଅଧକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ରଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୧୦।୧୧
(ଅନୁରାଧା ମହାରଣା)

**ରିଡିଙ୍ଗ ପଡ୍ ଓ ଅତ୍ୟାଧୁନିକ ଏଆର୍-ଭିଆର୍ ବ୍ୟବସ୍ଥା**

ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ଆଧୁନିକ ଲାଇବ୍ରେରି ଢାଞ୍ଚାରେ ଲର୍ଣ୍ଣିଂ ରିସୋର୍ସ ସେଣ୍ଟର ବା ଶିକ୍ଷା ସାଧନ କେନ୍ଦ୍ର ଶୁକ୍ରବାର ଲୋକାର୍ପିତ ହୋଇଯାଇଛି। ସିଙ୍ଗାପୁରସ୍ଥିତ ଆଇଟିଇଏସ୍‌ର ସିଇଓ ବ୍ରୁସ ପୋହଙ୍କ ଉପସ୍ଥିତିରେ ଓ ଦକ୍ଷତା ବିକାଶ ପ୍ରାଧିକରଣ ଅଧକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ଏଥିସହ ଶିକ୍ଷା ସାଧନ କେନ୍ଦ୍ରର ଏକ ୱେବ୍‌ସାଇଟ୍‌କୁ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ମିଶ୍ର କହିଛନ୍ତି, ସିଙ୍ଗାପୁରର ଆଇଟିଇଏସ୍ ସହଯୋଗରେ ଏହି ଶିକ୍ଷା ସାଧନ କେନ୍ଦ୍ର କରାଯାଇଛି। ଏଠାରେ ଅତ୍ୟାଧୁନିକ ବ୍ୟବସ୍ଥା ରହିଥିବାରୁ ଛାତ୍ରୀଛାତ୍ରଙ୍କ ଜ୍ଞାନର ପରିସର ଆହୁରି ବ୍ୟାପକ ହୋଇପାରିବ। ସେମାନେ ଦେଶ ବିଦେଶରେ ବ୍ୟବହାର କରାଯାଉଥିବା ଅତ୍ୟାଧୁନିକ ଜ୍ଞାନକୌଶଳ ବିଷୟରେ ଅଧିକ ଜାଣିପାରିବେ। ଏହି ଅତ୍ୟାଧୁନିକ କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କ ଶିକ୍ଷା ଓ ତାଲିମ ପାଇଁ ବିଭିନ୍ନ ବହି ଓ ପତ୍ରିକା ଆଦି ରହିଛି। ସ୍ୱତନ୍ତ୍ର 'ରିଡିଙ୍ଗ ପଡ' କରାଯାଇଛି। ଏହାସହିତ ଅଡିଓ ଭିଜୁଆଲ ରୁମ୍ ଏବଂ ଡିସ୍‌କସନ ରୁମ୍‌ର ମଧ୍ୟ ସୁବିଧା ରହିଛି। ଏଆର୍-ଭିଆର୍ କମ୍ପ୍ୟୁଟର ବ୍ୟବସ୍ଥା ଦ୍ୱାରା ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ରୀଛାତ୍ର ଭର୍ଚୁଆଲରେ ବିଭିନ୍ନ ବିଷୟରେ ଅଧିକ ଜାଣିବାର ସୁଯୋଗ ପାଇବେ। କାର୍ଯ୍ୟକ୍ରମରେ ଅତିରିକ୍ତ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ, ଅଧକ୍ଷ ସଙ୍ଗରଣ ଗୋପାଳ, ଉପାଧ୍ୟକ୍ଷ ଡ. ଶୁଭଙ୍ଗ କିଶୋର ଦାସ, ନିର୍ଦ୍ଦେଶକ (ଏକାଡେମୀ) ସୁପେହା ନାଗାମାଲ, ଉପନିର୍ଦ୍ଦେଶକ ଆଶୁତୋଷ ନୟନଦେ, ମୁଖ୍ୟ ବୈଷୟିକ ଅଧିକାରୀ ଧନଞ୍ଜୟ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।

# ଜାନୁୟାରୀ ୪ରୁ ବରଗଡ଼ରେ ଜାତୀୟସ୍ତରୀୟ ହସ୍ତତନ୍ତ ସମ୍ମିଳନୀ

ଭୁବନେଶ୍ୱର,୧୦।୧୧
(ଶର୍ମିଷ୍ଠା ପାଣିଗ୍ରାହୀ)

ପଶ୍ଚିମ ଓଡିଶାର କୋଣ ଅନୁକୋଣରେ ଥିବା ହସ୍ତତନ୍ତ ଶିଳ୍ପ ତଥା ବୁଣାକାରଙ୍କୁ ମିଳିବ ଜାତୀୟସ୍ତରରେ ବାଣିଜ୍ୟିକ ଲୋକପ୍ରିୟତା। ସ୍ଥାନୀୟ ଅର୍ଥନୀତି ତଥା ବଜାର ସୃଷ୍ଟିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ନୂଆ ବର୍ଷରେ ବରଗଡ ଜିଲାରେ ଆୟୋଜିତ ହେବ ଜାତୀୟସ୍ତରୀୟ ହସ୍ତତନ୍ତ ସମ୍ମିଳନୀ। ପଶ୍ଚିମ ଓଡିଶା ବିକାଶ ପରିଷଦ ଏବଂ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜାନୁୟାରୀ ୪ ଓ ୫ରେ ସମ୍ମିଳନୀ ଆୟୋଜନ ହେବ ବୋଲି ପରିଷଦ ଅଧକ୍ଷ ଅସିତ୍ ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଖାରବେଳ ଭବନର ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରଗଡ ଜିଲାପାଳ ମନୀଷା ବାନାର୍ଜୀ ଆଭାସୀ ମାଧ୍ୟମରେ ଯୋଗଦେଇ ସମ୍ମିଳନୀର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ପଶ୍ଚିମ ଓଡିଶାରେ ପ୍ରାୟ ୮୪ ହଜାର ୫୦୦ ବୁଣାକାର ଅଛନ୍ତି। ସେମାନଙ୍କୁ ମଧ୍ୟରୁ ୩୮ହଜାର ୫୦୦ ମହିଳା ବୁଣାକାର। ଏହି ଦୁଇଦିନିଆ ସମ୍ମିଳନୀରେ ସ୍ଥାନୀୟ ବୁଣାକାରଙ୍କ ସମେତ ଜାତୀୟସ୍ତରରେ ଖ୍ୟାତନାମା ଟ୍ରେନର୍, ମାଷ୍ଟର୍, ହସ୍ତଶିଳ୍ପୀ ଯୋଗ ଦେବେ। ଅନ୍ୟରାଜ୍ୟର ହସ୍ତଶିଳ୍ପୀଙ୍କୁ ନେଇ କର୍ମଶାଳା, ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ହସ୍ତକଳା ପ୍ରଦର୍ଶନ, ଫ୍ୟାଶନ ଶୋ' ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ବୈଠକରେ ବିଭାଗୀୟ ଅଧିକାରୀଙ୍କ ସହ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅଜିତ୍ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ନିମୋନିଆରେ ସିଂହୀ ବିନିର ମୃତ୍ୟୁ




**ବାରଙ୍ଗ,୧୦।୧୧(ଲିଙ୍ଗରାଜ ରାଉତ):** ଗତ ଗୁରୁବାର ଅପରାହ୍ନ ସମୟରେ ନନ୍ଦନକାନନ ପ୍ରାଣୀଉଦ୍ୟାନ ୨୯ନଂ. ଫିଡିଂ ଚାମ୍ବରରେ ରହୁଥିବା ମାଈ ଆଫ୍ରିକୀୟ ସିଂହୀ ବିନି(୧୬ ବର୍ଷ ୧୦ମାସ)ର ମୃତ୍ୟୁ ଘଟିଛି। ପ୍ରାଣୀଉଦ୍ୟାନ କର୍ତ୍ତୃପକ୍ଷ ଶୁକ୍ରବାର ପୂର୍ବାହ୍ନରେ ଓୟୁଏଟିର ବିଶେଷଜ୍ଞ ଡାକ୍ତରୀ ଦଳ ଓ ନନ୍ଦନକାନନ ଡାକ୍ତରୀ ଦଳଙ୍କ ମିଳିତ ସହଯୋଗରେ ସିଂହୀ ବିନିର ଶବ ବ୍ୟବଚ୍ଛେଦ ହୋଇଛି। ତେବେ ବିନିର ମୃତ୍ୟୁ ନିମୋନିଆ ସଂକ୍ରମଣ ଯୋଗୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ସଂକ୍ରମିତ ଯୋଗୁ ତା' ଦେହର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କ୍ଷତିଗ୍ରସ୍ତ ହୋଇଯାଇଥିଲା ବୋଲି ନନ୍ଦନକାନନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ,୨୦୧୫ରେ ଜୀବଜନ୍ତୁ ଅଦଳବଦଳ ପ୍ରକ୍ରିୟାରେ ଇସ୍ରାଏଲରୁ ଏହି ମାଈ ଆଫ୍ରିକୀୟ ସିଂହୀ ବିନି ନନ୍ଦନକାନନ ଆସିଥିଲା।

# ଦୁଇ ଲୁଟେରାଙ୍କୁ ୨ବର୍ଷ ଲେଖାଏ ଜେଲଦଣ୍ଡ

ଭୁବନେଶ୍ୱର,୧୦।୧୧(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ର ବିଚାରପତି ପୂଜା ଜୈନ୍ ଶୁକ୍ରବାର ଏକ ଚୋରି ମାମଲାର ରାୟ ଶୁଣାଇଛନ୍ତି। ଶହୀଦନଗର ଥାନା ଅଞ୍ଚଳରେ ଘଟିଥିବା ଏକ ସିନ୍ଧି ଚୋରି ମାମଲାରେ ଅଭିଯୁକ୍ତ ସନ୍ତୋଷ ବେହେରା ଓ ସୁରେନ୍ଦ୍ର ନାୟକଙ୍କୁ ୨ ବର୍ଷ ଲେଖାଏ କାରାଦଣ୍ଡ ସହ ୫୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

ସୂଚନାନୁସାରେ, ଗତ ଜୁନ ୫ରେ ଅଭିଯୁକ୍ତଦ୍ୱୟ ଭିଏସ୍‌ଏସ୍ ନଗର ଅନ୍ତର୍ଗତ ପ୍ଲଟ୍ ନମ୍ବର- ଭିଏମ୍-୧୦ରେ ଥିବା ଘରର ଗ୍ରୀଲ ଡେଇଁ ଭିତରକୁ ପଶିଥିଲେ। ପରେ ଅଭିଯୋଗକାରୀ ତଥା ଗୃହକର୍ତ୍ତା ଶୋଇଥିବା କୋଠରିର ବାହାର ପଟୁ ବନ୍ଦ କରି ଆଲମାରିରୁ ୨୦୦ ଗ୍ରାମ୍‌ର ସୁନା ଗହଣା, ୫୦ ହଜାର ଟଙ୍କା ଏବଂ ଅନ୍ୟାନ ମୂଲ୍ୟବାନ କାଗଜପତ୍ର ଥିବା ଏକ ଆଟାଚି ଚୋରିକରି ନେଇଯାଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର କଳ୍ପତରୁ ସାହୁ ଓ ସରୋଜ ସ୍ୱାଇଁ ପରିଚାଳନା କରିଥିଲେ।

# ବଲିଉଡ୍ ଫ୍ୟାଶନ ଡିଜାଇନର, ଓଲିଉଡ୍‌ର ପ୍ରଯୋଜିକା

ଭୁବନେଶ୍ୱର,୧୦।୧୧
(ଶର୍ମିଷ୍ଠା ପାଣିଗ୍ରାହୀ)

**ଓଡ଼ିଆ ଝିଅ ସନ୍‌ଲିସା ପଟେଲ**



ସ୍ୱପ୍ନ ପୂରଣ ପାଇଁ ବେଳେବେଳେ ଉପଯୁକ୍ତ ସମୟକୁ ଅପେକ୍ଷା କରିବାକୁ ପଡ଼େ। ମାତ୍ର ନିଜର ସ୍ୱପ୍ନ ଓ ଆଶାକୁ ଅନ୍ୟର ଇଚ୍ଛାଶକ୍ତି ଆଗରେ ଜଣେ ପ୍ରକୃତ ଉଚ୍ଚାଭିଳାଷୀ ମଣିଷ ହିଁ ହାର ମାନିବାକୁ ଦେଇ ନ ଥାଏ। ତେବେ ସବୁ ପ୍ରତିବନ୍ଧକକୁ ଏଡ଼ାଇ ନିଜ ସ୍ୱପ୍ନକୁ ସାକାର କରିପାରିଥିବା କେତେଜଣ ସଫଳ ନାରୀଙ୍କ ମଧ୍ୟରେ ରହିଛନ୍ତି ସନ୍‌ଲିସା ପଟେଲ। ଝାରସୁଗୁଡ଼ାରେ ଜନ୍ମିତ ସନ୍‌ଲିସା ବର୍ତ୍ତମାନ ଚର୍ଚ୍ଚାର ଭିଡ଼ରେ ଆଉଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଚାଲିଛନ୍ତି। ଜଣେ ମହିଳା ପ୍ରଯୋଜକ ଭାବେ ଆରମ୍ଭ କରିଛନ୍ତି ନୂଆ ଯାତ୍ରା। ଏଥିପାଇଁ ସେ ଦିଲ୍ଲୀରୁ ଧାଇଁ ଆସିଛନ୍ତି ଓଡ଼ିଶା। ପ୍ରଥମଥର ପାଇଁ ଓଡ଼ିଆ ଚଳଚ୍ଚିତ୍ର 'ପ୍ରଥା'ର ପ୍ରଯୋଜନା କରି ଓଲିଉଡ୍‌ରେ ପାଦ ଥାପିଛନ୍ତି। ବର୍ତ୍ତମାନ ଅନେକ ସମସ୍ୟାକୁ ସାମ୍ନା କରିଥିଲେ ମଧ୍ୟ ନିଜ ମାଟି ପାଇଁ, ଓଡ଼ିଆ ସିନେମା ପାଇଁ କିଛି କରିବାର ସାହସ ଜୁଟାଇ ଆଗକୁ ବଢ଼ିବାକୁ ଚେଷ୍ଟା ଚଳାଇଛନ୍ତି ସନ୍‌ଲିସା।

ସନ୍‌ଲିସାଙ୍କୁ ପ୍ରଯୋଜିକା ଭାବେ ଜାଣିବା ପୂର୍ବରୁ ତାଙ୍କର ଆଉଏକ ବଡ଼ ପରିଚୟ ରହିଛି। ବଲିଉଡ୍‌ରେ ଜଣେ ଭଲ ଫ୍ୟାଶନ ଡିଜାଇନର ଭାବେ ସେ ବେଶ୍ ଜଣାଶୁଣା। ବଲିଉଡ୍ ଷ୍ଟାର୍‌ଙ୍କ ସମେତ ଲୋକପ୍ରିୟ ରିଆଲିଟି ଶୋ ବିଗ୍‌ବସ୍‌ର ଡିଜାଇନ୍ ମଧ୍ୟ ସେ କରନ୍ତି। ଦିଲ୍ଲୀରେ ସ୍କେଚ୍ ବାଏ ସାନ୍‌ଲିସା ଓ ବିଗ୍ ୱେ ପ୍ରଡକ୍ସନ ନାମକ ୨ଟି ସଂସ୍ଥା ସେ ପରିଚାଳନା କରୁଛନ୍ତି। ସନ୍‌ଲିସା କହିଛନ୍ତି, ଇଚ୍ଛା ନ ଥିଲେ ମଧ୍ୟ ଘର ଲୋକଙ୍କ କଥା ମାନି ଇଞ୍ଜିନିୟରି କଲି। ଚାକିରି କରିବା ପାଇଁ ବେଙ୍ଗାଲୁରୁ ଆସିଲି। ଶୀଘ୍ର ବାହାଘର ହୋଇଯିବା ଆମ ଆଡ଼େ ଏକ ପ୍ରଥା ଭଳି ରହିଛି। ଘର ଲୋକଙ୍କ ଇଚ୍ଛାରେ ମୋ ବାହାଘର ଠିକ୍ ହେଲା। ନିର୍ବନ୍ଧ ସରିବା ପରେ ମୋତେ ମୋ ସ୍ୱାମୀ ସଞ୍ଜୟ ପଟେଲ ଦିନେ ମୋର ଇଚ୍ଛା ବିଷୟରେ ପଚାରିଲେ। ତାଙ୍କୁ ସବୁ କଥା କହିବା ପରେ ସେ ମୋତେ ଅନୁମତି ଦେଲେ ଆଉ କାହାକୁ ନ ଜଣାଇବାକୁ ମଧ୍ୟ କହିଲେ। ମୁଁ ଚାକିରି ଛାଡ଼ିଲି ଆଉ ବେଙ୍ଗାଲୁରୁର ଫ୍ୟାଶନ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ୧ବର୍ଷ ପାଇଁ ନାମ ଲେଖାଇଲି। ସଞ୍ଜୟ ମୋତେ ଆର୍ଥିକ ସହାୟତା ମଧ୍ୟ କଲେ। ମୋର ଏକ ଶିଶୁପୁତ୍ର ଜନ୍ମ ହେଲା। ସେ ସ୍କୁଲ ଯିବାକୁ ଆରମ୍ଭ କଲାବେଳେ ମୁଁ ଫ୍ୟାଶନ୍ ଡିଜାଇନର୍ ଭାବେ ମୋ କ୍ୟାରିୟର୍ ଆରମ୍ଭ କଲି। ଧୀରେଧୀରେ ଅନେକ ପ୍ରଶଂସା ସହ ବାହାରେ ନାମ କମାଇବାର ସୁଯୋଗ ମିଳିଲା। ଏବେ ମୁଁ ଦିଲ୍ଲୀରେ ରହି ସେଠାରେ ବିଶେଷ କରି ମେନ୍ସ ୱେୟାର୍ ଉପରେ କାମ କରୁଛି। ଆଗକୁ ଓଡ଼ିଶାରେ ମଧ୍ୟ ସ୍କେଚ୍ ବାଏ ସାନ୍‌ଲିସାର ଏକ ବ୍ରାଞ୍ଚ ଖୋଲିବେ ବୋଲି ସନ୍‌ଲିସା କହିଛନ୍ତି।

## ମାଟି ପାଇଁ କିଛି କରିବାର ଆଗ୍ରହ ଥିଲା

ପ୍ରଯୋଜିକା ଯାତ୍ରା ବିଷୟରେ ସନ୍‌ଲିସା କୁହନ୍ତି, ସବୁବେଳେ ମାଟି ପାଇଁ କିଛି କରିବାର ଆଗ୍ରହ ରହିଥିଲା। ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ସ୍ଥଳୀ ଉପରେ ସିନେମା କରିବାକୁ ଇଚ୍ଛା ଥିଲା। ମୋର ଯେହେତୁ ବଲିଉଡ୍ ଓ ପଞ୍ଜାବ ସିନେ ଇଣ୍ଡଷ୍ଟ୍ରି ସହ ଭଲ ସମ୍ପର୍କ ରହିଛି ସେଠାରୁ ମଧ୍ୟ କେତେଜଣ କଳାକାରଙ୍କୁ ମୁଁ ମୋ ପ୍ରଥମ ସିନେମା 'ପ୍ରଥା'ରେ ସାମିଲ କରିଛି। ଓଡ଼ିଆ, ପଞ୍ଜାବୀ ଓ ହିନ୍ଦୀ ଭାଷାରେ ଚଳଚ୍ଚିତ୍ରଟିକୁ ରିଲିଜ୍ କରାଇଛି। ଆମ ଓଡ଼ିଆ ଫିଲ୍ମ କିଭଳି ଓଟିଟି ପ୍ଲାଟ୍‌ଫର୍ମରେ ଆସିବ, ଜାତୀୟ ସ୍ତରରେ ପହଞ୍ଚିବ ସେ ନେଇ ଚେଷ୍ଟା ଜାରି ରହିବ ବୋଲି କହିଛନ୍ତି ସନ୍‌ଲିସା।


@ ମୋନାଲିସା


@ ପଞ୍ଚାନନ


@ ବିଭୂତି


@ ବିମଳ


@ ଜଗନ୍ନାଥ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ହିନ୍ଦୁସ୍ତାନୀ ଦ୍ୱୈତ କଣ୍ଠସଙ୍ଗୀତରେ ଶ୍ରୋତା ମୁଗ୍ଧ

ଭୁବନେଶ୍ୱର,୧୦।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର ମଙ୍ଗଳ ସମିତି ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ବାର୍ଷିକ ଉତ୍ସବ 'ଉଚ୍ଛ୍ୱାସର ରଙ୍ଗ'ର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ସଚିବ ମଧୁସୂଦନ ଦାସ, ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ଜେନା ଯୋଗଦେଇଥିଲେ। ସନ୍ଧ୍ୟାର ପ୍ରଥମ ପରିବେଷଣରେ ପ୍ରଶାନ୍ତ କୁମାର ଜେନା ଓ ବିଦ୍ୟାଧର ଶତପଥୀଙ୍କ କଣ୍ଠରେ ପରିବେଷିତ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହାପରେ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ ଓଡ଼ିଶୀ ନୃତ୍ୟରେ କାଳୀ କୃଷ୍ଣ ପରିବେଷଣ କରିଥିଲେ। ପ୍ରକାଶ ଚନ୍ଦ୍ର ମହାପାତ୍ର ଓ ତାଙ୍କ ସାଥୀଙ୍କ ଦ୍ୱାରା ଇସୁ ବ୍ୟାଣ୍ଡ୍‌ର ପ୍ରଦର୍ଶନ ଅନନ୍ୟ ପରିବେଶ ସୃଷ୍ଟି କରିଥିଲା। ଗୁରୁ ସଦାଶିବ ପ୍ରଧାନଙ୍କ ଛଉନୃତ୍ୟ ମଧ୍ୟ ଅନ୍ୟତମ ମୁଖ୍ୟ ଆକର୍ଷଣ ପାଲଟିଥିଲା। ନିର୍ଦ୍ଦେଶକ ଦେବବ୍ରତ ପଟ୍ଟନାୟକଙ୍କ ଦ୍ୱାରା ନାଟକ ଅଭିଧାନ ମଞ୍ଚସ୍ଥ ହୋଇଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଦ୍ୟାଧର ଶତପଥୀ ଓ ପ୍ରଶାନ୍ତ କୁମାର ଜେନା ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ପରିବେଷଣ କରୁଛନ୍ତି।

**ଶେୟାର ବଜାର କାରବାରରେ ଉତ୍ସାହ**

ନୂଆଦିଲ୍ଲୀ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୭୨ (୭୨.୪୮) ପଏଣ୍ଟ ବଢ଼ି ୬୪,୯୦୫ (୬୪,୯୦୪.୬୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ ୩୦ (୩୦.୦୫) ପଏଣ୍ଟ ବୃଦ୍ଧି ଘଟି ୧୯,୪୨୫ (୧୯,୪୨୫.୩୫) ଅଙ୍କରେ କାରବାର ବନ୍ଦ କରିଥିଲା।

# ଧନ୍‌ତେରସ୍ କାରବାର ଉତ୍ସାହଜନକ

ଭୁବନେଶ୍ୱର, ୧୦।୧୧
(ଅଭୟ ଦାଶ)



ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଧନ୍‌ତେରସ ଉପଲକ୍ଷେ ସାରା ରାଜ୍ୟରେ ଏକ ପ୍ରକାର ଉତ୍ସବ ପାଳିତ ହେଉଥିଲା। ବିଶେଷକରି ଧନ୍‌ତେରସରେ ଧନ କ୍ରୟ (ମୂଲ୍ୟବାନ୍ ଅଳଙ୍କାର) ସବୁ କ୍ଷେତ୍ର ପାଇଁ ସୁଫଳ ଦେଇଥାଏ ବୋଲି କାହିଁ କେଉଁ କାଳରୁ ଲୋକକଥା ରହିଆସିଛି। ଏପରିକି ଗାଁରୁ ସହର ସବୁ ସ୍ଥାନରେ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ଧନ୍‌ତେରସ ପାଇଁ ଆକର୍ଷଣୀୟ ଅଫର ଓ ସୁବିଧା ଗ୍ରାହକମାନଙ୍କୁ ଯୋଗାଇ ଦେଇଛନ୍ତି। ଅପରପକ୍ଷରେ ଧନ୍‌ତେରସର କାରବାର ବେଶ୍ ଉତ୍ସାହଜନ ରହିଥିଲାବେଳେ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ବ୍ୟାପକ ନୂତନ କଲେକ୍ସନର ସମ୍ଭାର ସାଙ୍ଗକୁ ଆକର୍ଷଣୀୟ ରିହାତି ଅଫର ଗ୍ରାହକଙ୍କୁ ଯୋଗାଇ ଦିଆଯାଇଛି। ଚଳିତ ବର୍ଷ ରାଜ୍ୟରେ ଧନ୍‌ତେରସ କାରବାର ୧୦୦ରୁ କୋଟି ଅଧିକ ଟଙ୍କା ହୋଇଥିବା ଓଡ଼ିଶାର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ଓ ସଂଘଗୁଡ଼ିକ ପକ୍ଷରୁ ଆକଳନ କରାଯାଇଛି। ସେହିଭଳି ଗତ ବର୍ଷ ଅପେକ୍ଷା ଚଳିତ ବର୍ଷର ଭିଡ଼ କାରବାରକୁ କିଛି ମାତ୍ରାରେ ସୁହାଇଛି ବୋଲି ବ୍ୟବସାୟୀମାନେ ସୁନା ବଜାରର ସମ୍ଭାବ୍ୟ ଭିଡ଼ରୁ ଅନୁମାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷର ଧନ୍‌ତେରସ ଉପଲକ୍ଷେ ସାରା ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଯଥା– ଲାଲ୍‌ଚାନ୍ଦ୍ ଜୁଏଲର୍ସ, ଖିମ୍‌ଜୀ ଜୁଏଲର୍ସ, କଲ୍ୟାଣ ଜୁଏଲର୍ସ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ, ଜୟ ଆଲୁକ୍କାସ, ତନିସ୍କ, ରିଲାଏନ୍ସ ଜୁଏଲର୍ସ, ପି.ସି.ଚନ୍ଦ୍ରା ଜୁଏଲର୍ସ, ଅରୁନ୍ଧତୀ ଜୁଏଲର୍ସ, ପ୍ରୀତମ ଜୁଏଲର୍ସ, ଭବାନୀ ଅଳଙ୍କାର, ଲୋକନାଥ ଜୁଏଲର୍ସ, ହିନ୍ଦୁସ୍ଥାନ ଜୁଏଲର୍ସ, ମା ଗୌରୀ ଜୁଏଲର୍ସ, ଜେ.କେ ଜୁଏଲର୍ସ, ଜାଭେରୀ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ, ରୀତା ଜୁଏଲର୍ସ, କଳାମନ୍ଦିର ଜୁଏଲର୍ସ, ସ୍ୱାଇଲ ଗୋଲ୍ଡ ଜୁଏଲର୍ସ, ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ, ରୀତା ଆଣ୍ଡ ସନ୍ସ ଭଳି ଗହଣା ଦୋକାନଗୁଡ଼ିକରେ ସମ୍ଭାବ୍ୟ ଭିଡ଼ ସାଙ୍ଗକୁ ଆକର୍ଷଣୀୟ ରିହାତି ଅଫର ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଅପରପକ୍ଷରେ ଧନ୍‌ତେରସର ଶୁଭ ଅବସରରେ ଲାଲ୍‌ଚାନ୍ଦ୍ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଅଫର ସାଙ୍ଗକୁ ନୂତନ କଲେକ୍ସନର ବୃହତ୍ ସମ୍ଭାରକୁ ଉନ୍ମୋଚନ କରାଯାଇଥିଲା। ବିଶେଷ କରି ପ୍ରତି ଗ୍ରାମ ପିଛା ୬୨୫ଟଙ୍କାର ମୂଲ୍ୟରେ ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ ଦିଆଯାଉଥିବାବେଳେ ପ୍ରତି କ୍ୟାରେଟ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୦,୦୦୦ ଟଙ୍କାର ରିହାତି ଏବଂ ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ ୫୦% ରିହାତି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଇଛି।

# ଡ. ମୀନକେତନଙ୍କୁ ଟାଇମ୍ସ ବିଜ୍‌ନେସ୍ ଆୱାର୍ଡ

ଭୁବନେଶ୍ୱର, ୧୦।୧୧



ବୋମାନ୍ ଇରାନୀଙ୍କ ଠାରୁ ମୀନକେତନ ପୁରସ୍କାର ଗ୍ରହଣ କରୁଛନ୍ତି।

ରାଜ୍ୟର ପ୍ରମୁଖ ଘରୋଇ ବିଦ୍ୟାଳୟ 'ଓଡିଏମ୍ ପବ୍ଲିକ୍ ସ୍କୁଲ'ର ଅଧ୍ୟକ୍ଷ ତଥା ଓଡିଏମ୍ ଏଜୁକେଶନାଲ ଫାଉଣ୍ଡେଶନ ଏବଂ ହେଲ୍‌ଥଭିଲେ୍ର ଚେୟାରମ୍ୟାନ ଡ. ସତ୍ୟବ୍ରତ ମୀନକେତନଙ୍କୁ ନିକଟରେ ଆଉ ଏକ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷକରି ଟାଇମ୍ସ ଗ୍ରୁପ୍ ପକ୍ଷରୁ ଆୟୋଜିତ ଏହି ସମ୍ମାନଜନକ'ଟାଇମ୍ସବିଜ୍‌ନେସ୍‌ଆୱାର୍ଡ–୨୦୨୩'ସମ୍ମାନ ସମାରୋହ ଉତ୍ସବରେ ଡ. ସତ୍ୟବ୍ରତ ମୀନକେତନଙ୍କୁ ଟାଇମ୍ସ ବିଜ୍‌ନେସ୍ ଆୱାର୍ଡ ସମ୍ମାନରେ ସମ୍ମାନିତ କରାଯାଇଛି। ଅପରପକ୍ଷରେ କ୍ରମାଗତ ୪ର୍ଥ ବର୍ଷ ପାଇଁ ଓଡିଏମ୍ ପବ୍ଲିକ୍ ସ୍କୁଲ ରାଜ୍ୟରେ ପ୍ରଥମ ଘରୋଇ ସ୍କୁଲ ବର୍ଗରେ ଶ୍ରେଷ୍ଠ ସ୍ଥାନ ପାଇଁ ଚୟନ ହୋଇଥିବାରୁ ଓଡିଏମ୍ ଏଜୁକେଶନାଲ ଫାଉଣ୍ଡେଶନ ଏବଂ ହେଲ୍‌ଥଭିଲ୍‌ର ଚେୟାରମ୍ୟାନ ଡ.ସତ୍ୟବ୍ରତ ମୀନକେତନଙ୍କୁ ଉପରୋକ୍ତ ସମ୍ମାନ ଟାଇମ୍ସ ଗ୍ରୁପ୍ ପକ୍ଷରୁ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ବଲିଉଡ୍ ସୁପରଷ୍ଟାର ଡ. ବୋମାନ୍ ଇରାନୀଙ୍କ ଠାରୁ ମୀନକେତନ ଏହି ଆୱାର୍ଡ ଗ୍ରହଣ କରିଛନ୍ତି। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଉଦ୍ୟୋଗ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଡ. ମୀନକେତନଙ୍କୁ ଉକ୍ତ ସମ୍ମାନ ଦିଆଯାଇଛି। ଏହା ପୂର୍ବରୁ ସେ ରାଜ୍ୟସ୍ତରୀୟ, ଜାତୀୟସ୍ତରୀୟ ତଥା ଅନ୍ତର୍ଜାତୀୟସ୍ତରରେ ମଧ୍ୟ ସମ୍ମାନିତ ହୋଇଛନ୍ତି।

# ମୁନିକୋ ଫୁଡ୍‌ସ ଓଆଇସି (ମିଲେଟସ୍)ର ବିଜେତା

ଭୁବନେଶ୍ୱର, ୧୦।୧୧

ଅନ୍ତର୍ଜାତୀୟ ମିଲେଟ ସମ୍ମିଳନୀ ପରିସରରେ ଷ୍ଟାର୍ଟଅପ୍ ଓଡ଼ିଶାର ଅଭିନବ କାର୍ଯ୍ୟକ୍ରମ 'ଓଡ଼ିଶା ଇନୋଭେସନ୍ ଚ୍ୟାଲେଞ୍ଜ ବା ଓଆଇସି (ମିଲେଟସ୍)'ର ବିଜେତା ସମ୍ପର୍କରେ ଘୋଷଣା କରାଯାଇଥିଲା। ବିଶେଷକରି ମୁନିକୋ ଫୁଡ୍‌ସ ପ୍ରଥମ ବିଜେତା ଭାବେ ୩ ଲକ୍ଷ ଟଙ୍କାର ପୁରସ୍କାର ସହ ମାନପତ୍ର ଲାଭ କରିଥିଲାବେଳେ ଏକେଏମ୍ ଟେକ୍ନୋଲୋଜି (ଗ୍ରେଜିପ୍) ୨ୟ ଏବଂ ଚକୋଲାକା ୩ୟ ବିଜେତା ହୋଇଥିଲା। ଏପରିକି ଉଭୟ ୨ୟ ଓ ୩ୟ ବିଜେତା ଯଥାକ୍ରମେ ୨ ଲକ୍ଷ ଏବଂ ୧ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ହାସଲ କରିଛନ୍ତି। ସେହିଭଳି ସର୍ବମୋଟେ ୪୧ଟି ସଂସ୍ଥା ଉକ୍ତ ଚ୍ୟାଲେଞ୍ଜରେ ଅଂଶଗ୍ରହଣ କରିଥିଲେ ଏବଂ ଯତ୍ନର ସହ ମୂଲ୍ୟାଙ୍କନ ପରେ ୧୦ଟି ସଂସ୍ଥା ଅନ୍ତିମ ପର୍ଯ୍ୟାୟକୁ ଯାଇ ସେମାନଙ୍କର ଆଇଡିଆ ବିସ୍ତୃତ ଭାବେ ପ୍ରଦାନ କରିଥିଲେ। ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡ. ଓମ୍‌କର ରାୟ କହିଛନ୍ତି, ରାଜ୍ୟର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ଆମେ ଓଡ଼ିଶାରେ ମିଲେଟ ଚାଷର ଚମତ୍କାର ଅଭିବୃଦ୍ଧି ଦେଖିଛୁ। ଓଡ଼ିଶାର ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ମଧ୍ୟ ମିଲେଟ୍ ଇଣ୍ଡଷ୍ଟ୍ରିରେ ସକ୍ରିୟ ଭାବେ ଜଡିତ ରହିଛି ଏବଂ ବର୍ତ୍ତମାନ ଏହି କ୍ଷେତ୍ର ମଧ୍ୟରେ ପ୍ରାୟ ୬୮ ଷ୍ଟାର୍ଟଅପ୍ କାର୍ଯ୍ୟ କରୁଛନ୍ତି। ଏହି ଷ୍ଟାର୍ଟଅପ୍‌ଗୁଡ଼ିକ କେବଳ ମିଲେଟ ଅଭିବୃଦ୍ଧିରେ ସହଯୋଗ କରୁନାହାନ୍ତି ବରଂ ଆମର କୃଷକ ତଥା ସେମାନଙ୍କର ଜୀବିକା ଆବଶ୍ୟକତା,ବ୍ରାଣ୍ଡିଂ ତଥା ଉତ୍ପାଦର ବିକାଶ ପାଇଁ ମୂଲ୍ୟ ବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ସାମଗ୍ରିକ ପ୍ରଭାବ ଏବଂ ଅଭିବୃଦ୍ଧି ପାଇଁ ସମ୍ଭାବନାକୁ ବଢ଼ାଇବା ସହ ଏହି କ୍ଷେତ୍ରକୁ ଅଧିକ ସଶକ୍ତ କରିବାକୁ ଉଦ୍ୟୋଗୀ ପ୍ରସ୍ତୁତ ହୋଇଛନ୍ତି। ଭୁବନେଶ୍ୱର ଜନତା ମଇଦାନଠାରେ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ମିଲେଟ ସମ୍ମିଳନୀର ଏକ ଅଂଶ ଭାବେ ଷ୍ଟାର୍ଟଅପ୍ ଓଡ଼ିଶା ଦ୍ୱାରା ମିଲେଟ ମାଧ୍ୟମରେ 'ନିରନ୍ତର ଖାଦ୍ୟ ଉଦ୍ୟୋଗକୁ ସଶକ୍ତୀକରଣ'ଉପରେ ଏକ ଅଧିବେଶନ ଆୟୋଜିତ ହୋଇଥିଲା। ଉକ୍ତ ସମ୍ମିଳନୀ ମିଲେଟ ଅଧିବେଶନ ମାଧ୍ୟମରେ ସ୍ଥାୟୀ ଖାଦ୍ୟ ଉଦ୍ୟୋଗକୁ ସଶକ୍ତୀକରଣ ଖାଦ୍ୟ ନିରନ୍ତର ଉଦ୍ୟୋଗରେ ମିଲେଟର ପ୍ରମୁଖ ଭୂମିକା ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରଖିଥିଲା।

# ନେପାଳ ଭୂକମ୍ପ ପ୍ରଭାବିତଙ୍କୁ ପତଞ୍ଜଳିର ସହାୟତା



ରିଲିଫ୍ ଟ୍ରକ୍‌କୁ ପତାକା ଦେଖାଇ ସ୍ୱାମୀ ରାମଦେବ ଏବଂ ଆଚାର୍ଯ୍ୟ ବାଲକ୍ରିଷ୍ଣା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, ୧୦।୧୧

ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ତଥା ପତଞ୍ଜଳି ଗ୍ରୁପ୍‌ର ସହଯୋଗୀ ସଂସ୍ଥା ପତଞ୍ଜଳି ଫୁଡ୍‌ସ ଲିମିଟେଡ୍ ପକ୍ଷରୁ ୮ଟି ରିଲିଫ୍ ଟ୍ରକ୍ ନେପାଳ ପଠାଯାଇଛି। ଉଲ୍ଲେଖଯୋଗ୍ୟ, ପତଞ୍ଜଳିର ପ୍ରତିଷ୍ଠାତା ଅଧ୍ୟକ୍ଷ ସ୍ୱାମୀ ରାମଦେବ ଏବଂ ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ଅଧ୍ୟକ୍ଷତାରେ ନେପାଳ ଭୂକମ୍ପ ପ୍ରଭାବିତ ଲୋକଙ୍କୁ ପତଞ୍ଜଳି ପକ୍ଷରୁ ବ୍ୟାପକ ସହାୟତା ପଠାଯାଇଛି। ଏପରିକି ଉଭୟ ରାମଦେବ ଓ ବାଲକ୍ରିଷ୍ଣା ୮ଟି ଟ୍ରକ୍ ଜରିଆରେ ବହୁ ପରିମାଣର ରିଲିଫ ସାମଗ୍ରୀକୁ ପତାକା ଦେଖାଇ ରିଲିଫ ଟ୍ରକ୍‌କୁ ନେପାଳ ଅଭିମୁଖେ ପଠାଇଥିଲେ। ବିଶେଷକରି ନେପାଳରେ ଘଟିଯାଇଥିବା ଭୟାବହ ଭୂକମ୍ପରେ ବହୁଳ ଧନ ସମ୍ପତ୍ତି ସହ ଲୋକଙ୍କ ଜୀବନ କ୍ଷତିଗ୍ରସ୍ତ ହୋଇଛି। ଏ ସମ୍ପର୍କରେ ରାମଦେବ କହିଥିଲେ, ପ୍ରାକୃତିକ ବିପଦ ସମୟରେ ପତଞ୍ଜଳି ସର୍ବଦା ତା'ର ଉପସ୍ଥିତି ଓ ସହାୟତା ଯୋଗାଇଛି। ଏପରିକି ଭୂକମ୍ପରେ ପ୍ରଭାବିତ ପରିବାର ଲୋକ ଓ ପରିବାରବର୍ଗଙ୍କ ନିକଟରେ ରାମଦେବ ଠିଆ ହୋଇଛନ୍ତି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଭ୍ରମାତ୍ମକ ଅଫର ପ୍ରତି ଗ୍ରାହକ ସାବଧାନ ରୁହନ୍ତୁ: ସଞ୍ଜୟ

ଭୁବନେଶ୍ୱର, ୧୦।୧୧


ସଞ୍ଜୟ ହଂସ

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସାରା ଦେଶ ଧନ୍‌ତେରସ୍ ଓ ଆଲୋକର ପର୍ବ ଦୀପାବଳି ପାଳନ ଉପଲକ୍ଷେ ଅଳଙ୍କାର ଓ ମୂଲ୍ୟବାନ୍ ସାମଗ୍ରୀ କ୍ରୟ କରିବେ। ଏପରିକି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ଆକର୍ଷଣୀୟ ଅଫର ଓ ରିହାତି ପ୍ରଦାନ କରୁଛନ୍ତି। ଅପରପକ୍ଷରେ ଲାଲ୍‌ଚାନ୍ଦ୍ ଜୁଏଲର୍ସ ସର୍ବଦା ଗ୍ରାହକଙ୍କ ହିତ ଓ ସତ୍ୟତାକୁ ଅଗ୍ରାଧିକାର ଦେଇ ବିଭିନ୍ନ ସମୟରେ ସଚେତନତା ଅଭିଯାନ ଚଳାଇ ଆସୁଛି। ସୁନାର ଗୁଣବତ୍ତା ସହ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଗ୍ରାହକଙ୍କୁ 'ଅପ୍ ଟୁ' ଅଥବା 'ପର୍ଯ୍ୟନ୍ତ' ସ୍କାମ୍ ଏବଂ ସର୍ତ୍ତମୂଳକ ଅଫରରୁ ବିରତ ରହିବା ନେଇ ସଚେତନ କରିଆସୁଛି। ଏଥିସହ ସର୍ବଦା ଫ୍ଲାଟ୍ ଓ ସ୍ୱଚ୍ଛ ଗଢ଼ା ମଜୁରିକୁ ଚୟନ କରିବା ଉପରେ ମଧ୍ୟ ସଚେତନ କରାଉଛି। ଆଗକୁ ବି ଗ୍ରାହକଙ୍କୁ ଭୁଆଁ ବୁଲାଇବାକୁ ପ୍ରୟାସ କରୁଥିବା ସମସ୍ତ ପ୍ରତିଷ୍ଠାନର ପର୍ଦ୍ଦାଫାଶ କରିବାକୁ ଲାଲ୍‌ଚାନ୍ଦ୍ ଜୁଏଲର୍ସ ପ୍ରତିଶ୍ରୁତିବଦ୍ଧ ବୋଲି ଲାଲ୍‌ଚାନ୍ଦ୍ ଜୁଏଲର୍ସର ଫାଉଣ୍ଡର ଚେୟାରମ୍ୟାନ୍ ସଞ୍ଜୟ ହଂସ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଗତବର୍ଷ ତୁଳନାରେ ଚଳିତ ବର୍ଷର କାରବାର ୨୫ରୁ ୫୦% ବିକ୍ରୟ ଅଭିବୃଦ୍ଧି ବଢ଼ିପାରେ ବୋଲି ଆଶା କରାଯାଉଛି। ବର୍ତ୍ତମାନ ବିଶ୍ୱରେ ଯୁଦ୍ଧ ପରିସ୍ଥିତି ଉପୁଜିଥିବା ଯୋଗୁ ନିବେଶକମାନେ ଅଧିକ ପରିମାଣରେ ସୁନା କିଣୁଛନ୍ତି। ଆଗକୁ ବିବାହ ଋତୁ ଆସୁଥିବାରୁ ଗ୍ରାହକମାନେ ଧନ୍‌ତେରସ୍ ଓ ଦୀପାବଳି ଅବସରରେ ଚାଲିଥିବା ଅଫରର ସୁଯୋଗ ନେଇ କିଣାକିଣି କରିବେ। ଉଲ୍ଲେଖଯୋଗ୍ୟ, ଆଲୋକର ପର୍ବ ଦୀପାବଳି ଏବଂ ଧନତେରସ୍‌ର ଶୁଭ ଅବସରରେ ଲାଲଚାନ୍ଦ୍ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଅଫର୍ ଦିଆଯାଉଛି, ଏପରିକି ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ ପ୍ରତି ଗ୍ରାମ୍ ପିଛା ଫ୍ଲାଟ ୬୨୫ ଟଙ୍କା ଏବଂ ହୀରା ମୂଲ୍ୟ ଉପରେ ପ୍ରତି କ୍ୟାରେଟ୍ ପିଛା ଫ୍ଲାଟ୍ ୨୦,୦୦୦ ଟଙ୍କା ରିହାତି ରଖାଯାଇଛି।

# ୩ ବର୍ଷରେ ୭,୭୦୦ କୋଟିର କାର୍ଯ୍ୟ ବରାଦ

ଭୁବନେଶ୍ୱର, ୧୦।୧୧

ରାଜ୍ୟର ଅର୍ଥନୈତିକ ଏବଂ ଶିଳ୍ପର ବିକାଶ ପାଇଁ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗ ଓଡ଼ିଶା ଡିସ୍‌କମ୍ ବିଗତ ୩ ବର୍ଷ ମଧ୍ୟରେ ବ୍ୟାପକ କାର୍ଯ୍ୟକ୍ରମ ଓ ପଦକ୍ଷେପ ଗ୍ରହଣ କରିଛି। ଏପରିକି ରାଜ୍ୟରେ ବିତରଣ କାର୍ଯ୍ୟ ହାତକୁ ନେବା ପରଠାରୁ କମ୍ପାନୀ ପ୍ରାୟ ୭,୭୦୦(୭,୬୬୧)କୋଟି ଟଙ୍କାର କାର୍ଯ୍ୟବରାଦ ପ୍ରଦାନ କରିଛି। ବିଶେଷକରି ସ୍ଥାନୀୟ ଠିକାଦାର ଏବଂ ଯୋଗାଣକାରୀଙ୍କୁ ସାମଗ୍ରୀ ଓ ସେବା ଭଳି ଦୁଇଟି ବ୍ୟାପକ ବର୍ଗରେ ଉକ୍ତ ଅର୍ଥ ରାଶି ବରାଦ ପ୍ରଦାନ କରାଯାଇଛି। ସେହିଭଳି ଓଡ଼ିଶା ଡିସ୍‌କମ୍‌ର ଟିପି ସେଣ୍ଟ୍ରାଲ, ଟିପି ସଦର୍ନ, ଟିପି ନର୍ଦର୍ନ ଏବଂ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ମୋଟ ୧,୭୩୨ ସ୍ଥାନୀୟ ବିକ୍ରେତା ଓ ଯୋଗାଣକାରୀଙ୍କ ସହ ଚୁକ୍ତି କରିଛନ୍ତି। ସେହିପରି ସେବା କ୍ଷେତ୍ରରେ ମିଟର ରିଡିଂ, ବିଲିଂ, ନେଟ୍‌ୱର୍କ ରକ୍ଷଣାବେକ୍ଷଣ ଇତ୍ୟାଦିକୁ ଅନ୍ତର୍ଭୁକ୍ତକରି ଡିସ୍‌କମ୍‌ଗୁଡ଼ିକ ମୋଟ ୬,୦୮୭ କୋଟି ଟଙ୍କା ମୂଲ୍ୟର ୧,୧୯୭ ଭେଣ୍ଡରଙ୍କୁ ଅର୍ଥ ବରାଦ ପ୍ରଦାନ କରିଥିଲାବେଳେ ସାରା ରାଜ୍ୟରେ ବିତରଣ ନେଟ୍‌ୱର୍କର ରକ୍ଷଣାବେକ୍ଷଣ ଓ ଉନ୍ନତୀକରଣ ପାଇଁ ବିତରଣ ଟ୍ରାନ୍ସଫର୍ମର, କେବୁଲ, ଖୁଣ୍ଟି, ଆଇଟି ହାର୍ଡୱେର ଭଳି ସାମଗ୍ରୀ ଯୋଗାଣ ବର୍ଗରେ ଡିସ୍‌କମ୍‌ଗୁଡ଼ିକ ୧,୫୭୪ କୋଟି ଟଙ୍କା ମୂଲ୍ୟର ୫୩୫ଟି କାର୍ଯ୍ୟ ବରାଦ ପ୍ରଦାନ କରିଛନ୍ତି।


**यूनियन बैंक ऑफ इंडिया Union Bank of India** — भारत सरकार का उपक्रम / A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡା**
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ.ଆଇ. ଡିଭିଜନ ନିକଟ, ନିଉ କଲୋନୀ, ରାୟଗଡ଼ା-୭୬୫୦୦୧

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିକୁ **(ସମ୍ପତ୍ତି ବିବରଣୀ ସ୍ତମ୍ଭରେ ଦର୍ଶିତ)** ଗଠନାତ୍ମକ/ସାଙ୍କେତିକ (ଯେଉଁଟି ପ୍ରଯୁଜ୍ୟ) ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା.୨୯.୧୧.୨୦୨୩ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / କୋ-ଆପ୍ଲିକାଣ୍ଟ / କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ / ଦଖଲ ତାରିଖ | ସମୁଦାୟ ବକେୟା ଦେୟ (ଟଙ୍କାରେ) | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ରାୟଗଡ଼ା - ୩ ଶାଖା/ ଋଣଗ୍ରହୀତାମାନେ: ୧) ମେସର୍ସ ଡ୍ରାଏ ଆଣ୍ଡ ଫ୍ରାଏ କାସ୍ୟୁ ଇଣ୍ଡଷ୍ଟ୍ରି ଏଲଏଲପି, ପରିଚାଳନା ଅଂଶୀଦାର: ଶ୍ରୀ ପି.ଭି. ଗିରିଶ କୁମାର, ତୁମ୍ବିଗୁଡ଼ା ଜଙ୍କସନ୍, ଓଏସଏଚ୍‌ବି କଲୋନୀ, ସା: ଜେକେ ରୋଡ଼, ପୋ./ଜିଲ୍ଲା: ରାୟଗଡ଼ା, ଓଡ଼ିଶା - ୭୬୫୦୦୧, ୨) ଶ୍ରୀ ପି.ଭି. ଗିରିଶ କୁମାର, ପିତା: ଶ୍ରୀ ପି.ଭି. ରମଣ ରାଓ, ତୁମ୍ବିଗୁଡ଼ା ଜଙ୍କସନ୍, ଓଏସଏଚ୍‌ବି କଲୋନୀ, ସା: ଜେକେ ରୋଡ଼, ପୋ/ ଜିଲ୍ଲା: ରାୟଗଡ଼ା, ଓଡ଼ିଶା - ୭୬୫୦୦୧, ୩) ଶ୍ରୀ ମିହିର ଚନ୍ଦ୍ରକାନ୍ତ ଦଲାଲ, ପିତା: ଚନ୍ଦ୍ରକାନ୍ତ ଏଚ୍ ଦଲାଲ, ସା: ସାଇପ୍ରିୟା ନଗର କଲୋନୀ, ଜେ.କେ. ରୋଡ, ପୋ/ଜିଲ୍ଲା: ରାୟଗଡା - ୭୬୫୦୦୧ / ଶ୍ରୀମତୀ ପି.ଭି. ଶୁଭଲକ୍ଷ୍ମୀ, ସ୍ୱାମୀ: ପି.ଭି. ରମଣ ରାଓ ର ସମସ୍ତ ଆଇନଗତ ଉତ୍ତରାଧିକାରୀ: କ) ପି.ଭି. ରମଣ ରାଓ, ସା: ତୁମ୍ବିଗୁଡ଼ା ଜଙ୍କସନ୍, ଓଏସଏଚ୍‌ବି କଲୋନୀ, ଜେକେ ରୋଡ଼, ପୋ./ଜିଲ୍ଲା: ରାୟଗଡ଼ା, ଓଡ଼ିଶା - ୭୬୫୦୦୧, ଖ) ପି.ଭି ରବିକୁମାର, ପିତା: ଶ୍ରୀ ପି.ଭି. ରମଣ ରାଓ, ଗ) ପି.ଭି. ସନ୍ତୋଷ କୁମାର, ପିତା: ଶ୍ରୀ ପି.ଭି. ରାମ ରାଓ, ଘ) ପି.ଭି. ଗିରିଶ କୁମାର, ପିତା: ଶ୍ରୀ ପି.ଭି. ରମଣ ରାଓ, ଙ) ପି.ଭି. ରାଜେଶ୍ୱରୀ, ପିତା: ଶ୍ରୀ ପି.ଭି. ରମଣ ରାଓ, ସମସ୍ତଙ୍କ ଠିକଣା- ତୁମ୍ବିଗୁଡ଼ା ଜଙ୍କସନ୍, ଓଏସଏଚ୍‌ବି କଲୋନୀ, ସା: ଜେକେ ରୋଡ଼, ପୋ./ଜିଲ୍ଲା: ରାୟଗଡ଼ା, ଓଡ଼ିଶା - ୭୬୫୦୦୧ ଏବଂ ଶ୍ରୀମତୀ ପି. ଶୁଭଲକ୍ଷ୍ମୀ, ସ୍ୱା: ପି.ଭି. ରମଣ ରାଓଙ୍କ ସମସ୍ତ ଆଇନଗତ ଉତ୍ତରାଧିକାରୀ। | ପି. ଭେଙ୍କଟ ଶୁଭଲକ୍ଷ୍ମୀ (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଏକ ମହଲା ବିଶିଷ୍ଟ ଆରସିସି ରୁଫ୍ ବିଲ୍ଡିଂର ପ୍ଲଟ୍ ନଂ.: ୧୪୩/୧/୧୨୫୧/ ୧୯୬୪, (ଏକର୦.୦୮୮ ସେଣ୍ଟସ), ଖାତା ନଂ.: ୭୩୮, ରାଣୀଗୁଡ଼ା ଫାର୍ମ ଏରିଆ, ରାୟଗଡ଼ା ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ଖାଲି ଗୃହ ସମ୍ପତ୍ତି, ପଶ୍ଚିମ: ଆର୍. ଏନ୍. ପାତ୍ରଙ୍କ ଗୃହ, ଉତ୍ତର: ଖାଲି ଜମି, ଦକ୍ଷିଣ: ରାସ୍ତା / ୧୮.୦୫.୨୦୨୩ | ୦୯.୧୧.୨୦୨୩ ସୁଦ୍ଧା ଟ.୬୨,୨୩,୦୨୯.୪୪ + ସେବାବଦ ସୁଧ ଓ ଦେୟ | ଟ.୬୫,୨୪,୦୦୦/- / ଟ.୬,୫୨,୪୦୦/- / ଟ.୬୫,୨୪୦/- |
| ୨. | ଉମୁରି ଶାଖା / ଋଣଗ୍ରହୀତା: ଶ୍ରୀମତୀ ସରସ୍ୱତୀ ସାହୁ, ସ୍ୱାମୀ: ସୁରେନ୍ଦ୍ର ସାହୁ, ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିକଟ, ସା: ମାଣ୍ଡିଆଭେଟା ସାହି, ପ୍ରସାଦ ରାଓ ପେଟା, ଜୟପୁର, ଜିଲ୍ଲା: କୋରାପୁଟ - ୭୬୪୦୦୨, ଓଡ଼ିଶା/ କୋ-ଆପ୍ଲିକାଣ୍ଟ: ଶ୍ରୀ ପିଣ୍ଟୁ ସାହୁ, ପିତା: ସୁରେନ୍ଦ୍ର ସାହୁ, ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିକଟ, ସା: ମାଣ୍ଡିଆଭେଟା ସାହି, ପ୍ରସାଦ ରାଓ ପେଟା, ଜୟପୁର, ଜିଲ୍ଲା: କୋରାପୁଟ - ୭୬୪୦୦୨, ଓଡ଼ିଶା/ କୋ-ଓବ୍ଲିଗାଣ୍ଟ: ଶ୍ରୀ ଲିଟୁ ସାହୁ, ପିତା: ସୁରେନ୍ଦ୍ର ସାହୁ, ସା: ମାଣ୍ଡିଆଭେଟା ସାହି, ପ୍ରସାଦ ରାଓ ପେଟା, ଜୟପୁର, ଜିଲ୍ଲା: କୋରାପୁଟ - ୭୬୪୦୦୨, ଓଡ଼ିଶା | ଶ୍ରୀମତୀ ସରସ୍ୱତୀ ସାହୁ (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସପୋଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୬୩/୧୫୬ (ପୁରୁଣା), ୨୬୩/୬୪୯୦ (ନୂତନ), ପ୍ଲଟ୍ ନଂ.: ୧୦୩୨ (ପୁରୁଣା), ୧୦୩୨/୯୦୫୧ (ନୂତନ), ପରିମିତ କ୍ଷେତ୍ର: ଏକର ୦.୦୩୧ ଡିସିମିଲି (କିମ୍ବା ୧୩୭୨ ବର୍ଗଫୁଟ), କିସମ: ଘରବାରୀ, ମୌଜା: ଜୟପୁର ଏଲଆର, ତହସିଲ: ଜୟପୁର, ଜିଲ୍ଲା: କୋରାପୁଟ - ୭୬୪୦୦୨ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ସୁକିଆଗୁଡ଼ା ରାସ୍ତା, ପଶ୍ଚିମ: ଗୀତା କୁମାରୀ ପାତ୍ରଙ୍କ ଗୃହ, ଉତ୍ତର: ୨୦ ଫୁଟିଆ ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ସୁକିଆଗୁଡ଼ା ରାସ୍ତା / ୨୦.୦୫.୨୦୨୩ | ୦୪.୦୩.୨୦୨୩ ସୁଦ୍ଧା ଟ.୧୦,୪୬,୧୬୭.୬୮ + ସେବାବଦ ସୁଧ ଓ ଦେୟ | ଟ.୩୦,୫୮,୦୦୦/- / ଟ.୩,୦୫,୮୦୦/- / ଟ.୩୦,୫୮୦/- |
| ୩. | କୋରାପୁଟ - ୨ ଶାଖା/ ଋଣଗ୍ରହୀତା: ଶ୍ରୀ ପି. ମାଧବ କ୍ରିଷ୍ଣା, ପିତା: ପି. ଦୁର୍ଗା ରାଓ, ସା: ଆଦର୍ଶ ବିଦ୍ୟାଳୟ ନିକଟ, କଫି ବୋର୍ଡ, ଜୟପୁର - କୋରାପୁଟ ରୋଡ୍, ପୋ./ଜିଲ୍ଲା: କୋରାପୁଟ - ୭୬୪୦୨୦/ ଗ୍ୟାରେଣ୍ଟିଦାତା: ଶ୍ରୀ ପି. ରାମ ମୋହନ, ପିତା: ପି. ଦୁର୍ଗା ରାଓ, ସା: ପୁଟିଲା ଷ୍ଟ୍ରିଟ୍, ପୋ./ଜିଲ୍ଲା: କୋରାପୁଟ - ୭୬୪୦୨୦ | ଶ୍ରୀ ପି. ରାମ ମୋହନ (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୧୫/୨୯୯ (ନୂତନ), ପ୍ଲଟ୍ ନଂ.: ୨୮୯ (ପୁରୁଣା), ୨୮୯/୧୧୩୬ (ନୂତନ), ପରିମିତ କ୍ଷେତ୍ର: ଏକର୦.୦୧ ସେଣ୍ଟସ, ମୌଜା: କୋରାପୁଟ ନଗର, ତହସିଲ: କୋରାପୁଟ, ଜିଲ୍ଲା: କୋରାପୁଟ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ପୁଟିଲା ଷ୍ଟ୍ରିଟ୍ ସରକାରୀ ବିଦ୍ୟାଳୟ, ପଶ୍ଚିମ: ପି ରାମ ମୋହନଙ୍କ ଜମି, ଉତ୍ତର: ଟି ଜଗନ୍ନାଥ ରାଓଙ୍କ ଗୃହ ଏବଂ ଦକ୍ଷିଣ: ଡ୍ରେନ୍ / ୧୪.୦୯.୨୦୨୨ | ୦୯.୧୧.୨୦୨୩ ସୁଦ୍ଧା ଟ.୨୮,୧୪,୦୭୩.୩୧ ସେବାବଦ ସୁଧ ଓ ଦେୟ | ଟ.୧୯,୮୯,୦୦୦/- / ଟ.୧,୯୮,୯୦୦/- / ଟ.୧୯,୮୯୦/- |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତି ତନଖି କରିବାର ତାରିଖ ଏବଂ ସମୟ : ତା.୨୮.୧୧.୨୦୨୩ ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ

ଏନ୍‌କମ୍ବ୍ରାନ୍ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://www.mstcecommerce.com/auctionhome/ibapi/index.jsp, www.unionbankofindia.co.in ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ରାୟଗଡା
ତାରିଖ: ୧୦.୧୧.୨୦୨୩

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**Fakir Mohan University**
Vyasa Vihar, Nuapadhi, Balasore, Odisha-756089
Tel:06782-275787, Email:registrarfmuniversity@gmail.com
Website:www.fmuniversity.nic.in

No.FMU/R&D/246/2023/10252 Date:10.11.2023

**INDICATIVE NOTICE INVITING TENDER**

Sealed quotations are invited from interested Dealers, Suppliers and Manufacturers having valid GSTIN certificate, PAN card and authorized dealer certificate for supply of "Lab. Equipments" and "Chemicals, Glassware, Plastic ware and miscellaneous lab. items" for DST-SERB project entitled "Transcriptomic analysis of betel vine (Piper betle L.) for identification of genes involved in phenylpropanoid metabolism in response to Phytophthora parasitica" operating in the P.G. Dept. of Biosciences and Biotechnology, Fakir Mohan University, Balasore. The last date for submission of quotations by Regd./ Speed Post is on or before Dt.06.12.2023 by 4.00 PM. The tender papers will be opened on Dt.07.12.2023 at 11.30 A.M. in the office chamber of the undersigned. For details please visit the University website www.fmuniversity.nic.in. The authority reserves the right to cancel any/all the quotation(s) without assigning any reason thereof.

Sd./- Registrar



ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍: ୦୬୭୪-୨୩୬୨୨୪୯

**ଗାଡି ନିଲାମ ବିକ୍ରୟ**

| ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ଶହୀଦ ନଗର ଶାଖା | ଶ୍ରୀ ରାଜୀବ ଚୌଧୁରୀ | MARUTI SUZUKI VITARA BREZZA, ପଞ୍ଜିକୃତ ନଂ.: OD-02-AR-3912, ନିର୍ମାଣ ବର୍ଷ: ୨୦୧୭ | ଟ.୩,୭୧,୦୦୦/- / ଟ.୫,୦୦୦/- |

ନିଲାମ ତାରିଖ: ୨୮.୧୧.୨୦୨୩ ପୂର୍ବାହ୍ନ ୧୧.୦୦ ଘଟିକା ସମୟରୁ, ନିଲାମ ସ୍ଥାନ: ମେସର୍ସ ସିଟି ଇନଭେଷ୍ଟିଗେସନ୍ ଆଣ୍ଡ୍ ଡିଟେକ୍ଟିଭ, ସନ୍ତୋଷୀ ମା ମନ୍ଦିର ପଛପାର୍ଶ୍ୱ, ପାତ୍ରପଡା, ଭୁବନେଶ୍ୱର

ପାର୍କିଂ ୟାର୍ଡ ଠିକଣା: ମେସର୍ସ ସିଟି ଇନଭେଷ୍ଟିଗେସନ୍ ଆଣ୍ଡ୍ ଡିଟେକ୍ଟିଭ, ସନ୍ତୋଷୀ ମା ମନ୍ଦିର ପଛପାର୍ଶ୍ୱ, ପାତ୍ରପଡା, ଭୁବନେଶ୍ୱର

**ନିୟମ ଏବଂ ସର୍ତ୍ତାବଳୀ :** ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପ୍ରାକ୍ ଅନୁମତି ସହିତ ଇଚ୍ଛୁକ ନିଲାମଧାରୀମାନେ ଉପରଦର୍ଶିତ ପାର୍କିଂ ୟାର୍ଡରେ ଗାଡିର ଯାଞ୍ଚ କରିପାରିବେ। ନିଲାମଧାରୀମାନଙ୍କୁ ଜଣାଇ ଦିଆଯାଉଛି କି ସେମାନେ ନିଲାମ ସ୍ଥାନରେ ନିଶ୍ଚିତ ଭାବେ ଉପସ୍ଥିତ ରହିବେ। ସଫଳ ନିଲାମଧାରୀଙ୍କ ସପକ୍ଷରେ ନିଲାମ ସ୍ଥିର ହେଲେ ସେ ନିଲାମ ରାଶିର **୨୫%** ନିଲାମର ୧ ଦିନ ମଧ୍ୟରେ ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି **୭** ଦିନ ମଧ୍ୟରେ ଦାଖଲ କରିବେ ଅନ୍ୟଥା ସଫଳ ନିଲାମଧାରୀଙ୍କ ଦ୍ୱାରା ଜମା କରାଯାଇଥିବା ରାଶି ବାଜ୍ୟାପ୍ତି କରାଯିବ। ସଫଳ କ୍ରେତା, ମାଲିକାନା ହସ୍ତାନ୍ତରିତ ଏବଂ ବୈଧାନିକ ଦେୟ / ସମସ୍ତ ଆନୁସଙ୍ଗିକ ଦେୟ ଯଦି ଥାଏ ତାହା ବହନ କରିବେ । ଗାଡି **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଭିତ୍ତିରେ ନିଲାମ କରାଯିବ । ବ୍ୟାଙ୍କ ଯେକୌଣସି ସମୟରେ ନିଜର ସ୍ୱତନ୍ତ୍ର କ୍ଷମତା ବଳରେ ଗାଡିର ନିଲାମ ପ୍ରକ୍ରିୟାକୁ ଗ୍ରହଣ / ରଦ୍ଦ / ବାତିଲ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି । ନିଲାମ ଡାକରେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ । **ଗାଡିର ଯାଞ୍ଚ ଏବଂ ପରବର୍ତ୍ତୀ ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ : ୮୩୩୭୯୧୧୭୩୭ ଏବଂ ୭୦୦୮୩୫୧୨୫୯**

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୧.୧୧.୨୦୨୩
ଆଞ୍ଚଳିକ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ



**झारखण्ड सरकार**
ग्रामीण कार्य विभाग, कार्यपालक अभियंता का कार्यालय,
तृतीय तल्ला, नया समाहरणालय भवन, पपरवाटांड़, गिरिडीह,झारखण्ड – 815301

**ई–निविदा आमंत्रण सूचना**

ई–निविदा सं0 :–**13/2023-24/RWD/EE/GIRIDIH** दिनांक :– 09.11.2023 ग्रामीण कार्य विभाग, कार्य प्रमण्डल, गिरिडीह द्वारा निम्नविवरण के अनुसार e-procurment पद्धति से निविदा आमंत्रित की जाती है।

1.कार्य का नाम :–

| क्र0 सं0 | आईडेन्टीफिकेशन संख्या / पैकेज संख्या | कार्य का नाम | प्राक्कलित राशि (रुपया में) | | कार्य समाप्ति की अवधि | टेंडर कॉल संख्या |
|---|---|---|---|---|---|---|
| | | | अंक में | अक्षर में | | |
| 1 | RWD/ GIRIDIH/23/ 2023-24 | लुटियानों से औरवाटांड़ भाया कालापत्थर तक पथ निर्माण कार्य। (लं0–3.375 कि0मी0) | 4,29,92,800/- | चार करोड़ उनतीस लाख बानवे हजार आठ सौ रू0 मात्र। | 12 (बारह) माह | प्रथम |
| 2 | RWD/ GIRIDIH/24/ 2023-24 | कोवाड कोडरमा रोड से तुलसीटाँड़ तक पथ निर्माण कार्य। (लं0–2.630 कि0मी0) | 2,25,78,700/- | दो करोड़ पच्चीस लाख अठहत्तर हजार सात सौ रू0 मात्र। | 09 (नौ) माह | प्रथम |
| 3 | RWD/ GIRIDIH/25/ 2023-24 | खेसकरी से गोविन्दपुर तक पथ निर्माण कार्य। (लं0–4.950 कि0मी0) | 4,70,92,900/- | चार करोड़ सत्तर लाख बानवे हजार नौ सौ रू0 मात्र। | 12 (बारह) माह | प्रथम |
| 4 | RWD/ GIRIDIH/26/ 2023-24 | अंसारी–चौक तेतरामो मोड़ से दुधनिया भाया बरवाडीह रैयोडीह तक पथ निर्माण कार्य। (लं0–8.300 कि0मी0) | 10,55,57,500/- | दस करोड़ पचपन लाख सनतावन हजार पाँच सौ रू0 मात्र। | 15 (पंद्रह) माह | प्रथम |

2. वेबसाईट में निविदा प्रकाशन की तिथि:– 21.11.2023
3. ई–निविदा प्राप्ति की अंतिम तिथि एवं समय:– 30.11.2023 अपराह्न 5.00 बजे तक।
4. निविदा खोलने की तिथि एवं समय:– 01.12.2023 पूर्वाह्न 3.30 बजे।
5. निविदा आमंत्रित करने वाले पदाधिकारी का पदनाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, गिरिडीह, तृतीय तल्ला, नया समाहरणालय भवन, पपरवाटांड़, गिरिडीह, झारखण्ड – 815301
6. ई–निविदा प्रकोष्ठ का दूरभाष सं0– 9431144416

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

ह0/–
कार्यपालक अभियंता,
ग्रामीण कार्य विभाग, कार्य प्रमण्डल, गिरिडीह।

PR 311126 REO(23-24)D

**ସିରିଆରେ ଆମେରିକାର ଏୟାରଷ୍ଟ୍ରାଇକ୍** ପୂର୍ବ ସିରିଆରେ ଥିବା କେତେକ ସାମରିକ ଘାଟି ଉପରେ ଆମେରିକା ଆକାଶ ମାର୍ଗରୁ ଆକ୍ରମଣ କରିଛି। ଉକ୍ତ ଘାଟିଗୁଡ଼ିକ ଇରାନ୍‌ର ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ କର୍ପସ୍ (ଆଇଆର୍‌ଜିସି) ଓ ଏହାର ସ୍ୱୀକୃତିପ୍ରାପ୍ତ ସଂଗଠନ ବ୍ୟବହାର କରୁଥିଲେ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଇରାକ ଏବଂ ସିରିଆରେ ଥିବା ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରଙ୍କ ଘାଟି ଉପରେ ଆଇଆର୍‌ଜିସି ନିର୍ଦ୍ଦେଶରେ ଆକ୍ରମଣ ହୋଇଥିବାରୁ ଏହାର ଜବାବରେ ଯୁକ୍ତରାଷ୍ଟ୍ର ଏୟାରଷ୍ଟ୍ରାଇକ୍ କରିଛି।

# ଫାଇଲ୍ ଚାପିଛନ୍ତି ରାଜ୍ୟପାଳ

## ସଂକ୍ଷେପରେ

### ବିଶ୍ୱର ପ୍ରଥମ ଚିକନ୍‌ଗୁନିଆ ଟିକାକୁ ମଞ୍ଜୁରୀ



**ୱାଶିଂଟନ୍,୧୦।୧୧:** ଆମେରିକାର ଫୁଡ୍ ଆଣ୍ଡ୍ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଶନ୍ (ୟୁଏସ୍‌ଏଫ୍‌ଡିଏ) ଶୁକ୍ରବାର ବିଶ୍ୱର ପ୍ରଥମ ଚିକନ୍‌ଗୁନିଆ ଟିକା ଇକ୍ସଚିକ୍‌କୁ ମଞ୍ଜୁରୀ ପ୍ରଦାନ କରିଛି। ଚିକନ୍‌ଗୁନିଆ ଦ୍ୱାରା ସଂକ୍ରମିତ ହେବା ଅଧିକ ଆଶଙ୍କା ଥିବା ୧୮ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ଲୋକେ ଏହାକୁ ନେଇପାରିବେ। ଗତ ୧୫ ବର୍ଷରେ ମଶା କାମୁଡ଼ା ଯୋଗୁ ଏହା ଏକ ବୈଶ୍ୱିକ ସ୍ୱାସ୍ଥ୍ୟ ଆହ୍ୱାନ ରୂପେ ଉଭା ହୋଇଛି।

### ପୱନ ମୁଞ୍ଜାଲଙ୍କ ୨୪.୯୫ କୋଟିର ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

**ନୂଆଦିଲ୍ଲୀ,୧୦।୧୧(ପି.ଟି.):** ହିରୋ ମୋଟୋକର୍ପର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପୱନ କାନ୍ତ ମୁଞ୍ଜାଲ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନିୟମାବଳୀର ଅବମାନନା କରି ଅନ୍ୟ ଲୋକଙ୍କ ନାଁରେ ଇସ୍ୟୁ ହୋଇଥିବା ବିଦେଶୀ ମୁଦ୍ରାକୁ ବିଦେଶରେ ନିଜର ବ୍ୟକ୍ତିଗତ ଖର୍ଚ୍ଚରେ ଲଗାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଶୁକ୍ରବାର ଅଭିଯୋଗ କରିଛି। ମନି ଲଣ୍ଡରିଂରେ ସମ୍ପୃକ୍ତି ଅଭିଯୋଗରେ ମୁଞ୍ଜାଲଙ୍କ ୨୪.୯୫ କୋଟି ଟଙ୍କାର ସମ୍ପତ୍ତିକୁ ଇଡି ବାଜ୍ୟାପ୍ତ କରିଛି। ଉକ୍ତ ସମ୍ପତ୍ତି ମଧ୍ୟରେ ରହିଛି ଦିଲ୍ଲୀରେ ଥିବା ତିନୋଟି ଜମି। ମନି ଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ବ୍ୟବସ୍ଥା ଅନୁଯାୟୀ ଉକ୍ତ ସମ୍ପତ୍ତିଗୁଡ଼ିକୁ ସାମୟିକ ଭାବେ ବାଜ୍ୟାପ୍ତ କରାଯାଇଥିବା ଇଡି କହିଛି।

### ଦଲାଇ ଲାମାଙ୍କ ଉତ୍ତରାଧିକାରୀ ଚୟନ ପାଇଁ ଚାଇନା ମଞ୍ଜୁରୀ ଆବଶ୍ୟକ: ବେଜିଂ

**ବେଜିଂ,୧୦।୧୧(ପି.ଟି.):** ତିବ୍ବତୀୟ ଧର୍ମଗୁରୁ ୮୮ ବର୍ଷୀୟ ଦଲାଇ ଲାମାଙ୍କ ଉତ୍ତରାଧିକାରୀ ଦେଶ ଭିତରୁ ଚୟନ ହେବା ଆବଶ୍ୟକ ଓ ଏଥିପାଇଁ ଚାଇନାର ଅନୁମୋଦନ ଦରକାର ହେବ ବୋଲି ଶୁକ୍ରବାର ବେଜିଂ କହିଛି। ସେହିପରି ରଣନୀତିକ ଅବସ୍ଥିତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ତିବ୍ବତୀୟ ଅଞ୍ଚଳକୁ ଦକ୍ଷିଣ ଏସିଆର ଦ୍ୱାର ଭାବେ ଚାଇନା ଉପସ୍ଥାପନ କରିବା ସହ ଭାରତୀୟ ସୀମା ନିକଟବର୍ତ୍ତୀ ଉକ୍ତ ଅଞ୍ଚଳରେ ଭିତ୍ତିଭୂମିର ବିକାଶ କରାଉଛି। ଦଲାଇ ଲାମା ଏବଂ ପଞ୍ଚେନ୍ ରିନ୍‌ପୋଚେସ୍‌ଙ୍କ ସମେତ ଅଧିଷ୍ଠିତ ସମସ୍ତ ଜୀବନ୍ତ ବୁଦ୍ଧମାନେ ଦେଶ ଭିତରୁ ହେବା ଜରୁରୀ ଏବଂ ପାରମ୍ପରିକ ପଦ୍ଧତି ଜରିଆରେ ଏହି ନିଷ୍ପତ୍ତି ନିଆଯିବା ଆବଶ୍ୟକ। ମନୋନୀତ ଉତ୍ତରାଧିକାରୀ କେନ୍ଦ୍ରୀୟ ସରକାରଙ୍କ ଅନୁମୋଦନ ହାସଲ କରିବାକୁ ହେବ ବୋଲି ଚାଇନା ପକ୍ଷରୁ ଜାରି ଶ୍ୱେତପତ୍ରରେ କୁହାଯାଇଛି। ତିବ୍ବତକୁ ଚାଇନା ଶିଜାଙ୍ଗ ଭାବେ ନାମିତ କରିଛି। ଭାରତର ଧର୍ମଶାଳାରେ ରହିଥିବା ଦଲାଇ ଲାମା ତାଙ୍କ ଉତ୍ତରାଧିକାରୀ ନିଯୁକ୍ତିରେ ମୁଖ୍ୟ ଭୂମିକା ନେବା ବେଜିଂ ଚାହୁଁଛି। ସୂଚନାଯୋଗ୍ୟ, ପୂର୍ବରୁ ଦଲାଇ ଲାମା ଯାହାଙ୍କୁ ୨ ନମ୍ବର ଧର୍ମଗୁରୁ ବାଛିଥିଲେ, ତାଙ୍କୁ ବରଖାସ୍ତ କରି ଚାଇନା ପଞ୍ଚେନ୍ ଲାମାଙ୍କୁ ନିଯୁକ୍ତ କରିଥିଲା।

### ୧୫ରେ ବାଇଡେନ୍, ଜିନ୍‌ପିଙ୍ଗ୍ ଭେଟ

**ୱାଶିଂଟନ୍,୧୦।୧୧:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଆସନ୍ତା ୧୫ରେ କାଲିଫର୍ନିଆରେ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍‌ଙ୍କୁ ଭେଟିବେ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ ସୂଚନା ଦିଆଯାଇଛି। ବିଶ୍ୱର ଦୁଇ ବୃହତ୍ ଅର୍ଥନୀତିର ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ବର୍ଷକ ପରେ ଏହା ହେବ ପ୍ରଥମ ସାକ୍ଷାତ। ଏହି ଅବସରରେ ଦୁହେଁ ବାଣିଜ୍ୟ, ତାଇୱାନ୍ ଏବଂ ଉତ୍ତେଜନା ହ୍ରାସ ଉପରେ ଆଲୋଚନା କରିବେ। ଜିନ୍‌ପିଙ୍ଗ୍ ମଙ୍ଗଳବାର ଆମେରିକା ଗସ୍ତ କରିବେ। ସାନ୍ ଫ୍ରାନ୍‌ସିସ୍କୋରେ ହେବାକୁ ଥିବା ଏସିଆ-ପାସିଫିକ୍ ଇକୋନୋମିକ୍ କୋ-ଅପରେଶନ୍ (ଏପିଇସି) ସମ୍ମିଳନୀରେ ସେ ଯୋଗଦେବେ ବୋଲି ଶୁକ୍ରବାର ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ଗତବର୍ଷ ଜି୨୦ ସମ୍ମିଳନୀ ବେଳେ ଇଣ୍ଡୋନେସିଆର ବାଲିରେ ବାଇଡେନ୍ ଓ ଜିନ୍‌ପିଙ୍ଗ୍ ପରସ୍ପରକୁ ଭେଟିଥିଲେ।

---

କେନ୍ଦ୍ର ସରକାରଙ୍କ ପରାମର୍ଶକ୍ରମେ ରାଜ୍ୟଗୁଡ଼ିକରେ ରାଜ୍ୟପାଳମାନଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦେଇଥାନ୍ତି। ତେଣୁ ବିରୋଧୀ ଶାସିତ ରାଜ୍ୟଗୁଡ଼ିକର ରାଜ୍ୟପାଳମାନେ କେନ୍ଦ୍ରରେ କ୍ଷମତାସୀନ ଦଳକୁ ସୁହାଇଲା ଭଳି ପଦକ୍ଷେପ ନେଉଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ବିଧାନସଭା ଓ ରାଜଭବନ ମୁହାଁମୁହିଁ ହୋଇଛନ୍ତି। ଏହି କ୍ରମରେ ପଞ୍ଜାବ ରାଜ୍ୟପାଳ ବନୱାରିଲାଲ ପୁରୋହିତ, ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି, କେରଳ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ଏବଂ ତେଲଙ୍ଗାନା ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ୍‌ଙ୍କ ଭୂମିକା ଓ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିଛି। ଏହି ରାଜ୍ୟପାଳମାନେ ବିଧାନସଭାରେ ଗୃହୀତ ବିଲ୍‌ଗୁଡ଼ିକରେ ସ୍ୱାକ୍ଷର ନ କରି ଅନେକ ବର୍ଷ ପର୍ଯ୍ୟନ୍ତ ପକାଇ ରଖୁଥିବା ନେଇ ରାଜ୍ୟ ସରକାରମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ୩ ଜଣିଆ ଖଣ୍ଡପୀଠ କହିଛନ୍ତି, ରାଜ୍ୟ ବିଧାନସଭାରେ ପାରିତ ବିଧେୟକଗୁଡ଼ିକ ଉପରେ ରାଜ୍ୟପାଳ ସ୍ୱାକ୍ଷର ନ କରିବା ନିଆଁ ସହ ଖେଳିବା ସଦୃଶ। ବିଧାନସଭା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅପେକ୍ଷା କରିପାରିବ ନାହିଁ। ରାଜ୍ୟପାଳମାନେ ଯଦି ବିଲ୍‌ରେ ସ୍ୱାକ୍ଷର କରୁନାହାନ୍ତି, ତେବେ ସେଗୁଡ଼ିକୁ ଯଥାଶୀଘ୍ର ସମ୍ଭବ ରାଜ୍ୟ ସରକାରଙ୍କୁ ଫେରାଇଦେବା ଉଚିତ। ଅଧିବେଶନର ବୈଧତା ଉପରେ ରାଜ୍ୟପାଳ ସନ୍ଦେହ କରିପାରିବେ ନାହିଁ। ସନ୍ଦେହ କଲେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟିହେବ ବୋଲି ସୁପ୍ରିମକୋର୍ଟ ସମ୍ବିଧାନର ଅନୁଚ୍ଛେଦ ୨୦୦ର ଅବତାରଣା କରି ଚେତାଇଦେଇଛନ୍ତି।

(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)



ବନୱାରିଲାଲ ପୁରୋହିତ (ପଞ୍ଜାବ)



ଆର୍.ଏନ୍ ରବି (ତାମିଲନାଡୁ)



ଆରିଫ୍ ମହମ୍ମଦ ଖାନ୍ (କେରଳ)



ତାମିଲିସାଇ ସୌନ୍ଦରାରାଜନ୍ (ତେଲଙ୍ଗାନା)

## ବିଲ୍‌ରେ ରାଜ୍ୟପାଳ ସ୍ୱାକ୍ଷର ନ କରିବା ନିଆଁ ସହ ଖେଳିବା ସଦୃଶ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୦।୧୧**

ପଞ୍ଜାବ ରାଜ୍ୟପାଳ ବନୱାରିଲାଲ ପୁରୋହିତ ୨୦୨୩ ଜୁନ୍ ୧୯ ଓ ୨୦ରେ ଅନୁଷ୍ଠିତ ବିଧାନସଭା ଅଧିବେଶନକୁ ଅସାମ୍ବିଧାନିକ ଦର୍ଶାଇଥିଲେ। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ରାଜ୍ୟପାଳଙ୍କ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟପାଳ ବିଲ୍‌ଗୁଡ଼ିକୁ ପକାଇ ରଖିଥିବାରୁ ପ୍ରଶାସନିକ ଅଚଳାବସ୍ଥା ଦେଖାଦେଇଥିବା ସରକାର ନିଜ ଆବେଦନରେ ଉଲ୍ଲେଖ କରିଥିଲେ। ସମ୍ବିଧାନର ଅନୁଚ୍ଛେଦ ୨୦୦ ଅଧୀନରେ ରାଜ୍ୟପାଳଙ୍କ ସୀମିତ କ୍ଷମତା ଥିବାରୁ ସେ ବିଲ୍‌ଗୁଡ଼ିକୁ ଅନିଶ୍ଚିତ କାଳ ପର୍ଯ୍ୟନ୍ତ ଚାପି ରଖିପାରିବେ ନାହିଁ ବୋଲି ଯୁକ୍ତି ବାଢ଼ିଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜେ.ବି. ପରଦିୱାଲା ଏବଂ ମନୋଜ ମିଶ୍ରଙ୍କ ଖଣ୍ଡପୀଠ ଶୁକ୍ରବାର କହିଛନ୍ତି, ବିଧାନସଭାରେ ଗୃହୀତ ବିଲ୍‌ଗୁଡ଼ିକୁ ରାଜ୍ୟପାଳ ସ୍ୱୀକୃତି ନ ଦେବା ଯୋଗୁ ସୃଷ୍ଟି ହୋଇଥିବା ଅଚଳାବସ୍ଥା 'ଅତ୍ୟନ୍ତ ଚିନ୍ତାଜନକ' ବିଷୟ। ପ୍ରତିଷ୍ଠିତ ପରମ୍ପରା ଓ ରୀତିକୁ ନେଇ ଆମ ଦେଶ ଚାଲିଛି। ଏସବୁକୁ ରାଜ୍ୟପାଳ ମାନିବା ଆବଶ୍ୟକ। ବିଧେୟକଗୁଡ଼ିକ ଉପରେ ରାଜ୍ୟପାଳ ସ୍ୱାକ୍ଷର ନ କରିବା ନିଆଁ ସହ ଖେଳିବା ସଦୃଶ। ରାଜ୍ୟପାଳମାନେ ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ନୁହନ୍ତି, ଏକଥା ସେମାନେ ଭୁଲିଯିବା ଅନୁଚିତ। ବିଧାନସଭା ଅଧିବେଶନକୁ ଅସାମ୍ବିଧାନିକ ଘୋଷଣା କରିବା ସମ୍ପର୍କିତ ରାଜ୍ୟପାଳଙ୍କ କ୍ଷମତାକୁ ନେଇ ଖଣ୍ଡପୀଠ ପ୍ରଶ୍ନ ଉଠାଇବା ସହ ତାଙ୍କ ଯୁକ୍ତିକୁ ଖାରଜ କରିଦେଇଛନ୍ତି।

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବିଙ୍କ ବିରୋଧରେ ମଧ୍ୟ ଅନୁରୂପ ଅଭିଯୋଗ ରହିଛି। ବିଧାନସଭାରେ ଗୃହୀତ ବିଲ୍‌ଗୁଡ଼ିକ ଉପରେ ସେ ମୋହର ଦେଉ ନ ଥିବାରୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଲ୍ ମଞ୍ଜୁରୀରେ ବିଳମ୍ବକୁ ନେଇ ଶୁକ୍ରବାର ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ତାମିଲନାଡୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ଶୁଣାଣି ବେଳେ ଯୁକ୍ତି ବାଢ଼ିଥିଲେ, ବିଧାନସଭାରେ ଗୃହୀତ ୧୨ଟି ବିଲ୍ ରାଜ୍ୟପାଳଙ୍କ ଅଫିସରେ ପଡ଼ିରହିଛି। ଉତ୍ତମ ଆଚରଣ ପାଇଁ ବନ୍ଦୀଙ୍କୁ କ୍ଷମା ପ୍ରଦାନ ପୂର୍ବକ ଆଗୁଆ ମୁକ୍ତ କରିବା (ରେମିସନ) ଅର୍ଡର, ଦୈନନ୍ଦିନ ନଥିପତ୍ର, ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟପାଳ ସ୍ୱାକ୍ଷର ନ କରିବା ଏବଂ ବିଧାନସଭାରେ ଗୃହୀତ ବିଲ୍ ଉପରେ ମୋହର ନ ଦେବା ଫଳରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ଜଣେ ସାମ୍ବିଧାନିକ କର୍ତ୍ତୃପକ୍ଷ ଅସାମ୍ବିଧାନିକ ଉପାୟରେ କାର୍ଯ୍ୟ କରୁଛନ୍ତି ଏବଂ ବାହ୍ୟ କାରଣରୁ ରାଜ୍ୟ ସରକାରଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ରାଜ୍ୟପାଳଙ୍କ ଏଭଳି କାର୍ଯ୍ୟକୁ ଅସାମ୍ବିଧାନିକ, ବେଆଇନ, ଏକତରଫା ଏବଂ ମନ୍ଦ ଉଦ୍ଦେଶ୍ୟରେ କ୍ଷମତାର ଅପବ୍ୟବହାର ଭାବେ ଘୋଷଣା କରାଯାଉ ବୋଲି ତାମିଲନାଡୁ ସରକାର ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। ନଭେମ୍ବର ୨୦ରେ ଏହା ଉପରେ ପରବର୍ତ୍ତୀ ଶୁଣାଣି ହେବ।

କେରଳର ବାମପନ୍ଥୀ ସରକାର ନଭେମ୍ବର ୮ରେ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍‌ଙ୍କ ବିରୋଧରେ ଦ୍ୱିତୀୟ ଥର ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥର ରାଜ୍ୟ ହାଇକୋର୍ଟଙ୍କ ଏକ ରାୟକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଛି, ଯହିଁରେ ୮ ବିଲ୍‌କୁ ମଞ୍ଜୁର କରିବା ପାଇଁ ହାଇକୋର୍ଟ ନିର୍ଦ୍ଦିଷ୍ଟ ତାରିଖ ସ୍ଥିର କରିବାକୁ ମନା କରିଦେଇଛନ୍ତି। ପୂର୍ବରୁ ଚଳିତମାସ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରିଥିଲେ। ବିଧାନସଭା ଦ୍ୱାରା ଗୃହୀତ ବିଲ୍‌ଗୁଡ଼ିକୁ ରାଜ୍ୟପାଳ ମଞ୍ଜୁର କରୁ ନ ଥିବା ଦର୍ଶାଇଥିଲେ। ରାଜ୍ୟପାଳ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଲ୍‌ଗୁଡ଼ିକୁ ପକାଇ ରଖିବା 'ଏକଚ୍ଛତ୍ରବାଦୀ କାର୍ଯ୍ୟ' ବୋଲି ଘୋଷଣା କରିବାକୁ ସରକାର କରିଥିବା ନିବେଦନକୁ କେରଳ ହାଇକୋର୍ଟ ୨୦୨୨ ନଭେମ୍ବର ୨୦ରେ ଖାରଜ କରିଦେଇଥିଲେ। ଏଥିସହ ଏକ ସଂସଦୀୟ ଗଣତନ୍ତ୍ରରେ ଜଣେ ରାଜ୍ୟପାଳ ସମ୍ବିଧାନର ଅନୁଚ୍ଛେଦ ୨୦୦ ବଳରେ ନେଉଥିବା ପଦକ୍ଷେପକୁ ବେଆଇନ ଘୋଷଣା କରିବା ଅଦାଲତଙ୍କ ପକ୍ଷେ ଉପଯୁକ୍ତ ନୁହେଁ ବୋଲି ହାଇକୋର୍ଟ କହିଥିଲେ। ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କ ସରକାର ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ରାଜ୍ୟପାଳଙ୍କ ଟେବୁଲରେ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ୩ ବିଲ୍ ଏବଂ ବର୍ଷେ ହେଲା ଅନ୍ୟ ୩ ବିଧେୟକ ପଡ଼ିରହିଛି। ଏଗୁଡ଼ିକ ମଧ୍ୟରୁ ୫ଟି ବିଲ୍ ବିଶ୍ୱବିଦ୍ୟାଳୟ ଆଇନ ସମ୍ପର୍କିତ। ରାଜ୍ୟପାଳ ଲୋକଙ୍କ ମୌଳିକ ଅଧିକାରଗୁଡ଼ିକୁ ନ୍ୟୂନ କରିବାକୁ ଉଦ୍ୟମ ଚଳାଇଥିବା ସରକାରଙ୍କ ଓକିଲ ସି.କେ. ସସି ଯୁକ୍ତି ବାଢ଼ିଛନ୍ତି। ଏହା ଉପରେ ରାଜ୍ୟପାଳ ଖାନ୍ ଶୁକ୍ରବାର କହିଛନ୍ତି, ସେ ସମ୍ବିଧାନ ଅନୁସାରେ କାର୍ଯ୍ୟ କରୁଛନ୍ତି। ସେ ରାଜ୍ୟରେ କୌଣସି ସଙ୍କଟ ସୃଷ୍ଟି କରିଥିବା ନେଇ କିଛି ପ୍ରମାଣ ଅଛି କି ବୋଲି ପ୍ରଶ୍ନ କରିଛନ୍ତି। ୨୦୨୩ ମାର୍ଚ୍ଚ ୨୦ରେ ତେଲଙ୍ଗାନାର ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ସରକାର ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ୍‌ଙ୍କ ବିରୋଧରେ ସୁପ୍ରିମକୋର୍ଟରେ ରିଟ୍ ପିଟିସନ ଦାଖଲ କରିଥିଲେ। ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ ଯୁକ୍ତି ବାଢ଼ିଥିଲେ, ବିଧାନସଭାରେ ଗୃହୀତ ୧୦ ବିଲ୍ ରାଜଭବନରେ ୨୦୨୨ ସେପ୍ଟେମ୍ବରରୁ ପଡ଼ିରହିଛି। ବିରୋଧୀ ଦଳ ଦ୍ୱାରା ଶାସିତ ରାଜ୍ୟ ବୋଲି ସେ ସେଗୁଡ଼ିକରେ ସ୍ୱାକ୍ଷର କରୁନାହାନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟପାଳ କେତୋଟି ବିଲ୍‌ରେ ସ୍ୱାକ୍ଷର କରିଥିବା ଜଣାପଡ଼ିଛି।



ଚାଇନାର ହୁଆନ୍ ପ୍ରଦେଶସ୍ଥିତ ପ୍ରାଚୀନ ଫେଙ୍ଗ୍‌ହୁଆଙ୍ଗ୍ ସହରରେ ମିଆଓ ସମ୍ପ୍ରଦାୟର ମହିଳାମାନେ ପାରମ୍ପରିକ ବେଶଭୂଷା ଧାରଣ କରି ଆଭୂଷଣ ସାଂସ୍କୃତିକ ଉତ୍ସବ ପାଳୁଛନ୍ତି।

## ଗାଜା ହସ୍ପିଟାଲ ବାହାରେ ଇସ୍ରାଏଲ୍‌ର ବୋମାମାଡ଼

**ଖାନ୍ ୟୁନିସ୍(ଗାଜା ଷ୍ଟ୍ରିପ୍),୧୦।୧୧**

ଇସ୍ରାଏଲ୍ ସେନା ଶୁକ୍ରବାର ଭୋର ସମୟରେ ଗାଜା ସିଟିର ବିଭିନ୍ନ ହସ୍ପିଟାଲ ନିକଟରେ ବୋମାମାଡ଼ କରିବା ସହ ଏହାର ସୈନ୍ୟମାନେ ସହର ଭିତରେ ପ୍ରବେଶ କରିଛନ୍ତି। ଫଳରେ ସହରାଞ୍ଚଳରୁ ଅଧିକ ସଂଖ୍ୟାରେ ସାଧାରଣ ଲୋକେ ଦକ୍ଷିଣ ଗାଜାକୁ ପଳାୟନ କରିଛନ୍ତି। ହମାସ ଆତଙ୍କବାଦୀମାନେ ଆତ୍ମଗୋପନ ପାଇଁ ହସ୍ପିଟାଲଗୁଡ଼ିକୁ ବ୍ୟବହାର କରିବା ସହ ଶିଫା ହସ୍ପିଟାଲ କମ୍ପ୍ଲେକ୍ସକୁ ଏହାର ମୁଖ୍ୟ କମାଣ୍ଡ ସେଣ୍ଟର କରିଥିବା ଜେରୁଜେଲମ ଅଭିଯୋଗ କରିଛି। ଇସ୍ରାଏଲ୍ ସୈନ୍ୟ ଶିଫା ହସ୍ପିଟାଲଠାରୁ ୩ କିଲୋମିଟର ଦୂରରେ ରହିଥିବା ଜଣାପଡ଼ିଛି। ଶୁକ୍ରବାର ୩ଟି ହସ୍ପିଟାଲ ନିକଟରେ ଆକ୍ରମଣ ହୋଇଥିବାବେଳେ କେତେ ମୃତାହତ ହୋଇଛନ୍ତି, ତାହାର ରିପୋର୍ଟ ମିଳିନାହିଁ। ଗତ ମାସ ୭ରେ ହମାସ୍ ଇସ୍ରାଏଲ୍ ଉପରେ ଆକ୍ରମଣ ପରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଇସ୍ରାଏଲ୍‌ର ଆକ୍ରମଣରେ ଅଦ୍ୟାବଧି ୧୦,୮୦୦ରୁ ଅଧିକ ପାଲେଷ୍ଟିନୀୟ ନିହତ ଓ ୨,୬୫୦ ନିଖୋଜ ଅଛନ୍ତି।



ଇସ୍ରାଏଲ ଆକ୍ରମଣରେ ଆହତ ଜଣେ ପାଲେଷ୍ଟିନୀୟ ଝିଅର କପାଳରେ ଗାଜାସ୍ଥିତ ଶିଫା ହସ୍ପିଟାଲରେ ଷ୍ଟିଚିଂ କରାଯାଉଛି। ଯନ୍ତ୍ରଣା ଉପଶମ ଔଷଧ ଉପଲବ୍ଧ ନ ଥିବାରୁ କୁନି ଝିଅଟିକୁ ଦିଆଯାଇପାରି ନାହିଁ।

### ଦିନକୁ ଏକାଧିକ ଖବରଦାତାଙ୍କ ମୃତ୍ୟୁ ଘଟୁଛି

**କୁଇନ୍ସଲାଣ୍ଡ,୧୦।୧୧**

ଗାଜା-ଇସ୍ରାଏଲ୍ ଯୁଦ୍ଧ ଗଣମାଧ୍ୟମ କର୍ମଚାରୀଙ୍କ ପାଇଁ ସବୁଠୁ ମରଣାନ୍ତକ ବୋଲି 'କମିଟି ଟୁ ପ୍ରୋଟେକ୍ଟ ଜର୍ନାଲିଷ୍ଟସ୍'ପକ୍ଷରୁ କୁହାଯାଇଛି। ୧୯୯୨ରେ ଏହି ସଂଗଠନର ପରିସଂଖ୍ୟାନ ଆରମ୍ଭ ହେବାଠାରୁ କୌଣସି ଯୁଦ୍ଧରେ ଏତେ ସଂଖ୍ୟାରେ ଖବରଦାତାଙ୍କ ମୃତ୍ୟୁ ଘଟି ନ ଥିଲା। ଯୁଦ୍ଧକୁ ମାସେ ୩ ଦିନ ହୋଇଥିବାବେଳେ ଏପର୍ଯ୍ୟନ୍ତ ଅନ୍ୟୂନ ୩୯ ଖବରଦାତା ଓ ଗଣମାଧ୍ୟମ କର୍ମଚାରୀଙ୍କ ଜୀବନ ଗଲାଣି। ଅନ୍ୟପକ୍ଷରେ ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ ଅନୁଯାୟୀ ଏହି ସଂଖ୍ୟା ୪୧। ଇସ୍ରାଏଲ୍ ଆକ୍ରମଣରେ ଅଧିକାଂଶ ପାଲେଷ୍ଟିନୀୟ ଖବରଦାତା ଓ ମିଡିଆ କର୍ମଚାରୀଙ୍କ ମୃତ୍ୟୁ ଘଟୁଛି। ହମାସ୍ ଆକ୍ରମଣରେ ୪ ଇସ୍ରାଏଲୀ ସାମ୍ବାଦିକ ନିହତ ହୋଇଥିବାବେଳେ ଦକ୍ଷିଣ ଲେବାନନ୍‌ରେ ଜଣେ ଭିଡିଓଗ୍ରାଫରଙ୍କ ମୃତ୍ୟୁ ଘଟିଥିଲା।

## ବର୍ଷା ଅଟକାଇଲା ଯୁଗ୍ମ-ଅଯୁଗ୍ମ ସୂତ୍ର

**ନୂଆଦିଲ୍ଲୀ,୧୦।୧୧(ପି.ଟି.)**

**ଦିଲ୍ଲୀ ପ୍ରଦୂଷଣ**

ଦିଲ୍ଲୀ ପ୍ରଦୂଷଣ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବାବେଳେ ଶୁକ୍ରବାର ବର୍ଷା ହେବାରୁ ସାମୟିକ ଆଶ୍ୱସ୍ତି ମିଳିଛି। ବର୍ଷା ପରେ ବାୟୁ ମାନରେ ଉନ୍ନତି ଦେଖାଦେଇଥିବାରୁ ଜାତୀୟ ରାଜଧାନୀରେ ଯୁଗ୍ମ-ଅଯୁଗ୍ମ ସୂତ୍ରରେ ଗାଡ଼ି ଚାଳନା ବର୍ତ୍ତମାନ ପାଇଁ ଲାଗୁ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଦିଲ୍ଲୀ ପରିବେଶ ମନ୍ତ୍ରୀ ଗୋପାଳ ରାୟ କହିଛନ୍ତି, ଦୀପାବଳି ପରେ ସରକାର ସ୍ଥିତି ସମୀକ୍ଷା କରିବେ। ପ୍ରଦୂଷଣ ବଢ଼ିଲେ ଏହା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଦୀପାବଳି ପରେ ପ୍ରଦୂଷଣ ବଢ଼ିବାକୁ ଥିବାରୁ ଆସନ୍ତା ୧୩ରୁ ୨୦ ପର୍ଯ୍ୟନ୍ତ ଯୁଗ୍ମ-ଅଯୁଗ୍ମ ସୂତ୍ର ଅର୍ଥାତ୍ ଦିନେ ଯୁଗ୍ମ ନମ୍ବର ଥିବା ଗାଡ଼ି ଓ ଅନ୍ୟ ଦିନ ଅଯୁଗ୍ମ ନମ୍ବର ଥିବା ଗାଡ଼ି ଚାଲିବ ବୋଲି ଦିଲ୍ଲୀ ସରକାର ଗତ ସୋମବାର ଘୋଷଣା କରିଥିଲେ। ପ୍ରଦୂଷିତ ଟ୍ରକ୍ ପ୍ରବେଶ ବନ୍ଦ ନିର୍ଦ୍ଦେଶ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ମନ୍ତ୍ରୀ ରାୟ ଚିନ୍ତା ବ୍ୟକ୍ତ କରିଛନ୍ତି।

### ନଡ଼ାପୋଡ଼ି ବନ୍ଦ କରିବାକୁ ହେବ: ସୁପ୍ରିମକୋର୍ଟ

ଦିଲ୍ଲୀ ଏନ୍‌ସିଆର୍‌ରେ ବାୟୁ ପ୍ରଦୂଷଣ ସ୍ତରକୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରଦୂଷଣ ସ୍ତର ହ୍ରାସ କରିବାକୁ ହେଲେ ଦିଲ୍ଲୀ ନିକଟବର୍ତ୍ତୀ ପଞ୍ଜାବ ଓ ଅନ୍ୟ ରାଜ୍ୟଗୁଡ଼ିକରେ ନଡ଼ାପୋଡ଼ିକୁ ତୁରନ୍ତ ବନ୍ଦ କରିବାକୁ ହେବ। ଏଥିସହିତ ଅନ୍ୟ ସମାଧାନ ସୂତ୍ର ବାହାର କରିବାକୁ ହେବ। ପ୍ରଦୂଷଣ ପ୍ରସଙ୍ଗକୁ ନେଇ ଅନେକ ରିପୋର୍ଟ ପ୍ରକାଶ ପାଇବା ସହ ବହୁ କମିଟି ଗଢ଼ାଯାଇଛି, ହେଲେ ତଳସ୍ତରରେ କିଛି ଘଟୁନାହିଁ ବୋଲି ଦିଲ୍ଲୀ-ଏନ୍‌ସିଆର୍ ବାୟୁ ପ୍ରଦୂଷଣ ମାମଲାର ଶୁଣାଣି ବେଳେ ଜଷ୍ଟିସ୍ ସଞ୍ଜୟ କିଷନ କୌଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। କିଛି ପଦକ୍ଷେପ ନ ନେଇ ଅଦାଲତ ଉପରେ ଦାୟିତ୍ୱ ଲଦିଦେବାକୁ ଚେଷ୍ଟା କରନାହିଁ ବୋଲି ଖଣ୍ଡପୀଠ ଦିଲ୍ଲୀ ସରକାରଙ୍କୁ କହିଛନ୍ତି।

## ଲଢୁଆ ଯାନ ନିର୍ମାଣ କରିବେ ଭାରତ-ଆମେରିକା

### ଇଣ୍ଡୋ-ପାସିଫିକ୍, ଇସ୍ରାଏଲ୍-ହମାସ୍ ଯୁଦ୍ଧ ଉପରେ ଆଲୋଚନା

**ନୂଆଦିଲ୍ଲୀ,୧୦।୧୧(ପି.ଟି.)**

ପ୍ରତିରକ୍ଷା ଶିଳ୍ପ ସହଯୋଗର ଅଂଶବିଶେଷ ଭାବେ ଭାରତ ଏବଂ ଆମେରିକା ମିଳିତ ଭାବେ ଲଢୁଆ ଯାନ ନିର୍ମାଣ କରିବେ ବୋଲି ଆମେରିକା ପ୍ରତିରକ୍ଷା ସଚିବ ଲୟଡ ଅଷ୍ଟିନ୍ ଶୁକ୍ରବାର କହିଛନ୍ତି। ଏହା ବ୍ୟତୀତ ଆମେରିକା ଭାରତକୁ ୩୧ଟି ଏମ୍‌କ୍ୟୁ-୯ବି ଡ୍ରୋନ୍ ଖୁବ୍‌ଶୀଘ୍ର ଯୋଗାଇଦେବା ଉପରେ ଠିକ୍ ସମୟରେ ଘୋଷଣା କରାଯିବ। ପ୍ରତିରକ୍ଷା ସମ୍ପର୍କକୁ ମହାକାଶରୁ ସମୁଦ୍ର ଗର୍ଭ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବଢ଼ାଇବାକୁ ପଦକ୍ଷେପ ନିଆଯାଉଥିବା ଅଷ୍ଟିନ୍ କହିଛନ୍ତି। ଦିଲ୍ଲୀରେ ଦୁଇଦେଶର ପ୍ରତିରକ୍ଷା ଓ ବହିର୍ବ୍ୟାପାର ମନ୍ତ୍ରଣାଳୟସ୍ତରୀୟ ଆଲୋଚନା ପରେ ଅଷ୍ଟିନ୍ ଖବରଦାତାମାନଙ୍କୁ ଏହି ସୂଚନା ଦେଇଛନ୍ତି। ଅଷ୍ଟିନ୍‌ଙ୍କ ସହ ଆମେରିକା ପ୍ରତିନିଧି ଦଳରେ ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଥିବାବେଳେ ଭାରତ ପକ୍ଷର ନେତୃତ୍ୱ ନେଇଥିଲେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ। ଚାଇନାଠାରୁ ସୁରକ୍ଷାଗତ ଚ୍ୟାଲେଞ୍ଜ ବଢ଼ୁଥିବା ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିଲା। ଭାରତ-ଆମେରିକା ସମ୍ପର୍କ କେବଳ ଚାଇନାର ଚ୍ୟାଲେଞ୍ଜ ଉପରେ ଆଧାରିତ ନୁହେଁ, ବରଂ ଦୁଇ ଦେଶର ମିଳିତ ମୂଲ୍ୟବୋଧ ଆଧାରରେ ବୋଲି କୁହାଯାଇଛି।

ଦୁଇ ଦେଶର କୂଟନୈତିକ ଓ ପ୍ରତିରକ୍ଷା ମୁଖ୍ୟମାନେ ଆଲୋଚନାରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସୁରକ୍ଷା, ଚାଇନା ଏବଂ ଇସ୍ରାଏଲ୍-ହମାସ୍ ଯୁଦ୍ଧ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ।



ନୂଆଦିଲ୍ଲୀର ସୁଷମା ସ୍ୱରାଜ ଭବନରେ ଶୁକ୍ରବାର ଅନୁଷ୍ଠିତ ଭାରତ-ଆମେରିକା ୨+୨ ମନ୍ତ୍ରଣାଳୟସ୍ତରୀୟ ଆଲୋଚନାରେ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍, ପ୍ରତିରକ୍ଷା ସଚିବ ଲୟଡ ଅଷ୍ଟିନ୍, ଆମେରିକା ରାଷ୍ଟ୍ରଦୂତ ଏରିକ୍ ଗାର୍‌ସେଟି ଓ ଅନ୍ୟମାନେ।

# ସମାଧି ସ୍ଥଳରେ ଏକ୍ସରସାଇଜ

**ଲଣ୍ଡନ**

ବର୍ତ୍ତମାନ ସମୟରେ ଲୋକେ ନିଜ ସ୍ୱାସ୍ଥ୍ୟ ପ୍ରତି ପୂରା ଧ୍ୟାନ ଦେଉଛନ୍ତି। ପାର୍କରେ ଚାଲିବା ସହ ଅନେକେ ଜିମ୍ ଯାଉଛନ୍ତି। ହେଲେ ଜଣେ ମଡେଲ ସମାଧି ସ୍ଥାନରେ ଏକ୍ସରସାଇଜ କରୁଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ, ଲଣ୍ଡନରେ ରହୁଥିବା ବ୍ରାଜିଲ୍‌ର ଜଣେ ମଡେଲ ଅଣ୍ଡ୍ରିଆ ସନସାଇନ୍ ଜଣେ ବଡିବିଲ୍ଡର। ଜାଣି ଆଶ୍ଚର୍ଯ୍ୟ ଲାଗିବ ଯେ ସେ ଜେଜେ ମା' ହୋଇସାରିଛନ୍ତି। ତଥାପି ସେ ଅତ୍ୟନ୍ତ ଫିଟ୍ ଅଛନ୍ତି। ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଅନେକ ଫଲୋୟର୍ସ ଅଛନ୍ତି। ସେ ସବୁବେଳେ ଜିମ୍‌ରେ କସରତ କରୁଥିବାର ଫଟୋ ପୋଷ୍ଟ କରିଥାନ୍ତି। ହେଲେ ସେ ଜିମ୍ ତ୍ୟାଗ କରିଦେଇଛନ୍ତି। ସେ ଏବେ ସମାଧି ସ୍ଥାନରେ ଏକ୍ସରସାଇଜ୍ କରୁଛନ୍ତି। ଅଣ୍ଡ୍ରିଆ ଜିମ୍‌ରେ ଲୋକଙ୍କ କଥା ଶୁଣିଶୁଣି ବିରକ୍ତ ହୋଇଯାଇଥିବାରୁ ସେ ଜିମ୍ ତ୍ୟାଗ କରିଥିବା ଜଣାପଡ଼ିଛି। ତାଙ୍କ କହିବା କଥା, ପୁରୁଷଙ୍କ ଭଳି ତାଙ୍କ ଶରୀର ପାଇଁ ଅନେକେ ତାଙ୍କୁ ତାଳି ମାରିଥାନ୍ତି। ଏଥିପାଇଁ ସେ ଏବେ ଏକା ସମାଧି ସ୍ଥଳରେ ଆସି ଟ୍ରେନିଂ ଦେବା ଆରମ୍ଭ କରିଛନ୍ତି। ପ୍ରଥମେ ତାଙ୍କୁ ଗ୍ଲାମରସ୍ ରୂପରେ ସେଠାରେ ଟ୍ରେନିଂ ଦେବାକୁ ବାରଣ କରାଯାଉଥିଲା। ହେଲେ ଏବେ ସେ ସେଠାରେ ଅନେକଙ୍କୁ ଟ୍ରେନିଂ ଦେଉଛନ୍ତି। ତାଙ୍କ କହିବା କଥା ଯେ ସମାଧି ସ୍ଥଳ ବହୁତ ଶାନ୍ତ ସ୍ଥାନ। ଯେଉଁଠାରେ ମଣିଷ ଶାନ୍ତିର ଅନୁଭବ କରିପାରିବ। ସମାଧି ସ୍ଥଳରେ ସେ ଏକ୍ସରସାଇଜ୍ କରିବା ସହ ପ୍ରକୃତିକୁ ମଧ୍ୟ ଉପଭୋଗ କରୁଥିବା କହିଛନ୍ତି।





# ଇଲାୟାରାଜାଙ୍କ ବାୟୋପିକ୍‌ରେ ଧନୁଷ୍

**ମୁମ୍ବାଇ**

ସାଉଥ୍ ଅଭିନେତା ଧନୁଷ୍ ଖ୍ୟାତନାମା ସଙ୍ଗୀତଜ୍ଞ ଇଲାୟାରାଜାଙ୍କ ବାୟୋପିକ୍‌ରେ ନଜର ଆସିବେ। ଏନେଇ ଔପଚାରିକ ଭାବେ ଘୋଷଣା ହୋଇଛି। ଏହି ଫିଲ୍ମର ଶୁଟିଂ ଆସନ୍ତା ବର୍ଷ ଆରମ୍ଭ ହେବ ଏବଂ ୨୦୨୫ରେ ଏହା ମୁକ୍ତିଲାଭ କରିବ। ଫିଲ୍ମର ପ୍ରଯୋଜନା ଦାୟିତ୍ୱ କନେକ୍ଟ ମିଡିଆ ଏବଂ ମର୍କ୍ୟୁରି ଗ୍ରୁପ୍ ନେବ। ଇଲାୟାରାଜା ହେଉଛନ୍ତି ଲୋକପ୍ରିୟ ସଙ୍ଗୀତଜ୍ଞ, ଗୀତିକାର ଏବଂ ଗାୟକ। ସେ ତାଙ୍କ କ୍ୟାରିୟରରେ ୭ହଜାରରୁ ଅଧିକ ଗୀତ ରଚନା କରିଛନ୍ତି। ଏଥିସହ ୨୦ହଜାରରୁ ଅଧିକ କନ୍ସର୍ଟରେ ଭାଗ ନେଇଛନ୍ତି। ସଙ୍ଗୀତ ପ୍ରତି ତାଙ୍କର ଅବଦାନ ପାଇଁ ସେ ୨୦୧୦ରେ ପଦ୍ମଭୂଷଣ ଓ ୨୦୧୮ରେ ପଦ୍ମ ବିଭୂଷଣରେ ସମ୍ମାନିତ ହୋଇଛନ୍ତି। ଏଥିରେ ଶେଖର କମୁଲା ନିର୍ଦ୍ଦେଶନା ଦେବେ। ଫିଲ୍ମକୁ ବିଭିନ୍ନ ଭାଷାରେ ରିଲିଜ୍ କରାଯିବ। ତେବେ ଧନୁଷ୍ ୨୦୦୨ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଅନେକ ହିଟ୍ ଫିଲ୍ମ ତାଙ୍କ ପ୍ରଶଂସକଙ୍କୁ ଭେଟି ଆକାରରେ ଦେଇ ପ୍ରଶଂସିତ ହୋଇଛନ୍ତି। ଆଗକୁ ତାଙ୍କ ହାତରେ ଆଉ ୨ଟି ସିନେମା ରହିଛି।




## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପିପିଲି
## OFFICE OF THE PANCHAYAT SAMITI, PIPILI

Phone: 06758-240746, 06758-240745; e-Mail: ori-pipili@nic.in

**Tender Notice**

No. i-461:- Tenders are invited for the following works through online process. Tender document is available on **www.e-tendersodisha.gov.in**. Interested parties can submit their tender document within stipulated time period as mentioned in the tender document. Further details can be seen from the given website.

**Tender Description**

| | |
|---|---|
| 1 | Construction of proposed building for Mahatma Gandhi Memorial Higher Secondary School of Science and Technology, Pubasasana |
| 2 | Construction of proposed building for Govt. Vocational Higher Secondary School, Pipili Block |
| 3 | Construction of proposed building for Pipili Degree College, Pipili |
| 4 | Construction of proposed building for Pipili Higher Secondary School. |
| 5 | Construction of proposed building for Mahatma Gandhi Memorial Degree College of Education and Technology, Pubasasan |

**Sd./- Block Development Officer, Pipili**
OIPR-19373/11/0003/2324

## OFFICE OF THE NOTIFIED AREA COUNCIL, KHANDAPADA

**No. 2036** **Date: 10.11.2023**

**SHORT QUOTATION CALL NOTICE**

No. C-1809: Executive Officer, Khandapada NAC, Khandapada invites sealed Quotation Call Notice from interested/ intending eligible Firms/ Fabricator Agencies/ Contractors for **"SUPPLY FITTING & FIXING OF HOARDINGS IN DIFFERENT WARDS OF KHANDAPADA NAC"**. DTCN alongwith terms & conditions can be obtained on payment of **Rs.4,000.00 (Rupees Four Thousand)** only (not refundable) in shape of DD/ BD from **dt.14.11.2023 to dt.21.11.2023 upto 5.00 P.M**.
The Registered firms/ Registered Agencies/ Contractor must be accompanied with photo copy of valid (i) PAN (ii) GSTIN (iii) Complete Organisation (iv) Firm / Agency/ Contractor Registration Certificate details, Authenticated proof of the firm. The sealed Quotation and other documents will be received offline on or before **dt.22.11.2023 up to 5.00 P.M. only through Speed Post / Registered Post/ Courier/ By Hand only and will be opened on dt.23.11.2023 at 11.00 A.M.** in presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.

**Sd./- Executive Officer**
**NAC, Khandapada**
**OIPR-13147/11/0005/2324**

## ଜିଲ୍ଲା ପରିଷଦ, ଦେବଗଡ଼
## ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

ପୁରୁଣାଗଡ଼, ଦେବଗଡ଼-୭୬୮୧୧୯, ଦୂରଭାଷ-୦୬୬୪୧-୨୨୬୩୩୦
Purunagarh, Deogarh-768119, Phone-06641-226330, Email:ori-ddeogarh@nic.in

## Zilla Parishad, Deogarh
## PANCHAYATIRAJ & DRINKING WATER DEPARTMENT

**Letter No.2433/** **Date:09.11.2023**

**TENDER CALL NOTICE**

**No.CAD-2798:**Sealed item rate tenders in double covers system are invited from Sole Supplier/ Original Equipment Manufacturer/ Authorized Dealer having valid Registration certificate/ dealership certificate, GST, PAN Card, other relevant documents for the work "Supply and Installation of Interactive Panel Board". The bids must be submitted incorporating the documents as mentioned at section-II with required amount of Earnest Money Deposit (EMD) failing which the bid shall summarily be rejected. The bid documents and specifications can be downloaded from district website **www.deogarh.nic.in**. While bidding, the bidder has to submit an amount of Rs.5,000/- (Rupees Five Thousand only) towards tender cost in shape of Demand Draft (Non-refundable). The bids will be received only through Registered Post/ Speed Post only at address, CDO-cum-EO, ZP, Deogarh, At/PO-Purunagarh, Dist- Deogarh, PIN-768119, Odisha. The last date of receipt of tender paper is 29.11.2023 by 5 PM. The bid will be opened on 30.11.2023 at 11.00 AM. The authority reserves the right to accept/ reject any or all the quotations without assigning any reason thereof.

**Sd./- C.D.O.-cum-E.O., Zilla Parishad, Deogarh**
**OIPR-19366/11/0009/2324**

## OFFICE OF THE SUPERINTENDING ENGINEER
## BHUBANESWAR (R&B) DIVISION NO-III, BHUBANESWAR

bbsrrandb03@yahoo.com

**60Estg.No - 7935** **Date – 10.11.2023**

**Government of Odisha "e"-Procurement Notice No (45) of 2023-24**

No. B- **Bid Identification No: - C.C. (R&B) 03**

| | | |
|---|---|---|
| 1 | Name of the Work | Road Work |
| 2 | Total No. of works | 2 Nos. Work |
| 3 | Estimated Cost | i) ₹99,16,000.00, ii) ₹99,77,000.00 |
| 4 | Class of Contractor | "B" Class Contractor |
| 5 | Period of Completion | 3 (Three) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From **13.11.2023 at 4.30 P.M. to 20.11.2023 upto 5.30 P.M.** |
| 8 | Last Date & Time for Receipt of bids in the Portal | **20.11.2023, upto 5.30 P.M.** |
| 9 | Name & Address of the Officer inviting Bid | Er. Gayatri Patel, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal **https://tendersorissa.gov.in**
**N.B: Subsequent corrigendum / addendum if required shall be available in the website as indicated above.**

**Sd./- Superintending Engineer, Bhubaneswar (R&B) Division No III, BBSR**
OIPR-34089/11/0026/2324

## ODISHA STATE CIVIL SUPPLIES CORPORATION LTD., CUTTACK

No.3237 Dt.09.11.23

**TENDER CALL NOTICE**

**No.CAD-2800:** The District Manager, O.S.C.S.C. Ltd., Cuttack invites sealed tender from interested reputed Travel Agencies /Tour Operators / private Individual for providing one commercial vehicle for engagement in office use on monthly basis.
The detailed notice inviting sealed tender is available in the website of O.S.C.S.C. Ltd., Bhubaneswar (i.e.www.oscsc.in). The interested parties are requested to download the detail notice i.e. Tender Call Notice and tender documents for engagement of hired vehicle from the above website or may obtain from this office. The last date of receipt of Tender is Dt.17.11.2023 by 3.00 P.M

**Sd./- District Manager**
**OSCSC Ltd., Cuttack**
**OIPR-07065/11/0010/2324**

## OFFICE OF THE SUPERINTENDING ENGINEER
## BHUBANESWAR (R&B) DIVISION NO-III, BHUBANESWAR

bbsrrandb03@yahoo.com

**60Estg.No - 7926** **Date – 10.11.2023**

**Government of Odisha "e"-Procurement Notice No (44) of 2023-24**

No. B- **Bid Identification No: - C.C. (R&B) 03**

| | | |
|---|---|---|
| 1 | Name of the Work | Road Work |
| 2 | Total No. of works | 1 No. work |
| 3 | Estimated Cost | Rs.24,70,000.00 |
| 4 | Class of Contractor | "C" & "B" Class Contractor |
| 5 | Period of Completion | 2 (Two) Calendar Months |
| 6 | Type of Tender | Single Cover System (Online) |
| 7 | Date & time of availability of bid document in the portal | From **13.11.2023 at 1.30 P.M. to 20.11.2023 upto 5.30 P.M.** |
| 8 | Last Date & Time for Receipt of bids in the Portal | **21.11.2023, upto 5.30 P.M.** |
| 9 | Name & Address of the Officer inviting Bid | Er. Gayatri Patel, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal **https://tendersorissa.gov.in**
**N.B: Subsequent corrigendum / addendum if required shall be available in the website as indicated above.**

**Sd./- Superintending Engineer, Bhubaneswar (R&B) Division No III, BBSR**
OIPR-34089/11/0025/2324

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE, BALANGIR

No. B-1237

Mail ID : - sepwdbalangir@gmail.com

**e - Procurement Notice**

**BID IDENTIFICATION No: CCE(R&B) BGR/36/2023-24**
**Letter No. 6167 // Dtd. 09.11.2023**

The **Chief Construction Engineer, Balangir (R&B) Circle, Balangir** on behalf of Governor of Odisha invites percentage rate **composite** bid in double cover system in **ONLINE MODE** for the construction of works detailed in the table below from **"B" & "A"** Class Contractors registered with the State Governments and contractors of equivalent Grade/Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.

1. Nature of Work : **Building work**
2. No. of tender : Building works - 01 No.
3. Tender Cost : Rs.10,000/-
4. Class of Contractor : **"B" & "A"**
5. Date & Time of sale & Receipt of Bids : From Dt.13.11.2023, 10.00 A.M. to Dt.20.11.2023 up to 05.00 P.M.
6. Date of opening Bid : Dt.21.11.2023 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

**Sd./- Chief Construction Engineer,**
**Balangir (R&B) Circle, Balangir**
OIPR-34131/11/0037/2324

## GOVT. OF ODISHA
## ODISHA STATE MARITIME MUSEUM, CUTTACK, JOBRA
## OFFICE OF THE SUPERINTENDING ENGINEER

MAHANADI SOUTH DIVISION NO.I, CANTONMENT ROAD, CUTTAKC-1
PHONE NO.- 0671-2414425
No. A-810:- E Mail id: eemsdcuttack@gmail.com

**Expressin of Interest Notice No.-01/2023-24 (OSMM)**

**"Expression of interest" in sealed covers invited from reputed individual / agencies for operating Souvenir Shop in the premises of Odisha State Maritime Museum, Cuttack at Jobra.**
For details of EOI, please visit the website http://www.odishastatemaritimemuseum.org. The last date for submission of EOI at Office of the Superintending Engineer, Mahanadi South Division, Cuttack, Cantonment Road, Cuttack- 753001 is upto 05.00 P.M. on 28.11.2023 through Speed Post/ Registered Post / Courier only. The details of EOI will be available inthe website w.e.f. 14.11.2023.
**N.B.:** 1. Further details can be seen from the e-procurement portal **http://www.odishastatemaritimemuseum.org**.
**2. All the Corrigendum / Notices or any other information if any will only be uploaded in the above mentioned website.**
**3. The EOI inviting authority is not responsible for any postal delay.**

**Sd./- Superintending Engineer**
**Mahanadi South Division No.I- Cum-Member Treasurer, OSMM, Cuttack**
OIPR-32024/11/0005/2324

## GOVERNMENT OF ODISHA
## DEPARTMENT OF SPORTS & YOUTH SERVICES

**Kalinga Stadium Complex, Bhubaneswar- 751012**
**Reference No.: SYS-FE-FE-0029-2023 28466/543, Date 09.11.2023**

**REQUEST FOR PROPOSAL**

No.TT-26:- Sports & Youth Services Department, Government of Odisha invites bids from reputed agencies to the RFP for "Supply of Uniform for Government College of Physical Education, DSYS, Govt. of Odisha".
The details of the document are available at the below mentioned website.
Website: **https://sports.odisha.gov.in/**
Interested firms / parties / agencies are advised to study the RFP document carefully before submitting their bid.
**Important Dates and Information**:
Date of publication: 09.11.2023.
Last date and time for sending Pre-bid queries- Date 15.11.2023, Time: 05.00 P.M.
Pre-bid Meeting- Date 16.11.2023, Time: 11.00 A.M.
Last date and time of submission of proposal - Date 29.11.2023, Time: 04.00 P.M.
Opening of the technical bid: Date 29.11.2023, Time: 5.00 P.M.

**Sd./- Director, Sports**
OIPR-29001/11/0084/2324

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, ANGUL

**TENDER CALL NOTICE FOR PROVIDING DOCTORS & SPECIALISTS**

**No.2478** **Date:09.11.2023**

**No.E-547:**Sealed tenders are invited from Company or Partnership Firm for Providing Doctors & Specialists for different Govt. Health Institutions in Angul District, Odisha. Details regarding eligibility criteria, terms & conditions and the formats of submission of tender (Technical & Price Bid) may be downloaded from the website i.e. **www.angul.nic.in**. The undersigned reserves the rights to reject any or all the tenders without assigning any reason thereof. The proposed date of opening of bidding documents/ finalisation of the same may change in case of any emergency/ exigency. The typographical error (if any) may be exempted.

**Sd./- Chief District Medical & Public Health Officer, Angul**
**OIPR-10142/11/0004/2324**

## BHIMA BHOI MEDICAL COLLEGE & HOSPITAL (BBMCH), BALANGIR, ODISHA
## Walk-In-Interview for the Post of Junior Resident

**Advertisement No. 6593/Dt.09.11.2023**

No.E-546:- Applications are invited from Eligible Doctors for engagement in the Post of Junior Resident (JR) to serve at BBMCH, Balangir for a period of 1 year which can be extended, if required. The Application Form and detail instructions are available in our website **www.bbmchbalangir.nic.in**. The Walk-in-Interview is scheduled to be held on **21.11.2023 at 09.30 A.M.** in the Office of the Dean & Principal, BBMCH, Balangir (First Floor, College Building).

**Sd./- Dean & Principal BBMCH, Balangir**
OIPR-10141/11/0017/2324

## GOVERNMENT OF ODISHA
## OFFICE OF THE DIVISIONAL FOREST OFFICER ANGUL DIVISION, ANGUL

**e-Procurement Notice, ANGUL FOREST DIVISION**
**Bid Identification No.- 07 of 2023-24**
**e-mail ID: dfoangul@gmail.com**

No. MM-265
1. Number of works : 04 (Four) number of works.
2. Approximate estimated cost : 7.26 to 17.53 lakhs
3. Period of completion: : 03 (Three) Calendar months
4. Date & time of availability of the bid document in the portal : Dt. 13.11.2023 at 10 A.M.
5. Last date/Time for receipt of bid in the Portal. : Dt.24.11.2023 upto 5.00 P.M.
6. Date of opening Bid : 28.11.2023 at 11.00 A.M.
7. Name and Address of the Office Inviting Bid : Divisional Forest Officer, Angul Division, Angul
8. The bidders have to participate in ONLINE bidding only.

**Further details can be seen from the e-procurement Portal https:/tendersodisha.gov.in**

**Sd./- Divisional Forest Officer, Angul Division, Angul**
OIPR-08027/11/0014/2324

No.C-1804

## OFFICE OF THE EXECUTIVE ENGINEER P.H. DIVISION, ANGUL

**Ph. (06764)296431, Email- eephangul@yahoo.in**
**GOVERNMENT OF ODISHA**
**Bid Identification No. EE PH Division Angul-16/2023-24 dt.02.11.2023**

| | | | |
|---|---|---|---|
| 1. | Name of the work | : | 01 (one) No. single bid system/ 02 (two) Nos. double bid system |
| 2. | Type of Bid | : | Single / Double Bid System |
| 3. | Estimated Cost | : | **₹ 31.85 lakhs to ₹ 73.82 lakhs** |
| 4. | Period of completion | : | 03 (three) months |
| 5. | Date & time of availability of bid document in the portal | : | From 11.00 AM of 13.11.2023 to 5.00 PM of 28.11.2023 |
| 6. | Last date/time of receipt of bids in the portal | : | 5.00 PM of 28.11.2023 |
| 7. | Date & time of opening of technical bids | : | At 11.00 AM of 29.11.2023 |
| 8. | Name & address of the Officer inviting Bid. | : | **Executive Engineer, P.H. Division, Angul** |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

**Sd./- (Er. Prasanta Behera)**
OIPR-13056/11/0004/2324 **Executive Engineer, P.H. Division, Angul**

## OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL

Email- eedklpwd@gmail.com

**INVITATION FOR BIDS THROUGH e-Procurement**
**Bid Identification No. SEDKL (R&B), 30/2023-24**
No.B-1230 **INVITATION FOR BIDS**

| | | |
|---|---|---|
| 1 | Superintending Engineer, Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work & Electrical work as detailed below. | |
| 2 | Nature of work | Civil (Building) Works |
| 3 | No. of work | 02 Nos. |
| 4 | Bid cost | Rs.6,000/- each |
| 5 | Class of contractor | 'C' & 'D' Class |
| 6 | Availability of bid documents in the website | From 10.00 A.M. of 13.11.2023 to 5.00 P.M. of 28.11.2023 |
| 7 | Date of opening of bid | Dt.29.11.2023 at 11.00 A.M. |
| 8 | The bidders have to participate in ONLINE bidding only. Further details can be seen from the website : **https://tendersodisha.gov.in**. Any addendum / corrigendum / cancellation of tender can also be seen in the said website only. | |

**Sd./- Superintending Engineer**
**Dhenkanal (R&B) Division**
OIPR-34016/11/0025/2324

## OFFICE OF THE SUPERINTENDING ENGINEER DEOGARH (R&B) DIVISION, DEOGARH

**INVITATIONS FOR BIDS (IFB)**

**Letter No.4118, Dtd.07.11.2023**
No.B-1239: **E-mail ID: eepwddeogarh@gmail.com**

**Invitation for Bids**
**Bid Identification No. SE PWD DGR No.13 of 2023-24**

| | | |
|---|---|---|
| 1 | The Superintending Engineer, Deogarh (R&B) Division, Deogarh, on behalf of Governor of Odisha, invites percentage rate bids in single cover system in ONLINE MODE, for Construction of Road as detailed below. | |
| 2. | Nature of work | Road work |
| 3. | No. of works | Road 01 No. |
| 4. | Bid Cost. | Rs.6,000/- |
| 5. | Class of Contractor | "B" Class |
| 6. | Availability of Bid Documents in the website | From dt. 13.11.2023 to 17:00 hours of dt. 22.11.2023 |
| 7. | Date of Opening of Technical Bid | Dt. 23.11.2023 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website: http://www.tendersorissa.gov.in. Any addendum / corrigendum / cancellation of tender can also be seen in the said website only. | |

OIPR-34061/11/0012/2324 **Sd./-Superintending Engineer**
**Deogarh (R&B) Division**

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE CHIEF ENGINEER & BASIN MANAGER SUBARNAREKHA & BUDHABALANGA BASIN

**No.A-820:**
**AT/PO-LAXMIPOSI, DIST-MAYURBHANJ**
**Mail Id: cebmsbb2019@gmail.com**
**Government of Odisha "e" Procurement Notice**
**Bid Identification No.28/23-24 of CEBM, SBB, Laxmiposi**

| | | |
|---|---|---|
| 1 | Name of Work | A. Improvement to service road of Kalo Main Distributary from RD 00 m to 6800 m, RD 8000 m to 9500 m and Service road of Patpur Minor from RD 700m to RD 5760m. B. Improvement to service road on left bank of Bisoi Distributary from RD 300m to 13300m of Sunei Irrigation Project. |
| 2 | Estimated Cost | A. Rs.561.37 Lakh, B. Rs.585.64 Lakh |
| 3 | Bid Security/ E.M.D. | A. Rs.5,61,400/-, B. Rs.5,85,700/- |
| 4 | Period of Completion | 12 (Twelve) Calendar Months |
| 5 | Class of Contractor | "A" Class |
| 6 | Date & Time of availability of bid document in the Portal | 13.11.2023 at 10.00 AM |
| 7 | Last date/time for receipt of bid in the Portal | 28.11.2023 upto 5.00 PM |
| 8 | Date of Opening of bid | 29.11.2023 at 11.00 AM |
| 9 | Name & Address of the O.I.T. | Chief Engineer & Basin Manager, O/o the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in".

**OIPR-32074/11/0044/2324** **Sd./- Chief Engineer & Basin Manager**

## GOVT. OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER MAHANADI NORTH DIVISION-I, JAGATPUR, CUTTACK

**E-mail ID: exenger.mnd@gmail.com**

**'e' Procurement Notice No.- MND-12/2023-24**

No.A-811:- The bid documents consisting of work, estimated cost, cost of tender paepr, EMD, time of completion, class of contractor, the set of term & conditions of contract and other necessary documents can be seen in -e-procurement portal www.tendersorissa.gov.in. The tender submission process will be completely online. BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO.- 9100 DATED 17.07.2020.

| | | | |
|---|---|---|---|
| 1 | Nature of work | : | Canal Road work |
| 2 | Total No. of works | : | 1 (One) work |
| 3 | Bid Identification No. | : | MND-12/2023-24 |
| 4 | Tender cost | : | Approx. Rs.88.43 Lakhs |
| 5 | Class of contractor | : | 'B' Class |
| 6 | Period of completion | : | 6 (Six) months |
| 7 | Other details | : | As noted below |
| | a) Procurement Officer | : | Superintending Engineer, Mahanadi North Division-I, Jagatpur, email: exengr.mnd@gmail.com, Ph.0671-2491546 |
| | b) Availability of tender online for bidding | : | 10.00 hours of 17.11.2023 to 17.30 hours of 01.12.2023 |
| | c) Last date & time of submission of bid document | : | 17.30 hours of 01.12.2023 |
| | d) Date, time & place of opening of technical bid | : | 02.12.2023 at 11.30 hours in the O/o the Superintending Engineer, Mahanadi North Division-I, Jagatpur |
| | e) Date, time & place of opening of financial bid | : | Will be intimated after evaluation of technical bid |
| | f) Date of Lottery (if required) | : | To be intimated later on |

Further details can be seen from the govt. website "https://tendersodisha.gov.in"

**Sd./- Superintending Engineer, Mahanadi North Division-I, Jagatpur**
OIPR-32003/11/0012/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରିଷି
ପରିବାରବର୍ଗ


ଶିବ ପ୍ରସାଦ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଂଗ୍ରେସରେ ଯୋଗଦେବେ ଜୟରାମ ପାଙ୍ଗୀ

**କୋରାପୁଟ,୧୦।୧୧**
**(ଅମିତାଭ ବେହେରା)**

ବରିଷ୍ଠ ନେତା ଜୟରାମ ପାଙ୍ଗୀ ଆସନ୍ତା ନଭେମ୍ବର ୧୬ରେ କଂଗ୍ରେସ ଦଳରେ ଯୋଗଦେବେ। ଶୁକ୍ରବାର ପାଙ୍ଗୀ ଏ ସମ୍ପର୍କରେ ସୋସିଆଲ ମିଡିଆ ପେଜ୍‌ରେ ଉଲ୍ଲେଖ କରିଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ



ସମୟରେ ଜନତା ଦଳରୁ ବିଧାୟକ ନିର୍ବାଚିତ ହୋଇ ସେତେବେଳେ ସେ ଅବକାରୀ ମନ୍ତ୍ରୀ ରହିଥିଲେ। ବିଜେଡିରେ ସାମିଲହୋଇ ଏମ୍‌ପି ଭାବେ ମଧ୍ୟ ନିର୍ବାଚିତ ହୋଇଥିଲେ। ପରେ ପାଙ୍ଗୀ ଭାଜପାରେ ଯୋଗଦେଇଥିଲେ। କିଛି ମାସ ତଳେ ସେ ଭାଜପା ଛାଡି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ବିଆର୍‌ଏସ୍ ଦଳରେ ଯୋଗଦେଇଥିଲେ। ବର୍ତ୍ତମାନ ପାଙ୍ଗୀ କଂଗ୍ରେସରେ ଯୋଗଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ନେଇ କୋରାପୁଟ ରାଜନୀତିରେ ଚର୍ଚ୍ଚା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଜୟରାମ ପାଙ୍ଗୀ ତାଙ୍କ ରାଜନୈତିକ କ୍ୟାରିୟରରେ ୪ ଥର ବିଧାୟକ ହୋଇଥିବାବେଳେ ଥରେ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ୧୯୭୭ରେ ଜନତାପାର୍ଟିରୁ ପଟ୍ଟାଙ୍ଗି ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ। ୧୯୯୦ରେ ସେ ଏହି ଆସନରୁ ବିଜୟୀ ହୋଇଥିଲେ। ୨୦୦୦ ଓ ୨୦୦୪ରେ ସେ ବିଜେଡି ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୯ରେ ସେ ବିଜେଡିରୁ କୋରାପୁଟ ଲୋକ ସଭା ଆସନରୁ ବିଜୟୀ ହୋଇଥିଲେ। ୨୦୧୭ରେ ସେ ବିଜେଡି ଛାଡ଼ି ସେ ଭାଜପାରେ ଯୋଗଦେଇଥିଲେ। ୨୦୧୯ରେ ଭାଜପାରୁ କୋରାପୁଟ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇ ନିର୍ବାଚନରେ ପରାସ୍ତ ହୋଇଥିଲେ।


**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଆବିର୍ଭାବ: ୦୫।୦୩। ୧୯୪୨
ତିରୋଧାନ: ୦୧।୧୧।୨୦୨୩

ତୁମର ଏକାଦଶାହରେ ଆମ ସମସ୍ତଙ୍କର ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା ଯେ ତୁମେ ଯେଉଁଠାରେ ବି ଥାଅ ଭଲରେ ଥାଅ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

ଶୋକସନ୍ତପ୍ତ: ପରିବାରବର୍ଗ।
୰ ଡକ୍ଟର ବାରୁଣୀ ଦାସ
ଛଣପୁର, ବାଲେଶ୍ୱର- ୭୫୬୦୫୬

**CLASSIFIED DISPLAY**

**MORE SPACE • SAME PRICE**

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**ADMISSION OPEN**
**Bhava Institute Of Medical Science & Research**
Recognised by DMET, ON&MC, Health & FW Dept.,Govt. of Odisha

**GNM**
Duration : 3 Year, Eligibility : +2 Pass (Any Stream) 40% Mark

**ANM**
Duration : 2 Year, Eligibility : +2 Pass (Any Stream)

**DMRT**
**DMLT**
Duration : 2 Year, Eligibility : +2 Science

**CBCA**
Certified Blood Collection Assistant
Duration : 6 months, Eligibility : 10+

Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

**ଦିୱାଲି ଧମାକା**
**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା ଅଧୀନରେ**
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
**2% ସୁଧ, 40% ରିହାତି**
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
Mob. 7382841797


**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କ୍ଷମତାକୁ ଆସିଲେ ଜାତି ଜନଗଣନା କରିବୁ: ରାହୁଲ

**ଭୋପାଳ,୧୦।୧୧**

ଜାତି ଜନଗଣନା ଏକ ବିପ୍ଳବାତ୍ମକ ପଦକ୍ଷେପ। ଏହା ଜନସାଧାରଣଙ୍କ ଜୀବନରେ ପରିବର୍ତ୍ତନ ଆଣିବ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର କହିଛନ୍ତି। ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ଜିତି କଂଗ୍ରେସ କ୍ଷମତାକୁ ଆସିଲେ, ଜାତି ଜନଗଣନା ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ୧୭ ତାରିଖରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ସାତନାଠାରେ ଏକ ରାଲିକୁ ଉଦ୍‌ବୋଧନ ଦେଇ ରାହୁଲ କହିଥିଲେ, ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ବାସ୍ତବ ସଂଖ୍ୟା ଜାଣିବାକୁ ହେଲେ ଜାତି ଜନଗଣନା କଂଗ୍ରେସ ସରକାରଙ୍କ ପ୍ରଥମ କାର୍ଯ୍ୟ ହେବ।



ମଧ୍ୟପ୍ରଦେଶର ସାତନାଠାରେ ଉଦ୍‌ବୋଧନ ଦେଉଛନ୍ତି ରାହୁଲ ଗାନ୍ଧୀ।

ଏହା ଏକ ଏକ୍ସ-ରେ ଭଳି ପଛୁଆ ବର୍ଗଙ୍କ ସଂଖ୍ୟା ସ୍ପଷ୍ଟ କରିବ ଏବଂ ତଦନୁଯାୟୀ ସେମାନଙ୍କ କଲ୍ୟାଣ ପାଇଁ ଯୋଜନା ଓ ନୀତି ପ୍ରଣୟନ କରାଯିବ। ସେହିପରି କଂଗ୍ରେସ କେନ୍ଦ୍ରରେ କ୍ଷମତାକୁ ଆସିଲେ ଜାତୀୟ ସ୍ତରରେ ଜାତି ଜନଗଣନା କରିବ ବୋଲି ରାହୁଲ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଓବିସି କହୁଥିବାବେଳେ ଜାତି ଜନଗଣନା କଥା ଉଠିଲା ବେଳକୁ ତାଙ୍କ ମୁହଁ ବନ୍ଦ ହୋଇଯାଉଛି। ମଧ୍ୟପ୍ରଦେଶରେ ୫୩ ଆଇଏଏସ୍ ଅଫିସରଙ୍କ ମଧ୍ୟରୁ ମାତ୍ର ଜଣେ ଓବିସି ବୋଲି କଂଗ୍ରେସ ନେତା କହିଛନ୍ତି। ଋଣ ବୋଝରେ ଅତିଷ୍ଠ ହୋଇ ଗତ ୧୮ ବର୍ଷ ମଧ୍ୟରେ ମଧ୍ୟପ୍ରଦେଶରେ ୧୮,୦୦୦ ଚାଷୀ ଆତ୍ମହତ୍ୟା କରିଛନ୍ତି। ବିମୁଦ୍ରୀକରଣ ଏବଂ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟ ଉପରେ ଆକ୍ରମଣ, ଯେଉଁଥିପାଇଁ ଦେଶରେ ନିଯୁକ୍ତିବିହୀନ ସ୍ଥିତି ସୃଷ୍ଟି ହୋଇଥିବା ରାହୁଲ ଅଭିଯୋଗ କରିଛନ୍ତି।

# ଯେଦୁରପ୍ପାଙ୍କ ପୁଅ ହେଲେ କର୍ଣ୍ଣାଟକ ଭାଜପା ସଭାପତି


ବିଜୟେନ୍ଦ୍ରଙ୍କ ସହ ବି.ଏସ୍. ଯେଦୁରପ୍ପା

**ନୂଆଦିଲ୍ଲୀ,୧୦।୧୧**

କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବି.ଏସ୍. ଯେଦୁରପ୍ପାଙ୍କ ପୁଅ ବିଜୟେନ୍ଦ୍ର ଯେଦୁରପ୍ପାଙ୍କୁ ଶୁକ୍ରବାର ରାଜ୍ୟ ଭାଜପା ସଭାପତି ନିଯୁକ୍ତ କରାଯାଇଛି। ଏହି ନିଷ୍ପତ୍ତି ଫଳରେ ବର୍ଷୀୟାନ ଲିଙ୍ଗାୟତ ନେତାଙ୍କ ପ୍ରଭାବକୁ ଦଳ ସ୍ୱୀକୃତି ଦେଇଛି। ବିଜୟେନ୍ଦ୍ର ଜଣେ ଦକ୍ଷ ସାଂଗଠନିକ ନେତା। ନିକଟରେ ସେ ବିଧାୟକ ନିର୍ବାଚିତ ହୋଇଥିଲେ। ୪୭ ବର୍ଷୀୟ ବିଜୟେନ୍ଦ୍ରଙ୍କୁ ଯେଦୁରପ୍ପାଙ୍କ ରାଜନୈତିକ ଉତ୍ତରାଧିକାରୀ ବିବେଚନା କରାଯାଉଛି। ଗତ ମେ' ବିଧାନସଭା ନିର୍ବାଚନରେ ଭାଜପା ପରାଜିତ ହେବା ପରେ ଦଳୀୟ ନେତୃତ୍ୱରେ ପରିବର୍ତ୍ତନ ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଆସୁଥିଲା। ବହୁ ପୁରୁଖା ନେତା ଥିଲେ ମଧ୍ୟ ଲିଙ୍ଗାୟତ ଭୋଟକୁ ଦୃଷ୍ଟିରେ ରଖି ପ୍ରଥମ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ବିଜୟେନ୍ଦ୍ରଙ୍କୁ ଭାଜପା ରାଜ୍ୟ ସଭାପତି ଭାବେ ନିଯୁକ୍ତି ଦେଇଛି। ନିର୍ବାଚନୀ ରାଜନୀତିରୁ ଯେଦୁରପ୍ପା ଓହରିଯାଇଥିଲେ ମଧ୍ୟ ଦଳରେ ତାଙ୍କର ଦବଦବା ଅକ୍ଷୁଣ୍ଣ ରହିଛି। ସୂଚନାଯୋଗ୍ୟ, ଯେଦୁରପ୍ପାଙ୍କ ବଡ଼ପୁଅ ବି.ୱାଇ. ରାଘବେନ୍ଦ୍ର ଲୋକ ସଭା ସଦସ୍ୟ ଅଛନ୍ତି।

# 'ଦଳୀୟ ଶୃଙ୍ଖଳା, ସାମାଜିକ ଗଣମାଧ୍ୟମ ପ୍ରମୁଖ ଅସ୍ତ୍ର'

## ସରିଲା ବିଜେଡି ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର

**ବାଲେଶ୍ୱର, ୧୦।୧୧**
**(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନମଣ୍ଡଳୀର ବାଲିଆପାଳ ଠାରେ ବିଜେଡି ପକ୍ଷରୁ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ନେତୃତ୍ୱରେ ଆୟୋଜିତ ୩ ଦିନ ଧରି ଚାଲିଥିବା ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଦଳୀୟ ଶୃଙ୍ଖଳା ଓ ସାମାଜିକ ଗଣମାଧ୍ୟମକୁ ପ୍ରମୁଖ ଅସ୍ତ୍ର ଭାବରେ ବ୍ୟବହାର କରିବାକୁ ଉପସ୍ଥିତ ସକ୍ରିୟ ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ଜିଲା ସଭାପତି ତଥା ମନ୍ତ୍ରୀ ଅଶ୍ୱିନୀ ପାତ୍ର ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସକ୍ରିୟ କର୍ମୀମାନଙ୍କର ଭୂମିକା ବିଷୟରେ ଆଲୋଚନା କରିଥିଲେ। ପୂର୍ବତନ ଏମ୍‌ପି ତଥା ଖୋର୍ଦ୍ଧା ଜିଲା ବିଜେଡ଼ି ପର୍ଯ୍ୟବେକ୍ଷକ ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ପ୍ରଶିକ୍ଷଣ ଶିବିରରୁ ଶିକ୍ଷାଲାଭ କରିଥିବା


ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ମନ୍ତ୍ରୀ, ନେତା ଓ କର୍ମୀ।

ଉପାଦେୟ ତଥ୍ୟକୁ ତୃଣମୂଳସ୍ତରରେ ବ୍ୟବହାର କରି ସଙ୍ଗଠନକୁ ଆହୁରି ମଜଭୁତ ପାଇଁ ଆହ୍ୱାନ ଦେଇଥିଲେ। ବସ୍ତା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ବିଜେଡି କିପରି ପ୍ରତିଶ୍ରୁତିବଦ୍ଧ ତାହା ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଉପସ୍ଥିତ କର୍ମୀମାନଙ୍କୁ ଜଣାଇ, ଦଳୀୟ ସଙ୍ଗଠନକୁ ଆହୁରି ଦୃଢ଼ କରି ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ପୁଣିଥରେ ମୁଖ୍ୟମନ୍ତ୍ରୀ କରିବା ପାଇଁ ଶପଥ କରାଇଥିଲେ।

# କଂଗ୍ରେସ କରିବ 'ତୁଳସୀ ଯାତ୍ରା'

**ଭୁବନେଶ୍ୱର, ୧୦।୧୧(ସୁନିତ୍‌ମିଶ୍ର)**

ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାରର ଗଣତି, ମଣତି ଓ ମରାମତି, ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଅଧିକୃତ ଅମୃତମଣୋହି ଜମି ଏବଂ ଚାଷୀଙ୍କ ଜମିକୁ ଫେରସ୍ତ କରିବା ସମେତ ୬ ଦାବି ନେଇ କଂଗ୍ରେସ ଦୁଇ ଥର ଆନ୍ଦୋଳନ କଲାଣି। ଏହା ସତ୍ତ୍ୱେ ରାଜ୍ୟ ସରକାର ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପାଇଁ କୌଣସି ନିଷ୍ପତ୍ତି ନେଉନାହାନ୍ତି। ତେଣୁ କଂଗ୍ରେସ ପକ୍ଷରୁ ନଭେମ୍ବର ମାସ ଶେଷ ସୁଦ୍ଧା 'ତୁଳସୀ ଯାତ୍ରା' କରାଯିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟର ସମସ୍ତ ପୁରପଲ୍ଲୀରୁ ବ୍ଲକ ପର୍ଯ୍ୟନ୍ତ ଏବଂ ସହର ବଜାରର ସାଧାରଣ ଜନତାଙ୍କ ସହଯୋଗରେ ତୁଳସୀ ସଂଗ୍ରହ କରାଯିବ। ଏହାପରେ ଶ୍ରୀକ୍ଷେତ୍ରକୁ ତୁଳସୀ ଯାତ୍ରା କରାଯିବ। ରାଜ୍ୟର ସମସ୍ତ ବ୍ଲକ ଓ ନଗରର ସାଧାରଣ ଜନତା, ଜଗନ୍ନାଥ ପ୍ରେମୀ, ଶ୍ରଦ୍ଧାଳୁ, ଯୁବତୀଯୁବକ, ଛାତ୍ରୀଛାତ୍ର, ହବିଷିଆଳି, ଭକ୍ତଙ୍କଠାରୁ ତୁଳସୀ ସଂଗ୍ରହ କରାଯିବ। କଂଗ୍ରେସ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି।

# ୧୪ରୁ ୧୮ ବ୍ଲକ ଆଗରେ ଭାଜପାର ବିକ୍ଷୋଭ

**ଭୁବନେଶ୍ୱର,**
**୧୦।୧୧(ସୁନିତ୍ ମିଶ୍ର)**

ମୋଦି ସରକାର ଶାସନକୁ ଆସିବା ପରେ ଚାଷୀଙ୍କ ସମସ୍ୟା ନେଇ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ଦୀର୍ଘ ୨୩ ବର୍ଷର ରାଜ୍ୟ ସରକାର ଚାଷୀଙ୍କୁ ବାରମ୍ବାର ପ୍ରତାରଣା କରୁଛନ୍ତି। ଫଳରେ ଚାଷୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆସନ୍ତା ୨୨ ତାରିଖରେ ପ୍ରତି ଜିଲାରୁ ୧୦ ଜଣ ଲେଖା ବିଭିନ୍ନ କ୍ଷେତ୍ରର ଚାଷୀଙ୍କୁ ନେଇ ପ୍ରଶିକ୍ଷଣ ଶିବିର କରାଯିବ। ଏହାସହ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଚାଷୀମାନଙ୍କୁ ସମ୍ମାନିତ କରାଯିବା ପାଇଁ ଖସଡ଼ା ପ୍ରସ୍ତୁତି ହେବ। ଏହି କ୍ରମରେ ପ୍ରତ୍ୟେକ ପଞ୍ଚାୟତସ୍ତରରେ ଗ୍ରାମ୍ୟ ପରିକ୍ରମାକରି କେନ୍ଦ୍ର ସରକାରଙ୍କ ୯ ବର୍ଷର ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଯିବ। ଆସନ୍ତା ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ଲକ ଆଗରେ ରାଜ୍ୟ ସରକାରଙ୍କ ବିଫଳତା ତଥା ବିଭିନ୍ନ ବିଷୟକୁ ନେଇ ବିକ୍ଷୋଭ କରାଯିବ। ଏଥିରେ କୃଷକ ମୋର୍ଚ୍ଚାର ବିଶେଷ ଭାଗୀଦାରି ରହିବ ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୋର୍ଚ୍ଚା ସଭାପତି କହିଛନ୍ତି, ଏବେ ରାଜ୍ୟରେ ଜଳସେଚନ ଅବ୍ୟବସ୍ଥା ଯୋଗୁ ଚାଷ ଓ ଚାଷୀ ପ୍ରଭାବିତ ହୋଇଛନ୍ତି। ଏହାଦ୍ୱାରା ଧାନକ୍ଷେତରେ ଜଳର ଅଭାବ ଯୋଗୁ କ୍ଷେତ ଫାଟି ଆଁ କଲାଣି। ଓଡ଼ିଶାରେ ବହୁ ଅଞ୍ଚଳରେ ମରୁଡ଼ିର ପଦଧ୍ୱନି ଶୁଣାଗଲାଣି। ଏହାକୁ ନେଇ ଚାଷୀମାନେ ରାଜରାସ୍ତାକୁ ଆସିଲେଣି ବୋଲି ମହେଶ୍ୱର କହିଛନ୍ତି।


# Classified Everyday
**0674-2580101, 2549949**



**REAL ESTATE**

**SALE**

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - 9658562429. D-75259

ଭୁବନେଶ୍ୱର ସତ୍ୟନଗର ପଞ୍ଜାବୀ କଲୋନୀଠାରେ 1,15,00,000/-ରେ resale 3BHK flat ମିଳୁଛି। (Bank Loan available). 9437114429, 8093465134. D-75258

Ready to move 3BHK flat Sundarpada, Urchid Residency, 65 Lakhs, negotiable, Mob. 9437331956. D-1755

**HOUSE FOR SALE: Nayapalli Brit Colony, 3-Storied 2200 Sqft with 2-Garage, Price: 2.5 Crore (Negotiable). Contact: 9437226981/ 8327730412.** D-1765

**Commercial plot 3 sides road facing to NH Nakhara to Niali road frontage 60 feet facing to south 10000sqft., 8KM from Nakhara, 13KM from Bhubaneswar. 8249851363, 7809525452.** D-75056

**ଭୁବନେଶ୍ୱର ଖୋର୍ଦ୍ଧା NH side Gandhi College ଲାଗି 60' road, electricity, boundarywall ଥାଇ immediatly ଘର କରିବା ପାଇଁ ପ୍ଲଟ୍ ମିଳୁଛି। 9090963952.** D-75250

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75249

4BHK Duplex South facing corner, Balianta Syphon. Land-1400, Construction-2200- 89Lakh. 9938219397, 9861022055. D-1763

ଭୁବନେଶ୍ୱର ନୂଆଗାଁ କାଟେଣୀ ରୋଡ୍‌ରୁ 100mtr ଦୂରତାରେ boundary plot ମିଳୁଛି। 9583375452. D-75251

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479.** D-75248

Duplex sale Retang Railway Station, C.V Raman, Infocity-2, Bhubaneswar. 9777433701. D-75263

**Few Office space left for immediate sale in a prime locality. For details Plz Contact- 7605932509.** D-1713

ଭୁବନେଶ୍ୱର ଉପକଣ୍ଠ ବାଲକାଟି, ମଞ୍ଚାରୀଦେବୀ କଲେଜ, 100 ft ପିଚୁରାସ୍ତାକୁ ଲାଗି Commercial / residential ଘରବାରି Boundary ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ ବିକ୍ରିହେବ 9937335716. D-75262

ଭୁବନେଶ୍ୱର ରବିଟକିଜ୍ ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-1758

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରୀ ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9178660666. D-1720

20gunth (16, 000 sqft) residential land with 25ft road, Mouza- Jharpada, adjacent to new Puri Bypass road, near to Mangaraj Point for sale Rs. @ 3,000/- persqft (Negotiable), Contact- 9438504920, 7008010732. D-74597

**Triplex for sale in a posh locality near AIIMS for details Plz contact. Mob- 7605932509.** D-1714

**ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403.** D-1655

**ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303.** D-1656


**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Rent, Duplex at Dumduma, BBSR [Ground & First], 2BHK each. 15000 / Month. Contact: 9773683034. D-1761




**Newly healthcare benefited SPA experience therapist in Bhubaneswar. Contact: 9938843929.** D-75167

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75057

Newly open health benefits SPA special offer @999. Contact: 7749034655. D-75168

**Relax, Refresh your body, Mind at Saikrupa Spa with best therapies. 8984068077.** D-1696

Full body massage in homely atmosphere in all therapy. Mob: 8114881641. D-73446

**LOST**

Missing Dalil RSD No. 2455 dated 17-10-1998. If found please call on 9937492075. D-1767

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




**AFFIDAVIT**

I Suresh Kumar Agrawalla, S/o Late Madan lal Agrawalla, R/o Dolomandap Sahi,Puri Town -752001,Odisha have changed my name to Suresh Kumar Agarwalla for all future purposes & Late Madan lal Agarwalla. D-1764

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ପାକିସ୍ତାନ ସମ୍ମୁଖରେ କଷ୍ଟସାଧ ଲକ୍ଷ୍ୟ

**କୋଲକାତା, ୧୦।୧୧ (ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଅନ୍ତିମ ଡବଲ୍ ହେଡର ମ୍ୟାଚ ଶନିବାର ଅନୁଷ୍ଠିତ ହେବ। ଇଡେନ ଗାର୍ଡେନ୍ସରେ ଇଂଲଣ୍ଡକୁ ପାକିସ୍ତାନ ଭେଟିବାକୁ ଯାଉଥିବାବେଳେ ପୁଣେରେ ବାଂଲାଦେଶ ସହ ମୁକାବିଲା କରିବ ଅଷ୍ଟ୍ରେଲିଆ। ଭାରତ, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଶ୍ରୀଲଙ୍କାକୁ ବଡ଼ ବ୍ୟବଧାନରେ ହରାଇ ନ୍ୟୁଜିଲାଣ୍ଡ ଏକପ୍ରକାର ସେମିଫାଇନାଲରେ ଗୋଟିଏ ପାଦ ରଖି ସାରିଛି। ଫଳରେ ପାକିସ୍ତାନ ପାଇଁ କଷ୍ଟସାଧ ବିଜୟ ଲକ୍ଷ୍ୟ ଧାର୍ଯ୍ୟ

## ଚାମ୍ପିୟନ୍ସ ଟ୍ରଫି ଯୋଗ୍ୟତା ଆଶା

ହୋଇଛି। ନ୍ୟୁଜିଲାଣ୍ଡର ନେଟ୍ ରନ୍ ହାର +୦.୭୪୩ ଓ ପାକିସ୍ତାନ +୦.୦୩୬ ରହିଛି। ତେଣୁ ବାବର ଆଜମଙ୍କ ନେତୃତ୍ୱାଧୀନ ପାକିସ୍ତାନ ଯଦି ପ୍ରଥମେ ବ୍ୟାଟିଂ କରେ ତେବେ ୨୮୭ରୁ ଉର୍ଦ୍ଧ୍ୱ ରନରେ ବିଜୟ ହାସଲ କରିବାକୁ ପଡ଼ିବ। ଯଦି ରନ୍ ଚେଜ୍ କରିବାକୁ ପଡ଼େ ତେବେ ୨୮୪ଟି ବଲ୍ ବାକିଥାଇ ଅର୍ଥାତ୍ ମାତ୍ର ୨.୪ ଓଭରରେ ମ୍ୟାଚ ଜିତିବାକୁ ହେବ। ଏହା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ କୌଣସି ଚମତ୍କାରିତା ହିଁ ପାକିସ୍ତାନକୁ ସେମିଫାଇନାଲରେ ପହଞ୍ଚାଇବା ସମ୍ଭବ ହୋଇପାରିବ, ନଚେତ ଦଳର ଅଭିଯାନ ଲିଗ୍ ପର୍ଯ୍ୟାୟରୁ ଶେଷ ହେବା ନିଶ୍ଚିତ। ଏ କ୍ଷେତ୍ରରେ ୨୦୨୫ ଚାମ୍ପିୟନ୍ସ ଟ୍ରଫି ପାଇଁ ଯୋଗ୍ୟତା ପାକିସ୍ତାନର ମୁଖ୍ୟ ଲକ୍ଷ୍ୟ ରହିବ। ବିଶ୍ୱକପ୍‌ର ଟପ୍-୮ ଦଳ ଚାମ୍ପିୟନ୍ସ ଟ୍ରଫି ଖେଳିବା ନିୟମ ରହିଛି। ଅନ୍ୟପକ୍ଷରେ ଚଳିତ ବିଶ୍ୱକପ୍‌ରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରି ବହୁ ପୂର୍ବରୁ ସେମିଫାଇନାଲ ଆଶା ହରାଇ ସାରିଥିବା ଗତଥରର ଚାମ୍ପିୟନ ଇଂଲଣ୍ଡ ମଧ୍ୟ ଚାମ୍ପିୟନ୍ସ ଟ୍ରଫି ଯୋଗ୍ୟତା ପାଇବାକୁ ଆଶା ରଖିଛି। ତେଣୁ ବିଜୟ ହିଁ ଉଭୟ ଦଳର ଏକମାତ୍ର ଲକ୍ଷ୍ୟ ରହିବ।

ନେଦରଲାଣ୍ଡ୍ସ, ଶ୍ରୀଲଙ୍କା, ବାଂଲାଦେଶ ଓ ଇଂଲଣ୍ଡ ପଏଣ୍ଟ ଟେବୁଲର ଶେଷ ୪ ସ୍ଥାନରେ ରହିଛନ୍ତି। ପୂର୍ବ ମ୍ୟାଚରେ ନେଦରଲାଣ୍ଡ୍ସକୁ ୧୬୦ ରନରେ ହରାଇବା ଦ୍ୱାରା ଇଂଲଣ୍ଡ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇଛି। ତେଣୁ ଅନ୍ୟ ୩ ଦଳ ଅପେକ୍ଷା ଏହା ଭଲ ସ୍ଥିତିରେ ରହିଛି। ବାଂଲାଦେଶ ଓ ନେଦରଲାଣ୍ଡ୍ସ ସେମାନଙ୍କ ଅନ୍ତିମ ଲିଗ୍ ମ୍ୟାଚରେ ଅପେକ୍ଷାକୃତ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଓ ଭାରତକୁ ଭେଟିବେ। ଉଭୟ ଦଳର ନେଟ୍ ରନ୍ ହାର ମଧ୍ୟ ଭଲ ନାହିଁ। ତେଣୁ ପାକିସ୍ତାନକୁ ହରାଇ ପାରିଲେ ଇଂଲଣ୍ଡର ଚାମ୍ପିୟନ୍ସ ଟ୍ରଫି ଯୋଗ୍ୟତା ନିଶ୍ଚିତ ହୋଇଯିବ।

ପାକିସ୍ତାନ ଇଡେନରେ ୨ଟି ମ୍ୟାଚ ଖେଳିସାରିଛି। ତେଣୁ ମିଡିଲ ଓଭରଗୁଡ଼ିକରେ ସ୍ଲୋ ଓ ସ୍ପିନ୍ ଫ୍ରେଣ୍ଡଲି ହେଉଥିବା ପିଚ୍ ଓ ପରିବେଶ ସହିତ ଅଭ୍ୟସ୍ତ ହୋଇଛି। ତେବେ ଏହାର ଟପ୍-୫ ବ୍ୟାଟରଙ୍କୁ ବଡ଼ ସ୍କୋର କରିବାକୁ ହେବ। ରହସ୍ୟଜନକ ଭାବେ ୫ ମ୍ୟାଚ ମିସ୍ କରିଥିବା ବିସ୍ଫୋରକ ଓପନର ଫଖର ଜମନ ନ୍ୟୁଜିଲାଣ୍ଡ ବିପକ୍ଷରେ ଧୂଆଁଧାର ବ୍ୟାଟିଂ କରି ଦଳକୁ ଫାଇଦାରେ ରଖିଥିଲେ। ବାବରଙ୍କ ସହିତ ସେ ମିଶି ଅସମାପ୍ତ ଭାଗୀଦାରିରେ ୧୪୧ ବଲ୍‌ରୁ ୧୯୪ ରନ ଯୋଡ଼ିବାରୁ ଡକଓ୍ୱର୍ଥ ଲୁଇସ ନିୟମରେ ପାକିସ୍ତାନ ବିଜୟୀ ହୋଇଥିଲା। ତେଣୁ କୌଣସି ସମୀକରଣକୁ ସଫଳତାର ସହିତ ସାମ୍ନାକରିବାର ଦକ୍ଷତା ତାଙ୍କର ଅଛି ବୋଲି ସେ ପ୍ରମାଣ କରିଛନ୍ତି।

ଚଳିତ ବିଶ୍ୱକପ୍‌ରେ ଇଂଲଣ୍ଡର ପ୍ରଥମ ଓ ଦ୍ୱିତୀୟ ବିଜୟ ପାଇଁ ଏକମାସ ସମୟ ଲାଗିଗଲା। କ୍ରମାଗତ ୫ ପରାଜୟ ଯୋଗୁ ଦଳର ସମ୍ଭାବନା ମଧ୍ୟ ଶେଷ ହୋଇଗଲା। ଗତ ୨ଟି ମ୍ୟାଚରେ ବେନ୍ ଷ୍ଟୋକ୍ସ ଓ ଡାଭିଡ ମଲନ ଆକର୍ଷଣୀୟ ବ୍ୟାଟିଂ କରିଛନ୍ତି। ତେଣୁ ଶାହିନ ଶାହା ଆଫ୍ରିଦି ଓ ହାସନ ରୌଫଙ୍କ ବିପକ୍ଷରେ ତାଙ୍କର ଲଢ଼େଇ ରୋଚକ ରହିବ। ଦଳର ଏକମାତ୍ର ବ୍ୟାଟର ଭାବେ ମଲନ ୩୦୦ରୁ ଉର୍ଦ୍ଧ୍ୱ ସ୍କୋର କରିଛନ୍ତି। ଏହା ବ୍ୟତୀତ କ୍ରିସ୍ ୱୋକ୍ସ ଉଭୟ ବ୍ୟାଟ୍ ଓ ବଲ୍‌ରେ ଭଲ ପ୍ରଦର୍ଶନ କରିଛନ୍ତି। ସ୍ପିନ୍ ଫ୍ରେଣ୍ଡଲି ପରିବେଶରେ ମୋଇନ ଅଲୀ ଓ ଆଦିଲ ରଶିଦଙ୍କ ଉପରେ ମଧ୍ୟ ନଜର ରହିବ।


ପିଚ୍ ନିରୀକ୍ଷଣ କରୁଛନ୍ତି ପାକିସ୍ତାନ ଅଧିନାୟକ ବାବର ଆଜମ ଓ ମୁଖ୍ୟ କୋଚ ଗ୍ରାଣ୍ଟ ବ୍ରାଡ୍‌ବର୍ନ।

### ସମାଲୋଚକଙ୍କୁ ବାବରଙ୍କ ଜବାବ

ପାକିସ୍ତାନ କ୍ରିକେଟ ଦଳର ଷ୍ଟାର ବ୍ୟାଟର ବାବର ଆଜାମ କହିଛନ୍ତି, ତାଙ୍କ ନେତୃତ୍ୱକୁ ନେଇ ପ୍ରଶ୍ନ ଉଠାଯିବା ଉଚିତ ନୁହେଁ। ଅଧିନାୟକତ୍ୱ ଚାପ ତାଙ୍କ ବ୍ୟାଟିଂ ଉପରେ ଖରାପ ପ୍ରଭାବ ପକାଉଛି ବୋଲି ଅନେକେ କହୁଛନ୍ତି। କିନ୍ତୁ ପ୍ରକୃତରେ ତାହା ଠିକ୍ ନୁହେଁ। ଟିଭିରେ ମତାମତ ଦେବା ଅତି ସହଜ। ଯଦି ପ୍ରକୃତରେ ଜଣେ କେହି ତାଙ୍କୁ ପରାମର୍ଶ ଦେବାକୁ ଚାହୁଁଥାନ୍ତି ତେବେ ସେମାନେ ତାଙ୍କ ସହ ସିଧାସଳଖ ଯୋଗାଯୋଗ କରିପାରିବେ। ତାଙ୍କ ନମ୍ବର ସମସ୍ତଙ୍କ ପାଖରେ ରହିଛି। ବାବର ତାଙ୍କ ସମାଲୋଚକଙ୍କ ଉଦ୍ଦେଶ୍ୟରେ ଏକଥା କହିଛନ୍ତି। ମୋଇନ ଖାଁ ଓ ଶୋଏବ ମଲିକଙ୍କ ସମେତ ପୂର୍ବତନ ଅଧିନାୟକଗଣ ବାବରଙ୍କ ଅଧିନାୟକତ୍ୱକୁ ନେଇ ଖୋଲାଖୋଲି ସମାଲୋଚନା କରିଛନ୍ତି। ବାବର କିଙ୍ଗ୍ ଅଫ୍ ବ୍ୟାଟ୍ସମ୍ୟାନ ହୋଇଥାଇପାରନ୍ତି କିନ୍ତୁ ଜଣେ ଦକ୍ଷ ଅଧିନାୟକ ନୁହନ୍ତି ବୋଲି ମଲିକ କହିଛନ୍ତି। ସେହିପରି ମୋଇନ କହିଛନ୍ତି, ବାବର ଭାରତୀୟ ବ୍ୟାଟର କୋହଲିଙ୍କଠାରୁ ଶିଖିବା ଉଚିତ, ଯିଏକି ଅଧିନାୟକ ପଦ ଛାଡ଼ିବା ପରେ ବ୍ୟାଟିଂରେ ମନୋନିବେଶ କରୁଛନ୍ତି। ବାବର କିନ୍ତୁ ଦୃଢ଼ ଅଛନ୍ତି। ସମାଲୋଚନା ତାଙ୍କ ଫର୍ମକୁ କେବେ ପ୍ରଭାବିତ କରିନାହିଁ।

# କ୍ରମାଗତ ୭ମ ବିଜୟ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

**ପୁଣେ, ୧୦।୧୧ (ପି.ଟି.)**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଏହାର ଶେଷ ଲିଗ୍ ମ୍ୟାଚରେ ଶନିବାର ବାଂଲାଦେଶକୁ ଭେଟିବ। ଭାରତ ଓ ଦକ୍ଷିଣ ଆଫ୍ରିକାଠାରୁ ହାରିବା ପରେ ୬ ବିଜୟ ହାସଲ କରି ସାରିଥିବା ଅଷ୍ଟ୍ରେଲିଆ ଏବେ କ୍ରମାଗତ ୭ମ ବିଜୟ ଉପରେ ଲକ୍ଷ୍ୟ ରଖିଛି। ସେମିଫାଇନାଲ ପୂର୍ବରୁ ଦଳର ଏହା ଶେଷ ମ୍ୟାଚ ହୋଇଥିବାରୁ ବିଜୟ ସହ ନକ୍‌ଆଉଟ ଖେଳିବା ମଧ୍ୟ ଦଳର ଲକ୍ଷ୍ୟ ରହିବ। ଅନ୍ୟପକ୍ଷରେ ପ୍ରଥମ ଦଳ ଭାବେ ଚଳିତ ଟୁର୍ନାମେଣ୍ଟରୁ ଏଲିମିନେଟ୍ ହୋଇଥିବା ବାଂଲାଦେଶ ବିଜୟ ହାସଲ କରି ସମ୍ମାନର ସହ ଅଭିଯାନ ଶେଷ କରିବାକୁ ନିଶ୍ଚିତ ଚେଷ୍ଟା କରିବ।

ଅଷ୍ଟ୍ରେଲିଆ ଏହାର ପୂର୍ବ ମ୍ୟାଚଗୁଡ଼ିକରେ ଯଥାକ୍ରମେ ଶ୍ରୀଲଙ୍କା, ପାକିସ୍ତାନ, ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ ଓ ଆଫଗାନିସ୍ତାନକୁ ହରାଇଛି। ବିଶେଷ କରି ଆଫଗାନିସ୍ତାନ ବିପକ୍ଷ ବିଜୟ ଦଳର ମନୋବଳକୁ ବହୁ ଉପରେ ରଖିଛି। ୨୯୨ ରନ ବିଜୟ ଲକ୍ଷ୍ୟର ପିଛା କରି ଦଳ ଏକଦା ୯୧ ରନ ମଧ୍ୟରେ ୭ ଉଇକେଟ ହରାଇ ପରାଜୟର ଦ୍ୱାରରେ ପହଞ୍ଚିଥିବାବେଳେ ଗ୍ଲେନ ମ୍ୟାକ୍ସୱେଲଙ୍କ ଅବିଶ୍ୱସନୀୟ ଦ୍ୱିଶତକ (୧୨୮ ବଲ୍‌ରୁ ୨୦୧ ରନ) ଦଳ ପାଇଁ ସଞ୍ଜୀବନୀ ସଦୃଶ ହୋଇଥିଲା। ଅନ୍ୟପକ୍ଷରେ ଶ୍ରୀଲଙ୍କା ବିପକ୍ଷରେ ଆଞ୍ଜେଲୋ ମାଥ୍ୟୁସଙ୍କ ଟାଇମ୍ ଆଉଟ ବିବାଦକୁ ନେଇ ଚର୍ଚ୍ଚାରେ ରହିଥିବା ବାଂଲାଦେଶ ୨୦୨୫ ଚାମ୍ପିୟନ୍ସ ଟ୍ରଫି ଯୋଗ୍ୟତା ଉପରେ ନଜର ରଖିଛି। ଏହି ମେଗା ଇଭେଣ୍ଟରେ ଆୟୋଜକ ପାକିସ୍ତାନ ସମେତ ଟପ୍ ୮ ଦଳ ଅଂଶଗ୍ରହଣ କରିବେ। ବର୍ତ୍ତମାନ ପଏଣ୍ଟ ଟେବୁଲର ୮ମରେ ଥିବା ବାଂଲାଦେଶ ସ୍ଥାନ ବଜାୟ ରଖିବା ପାଇଁ ଏକ ନିଶ୍ଚିତ ବିଜୟ ଆବଶ୍ୟକ କରିବ।



ନେଟ୍ସରେ ଅଭ୍ୟାସରତ କାମେରନ ଗ୍ରୀନ୍।

# ଗ୍ରୁପ୍ ଏ'ରେ ଜୋକୋଭିଚ୍

## ଏଟିପି ଫାଇନାଲ୍ସ

**ତୁରିନ୍, ୧୦।୧୧(ଏପି)**

ତୁରିନ୍‌ରେ ରବିବାରଠାରୁ ଖେଳାଯିବାକୁଥିବା ଏଟିପି ଫାଇନାଲ୍ସ ପାଇଁ ଗତଥରର ଚାମ୍ପିୟନ ନୋଭାକ୍ ଜୋକୋଭିଚ୍ ଗ୍ରୁପ୍ ଏ'ରେ ସ୍ଥାନୀୟ ଫେଭରାଇଟ୍ ଜାନିକ୍ ସିନରଙ୍କ ସହିତ ସ୍ଥାନ ପାଇଛନ୍ତି। ବର୍ଷ ଶେଷରେ ବିଶ୍ୱର ନମ୍ବର ୱାନ ହେବା ଲାଗି ତାଙ୍କୁ ଆଉ ଗୋଟିଏ ମ୍ୟାଚ ଜିତିବା ଦରକାର। ଶ୍ରେଷ୍ଠ ୮ଜଣ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହେବାକୁଥିବା ଏହି ସିଜନ ଶେଷ ଟୁର୍ନାମେଣ୍ଟ ପାଇଁ ଡ୍ର ଅନୁଷ୍ଠିତ ହୋଇଯାଇଛି। ସିନରଙ୍କ ବ୍ୟତୀତ ଗ୍ରୀନ୍ ଗ୍ରୁପ୍‌ର ରାଉଣ୍ଡ ରବିନ ପର୍ଯ୍ୟାୟରେ ଷ୍ଟିଫାନସ ସିତ୍‌ସିପାସ୍ ଓ ହୋଲଗର ରୁନ୍‌ଙ୍କୁ ମଧ୍ୟ ଜୋକୋଭିଚ୍ ଭେଟିବେ। ସେହିପରି ରେଡ୍ ଗ୍ରୁପ୍‌ରେ ଦ୍ୱିତୀୟ ସିଡ୍ କାର୍ଲୋସ ଅଲକାରାଜଙ୍କ ବ୍ୟତୀତ ଡାନିଲ ମେଡଭେଡେଭ, ଆନ୍ଦ୍ରେ ରୁବ୍ଲେଭ ଓ ଆଲେକଜାଣ୍ଡର ଜେଭରେଭ ସ୍ଥାନ ପାଇଛନ୍ତି। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲରେ ପ୍ରବେଶ କରିବେ। ଜୋକୋଭିଚ୍ ଏଠାରେ ୭ମ ଥର ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛନ୍ତି। ଜୁଲାଇରେ ୱିମ୍ବଲଡନ ଫାଇନାଲରେ ଅଲ୍‌କାରାଜଙ୍କଠାରୁ ପରାଜିତ ହେବାପରଠାରୁ ସେ ଗୋଟିଏ ହେଲେ ମ୍ୟାଚ ହାରିନାହାନ୍ତି। ବର୍ତ୍ତମାନ ଏଠାରେ ୬ଟି ଟାଇଟଲ ସହ ସେ ରୋଜର ଫେଡରରଙ୍କ ରେକର୍ଡ ସମକକ୍ଷ ଅଛନ୍ତି। ଜେଭରେଭ ଏଠାରେ ଦୁଇ ଥର ଟୁର୍ନାମେଣ୍ଟ ଜିତିଥିବା ବେଳେ ମେଡଭେଡେଭ ଓ ସିତ୍‌ସିପାସ ଥରେ ଲେଖାଏ ଚାମ୍ପିୟନ ହୋଇପାରିଛନ୍ତି। ରବିବାର ଆରମ୍ଭ ହେବାକୁଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ନଭେମ୍ବର ୧୯ରେ ଖେଳାଯିବ।

# ଭାରତ ଟୁର୍ ପାଇଁ ଏକ୍ଲେଷ୍ଟୋନ୍ ସାମିଲ

**ଲଣ୍ଡନ, ୧୦।୧୧(ପି.ଟି.)**

ଆସନ୍ତା ମାସରେ ଭାରତ ଟୁର୍‌ରେ ଆସିବ ଇଂଲଣ୍ଡ ମହିଳା କ୍ରିକେଟ ଦଳ। ଏଥିରେ ଷ୍ଟାର ସ୍ପିନର ସୋଫି ଏକ୍ଲେଷ୍ଟୋନ୍‌ଙ୍କୁ ସାମିଲ କରାଯାଇଛି। ସୂଚନାଯୋଗ୍ୟ, ଗତ ଅଗଷ୍ଟରେ 'ଓମେନ୍ସ ହଣ୍ଡ୍ରେଡ୍' ଟି୨୦ ଲିଗ୍ ବେଳେ ଏକ୍ଲେଷ୍ଟୋନଙ୍କ ଡାହାଣ ହାତ ଖଞ୍ଜା ଖସି ଯାଇଥିଲା। ସେପ୍ଟେମ୍ବରରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ଏବେ ସେ ଫିଟ୍‌ଥିବା କୁହାଯାଉଛି।


**GOVERNMENT OF ODISHA** No.A-817:
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**RENGALI LEFT BANK CANAL DIVISION,**
At/PO-Kamakhyanagar, Dist-Dhenkanal,Odisha, Pin-759018
Ph:06769-270771,Email Id:eerlbcdivision@gmail.com
**e-PROCUREMENT NOTICE No.RLBCD-P1-03/2023-24**

| | | |
|---|---|---|
| 1 | Category of Work | 05 Nos. of Civil Constructin Works and 02 Nos. of Flood Protection Works. |
| 2 | Total No. of Works | 07 (Seven) Nos. |
| 3 | Estimated Cost | Varies from Rs.31.82 Lakhs to Rs.7.69 Lakhs |
| 4 | Period of Completion | 60 days to 45 days |
| 5 | Class of Contractor | "B" & "C" and "D" & "C" or equivalent grade/class |
| 6 | Cost of Bid document/ Mode of Payment | Rs.6000/- to Rs.4,000/- (Non-refundable)/ Online through Electronic Payment Mode (internet Banking/NEFT/RTGS of Designated Banks and their Aggregator Banks) |
| 7 | EMD/ Bid Security Amount/Mode of Payment | Varies from Rs.31,820/- to Rs.7,700/-/ Online through Electronic Payment Mode (Internet Banking/NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar |
| | (ii) Availability of Bid documents for Online Bidding | 14.11.2023 from 10.00 Hours to 27.11.2023 upto 17.00 Hours. |
| | (iii) Date, time & venue of Bid Opening (Online) | On 28.11.2023 at 11.00 hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online) |
| | (iv) Date, Time & Venue of transparent lottery for finalization of bids, if required | On 02.12.2023 at 11.00 Hours in the O/o. the Superintending Engineer, Rengali Left Bank Canal Division, Kamakhyanagar. |

Further details can be seen from the Government of Odisha website https://tendersodisha.gov.in.

Sd./- Superintending Engineer
OIPR-32298/11/0006/2324 R.L.B. Canal Division, Kamakhyanagar



**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
**"e" Procurement Notice for Bridge Work**
Identification No.- Online Tender- Bridge N.C.B. No. 328 for 2023-24.
Letter No. 6313 / Date. 9.11.23

**No.O-1510:**1. Name of the Work :- Bridge Work under Biju Setu Yojana in the District of Mayurbhanj. 2. Total No. of Work :- 06 Nos. (Six). 3. Estimated Cost :- Rs.329.37 lakhs to Rs.808.71 Lakhs (Approximately). 4. Eligible Class of Contractor :- As per annexure. 5. Period of Completion :- As per annexure. 6. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/O C.C.E., R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Bridge Online N.C.B. No.328 | Dt.14.11.2023 at 11.00 A.M. | Dt.28.11.2023 upto 5.00 P.M. | Dt.24.11.2023 Upto 5.00 P.M. | Dt.29.11.2023 at 11.00 A.M. | Will be Intimated Later |

• Further details can be seen from the website www.tendersorissa.gov.in.
• Any Corrigendum/Addendum will be displayed in the above e_tender website only.
OIPR-25130/11/0065/2324 **Sd./- Chief Construction Engineer, R.W.Circle, Baripada**



**OFFICE OF THE PANCHAYAT SAMITI, RAIRANGPUR**
**At/Po- Rairangpur, Dist-Mayurbhanj**
E-mail: ori-rairangpur@nic.in
Letter No.3547/dev/dt.9.11.23
**TENDER CALL NOTICE**
**Bid Identification No.03** **BDO, Rairangpur**

**No.i-463:**Sealed tender on percentages (%) rate are invited from the interested D, C & B Class Contractor registered with the Govt. for execution of civil work under Panchayat Samiti, Rairangpur, Mayurbhanj. The eligible criteria and the details of the tender documents which can be downloaded from the website www.mayurbhanj.nic.in. Interested bidders fulfilling the eligibility criteria may submit their proposals to the O/o BDO, Rairangpur only through Regd.Post/ Speed Post, other mode of communication will not be entertained.

| Sl. No. | Name of the GP | Name of the Work | Name of the Scheme | Value of work amount put to tender (in Rs.) | EMD to be deposited (in Rs.) | Cost of tender paper (in Rs.) | Class of Contractor to be verified | Period of Completion |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Purunapani | Construction of Conference hall at Rairangpur Block | 5th SFC Maint. of Non-residential building | 1697225 | 16972.00 | 6000 | D & C | 6 Months |
| 2 | Rairangpur NAC | Upgradation of Infrastructure in elementary school of AGBAI UGUP School (ACR School Build-4 Nos.) in Rairangpur NAC | OMBADC | 2632704 | 26327 | 6000 | C & B | 6 Months |
| 3 | Rairangpur NAC | Upgradation of Infrastructure in secondary school of Rairangpur High School (ACR Build-2 Nos.) in Rairangpur NAC | OMBADC | 1953573 | 19536 | 6000 | D & C | 6 Months |
| 4 | Rairangpur NAC | Upgradation of Infrastructure in secondary school of Rairangpur High School (Library Build-1 No.) in Rairangpur NAC | OMBADC | 1189576 | 11896 | 6000 | D & C | 6 Months |
| 5 | Rairangpur NAC | Upgradation of Infrastructure in secondary school of Rairangpur Govt. Girls High School (Library Build-1 No.) in Rairangpur NAC | OMBADC | 1189576 | 11896 | 6000 | D & C | 6 Months |

**Terms and Conditions:**
1. Sale & Receipt of Tender Paper: From Dt.13.11.23 to 28.11.23 upto 5.00 PM on every office working days. The last date of receipt of the bid documents will be 28.11.2023 upto 5.00 PM.
2. Date of Opening of the tender paper: 29.11.23 at 11.00 AM at the conference hall, Panchayat Samiti, Rairangpur, Mayurbhanj in the presence of the bidders.
3. Mode of receipt: Through either Regd. post or Speed Post only to O/S BDO, Rairangpur, Mayurbhanj.
4. Envelop should be super-scribed with the name of works for which tender paper is being submitted otherwise will be rejected.

**Sd./- Block Development Officer**
OIPR-19147/11/0003/2324 **Rairangpur**



See Career Appointment on every Wednesday & Saturday



**ODISHA PUBLIC SERVICE COMMISSION**
**19, DR.P.K.PARIJA ROAD, CUTTACK-753001**
**NOTICE**
**No.8590/PSC, Dt.10.11.2023**
**(DR-IV) (2PH-06-2023-24)**

**No.D-161:**The written Examination for recruitment to the posts of Homoeopathic Medical Officer, pursuant to Advertisement No.05 of 2023-24 shall be conducted as per the following programme.

| Date | Session | Time | Paper | Subject Code |
|---|---|---|---|---|
| 03.12.2023 (Sunday) | Forenoon Session | 10.00 A.M. to 11.30 A.M. (10.00 A.M. to 12.00 P.M. for PWD Candidates | Paper-I | 01 |
| | Afternoon Session | 02.00 PM to 03.30 P.M. (02.00 P.M. to 04.00 P.M. for PWD Candidates) | Paper-II | 02 |

The list of Examination Centre alongwith allotment of Roll Numbers given below:-

| Sl.No. | Name of the Examination Centres | Roll Numbers |
|---|---|---|
| 1 | Suddhananda Engineering Research Centre, Nachhipur, Bhatapatana, Cuttack-752115 | From 100001 to 101107 |

The candidates admitted are required to download their **"Admission Certificates"** and **"Instructions to candidates"** from the website of the Commission at **www.opsc.gov.in. w.e.f 28.11.2023.**
OIPR-12002/11/0112/2324 **Sd./-Secretary**



**ODISHA PUBLIC SERVICE COMMISSION**
**ADVERTISEMENT NO. 17 OF 2023-24**
**Recruitment to the posts of Assistant Horticulture Officer in Class-II of Group-B Service under Department of Agriculture & Farmers' Empowerment**
**WEBSITE - http://opsc.gov.in**

**No.D-160:***Online applications are invited from the prospective candidates through the proforma application to be made available on the Website of the Commission* ***(http://opsc.gov.in)*** for recruitment to **33 (Thirty Three)** posts of Assistant Horticulture Officer in Class-II of Group-B Service, under the Department of Agriculture & Farmers' Empowerment, in the Pre-revised scale of pay of Rs.9,300-34,800/- with Grade pay of Rs.4600/- (PB-2) or Level 10 of the Pay Matrix Revised, as per ORSP Rules, 2017, with usual Dearness and other Allowances as may be sanctioned by the Government of Odisha from time to time. The posts are temporary and likely to continue.

**2. VACANCY POSITION:**
As per requisition filed by the Department of Agriculture and Farmers' Empowerment, Government of Odisha, out of a total of **33(11-W)** vacancies, 26 (09-W) vacancies are reserved for UR category, 01 (00-W) vacancies are reserved for SC category and 06 (02-W) vacancies are reserved for ST category. Also, **01** post is reserved for **Ex-Servicemen & 01** post is reserved for **Persons with Disabilities** having Hearing Impairment [HI (with suitable aid)] and whose permanent disability is 40% and more.

**3. AGE:**
A candidate must have attained the age of **21 (Twenty one)** years and must not be above **38 (Thirty Eight)** years as on **1st day of January 2023** i.e. he/she must have been born **not earlier than 2nd January, 1985** and **not later than 1st January, 2002.**

**4. EDUCATIONAL QUALIFICATION:**
A candidate must possess a Bachelor of Science Degree in Horticulture/Agriculture from any of the recognized Universities or Institutions.

**5. Method of Selection:**
The selection of candidates for recruitment to the posts of Assistant Horticulture Officer shall be made on the basis of **Written Test** and **Interview.**

**The link for registration/ re-registration shall be available from 15.11.2023 to 15.12.2023 (Note: 15.12.2023 is the last date for submission of Registered Online Application).**

The candidates are advised to visit the Website of the Commission at **http://opsc.aov.in for detailed information for applying to the above post.**

**CUTTACK** **Sd./- SECRETARY**
**Date:10.11.2023** **ODISHA PUBLIC SERVICE COMMISSION,**
**OIPR-12002/11/0111/2324** **CUTTACK**



**ODISHA LIFT IRRIGATION CORPORATION LTD.**
(A GOVT. OF ODISHA UNDERTAKING)
**OFFICE OF THE EXECUTIVE ENGINEER, L.I.DIVISION, PARALAKHEMUNDI**
**"E"-Procurement Notice**
E-mail: www. eeolicpkd@gmail.com
Bid Identification No-03/2023-24 dt.07.11.2023

**No.CAD-2797:**The Executive Engineer, Lift Irrigation Division, Paralakhemundi on behalf of OLIC invites Percentage Rate bids in single cover system to be received in Online Mode Only for the work Installation and Energisatin of 57 No. New Lift irrigation Projects(BKVY-RIDF-XXIX) & 4 Nos of Rivival LIPs Out of STATE PLAN-2023-24 under Paralakhemundi, Rayagada, Mohana & Kashinagar Blocks in Gajapati District as detailed in the table below. The Bid should be submitted by the eligible class of contractor as mentioned below registered with the state Government and contractor of equivalent grade / class registered with central Government / M.E.S / Railways / C.P.W.D for execution of civil works with valid Electrical (H.T) License issued by ELBO Odisha through On-Line in the Govt. website **www.tenderodisha.gov.in**. The bidders should have necessary portal enrolment (with own digital signature certificate). The registered bidders from outside Odisha can also participate in this on-line tender process after necessary portal enrollment but shall have to subsequently undergo registration with appropriate authority of the State.
**1. Name of the Work:- Installation & Energisation of New River Lift Irrigation Projects-57 Nos & 4 Nos of Rivival LIPs out of State Plan-2023-24, with supply of all materials on Turnkey basic. 2. Total Nos of Package:-41, 3. Approximate Estimated Cost:- Rs.24.099 to Rs.82.240 Lakhs, 4. Class of Contractor :- As mentioned against each package, 5. Period of completion:-As mentioned against each package, from the date of issue of work order. 6. Other details as below:-**

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender in the Office of the Executive Engineer, L.I.Division, Paralakhemundi |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I.Division, Paralakhemundi | OLIC/Paralakhemundi/03/2023-24/ Dt.07.11.2023 | 18.11.2023 at 11.00 Hrs. | 27.11.2023 at 17.00 Hrs. | 24.11.2023 at 17.00 Hrs. | 28.11.2023 at 11.00 Hrs. |

OIPR-32348/11/0004/2324






# ଦକ୍ଷିଣ ଆଫ୍ରିକା ୫ ଉଇକେଟରେ ବିଜୟୀ


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ରସି ଭାନ୍ ଡର୍ ଡୁସେନ।

**ଅହମଦାବାଦ, ୧୦।୧୧**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ବିଜୟ ସହ ଲିଗ୍ ପର୍ଯ୍ୟାୟ ଶେଷ କରିଛି ଦକ୍ଷିଣ ଆଫ୍ରିକା। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୫ ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଆଫଗାନିସ୍ତାନ ୫୦ ଓଭରରେ ୨୪୪ ରନକରି ଅଲ୍ଆଉଟ ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା ୪୭.୩ ଓଭରରେ ୫ ଉଇକେଟ ହରାଇ ୨୪୭ ରନ ସଂଗ୍ରହ କରି ନେଇଥିଲା। ଅପରାଜିତ ୭୬ ରନର ଇନିଂସ ପାଇଁ ଦକ୍ଷିଣ ଆଫ୍ରିକାର ରସି ଭାନ୍ ଡର୍ ଡୁସେନ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ପୂର୍ବ ମ୍ୟାଚରେ ଭାରତଠାରୁ ହାରିଥିବା ଦକ୍ଷିଣ ଆଫ୍ରିକା ଏଠାରେ ବିଜୟ ଫଳରେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ପୂର୍ବରୁ ମନୋବଳ ଦୃଢ଼ କରିଛି। ଏହି ଦଳ ୯ ମ୍ୟାଚରୁ ୭ ବିଜୟ ସହ ୧୪ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ୩ ଥର ବିପର୍ଯ୍ୟୟ ଘଟାଇ ଟିପ୍ ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହେଉଥିବା ଆଫଗାନିସ୍ତାନ ୯ ମ୍ୟାଚରୁ ୫ମ ପରାଜୟ ସହ ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଆଫଗାନିସ୍ତାନ ଓପନିଂ ଯୋଡ଼ିରେ ୪୧ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲେ ମଧ୍ୟ ନିୟମିତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ବଡ଼ ସ୍କୋର କରିପାରି ନ ଥିଲା। ଆଜମତୁଲ୍ଲା ଓମାରଜାଇ ଶେଷ ପର୍ଯ୍ୟନ୍ତ ଏକାକୀ ଲଢ଼େଇ କରି ଅପରାଜିତ ରହିଥିଲେ। ତାଙ୍କୁ

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ବାଂଲାଦେଶ**

ସ୍ଥାନ: ପୁଣେ, ସମୟ: ପୂର୍ବାହ୍ନ ୧୦ଟା ୩୦

**ଇଂଲଣ୍ଡ ବନାମ ପାକିସ୍ତାନ**

ସ୍ଥାନ: କୋଲକାତା, ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଫଗାନିସ୍ତାନର ଅଭିଯାନ ଶେଷ

ବାଦ୍ ଦେଲେ ଅଧିକାଂଶ ବ୍ୟାଟ୍ସମ୍ୟାନ ଭଲ ଆରମ୍ଭ କରିଥିଲେହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରି ନ ପାରିବାରୁ ଦଳ ଅଲ୍ଆଉଟ ହୋଇ ଯାଇଥିଲା। ରହମଦ ଶାହା ଓ ନୁର ଅହମଦ ୨୬ ରନ ଲେଖାଏ ଏବଂ ଓପନର ରମାନତୁଲ୍ଲା ଗୁରବାଜ ୨୫ ରନ କରିବାକୁ ସକ୍ଷମ ହୋଇଥିଲେ। ୧୦୭ ବଲ୍‌ର ସମ୍ମୁଖୀନ ହୋଇଥିବା ଓମାରଜାଇ ୭ ଚୌକା ଓ ୩ ଛକା ସହାୟତାରେ ୯୭ ରନରେ ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ବୋଲରଙ୍କ ମଧ୍ୟରେ ଗେରାଲ୍ଡ କୋଜି ସର୍ବାଧିକ ୪ଟି, କେଶବ ମହାରାଜ ଓ ଲୁନ୍‌ଗି ଏନଗିଡ଼ି ୨ଟି ଲେଖାଏ ଏବଂ ଆଣ୍ଡିଲେ ଫେଲୁକ୍ୱାୟୋ ଗୋଟିଏ ଉଇକେଟ ନେଇଥିଲେ।

ଆଫଗାନିସ୍ତାନ ପରି ଦକ୍ଷିଣ ଆଫ୍ରିକା ଓପନିଂ ଯୋଡ଼ିରେ ୬୪ ରନ ଯୋଗକରି ଭଲ ଆରମ୍ଭ କରିଥିଲା। ମାତ୍ର ୨ ରନ ବ୍ୟବଧାନରେ ୨ଟି ଉଇକେଟ ପତନ ଏବଂ ମଧ୍ୟଭାଗରେ ଏଡେନ ମାରକ୍ରମ (୨୫), ହେନରିଚ୍ କ୍ଲାସେନ (୧୦) ଓ ଡେଭିଡ ମିଲର (୨୪)ଙ୍କ ବିଫଳତା ଯୋଗୁ ବିପଦ ମଧ୍ୟକୁ ଚାଲି ଆସିଥିଲା। ମାତ୍ର ରସି ଭାନ୍ ଡର୍ ଡୁସେନଙ୍କ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଏବଂ ଶେଷଭାଗରେ ଆଣ୍ଡିଲେ ଫେଲୁକ୍ୱାୟୋଙ୍କ ଉପଯୋଗୀ ୩୯ (୩୭ ବଲ, ୧ ଚୌକା, ୩ ଛକା) ରନ ଦଳକୁ ବିଜୟୀ କରିଥିଲା। ୯୫ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଡୁସେନ ୬ ଚୌକା ଓ ୧ ଛକା ସହାୟତାରେ ୭୬ ରନରେ ଅପରାଜିତ ରହିଥିଲେ। ଆଫଗାନିସ୍ତାନ ପକ୍ଷରୁ ମହମ୍ମଦ ନବି ଓ ରଶିଦ ଖାଁ ୨ଟି ଲେଖାଏ ଏବଂ ମୁଜିବ ଉର୍ ରହମନ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୫୦ ଓଭରରେ ୨୪୪/ଅଲ୍ଆଉଟ (ଆଜମତୁଲ୍ଲା ଓମାରଜାଇ-୯୭*, ରହମଦ ଶାହା-୨୬, ନୁର୍ ଅହମଦ-୨୬, ଗେରାଲ୍ଡ କୋଜି-୪/୪୪, କେଶବ ମହାରାଜ-୨/୨୫, ଲୁନ୍‌ଗି ଏନଗିଡି-୨/୬୯, ଆଣ୍ଡିଲେ ଫେଲୁକ୍ୱାୟୋ-୧/୩୬)। ଦକ୍ଷିଣ ଆଫ୍ରିକା ୪୭.୩ ଓଭରରେ ୨୪୭/୫ (ରସି ଭାନ୍ ଡର୍ ଡୁସେନ-୭୬*, କ୍ୱିଣ୍ଟନ ଡି'କକ୍-୪୧, ଏଡେନ ମାରକ୍ରମ-୨୫, ରଶିଦ ଖାଁ-୨/୩୭, ମହମ୍ମଦ ନବି-୨/୩୫, ମୁଜିବ ଉର୍ ରହମନ-୧/୫୧)।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୮ | ୮ | ୦ | ୧୬ | +୨.୪୫୬ |
| ଦକ୍ଷିଣ ଆଫ୍ରିକା | ୯ | ୭ | ୨ | ୧୪ | +୧.୨୬୧ |
| ଅଷ୍ଟ୍ରେଲିଆ | ୮ | ୬ | ୨ | ୧୨ | +୦.୮୬୧ |
| ନ୍ୟୁଜିଲାଣ୍ଡ | ୯ | ୫ | ୪ | ୧୦ | +୦.୭୪୩ |
| ପାକିସ୍ତାନ | ୮ | ୪ | ୪ | ୮ | +୦.୦୩୬ |
| ଆଫଗାନିସ୍ତାନ | ୯ | ୪ | ୫ | ୮ | -୦.୩୩୬ |
| ଇଂଲଣ୍ଡ | ୮ | ୨ | ୬ | ୪ | -୦.୮୮୫ |
| ବାଂଲାଦେଶ | ୮ | ୨ | ୬ | ୪ | -୧.୧୪୨ |
| ଶ୍ରୀଲଙ୍କା | ୯ | ୨ | ୭ | ୪ | -୧.୪୧୯ |
| ନେଦରଲାଣ୍ଡସ୍ | ୮ | ୨ | ୬ | ୪ | -୧.୬୩୫ |

# ଶ୍ରୀଲଙ୍କା କ୍ରିକେଟକୁ ସସ୍ପେଣ୍ଡ କଲା ଆଇସିସି

**ଦୁବାଇ, ୧୦।୧୧ (ପି.ଟି.)**

ସରକାରୀ ହସ୍ତକ୍ଷେପ ଯୋଗୁ ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସଏଲ୍ସି) ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଦ୍ୱାରା ସସ୍ପେଣ୍ଡ ହୋଇଛି। ଫଳତଃ ଡିସେମ୍ବର ପର୍ଯ୍ୟନ୍ତ ଦେଶରେ କ୍ରିକେଟ ଖେଳ ହୋଇପାରିବ ନାହିଁ। ଏସ୍ଏଲ୍ସିକୁ ଜାନୁଆରୀ ପର୍ଯ୍ୟନ୍ତ କୌଣସି ଆଇସିସି ପାଣ୍ଠି ମିଳିବ ନାହିଁ। ଅହମ୍ମଦାବାଦରେ ନଭେମ୍ବର ୧୮ରୁ ୨୧ ଯାଏ ଆଇସିସିର ତ୍ରୈମାସିକ ବୈଠକ ବସିବ। ନଭେମ୍ବର ୨୧ରେ ଆଇସିସି ବୋର୍ଡ ବୈଠକରେ ପରବର୍ତ୍ତୀ ପଦକ୍ଷେପ ଉପରେ ନିଷ୍ପତ୍ତି ନିଆଯିବ। ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଦଳର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ଦେଶର କ୍ରୀଡ଼ାପ୍ରେମୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଦଳ ଲିଗ୍ ପର୍ଯ୍ୟାୟରେ ଖେଳିଥିବା ୯ଟି ମ୍ୟାଚ ମଧ୍ୟରୁ ମାତ୍ର ୨ଟିରେ ବିଜୟ ଲାଭ କରିଥିଲା। ଏପରିକି ଭାରତ ବିପକ୍ଷ ମ୍ୟାଚରେ ଦଳ ମାତ୍ର ୫୫ରନ କରିଥିଲା।

ସୋମବାର ଶ୍ରୀଲଙ୍କା କ୍ରୀଡ଼ାମନ୍ତ୍ରୀ

**ସରକାରୀ ହସ୍ତକ୍ଷେପ**

ରୋଶନ ରଣସିଂଘେ ଏସ୍ଏଲ୍ସିକୁ ସସ୍ପେଣ୍ଡ କରିବା ସହ ଏହାର ପରିଚାଳନା ପାଇଁ ପୂର୍ବତନ ବିଶ୍ୱକପ୍ ବିଜୟୀ ଅଧିନାୟକ ଅର୍ଜୁନ ରଣତୁଙ୍ଗାଙ୍କ ନେତୃତ୍ୱରେ ଏକ କାମଚଳା କମିଟି ଗଠନ କରିଥିଲେ। ମାତ୍ର କୋର୍ଟରେ ଅପିଲ ଦ୍ୱାରା ଏସ୍ଏଲ୍ସି ୧୪ ଦିନିଆ ରହିତାଦେଶ ବଳରେ ପୁନଃ ଅବସ୍ଥାପିତ ହେବାରୁ ଦେଶର କ୍ରିକେଟ ପରିଚାଳନା ପରିଷଦରେ ପରିସ୍ଥିତି ଅଧିକ ଜଟିଳ ହୋଇପଡ଼ିଥିଲା। ଗୁରୁବାର ପାର୍ଲାମେଣ୍ଟରେ ସରକାର ଏବଂ ବିରୋଧୀ ଦଳ ମିଳିତ ଭାବେ ଏକ ପ୍ରସ୍ତାବ ଗୃହୀତ କରାଇଥିଲେ। ଏସ୍ଏଲ୍ସି ମ୍ୟାନେଜମେଣ୍ଟକୁ ଇସ୍ତଫା ପାଇଁ ଏଥିରେ ଦାବି କରାଯାଇଥିଲା। ଏକ ରିପୋର୍ଟକୁ ଭିତ୍ତି କରି ଏକ ନୂଆ ସମ୍ବିଧାନ ଗଠନ ଏବଂ ନୂତନ ଭୋଟିଂ ବ୍ୟବସ୍ଥା ସହ କର୍ମକର୍ତ୍ତା ନିଯୁକ୍ତି ପାଇଁ ସୁପାରିସ କରାଯାଇଥିଲା। ଶୁକ୍ରବାର ଅନ୍‌ଲାଇନ୍ ଜରିଆରେ ଆଇସିସି ବୋର୍ଡ ବୈଠକ ବସିଥିଲା। ଶ୍ରୀଲଙ୍କା କ୍ରିକେଟ ଏକ ସ୍ୱୟଂଚାଳିତ ସଂସ୍ଥା। କ୍ରିକେଟ ପ୍ରଶାସନ ଉପରେ ସରକାରୀ ହସ୍ତକ୍ଷେପ ଆଦୌ ଗ୍ରହଣୀୟ ନୁହେଁ। ଶ୍ରୀଲଙ୍କା ଆଇସିସିର ଜଣେ ସଦସ୍ୟ ଭାବେ ଏହାର ଦାୟିତ୍ୱ ଠିକ୍ ଭାବେ ତୁଲାଇ ପାରିନାହିଁ ବୋଲି ଆଇସିସି କହିଛି। ନିଲମ୍ବନ ସର୍ତ୍ତଗୁଡ଼ିକ ଆଇସିସି ବୋର୍ଡ ଠିକଣା ସମୟରେ ସ୍ଥିର କରିବ ବୋଲି ଏଥିରେ କୁହାଯାଇଛି। ସୂଚନାଯୋଗ୍ୟ, ଏହା ପୂର୍ବରୁ ସରକାରୀ ହସ୍ତକ୍ଷେପ କାରଣରୁ ଆଇସିସି ୨୦୧୯ରେ ଜିମ୍ବାୱେ କ୍ରିକେଟ ବୋର୍ଡକୁ ସସ୍ପେଣ୍ଡ କରିଥିଲା।

# ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ମାଧୁରୀ ଓ ସୁଶ୍ରୀ

**ସିନିୟର ମହିଳା ଆନ୍ତଃ ଜୋନ ଟି୨୦ ଟ୍ରଫି**

**ଭୁବନେଶ୍ୱର, ୧୦।୧୧**
**(ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଘରୋଇ କ୍ରିକେଟ ସିଜନ ୨୦୨୩-୨୪ ଅନ୍ତର୍ଗତ ସିନିୟର ମହିଳା ଆନ୍ତଃ ଜୋନ୍ ଟି୨୦ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଲକ୍ଷ୍ନୌରେ ଚଳିତ ମାସ ୨୪ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଝାଡ଼ଖଣ୍ଡର ରାଞ୍ଚିଠାରେ ଶୁକ୍ରବାର ଚୟନ କମିଟି ବୈଠକ ବସି ପୂର୍ବାଞ୍ଚଳ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶା ସିନିୟର ଦଳର ୨ ଜଣ ଖେଳାଳି ମାଧୁରୀ ମେହେଟ୍ଟା ଓ ସୁଶ୍ରୀ ଦିବ୍ୟଦର୍ଶିନୀ ସ୍ଥାନ ପାଇଛନ୍ତି। ମନୋନୀତ ୨ ଖେଳାଳିଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।



ମାଧୁରୀ ମେହେଟା ଓ ସୁଶ୍ରୀ ଦିବ୍ୟଦର୍ଶିନୀ।

ପୂର୍ବାଞ୍ଚଳ ଦଳ: ଦୀପ୍ତି ଶର୍ମା, ମାଧୁରୀ ମେହେଟ୍ଟା, ଧର ଗୁଜ୍ଜାର, ପ୍ରିୟଙ୍କା ବାଲା, ଅଶ୍ୱିନୀ କୁମାରୀ, ଉମା କେ. ଛେତ୍ରୀ, ସୁଶ୍ରୀ ଦିବ୍ୟଦର୍ଶିନୀ, ରିଚା ଘୋଷ, ସାଇକା ଇଶାକ୍, ମମତା ପାସୱାନ, ଜିଣ୍ଟି ମୋନି କାଳିତା, ଟିଟାସ ସନ୍ଧୁ, ପ୍ରିୟଙ୍କା ଆଚାର୍ଜୀ, ମୀତା ପାଲ୍, ଇନ୍ଦ୍ରାଣୀ ରୟ।



ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଶ୍ୱେତପଦ୍ମା, ଜିଜ୍ଞାସୁଙ୍କୁ ତ୍ରିମୁକୁଟ

**ଭୁବନେଶ୍ୱର, ୧୦।୧୧**
**(ତପନ ସ୍ୱାଇଁ)**

**ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ଉଦ୍‌ଯାପିତ**

ଲକ୍ଷ୍ମୀସାଗରସ୍ଥିତ ଓଡ଼ିଶା ଟେବୁଲ ଟେନିସ ଏକାଡେମୀର ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ୨୯ତମ ଆନ୍ତଃ ଜିଲା ଓ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ଶୁକ୍ରବାର ଶେଷ ହୋଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭୁବନେଶ୍ୱରର ଶ୍ୱେତପଦ୍ମା ଦଳାଇ ଓ କଟକର ଜିଜ୍ଞାସୁ ସାହୁ ୩ଟି ଲେଖାଏ ଟାଇଟଲ ହାସଲ କରିଛନ୍ତି। ଶ୍ୱେତପଦ୍ମା ମହିଳା ସିଙ୍ଗଲ୍ସ, ୧୯ ବର୍ଷରୁ କମ୍ ବାଳିକା ଓ ୧୭ ବର୍ଷରୁ କମ୍ ବାଳିକାରେ ଏବଂ ଜିଜ୍ଞାସୁ ୧୯ ବର୍ଷରୁ କମ୍ ବାଳକ, ୧୭ ବର୍ଷରୁ କମ୍ ବାଳକ ଓ ୧୫ ବର୍ଷରୁ କମ୍ ବାଳକ ବର୍ଗରେ ଚାମ୍ପିୟନ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଟାଇଟଲ ଜିତିଛନ୍ତି ଏଜି ଓଡ଼ିଶାର ମୈନାକ ଦାସ। ଶ୍ୱେତା ବର୍ମା ୧୧ ଓ ୧୩ ବର୍ଷରୁ କମ୍ ବାଳିକାରେ ଚାମ୍ପିୟନ ହୋଇଥିବାବେଳେ ୧୧ ବର୍ଷରୁ କମ୍ ବାଳକରେ ଆରୁଶ ମାଣିଆ, ୧୩ ବର୍ଷରୁ କମ୍ ବାଳକରେ ଜିଜ୍ଞାସୁ ସାଇ କିରଣ ପ୍ରଧାନ ଓ ୧୫ ବର୍ଷରୁ କମ୍ ବାଳିକାରେ ଉର୍ଜା ବର୍ମା ଟାଇଟଲ ହାସଲ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ତଥା ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ସଭାପତି ସଞ୍ଜୟ କୁମାର ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଓ ଜୟଦୀପ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

# ହେନ୍‌ରୀଙ୍କ ବିରୋଧରେ ବଲ୍ ଟ୍ୟାମ୍ପରିଂ ଅଭିଯୋଗ

**ୱେଲିଂଟନ,୧୦।୧୧(ଏପି)**

ଟେଷ୍ଟ ବ୍ୟାଟର ହେନ୍‌ରୀ ନିକୋଲ୍ସ ନ୍ୟୁଜିଲାଣ୍ଡ କ୍ରିକେଟ ଆଚରଣବିଧି ଉଲ୍ଲଂଘନ କରିଛନ୍ତି। ଚଳିତ ସପ୍ତାହରେ ଏକ ଘରୋଇ ପ୍ରଥମ ଶ୍ରେଣୀ ମ୍ୟାଚରେ ଅମ୍ପାୟରମାନେ ତାଙ୍କ ବିରୋଧରେ ବଲ୍ ଟ୍ୟାମ୍ପରିଂ ଅଭିଯୋଗ ଆଣିଛନ୍ତି। ନିକୋଲ୍ସଙ୍କ କାଣ୍ଟରବୁରି ପ୍ରଦେଶ ଏବଂ ଅକ୍‌ଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ସେ ହେଲ୍‌ମେଟରେ ବଲ୍‌କୁ ଘର୍ଷଣ କରୁଥିବା ଟେଲିଭିଜନ ଫୁଟେଜରେ ଦେଖିବାକୁ ମିଳିଥିଲା। ନ୍ୟୁଜିଲାଣ୍ଡ କ୍ରିକେଟ ଏହି ମାମଲାର ବିଚାର ପାଇଁ ପ୍ରଥମଶ୍ରେଣୀ କ୍ରିକେଟର କମିଶନରଙ୍କ ନିକଟକୁ ପଠାଇ ଦେଇଛି। ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇ ନାହିଁ। ନିକୋଲ୍ସ ଚଳିତ ମାସ ପରବର୍ତ୍ତୀ ଭାଗରେ ନ୍ୟୁଜିଲାଣ୍ଡ ଟୁର୍ ଯିବାର କାର୍ଯ୍ୟକ୍ରମ ରହିଛି। ନିକୋଲ୍ସ ଏହି ପ୍ରସଙ୍ଗରେ କୌଣସି ଟିପ୍ପଣୀ ଦେଇନାହାନ୍ତି। ନ୍ୟୁଜିଲାଣ୍ଡର ଅଗ୍ରଣୀ ସୀମିତ ଓଭର ଖେଳାଳିମାନେ ବର୍ତ୍ତମାନ ଭାରତରେ ଦିନିକିଆ କ୍ରିକେଟ ବିଶ୍ୱକପ୍ ଖେଳୁଛନ୍ତି।

# କିଟ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଯୋଗ୍ୟତା

**ଭୁବନେଶ୍ୱର, ୧୦।୧୧**
**(ତପନ ସ୍ୱାଇଁ)**

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଅନୁମୋଦନ କ୍ରମେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ(ପୁରୁଷ) ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ୩-୦ରେ ମିଜୋରାମ, ସମ୍ବଲପୁର ୩-୨ରେ ଉତ୍କଳ, ଏମ୍‌ଜି କାଶୀ ବିଦ୍ୟାପୀଠ ୩-୦ରେ ଜଉନପୁରର ବିଡିଏସ୍ ପୂର୍ବାଞ୍ଚଳକୁ ଏବଂ ଆଡାମାସ ୟୁନିଭର୍ସିଟି ୩-୦ରେ ବିଏଚ୍‌ୟୁ ବାରାଣସୀକୁ ପରାସ୍ତ କରିଛି। ଫଳରେ କିଟ୍ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହ ବିଜେତା ୪ ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଭଲିବଲ(ପୁରୁଷ) ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ସର୍ବଭାରତୀୟ ପ୍ରତିଯୋଗିତା ଆସନ୍ତା ଡିସେମ୍ବରରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ।

ପୂର୍ବାଞ୍ଚଳ ଚାମ୍ପିୟନଶିପ୍‌ର ଶୀର୍ଷ ୪ ସ୍ଥାନ ଅଧିକାର କରିଥିବା ଦଳଗୁଡ଼ିକୁ ନେଇ ଅନୁଷ୍ଠିତ ପ୍ରଥମ ରାଉଣ୍ଡ ଲିଗ୍ ମ୍ୟାଚରେ କିଟ୍ ବିଶ୍ୱବିଦ୍ୟାଳୟ ୩-୦ରେ ସମ୍ବଲପୁରକୁ ଏବଂ ଏମ୍‌ଜି କାଶୀ ବିଦ୍ୟାପୀଠ ୩-୧ରେ ଆଡାମ୍ସ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ସର୍ବଭାରତୀୟ ଯୋଗ୍ୟତା ହାସଲ କରିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଦଳଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗିତାରେ ୬୫ ବିଶ୍ୱବିଦ୍ୟାଳୟର ୯୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ଓଡ଼ିଶାର ୧୩ ବିଶ୍ୱବିଦ୍ୟାଳୟ ସାମିଲ।


ସର୍ବଭାରତୀୟ ଯୋଗ୍ୟତା ହାସଲ କରିଥିବା କିଟ୍ ବିଶ୍ୱବିଦ୍ୟାଳୟ ଦଳ।

# ପୂର୍ବତନ ଜାତୀୟ ଫୁଟ୍‌ବଲରଙ୍କ ଦେହାନ୍ତ

**ଭୁବନେଶ୍ୱର, ୧୦।୧୧ (ବିଜୟ ରଣା)**

ଓଡ଼ିଶାର ପୂର୍ବତନ ଜାତୀୟ ଫୁଟ୍‌ବଲ ଖେଳାଳି ୟୁନୁସ ବେଗ୍‌ଙ୍କ ଶୁକ୍ରବାର କଟକ ସୁତାହାଟସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୦ବର୍ଷ ବୟସ ହୋଇଥିଲା। ସେ ସନ୍ତୋଷ ଟ୍ରଫି(ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍)ରେ ବହୁ ବର୍ଷ ଧରି ଓଡ଼ିଶା ଦଳରୁ ଖେଳିଛନ୍ତି। ତାଙ୍କ ବିୟୋଗରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ତରଫରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ସହ ତାଙ୍କ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି।


ୟୁନୁସ ବେଗ୍

# ମୋନାଲିସା ଗାଥା

**ଗଳ୍ପ**

**ସ୍ୱାଗତିକା ସେଠୀ**

ମୋନାଲିସା! ବାଃ! ଭାରି ଚମତ୍କାର ନାଁ ଟେ। ହଁ, ମୋ' ନାଁ ମୋନାଲିସା। ମାଇକେଲ୍ ଆଞ୍ଜେଲୋ ମୋନାଲିସା କୃତିର ଜନକ। ଏମିତି ହସଟିକୁ ତା' ଚେହେରାରେ ଚଢ଼େଇ ଦେଲେ ଯେ ସେଇ ହସଟି ପ୍ରତ୍ୟେକ ଦ୍ରଷ୍ଟାଙ୍କୁ ଭିନ୍ନ ମନେହେଲା। କ୍ରିଟିକ୍‌ମାନେ ଭ୍ରମରେ ପଡ଼ିଗଲେ ତାକୁ କେଉଁ ଶ୍ରେଣୀଭୁକ୍ତ କରିବେ। ଠିକ୍ ସେହିପରି ମୋ' ଜନକ ହରିଭାଇ ଅଗ୍ରୱାଲ୍ ମୋତେ ଗଢ଼ିତୋଳିଲା ବେଳେ କେତେ ସ୍ୱପ୍ନ ଦେଖିଥିଲେ। ମୋ' ସ୍ୱାଗତ ହେଲା ଖୁବ୍ ଜାକଜମକରେ। ମୋ' ବର୍ଣ୍ଣାଢ଼୍ୟ ବେରହଣ ଉଠିଲା କରତାଳିର ଗୁଞ୍ଜରଣରେ। ତାଙ୍କ ସୁନେଲି ଭବିଷ୍ୟତର ସ୍ୱପ୍ନ ମୋ' ସଫଳତାର ଶିଡ଼ି ଚଢ଼ିବାକୁ ଜଗି ବସିଥିଲା। ଆଉ ମୁଁ ମଧ୍ୟ ତାଙ୍କୁ ସେଥିରେ ନିରାଶ କରି ନ ଥିଲି। ମୋ' ପାଇଁ ସେ ବେଶ୍ ଯଶ ଓ ଧନ ଉପାର୍ଜନ କରିଥିଲେ। ସେଇଥିପାଇଁ ମୋତେ ନେଇ ସେ ଖୁବ୍ ଗର୍ବିତ ଓ ଉତ୍ସାହୀ ଥିଲେ ମଧ୍ୟ।

ହାଃ...ହାଃ...ହାଃ...

ସେହି ଛାଇଆଲୁଅ ଖେଳର ଝାପ୍‌ସା ଆଲୁଅରେ ଝିଅଟି ଚମକିପଡ଼ି ଜାବୁଡ଼ି ଧରିଲା ପାଖରେ ବସିଥିବା ପୁଅଟିର ସବଳ ବାହୁକୁ। ପୁଅଟି ମଧ୍ୟ ସ୍ନେହଭରା ଆଶ୍ୱାସନାର ହାତ ବୁଲାଇ ଆଣିଲା ଝିଅର ମୁକୁଳା ବାଳରେ। ଧୀରେ ତା' ମୁଣ୍ଡକୁ ଆଉଜେଇ ଆଣିଲା ନିଜ ପ୍ରଶସ୍ତ କାନ୍ଧକୁ। ଡରରେ ଶିହରି ଉଠିଥିବା ଝିଅଟି ଏବେ ଲାଜରେ ଓ ଆବେଗରେ ଶିହରି ଉଠିଲା। ମୁଁ ମଧ୍ୟ ତା' ସହ ଶିହରି ଉଠିଲି। ଦୁହିଁଙ୍କର ମୁହଁ ନିକଟରୁ ନିକଟତର ହୋଇ ଆସିଲା। କାହାର ସେମାନଙ୍କ ଉପରେ ନଜର ନଥିଲା। ସମସ୍ତେ ଗବ୍ବର୍ ସିଂର ରୋମାଞ୍ଚରେ ମଜ୍ଜି ଯାଇଥିଲେ। ଏଣେ ସେ ଦୁହିଁଙ୍କ ଭିତରେ ଜଳିଉଠିଥିବା ଶୋଲେକୁ ସେମାନେ ଅନ୍ୟ ଆଖିରୁ ଲୁଚାଇ କିଛିଟା ଉପଭୋଗ କରିବାକୁ ଚାହିଁ ସେଇ ଛାଇ ଅନ୍ଧାରରେ ଦୁହେଁ ନିଜକୁ କିଛିଟା ଖସାଇ ଆଣିଲେ ସିଟ୍ ତଳକୁ। ଖୁବ୍ ରୋମାଞ୍ଚିତ ହୋଇଥିଲି ମୁଁ ସେଇଦିନ।



ଆଉ ସେଇଦିନ, ସେଇ ନବବିବାହିତା ବୋହୂଟି ଆସିଥିଲା ତା' ଶାଶୁ ଓ ସ୍ୱାମୀଙ୍କ ସହ। ହଁ, ପୁଅଟି ମା'କୁ ସାଙ୍ଗରେ ଆଣିଥିଲା ବୋଲି, ନହେଲେ ନବଦମ୍ପତି ପୁଣି ଏ ପୌରାଣିକ ସିନେମା? ବୋହୂଟି ଶାଶୁ ମା' ଓ ସ୍ୱାମୀ ମଝିରେ ବସି ଯାହା ହିନସ୍ତା। ଏଣେ ସ୍ୱାମୀର ହାତ ତା' ପିଠି ଉପରେ ଏଣେତେଣେ ବୁଲି ଯାଉଥିଲା ଓ ତେଣେ ଶାଶୁ ସିନେମା ମଝିରେ ବୋହୂ ଆଡ଼େ ଇସାରା କରୁଥିଲେ କେମିତି ଜୀବନରେ ଅନେକ ବଳିଦାନ ଦେବାକୁ ହୁଏ। ବିଚରା ବୋହୂଟି କାହାକୁ କୌଣସି ପ୍ରତିକ୍ରିୟା ଦେଇ ନ ପାରି ସ୍ଥାଣୁ ପାଲଟି ପରଦାକୁ କେବଳ ଅନାଇ ରହିଥିଲା। ସେଇଦିନ ମୁଁ କେତେ ଯେ ହସିଛି ଓ ବୋହୂଟି ସହ ବିରକ୍ତ ବି ହୋଇଛି।

ଏମିତି କେତେ କ'ଣ। ଯଦି ମୋ' ଅସରନ୍ତି ଅନୁଭବ ବଖାଣି ବସିବି, ତେବେ ଯୁଗ ବିତିଯିବ ସିନା ମୋ' କଥା ସରିବନି।

ହେଲେ ଆଜି... ଆଜି କଥା ଭିନ୍ନ। ମୋ' ଅନୁଭବ ସରିବନି, ହେଲେ ମୁଁ ଆଜି ସରିବାକୁ ଯାଉଛି। ସକାଳୁ ସକାଳୁ ସାମ୍ନାରେ ଆସି ବୁଲଡୋଜର୍ ଠିଆ ହୋଇଗଲାଣି। ମୋ' ଭୂପତନ ଦେଖିବାକୁ ଶହଶହ ଲୋକ ମୋ' ଚାରିପାଖେ ରୁଣ୍ଡ। ସମସ୍ତଙ୍କ ତୁଣ୍ଡରେ ମୋ' କଥା ଓ ସେମାନଙ୍କ ଅନୁଭୂତି। କାହିଁକି ବା ହବନି? ଦୀର୍ଘ ୬୨ ବର୍ଷ ହେଲା ମୁଁ ସେମାନଙ୍କୁ ମନୋରଞ୍ଜନ କରାଇ ଆସୁଥିଲି ଯେ!

ମୋନାଲିସା ସିନେମା ହଲ୍। ସବୁ ପ୍ରକାର ଲୋକଙ୍କୁ ଦିନର ଭିନ୍ନଭିନ୍ନ ସମୟରେ ଆମୋଦିତ କରିବାର ଏକ ଅନିବାର୍ଯ୍ୟ ସ୍ଥାନ। ମୋ' ନାଁ କହି ଲୋକେ ଏଇ ପାଖାପାଖି ସ୍ଥାନର ପରିଚୟ ଦେଉଥିଲେ। ଯେପରିକି ମୋନାଲିସାଠାରୁ ୧୦୦ ମିଟର ଦୂରରେ, ମୋନାଲିସା ପଛ କିମ୍ବା କଡ଼ ଗଳିରେ। ବଡ଼ବଡ଼ ସିନେମାର ମୋ' ପରଦାରେ ହେଉଥିଲା ଗ୍ରାଣ୍ଡ୍ ପ୍ରେମିୟର। ମୁଁ ଫୁଲ୍ ଓ ରଙ୍ଗିନ୍ ଆଲୋକମାଳାରେ ସଜାଇ ହେଉଥିଲି ସିନେ କଳାକାର ଓ ବିଶିଷ୍ଟ ଲୋକଙ୍କ ସ୍ୱାଗତ ପାଇଁ। ସମୁଦାୟ ଦିନର କିଛି ଘଣ୍ଟାକୁ ଛାଡ଼ିଦେଲେ ସବୁବେଳେ ମୁଁ ରହୁଥିଲି ଲୋକାରଣ୍ୟ।

ହେଲେ ବିଗତ କିଛି ବର୍ଷ ହେଲା ଏଥିରେ ବ୍ୟତିକ୍ରମ ଦେଖାଦେଉଥିଲା। ମୋ' ପାଖକୁ ଆସୁଥିବା ଲୋକସଂଖ୍ୟା କମିବାକୁ ଲାଗିଲା। କାରଣ ସହରରେ ଅନେକ ଆଧୁନିକ ସୁବିଧା ଓ ଉପକରଣ ଥିବା ନୂଆନୂଆ ସିନେମା ହଲ୍ ଓ ପରେ ପରେ ମଲ୍ଟିପ୍ଲେକ୍ସ ତିଆରି ସରିଥିଲା। ଲୋକେ ଆଉ ମୋର ପୁରୁଣା କତାଲଗା ଛିଣ୍ଡା ଚଉକିରେ ବସି ସିନେମା ଦେଖିବାକୁ ଚାହୁଁ ନ ଥିଲେ। ଏମିତି ନୁହେଁ ଯେ ମୋତେ ପୂର୍ବରୁ କେବେ ମରାମତି କରାଯାଇ ନ ଥିଲା। ମୁଁ ତିଆରି ହେଲାବେଳେ ତାରବୁଣା ଚଉକି ସବୁ ଥିଲା। ପରେପରେ କତାଗଦି ଚଉକି ହେଲା। ହେଲେ ସେଗୁଡ଼ିକ ଏବେ ଖୁବ୍ ପୁରୁଣା। ଏହା ସହ ମୋ' ପରି ବିଶାଳ ସିନେମା ହଲ୍‌କୁ ନୂଆ ରୂପ ଦେଇ ସଜାଡ଼ିବା ମାନେ ଧଳାହାତୀ ପୋଷିବା।

ମୋ' ପୁରୁଣା ମାଲିକ ହରିଭାଇ ଅଗ୍ରୱାଲ୍ ତ ଆଉ ନାହାନ୍ତି। ଏବେ ପୁଅମାନଙ୍କ ହାତରେ ମୋ' ମାଲିକାନା। ତେଣୁ ସବୁ ନିଷ୍ପତ୍ତିରେ ଟଣାଘୋଷରା। କିଛି ବର୍ଷ ହେଲା ମୋ' ପରଦାରେ ଆଉ ସିନେମା ଖେଳୁ ନ ଥିଲା। ବରଂ କିଛି ବର୍ଷ ପାଇଁ ଏହାକୁ ମଣ୍ଡପ ଓ ପ୍ରଦର୍ଶନୀ ପାଇଁ ବ୍ୟବହାର କରାଗଲା। ହେଲେ ଆଶାନୁରୂପ ରୋଜଗାର ହେଲା ନାହିଁ। ଏବେ ମୁଁ ସମସ୍ତଙ୍କ ପାଇଁ ଅଲୋଡ଼ା ହୋଇଗଲିଣି। ସେମାନଙ୍କ ମତରେ ଏ ବିଦୀର୍ଣ୍ଣ ମୋନାଲିସା ସହର ମଝିର ଏ ଅମୂଲମୂଲ ବିଶାଳ ଜାଗାକୁ ଖାଲିରେ ମାଡ଼ିବସିଛି। ତେଣୁ ମୋତେ ହଟିବାକୁ ହିଁ ହେବ।

ବୁଲଡୋଜର୍ ଚାଲିଲାଣି। ମୁଁ ଖଣ୍ଡବିଖଣ୍ଡିତ ହୋଇ ଧୂଳି ଉଡ଼ାଇ ତଳେ ଲୋଟିବା ଆରମ୍ଭ କଲିଣି। ହୃଦୟ ମୋର ବିଦାରି ହୋଇଗଲା, କ୍ଷୋଭରେ ଭରିଗଲା। ଲୋକଙ୍କର ଏତେ ପ୍ରକାର ମନୋରଞ୍ଜନ କରିଛି, ହେଲେ ମୋ' ଅସ୍ତିତ୍ୱ ରକ୍ଷା ପାଇଁ କେହି ମଧ୍ୟ ଆଗେଇ ଆସିଲେନି।

କିଛି ଲୋକଙ୍କ କଥା କାନରେ ପଡ଼ିଲା। ମୋ' ସ୍ଥାନରେ କାଲେ ସମସ୍ତ ଆଧୁନିକ ସୁବିଧା ଥାଇ ଏକ ବିରାଟ ଶପିଂ ମଲ୍ ତିଆରି ହେବ। ସେଇଥିରେ ଏ ପୁରୁଣା ସହରର ବଡ଼ ସମସ୍ୟା ପାର୍କିଂ ପାଇଁ ମଧ୍ୟ ସୁବିଧା ରହିବ। ଆଉ ଏହା ସହ ଗୋଟେ ମଲ୍ଟିପ୍ଲେକ୍ସ ମଧ୍ୟ ରହିବ। ମୋତେ ମଲ୍ଟିପ୍ଲେକ୍ସ ଭଲ ଲାଗେନି। ସେଥିରେ ମୋ' ପରି ମାନେ ପୁରୁଣା ମୋନାଲିସା ପରି ବର୍ଣ୍ଣାଢ଼୍ୟ ବଡ଼ ପରଦା ନ ଥାଏ। ହେଲେ ଏକମାତ୍ର ସାନ୍ତ୍ୱନା ଯେ ସେହି ମଲ୍ଟିପ୍ଲେକ୍ସର ନାଁ ହରିଭାଇ ଅଗ୍ରୱାଲ୍‌ଙ୍କ ସମ୍ମାନାର୍ଥେ ମୋନାଲିସା ହିଁ ରଖାହେବ।

ମୋ: ୯୪୩୭୮୧୫୫୪୦

# ନେକ୍ରୋଫିଲିଆ

**ମିନିଗଳ୍ପ: ସୁନନ୍ଦା ମହାନ୍ତି**

ସବୁ କୋଳାହଳର ଊର୍ଦ୍ଧ୍ୱରେ ଶବ ସଂସ୍କାର କରାଗଲା ସତ, ହେଲେ ଅନେକ ଗୁଜବ। ଏତେ ସୁନ୍ଦର ରୂପ, ଯୋଗ୍ୟତା ଚାକିରି ଥାଇ ପିଲାଟା ଆତ୍ମହତ୍ୟା କଲା କାହିଁକି? କିଏ କହୁଥିଲା ପ୍ରେମରେ ଅସଫଳ ତ କିଏ କହୁଥିଲା ଆତ୍ମହତ୍ୟା ନୁହେଁ ଏହା ହତ୍ୟା। କିନ୍ତୁ ବାପା ମାଆ ଭାଇ ଭାଉଜ ଚୁପ୍ ରହିଲେ। ତା' ମାଆ ମନର ଆକୁଳତା ବ୍ୟାକୁଳତା ବିଷୟରେ ଭାବି ମୁଁ ସନ୍ତୁଳିତ ହେଉଥିଲି। ହଠାତ୍ ଗୋଟେ ଉତ୍ସବରେ ତା' ମାଆକୁ ଦେଖି ମୁଁ ଜଡ଼ସଡ଼ ହୋଇଗଲି, କେମିତି ବିଚରା ଦୁଃଖିନୀ ମାଆଟିକୁ ସାନ୍ତ୍ୱନା ଦେବି ଭାବିପାରୁ ନ ଥିବାବେଳେ ସେ ହସି ହସି କଥା କହୁଥିଲା ମୋ' ସହ। ମୁଁ ତା' ପୁଅର ଆତ୍ମହତ୍ୟାର କାରଣ କେସ୍ ଦଫାରଫା ହୋଇଥିଲା। ନା ମ, ଏହା ପଛରେ କିଛି ଷଡ଼ଯନ୍ତ୍ର ଥିବ। ଆରେ ନା ନା ଅପା ତୋ' ପରି ମୁଁ ବି ଗାଁ ଲୋକଙ୍କ କଥାରେ ପଡ଼ି କେତେ କଥା ଭାବୁଥିଲି। ଗାଁରୁ ବାହାହୋଇ ତୁ ତୋ' ଶାଶୁଘର ଚାଲିଗଲା ପରେ ଗାଁ ଭିତରେ ଏକୁଟିଆ ଅଭିଆଡ଼ୀ ଝିଅ ଥିଲି ମୁଁ ଆଉ ଗାଁ ଲୋକଙ୍କ ଗୁପୁରୁ ଗାପର କଥାରେ ମୁଁ ବି ଭାବୁଥିଲି ହରି ସାର୍‌ଙ୍କଠି କିଛି କଥା ଥିବ। କଲେଜରେ ଏତେ ଝିଅ ପିଲା ପଢ଼ାଉ ପଢ଼ାଉ ହୁଏତ କାହା ସଙ୍ଗେ କିଛି ଅଭାବନୀୟ ଘଟଣା ଘଟୁ ଘଟୁ ପରକୀୟା ପ୍ରୀତି ହୋଇଯାଇଥିବ। ହଁ ତ ମୁଁ ବି ଏମିତି କିଛି ଶୁଣିଥିଲି।

ନାହିଁଲୋ ଅପା, ମୋ' ପୁଅ



ପଚାରିବା ପୂର୍ବରୁ ସେ କହୁଥିଲା ଜାଣିଛୁ ଅପା ପୁଅ ମୋର ରୋଗଗ୍ରସ୍ତ ଥିଲା। କାହିଁ ଏଯାଏଁ ତ କେହି ଏ ବିଷୟରେ ମତେ କେହି କିଛି କହି ନ ଥିଲେ। କି ରୋଗ? ନେକ୍ରୋଫିଲିଆ ରୋଗଟା ଥିଲା ତା'ର। ସେଇଟା କି ରୋଗ? ପଚାରିଲି ମୁଁ।

ତୋର ମନେ ନାହିଁ ଅପା, ପିଲାବେଳେ ଆମ ସାହିର ହରି ସାର୍ ଓ ତାଙ୍କ ସ୍ତ୍ରୀ ଏକାଦିନେ ଆଗପଛ ହୋଇ ମରିଥିଲେ? ମୁଁ କହିଲି ହଁ, ତାଙ୍କର କିଛି ପିଲାଛୁଆ ନଥିବା କାରଣରୁ ସେ ଦୁହେଁ ବିଷ ପିଇକି ମରିଥିଲେ। ନାଇଁଲୋ ଅପା, ତୁ ତ ବାହା ହେଇଯାଇଥିଲୁ, ତୁ କେମିତି ଜାଣିବୁ? ଦୁହେଁ କୁଆଡ଼େ ମରିବାକୁ ଖୁବ୍ ଭଲ ପାଉଥିଲେ, ନିଜ ଜୀବନଠୁ ବଳି, ସ୍ତ୍ରୀ ପାଇଁ ସ୍ୱାମୀର ଭଲପାଇବାଠୁ ବଳି, ସ୍ୱାମୀ ପାଇଁ ସ୍ତ୍ରୀର ସୋହାଗିନୀ ଓ ପତିବ୍ରତାପଣଠୁ ବଳି। ସେମାନେ ମରିବାର ଅନେକ ଦିନ ପରେ ପରା ତାଙ୍କ ଘର ସିନ୍ଦୁକରୁ ବାହାରିଥିବା ଦୁଇଟା ଡାଇରୀରେ ଦୁହେଁ ଲେଖିଥିଲେ ଏକଥା, ଗଡ଼ି ଚାଲିଥିବା ଆତ୍ମହତ୍ୟା ନକରେ ନା ମୋର ବିଶ୍ୱାସ ନହୁଏ। ଏଇଟା ପରା ରୋଗ। ଏଁ ରୋଗ? ତା'ର ପୁଣି କି ଲକ୍ଷଣ? ତୁ କେମିତି ଜାଣିଲୁ ତୋ' ପୁଅକୁ ସେ ରୋଗ ହୋଇଥିଲା ବୋଲି? ତତେ କ'ଣ ତା'ର କିଛି ଡାଇରୀ ମିଳିଲା ନା କ'ଣ? ଡାଇରୀ ମିଳିବ କ'ଣ କିଲୋ ଅପା, ପାଠ ପଢ଼ିଲା ବେଳେ ତା' ସାଙ୍ଗମାନେ କହନ୍ତି ପରତେ ଯାଉନଥିଲି। ଏବେ ସହକର୍ମୀମାନେ କହୁଛନ୍ତି ପରା। କ'ଣ କହୁଛନ୍ତି? ମୁଁ ପଚାରିଲି ଆଉ ସେ ଉତ୍ତର ଦେଲା ଏଇ ମରିବାର ପ୍ରବୃତ୍ତି। ମରିଗଲେ କେମିତି ହୁଅନ୍ତା? ଆତ୍ମହତ୍ୟା କରିବା ବେଳେ କେମିତି ଲାଗୁଥିବ? ଏସବୁ ସେଇ ରୋଗର ଲକ୍ଷଣ ପରା ଅପା। ମୁଁ ବୁଝି ପାରୁ ନ ଥିଲି ସେ ରୋଗ ବା ରୋଗର ନାମ ନେକ୍ରୋଫିଲିଆ କ'ଣ କିନ୍ତୁ ଆଶ୍ୱସ୍ତ ଅନ୍ତତଃ ହୋଇସାରିଥିଲି ପୁଅର ଆତ୍ମହତ୍ୟା ପରେ ଏଇ ରୋଗର ନାମ ଓ ଲକ୍ଷଣ ହିଁ ତା' ମାଆକୁ ସମ୍ଭାଳି ନେଇଛି ଏତେ ସବୁ କୋଳାହଳ ଊର୍ଦ୍ଧ୍ୱରେ!

ମୋ: ୯୦୪୦୯୭୭୩୨୭

## ପୁସ୍ତକ ପରିଚୟ

### ପୂଜା ପତ୍ରିକା~୨୦୨୩

### ପରାଗ




**ସମ୍ପାଦକ: ବନମାଳୀ ସେନାପତି**

**୧/୮ ଡିମାଇ ସାଇଜ୍, ପୃ:୪୩୬, ମୂଲ୍ୟ: ଟ.୧୮୦/-**

ଗଳ୍ପ ଗବାକ୍ଷ, କବିତା କକ୍ଷ, ଫିଚର୍, ପ୍ରବନ୍ଧ, ଛନ୍ଦୋବଦ୍ଧ କବିତା, ଅନୁବାଦ ଗଳ୍ପ ଓ ରମ୍ୟ ରଚନା ଆଦି ବିଭିନ୍ନ ବିଭାଗରେ ବହୁ ଲେଖିକାଲେଖକ ନିଜର ଅବଦାନ ରଖିଛନ୍ତି। ଗଳ୍ପରେ ସଦାନନ୍ଦ ତ୍ରିପାଠୀ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ମମତାମୟୀ ଚୌଧୁରୀ, ବିରଜା ରାଉତରାୟ ଓ କାଳିନ୍ଦୀ ଚରଣ ଜେନା; କବିତାରେ ଶତ୍ରୁଘ୍ନ ପାଣ୍ଡବ, ନୀଳମଣି ପରିଡ଼ା, ପିନାକୀ ମିଶ୍ର, ପୀତାମ୍ବର ତରାଇ, ସେନାପତି ପ୍ରଦ୍ୟୁମ୍ନ କେଶରୀ; ଫିଚରରେ ଅନିଲ କୁମାର ପାଢ଼ୀ ଓ କ୍ଷୀରୋଦ ଦାସ; ପ୍ରବନ୍ଧରେ ନକୁଳ ଚନ୍ଦ୍ର ସାହୁ ଓ ଗୀତି-କବିତାରେ ନନ୍ଦକିଶୋର ସିଂହ ରହିଛନ୍ତି। ପ୍ରଚ୍ଛଦ ଆଙ୍କିଛନ୍ତି କଲକାତାର ସମର ସିହ୍ନା।

### ସୃଜନର ସୁଗନ୍ଧ




**ସମ୍ପାଦକ: ଦୀପ୍ତି ଖଣ୍ଡୁଆଳ**

**୧/୪ ସାଇଜ୍, ପୃ: ୧୧୬, ମୂଲ୍ୟ: ଟ.୧୦୦/-**

ତନୁଜ ମଲ୍ଲିକଙ୍କ ପ୍ରଚ୍ଛଦ ସହ ପତ୍ରିକାର କବିତା, ଗଳ୍ପ, ସାହିତ୍ୟ ଚର୍ଚ୍ଚା, ଲଳିତ ନିବନ୍ଧ ଓ ମିନିଗଳ୍ପରେ ଅଛନ୍ତି ଫନୀ ମହାନ୍ତି, ହୃଷୀକେଶ ମଲ୍ଲିକ, ହରିଶ୍ଚନ୍ଦ୍ର ବେହେରା, ବିଷ୍ଣୁ ସାହୁ, ରବି ସ୍ୱାଇଁ, ରବି ପଣ୍ଡା, ପ୍ରଦୀପ ନାୟକ, ପତିତପାବନ ଗିରି, ଭଗବାନ ପଟେଲ, ଉମାକାନ୍ତ ନାୟକ ଓ ପ୍ରତାପ ବିଶ୍ୱାଳ। ପତ୍ରିକାର ମୁଖ୍ୟ ସମ୍ପାଦିକା ନିବେଦିତା ଜେନା ଓ ପ୍ରକାଶକ ସନ୍ତୋଷ କୁମାର ନାୟକ।

### ମୂର୍ଚ୍ଛନା




**ସମ୍ପାଦକ: ରାଧାମୋହନ ମହାପାତ୍ର**

**ଏ/୪ ସାଇଜ୍, ପୃ: ୩୫୨, ମୂଲ୍ୟ: ନିଃଶୁଳ୍କ**

ଭୁବନେଶ୍ୱରର ସର୍ବପ୍ରାଚୀନ ସାହିତ୍ୟାନୁଷ୍ଠାନ 'ଗୋଦାବରୀଶ ସାହିତ୍ୟ ସଂସଦ'ର ଏହି ମୁଖପତ୍ର(୨୦୨୩)ଟିରେ ବହୁ ପ୍ରବୀଣ ଓ ନବୀନ ଲେଖିକାଲେଖକ ଅଛନ୍ତି। ପ୍ରବନ୍ଧରେ ବନବିହାରୀ ନାୟକ, ଅରବିନ୍ଦ ପଟ୍ଟନାୟକ, ରଜନୀ ରଣସିଂହ, ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ, ଶର୍ମିଷ୍ଠା ମହାପାତ୍ର; ଗଳ୍ପରେ ରାଧାମୋହନ ମହାପାତ୍ର, ରାମଚନ୍ଦ୍ର ମହାନ୍ତି, ଉପେନ୍ଦ୍ର ପ୍ରସାଦ ନାୟକ, କାଳିନ୍ଦୀ ଚରଣ ଭଞ୍ଜ, କୁଞ୍ଜବିହାରୀ ପାଢ଼ୀ; ଭ୍ରମଣ କାହାଣୀରେ ଗୌରଚନ୍ଦ୍ର ମହାପାତ୍ର, ଜୟନ୍ତ ପଟ୍ଟନାୟକ; କବିତାରେ ହୃଷୀକେଶ ମଲ୍ଲିକ, ଖଗେଶ୍ୱର ମହତାବ, ଲାବଣ୍ୟ ଶବର, ରାମଚନ୍ଦ୍ର ମେକାପ, ସତ୍ୟାନାଶ, ପ୍ରମୋଦିନୀ ହୋତା ପ୍ରମୁଖଙ୍କ ଲେଖା ସ୍ଥାନ ପାଇ ପତ୍ରିକାଟିକୁ ସମୃଦ୍ଧ କରିଛି।

### ନୀହାରକନ୍ୟା




**ସମ୍ପାଦକ: ସୁରଞ୍ଜନ ପାତ୍ର**

**୧/୪, କ୍ରାଉନ୍ ସାଇଜ୍, ପୃ: ୮୦, ମୂଲ୍ୟ: ଟ.୮୦/-**

ପତ୍ରିକାର ରୌପ୍ୟ ଜୟନ୍ତୀ ବିଶେଷାଙ୍କ-୨୦୨୩ର ପ୍ରଚ୍ଛଦରେ ଏକ ସୁରମ୍ୟ ପ୍ରାକୃତିକ ଦୃଶ୍ୟପଟ ରହିଛି। ହଳଦୀ ରଙ୍ଗର ଚଢ଼େଇଟି ଆଶା ଓ ସମ୍ଭାବନାର ପ୍ରତୀକ ମନେହେଉଛି। ଏଥିରେ ଗଳ୍ପ ଲେଖିଛନ୍ତି କମଳିନୀ ମଲ୍ଲିକ, ଜ୍ୟୋତ୍ସ୍ନା ବିଶ୍ୱାଳ; କବିତା ସୌଭାଗ୍ୟବନ୍ତ ମହାରଣା, ଅମୀୟ ରଞ୍ଜନ ମହାପାତ୍ର, ପ୍ରଦୀପ କୁମାର ପଣ୍ଡା ଓ ପ୍ରସନ୍ନ କୁମାର ସ୍ୱାଇଁ। ସମ୍ପାଦକୀୟରେ 'ନୀହାରକନ୍ୟା'ର ଅତୀତ ସ୍ମୃତିକୁ ମନେପକାଇଛନ୍ତି ସମ୍ପାଦକ। 'ନୀହାରକନ୍ୟା' ପାଠକୀୟ ଆଦୃତି ପାଉ- ଏହାହିଁ କାମନା।

**କବିତା**

### ଶେଷଧାଡ଼ିର ପିଲା

**ସଂଜୀବ କୁମାର ପଣ୍ଡା**

ଶେଷଧାଡ଼ିର ପିଲାଏ
ନିଜ ପାଇଁ ରଚିପାରନ୍ତି
ଭିନ୍ନ ଏକ ପୃଥିବୀ
ଓ ସେ ପୃଥିବୀକୁ
ଫୁଟବଲ ବନେଇ ଖେଳନ୍ତି
କହିବାକୁ ଗଲେ ଜୀବନକୁ
ନିଜ ବାଗରେ ଜିଅନ୍ତି।

ବହି ସହ ଜୀବନ ସବୁ ଜୀବନ ନୁହଁ
କିଛି ଖେଳ ପାଇଁ କିଛି ପାଠ ପାଇଁ
କିଛି ଗୀତ ପାଇଁ କିଛି ନାଚ ପାଇଁ।

ମୁଠାଏ ସମୟକୁ ସେମାନେ
ଡରଳେଇ ବୁହାଇ ଦିଅନ୍ତି
ନଈ ପହଁରାରେ
ଆଉ କିଛି ସମୟକୁ
ଫୁ' କରି ଉଡ଼େଇ ଦିଅନ୍ତି
ପାହାଡ଼ ଚଢ଼ାରେ।

ଯଦିଓ ସେମାନଙ୍କ ଶରୀର ଥାଏ
ଶ୍ରେଣୀ କୋଠରିରେ
ତଥାପି ସେମାନେ ନ ଥାଆନ୍ତି ସେଠି
ଘୂରି ବୁଲୁଥା'ନ୍ତି କେଉଁ
କଳ୍ପନା ରାଇଜେ ଅଥବା
ସ୍ୱପ୍ନର ସୋରିଷ କ୍ଷେତରେ।

ଶେଷ ଧାଡ଼ିର ପଳାଶମାନେ
ବେଳେବେଳେ ମହକିଉଠନ୍ତି
ମଲ୍ଲୀଫୁଲ ପରି।

ମୋ: ୯୬୫୮୭୧୫୨୨୬

**ଗୀତି-କବିତା**

### ସପନ ଯେ ମୋତେ

**ହଂସନାଥ ମୁଦୁଲି**

ସପନ ଯେ ମୋତେ
ଆଣି ଦେଇଗଲା
ଜୀବନ ଜିଇବା ଆଶା
ଜୀବନ ଜିଇବା
ଭିତରେ ପୁଣି ମୁଁ
ସପନେ କଲି ଭରସା ॥୦॥

ସପନ ଭିତରୁ
ଜୀବନ ଖୋଜିବା
ପାଇଁ ମନକରେ ଜିଦି
ଜୀବନ ପାଇଁକି
ସପନ ଯେ, ଲୋଡ଼ା
ସେଠି ମୁହଁ ଆଶାବାଦୀ
ତଥାପି ଜୀବନ ଏକଲାପଣରେ
ହୁଏ ଯାହା ଲୋକହସା
ସପନେ କଲି ଭରସା ॥୧॥

ପଛକୁ ଫେରି ମୁଁ
ଆଗକୁ ଚାହିଁଲି
ନୂଆ ଜୀବନଟେ ପାଇଁ
ଅଳପ ଦୂରରୁ
କିଏ ସେ କହିଲା
ସେଇଠାରେ ଥାଅ ରହି
ମୁଁ ଭାବିଲି ବସି
ରୋକିଗଲେ ଥରେ
ଉଡ଼ିବ ଜୀବନ ହଂସା
ସପନେ କଲି ଭରସା ॥୨॥

ମୋ: ୯୭୭୭୯୬୮୭୧୯

**କାଳକାଳକୁ**

"ଆନନ୍ଦରେ ସ୍ୱାଧୀନତା ଓ ସ୍ୱାଧୀନତାରେ ବିଦ୍ରୋହର ବୀଜ ନିହିତ ଥାଏ।"

– ମର୍‌ଭିନ୍ ପିକ୍



ମର୍‌ଭିନ୍ ପିକ୍(Mervyn Peake)ଙ୍କ ଜନ୍ମ ୯ ଜୁଲାଇ ୧୯୧୧ରେ ଓ ମୃତ୍ୟୁ ୧୭ ନଭେମ୍ବର ୧୯୬୮ରେ। ଏକାଧାରରେ କବି, ଲେଖକ ଓ ଚିତ୍ରକର ଏହି ବ୍ରିଟିଶ୍ ସ୍ରଷ୍ଟା ତାଙ୍କର 'Gormenghast' ଧାରାବାହିକ ରଚନା ପାଇଁ ପ୍ରସିଦ୍ଧ। ତାଙ୍କର ଅନ୍ୟ ଦୁଇଟି ଲୋକପ୍ରିୟ ପୁସ୍ତକ ହେଲା- 'Letters from a Lost Uncle'(୧୯୪୮) ଓ 'Mr Pye' (୧୯୫୩)। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ କିଛିଦିନ ପାଇଁ ଯୁଦ୍ଧ-ଖବରଦାତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୦୮ରେ ୧୯୪୫ ପରବର୍ତ୍ତୀ ୫୦ ଜଣ ଅତି ବଡ଼ ବ୍ରିଟିଶ୍ ଲେଖକଙ୍କ ମଧ୍ୟରେ ପିକ୍‌ଙ୍କୁ ଜଣେ ବୋଲି 'ଦ ଟାଇମ୍‌ସ' ପତ୍ରିକା ଗଣତି କରିଥିଲେ।

# ଶବ ହେଲା ପରେ

**– ମନୋଜ କୁମାର ବେହେରା**

**ଲଘୁଗଳ୍ପ**

ସାତ ଦିନ ପୂର୍ବରୁ ମୁଁ ଯେଉଁ ଶବକୁ ଦେଖିବାକୁ ମଶାଣିକୁ ଯାଇଥିଲି, ତାହା ଥିଲା ସହରର ଜଣେ ପ୍ରସିଦ୍ଧ କଳାକାରଙ୍କର। ମାସକ ତଳେ ମୁଁ ଯେଉଁ ଶବକୁ ଦେଖିବାକୁ ମଶାଣିକୁ ଯାଇଥିଲି, ତାହା ଥିଲା ସହରର ଜଣେ ଖ୍ୟାତନାମା ପ୍ରବଚକଙ୍କର।

ବର୍ଷେ ତଳେ ମୁଁ ଯେଉଁ ଶବକୁ ଦେଖିବାକୁ ମଶାଣିକୁ ଯାଇଥିଲି, ତାହା ଥିଲା ସହରର ଜଣେ ପ୍ରସିଦ୍ଧ ଲେଖକଙ୍କର। ଆଉ ସାତବର୍ଷ ତଳେ ପ୍ରଥମେ ମଶାଣିରେ ମୁଁ ଯେଉଁ ଶବ ଦେଖିଥିଲି, ତାହା ଥିଲା ସହରର ଜଣେ ନାମକରା କବିଙ୍କର।

ସମସ୍ତେ ଥିଲେ ଅଲଗା ଅଲଗା ବୟସର, କିନ୍ତୁ ସମସ୍ତେ ଥିଲେ ମୋର ପରିଚିତ। ହଁ, ଯେତେବେଳେ ମୁଁ ମଶାଣିକୁ ଯାଏ, ସେତେବେଳେ ଗୋଟିଏ କଥା ମୋତେ ଜଣାପଡ଼ିଲା କି ସେଠି ଶବର କୌଣସି କାମ ନ ଥାଏ। ମଶାଣିରେ ଥିବା ସେହି ମୃତ ଲୋକଟି କାହାର ମା', ବାପା, ଭାଇ, ବନ୍ଧୁ ହୋଇଥିଲେ ମଧ୍ୟ ତା'ର ଗୋଟିଏ ପରିଚୟ ହୋଇଯାଏ, ଆଉ ତାହା ହେଉଛି 'ଶବ'।

ତେଣୁ ମୁଁ ଯେତେବେଳେ ମୋର ତୃତୀୟ ବନ୍ଧୁଙ୍କ ଦେହାନ୍ତ ପରେ ମଶାଣିକୁ ଯାଇଥିଲି, ସେତେବେଳେ ମୋ' ମନରେ କେବଳ ଏହି ଭାବନା ଥିଲା କି ମୁଁ ଶବ ଦେଖିବାକୁ ଯାଉଛି। ତାଙ୍କର ଶବଦାହ ହେଲା ଇଲେକ୍ଟ୍ରିକ୍ ଭାଟିରେ। ଯେମିତି ତାଙ୍କ ଶବକୁ ଭାଟିରେ ପୂରାଗଲା ସେଥିରୁ ଧୂଆଁ ବାହାରିବାକୁ ଲାଗିଲା। ଆଉ ଚାହୁଁଚାହୁଁ ପାଉଁଶରେ ପରିଣତ ହେଇଗଲା ତାଙ୍କର ପାର୍ଥିବ ଶରୀର। ଏହି ସାତବର୍ଷ ଭିତରେ ଏହି ଚାରି ଖ୍ୟାତନାମା ବ୍ୟକ୍ତିଙ୍କ ବ୍ୟତୀତ ଅନେକ ସାଧାରଣ ସାଙ୍ଗସାଥୀଙ୍କୁ ଏହି ଦୁନିଆରୁ ଯିବାର ଦେଖିଛି।

ଦିନେ ମୋର ଜଣେ ପରିଚିତ ବନ୍ଧୁ ଫୋନ୍ କରି କହିଲେ, ତାଙ୍କ ଭାଇଙ୍କର ବାଲେଶ୍ୱରରେ ଘଟିଥିବା କରମଣ୍ଡଳ ଏକ୍ସପ୍ରେସ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି। ତେଣୁ ତାଙ୍କ ସହିତ ଶବ ଚିହ୍ନଟ କରିବାକୁ ବାଲେଶ୍ୱର ଯିବାପାଇଁ। ଆମେ ତୁରନ୍ତ ଗାଡ଼ି ଯୋଗାଡ଼ କରି ଚାଲିଲୁ ବାଲେଶ୍ୱର। ସେଠି ଗୋଟିଏ ସ୍କୁଲ୍‌ରେ ଅସ୍ଥାୟୀ ଶବଗୃହ କରାଯାଇଥିଲା। ସ୍କୁଲ୍‌ରେ ପଡ଼ିଥିଲା ଅନେକ ଶବ। ସେଥିମଧ୍ୟରୁ ଆମକୁ ଖୋଜିବାକୁ ଥିଲା ଆମ ଭାଇର ଶବକୁ। ସବୁ କାଗଜପତ୍ର ନେଇଥିଲୁ ସାଙ୍ଗରେ, କାହିଁକିନା ତା'ର ପରିବାରକୁ ମିଳିପାରିବ ସରକାରୀ ଅନୁକମ୍ପା।

କୁଡ଼କୁଡ଼ ଶବ ଭିତରୁ ଆମେ ପାଇଗଲୁ ଆମର ଆବଶ୍ୟକୀୟ ଶବକୁ। ଇଏ ଥିଲା ସେହି ଭାଇ, ଯିଏ ପନ୍ଦର ବର୍ଷ ହେଲା କାଟି ଦେଇଥିଲା ନିଜର ସବୁ ସମ୍ପର୍କ ଘରଠୁ। ତା' ଚେହେରାରେ ଅନେକ ପରିବର୍ତ୍ତନ ଆସି ଯାଇଥିଲା ଏତେ ବର୍ଷ ଭିତରେ। ହେଲେ ଚିହ୍ନିବାରେ କିଛି ଅସୁବିଧା ହେଲା ନାହିଁ କାରଣ ଯୋଡ଼ି ହୋଇଥିବା ଭ୍ରୂଲତା, ପାଟି ପାଖରେ ପିଲାଦିନର ଦୁର୍ଘଟଣାର ସ୍ମୃତିଚିହ୍ନ ଭାବରେ ସ୍ପଷ୍ଟ ଦେଖାଯାଉଥିବା କଟାଦାଗ ଆଉ ବାମ ପାଦରେ ଛଅଟା ଆଙ୍ଗୁଠି।

ସାଙ୍ଗ ଭାଇର ପୋଷ୍ଟମର୍ଟମ୍ ରିପୋର୍ଟ ସହିତ ସରକାରୀ କାଗଜ ଫେରେଇବା ସମୟରେ ଏମିତି ଲାଗିଲା ନିଜ ଚିହ୍ନା ବନ୍ଧୁଙ୍କର ଅସ୍ତିତ୍ୱକୁ ଆମେ ଶବ ଦେହରେ ମଧ୍ୟ ଚିହ୍ନଟ କରିପାରିବା। ଯେଉଁ ଭାଇର ସ୍ମୃତି ଧୀରେ ଧୀରେ ମଳିନ ହେବାକୁ ଲାଗିଥିଲା, ତାହା ଗୋଟିଏ ମୃତଶରୀର ଭାବରେ ଉଙ୍କିମାରୁଥିଲା ସ୍ମୃତିରେ। ପ୍ରକୃତରେ ଶବ ସେତେଟା ଶବ ହୋଇ ପାରିବନି ଯେତିକି ଆମେ ଭାବୁ। କାରଣ ଶବ ହେଉଛି ଗୋଟିଏ ଶବ୍ଦ, ଯାହା ମୃତ୍ୟୁ ପରର ଆମ ଶରୀରକୁ କୁହାଯାଏ। ହେଲେ ଗୋଟିଏ ଶବ ଯେ ଅନେକ ସମ୍ପର୍କର ଡୋରିରେ ବନ୍ଧା ହୋଇଥାଏ ଯାହା କେବେବି ଛିଡ଼ିଯାଇ ପାରେନା। ଶବଟିଏ ନିଜ ବର୍ତ୍ତମାନରେ ଗଢ଼ିଥିବା ସମ୍ପର୍କମାନଙ୍କର ସ୍ମୃତିରେ ସବୁବେଳେ ଥାଏ ନିଜ ଅବର୍ତ୍ତମାନରେ। ତେଣୁ ଶବ ହେବାପରେ ତା'ର ଯାତ୍ରା ସରିଯାଏ ନାହିଁ କି ସ୍ମୃତିଚିହ୍ନ ଲିଭିଯାଏ ନାହିଁ। ତାହା ସବୁବେଳ ପାଇଁ ଜଳୁଥାଏ ଦପ୍‌ଦପ୍ ହୋଇ ନିଜ ସମ୍ପର୍କୀୟଙ୍କର ମାନସପଟରେ।

ମୋ: ୭୯୭୮୮୩୦୬୧୧



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ନଭେମ୍ବର ୧୧/୨୦୨୩ Bhubaneswar, Saturday, November 11/ 2023

# ଆହାନଙ୍କୁ ଡବଲ ଟାଇଟଲ



## ଫ୍ୟୁଚର ଷ୍ଟାର ଏଆଇଟିଏ ସୁପର ସିରିଜ

ଭୁବନେଶ୍ୱର, ୧୦।୧୧
(ତପନ ସ୍ୱାଇଁ)

କୋଲକାତାରେ ଅନୁଷ୍ଠିତ ଫ୍ୟୁଚର ଷ୍ଟାର ଏଆଇଟିଏ ସୁପର ସିରିଜ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଆହାନ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଟାଇଟଲ ବିଜୟୀ ହୋଇଛନ୍ତି। ବାଳିକା ସିଙ୍ଗଲ୍ସ ଫାଇନାଲରେ ସେ ପଶ୍ଚିମବଙ୍ଗର ରିୟା ରୟଙ୍କୁ ୬-୦, ୬-୦ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଡବଲ୍ସରେ ସେ ପଶ୍ଚିମବଙ୍ଗର ଇନ୍ଦ୍ରାକ୍ଷୀ ଭଟ୍ଟାଚାର୍ଯ୍ୟଙ୍କୁ ପାର୍ଟନର କରି ଖେଳିଥିଲେ। ଫାଇନାଲରେ ଆହାନ-ଇନ୍ଦ୍ରାକ୍ଷୀ ଯୋଡ଼ି ପଶ୍ଚିମବଙ୍ଗର ରିୟା ରୟ ଓ ସାଞ୍ଚାଫ ମାଲକାଣ୍ଡିଙ୍କୁ ୬-୪, ୬-୦ ସେଟ୍‌ରେ ହରାଇ ଦେଇଥିଲେ। ଆହାନ ସମ୍ପ୍ରତି ଏସ୍‌ବେସ୍ ଟେନିସ ଏକାଡେମୀରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ।

# ଗୁରକିରଟ ସିଂଙ୍କ ଅବସର

ଚଣ୍ଡିଗଡ଼, ୧୦।୧୧ (ପି.ଟି.)

ଗୁରକିରଟ ସିଂ ମାନ ଅନ୍ତର୍ଜାତୀୟ ଓ ଭାରତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୨୦୧୬ ଅଷ୍ଟ୍ରେଲିଆ ଟୁର୍ ବେଳେ ସେ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିଲେ। ଏହି ୩୩ ବର୍ଷୀୟ ଖେଳାଳି ଭାରତ ପାଇଁ ମିଡଲ ଅର୍ଡରରେ ବ୍ୟାଟିଂ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ସେ ୧୦ ଓଭର ଅଫ୍ ସ୍ପିନ ବୋଲିଂ କରିଥିଲେ। ପଞ୍ଜାବ ଦଳରେ ସ୍ଥିତି ସୁଦୃଢ଼ ନ ରହିବାରୁ ସେ ଅବସର ଘୋଷଣା କରିଥିବା କୁହାଯାଉଛି। ସେ ୭ମ ତଥା ଶେଷଥର ପାଇଁ ଆଇପିଏଲ୍ ୨୦୨୦ରେ ଖେଳିଥିଲେ। ସୂଚନାଯୋଗ୍ୟ, ୨୦୧୧ ଘରୋଇ କ୍ରିକେଟ ପ୍ରତିଯୋଗିତାରେ ସେ ଚମତ୍କାର ପ୍ରଦର୍ଶନ କରି ସେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ପଞ୍ଜାବ ସିକେ ନାଇଡୁ ଟ୍ରଫି ଜିତିପାରିଥିଲା। ରଣଜୀ ଟ୍ରଫି ୨୦୧୫-୧୬ ସିଜନରେ ମଧ୍ୟ ସେ ଚମତ୍କାର ଫର୍ମରେ ଥିଲେ ଏବଂ ଏକ ଦ୍ୱିଶତକ ହାସଲ କରିଥିଲେ। ଗୁରକିରଟ ଅନ୍ତର୍ଜାତୀୟ ଦିନିକିଆରେ ପଦାର୍ପଣ ପୂର୍ବରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ସିରିଜ ପାଇଁ ଭାରତର ଟେଷ୍ଟ ଦଳକୁ ଡକରା ପାଇଥିଲେ। କିନ୍ତୁ ଏଥିରେ ତାଙ୍କୁ ଖେଳିବା ଲାଗି ସୁଯୋଗ ମିଳି ନ ଥିଲା। ୨୦୨୧-୨୨ରେ ସେ ବିଜୟ ହଜାରେ ଟ୍ରଫିରେ ପଞ୍ଜାବର ଟପ୍ ସ୍କୋରର ଥିଲେ।

# ଭାରତ-କାତାର ଫୁଟ୍‌ବଲ ମ୍ୟାଚ: ଅନ୍‌ଲାଇନ ଟିକେଟ ବିକ୍ରି ଆରମ୍ଭ

ଭୁବନେଶ୍ୱର, ୧୦।୧୧
(ତପନ ସ୍ୱାଇଁ)

ଭାରତ ଓ କାତାର ମଧ୍ୟରେ ଫିଫା ବିଶ୍ୱକପ ୨୦୨୬/ଏଏଫ୍‌ସି ଏସିଆନ କପ୍ ୨୦୨୭ ଯୁଗ୍ମ ଯୋଗ୍ୟତା ପର୍ଯ୍ୟାୟ ଫୁଟବଲ ମ୍ୟାଚ ଆସନ୍ତା ୨୧ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ମ୍ୟାଚ ପାଇଁ ଶୁକ୍ରବାରଠାରୁ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଟିକେଟ ଗୁଡ଼ିକ www. ticketgenie.inରେ ଉପଲବ୍ଧ। ଅନ୍‌ଲାଇନ୍‌ରେ ଟିକେଟ କିଣିବା ପରେ ଦର୍ଶକମାନେ ଏହାକୁ ୧୭ ତାରିଖ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୬ଟା ମଧ୍ୟରେ ଗେଟ୍ ନଂ-୪ ନିକଟରେ ଥିବା କାଉଣ୍ଟରରେ ସ୍ୱାପ୍ କରିପାରିବେ। କଳିଙ୍ଗ ଷ୍ଟାଡିୟମ ଗେଟ୍ ନଂ-୪ ନିକଟରେ ଉପଲବ୍ଧ କାଉଣ୍ଟରରେ ଆସନ୍ତା ୧୭ ତାରିଖରୁ ଅଫ୍‌ଲାଇନ୍ ଟିକେଟ ଉପଲବ୍ଧ ହେବ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୬ଟା ମଧ୍ୟରେ ଫୁଟବଲପ୍ରେମୀମାନେ ବ୍ୟକ୍ତିଗତ ଉପସ୍ଥିତ ରହି ଟିକେଟ କ୍ରୟ କରିପାରିବେ। ନର୍ଥ ୱେଷ୍ଟଷ୍ଟାଣ୍ଡ ପାଇଁ ଟିକେଟ ମୂଲ୍ୟ ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହା ବ୍ୟତୀତ ଇଷ୍ଟ ଷ୍ଟାଣ୍ଡ, ସାଉଥ୍ ଷ୍ଟାଣ୍ଡ ଓ ନର୍ଥ ଷ୍ଟାଣ୍ଡର ଟିକେଟ ମୂଲ୍ୟ ୨୦୦ ଟଙ୍କା ରଖା ଯାଇଛି।







Bhubaneswar - Hindustan Wheels: 9776048108/ 9937020816 | Bapuji Nagar Branch: 9348355705 / 9437142215 | Bhubaneswar –K2K Auto-Motives 7008987920 / 7008987917 /16 | Bhubaneswar: Torque Motor Pahal: 9692592014 / 7894252300 | Venus Automotives: 9776012326/ 8917395776 | Nayagarh: Shree Motors: 9123742457 9748294928 | Puri - Satyabadi Automobiles: 8917467272 / 8917475550 | Brahmagiri Branch: Ananya Automobiles : 8917467272 / 9556879502 Cuttack- PMG Motors: 7854912003 / 7854912006 | Cuttack : AMP Motors : 9692200591 / 592 Jajpur Road - Birendra Motors: 8114371861/ 8114371865 | Balipatna: 9078953592 | Dhalapathar: 7008951601 | Balugaon: 8018731318 | Jatni: 8249369308 Pipili: 9937681634 | Nimapara: 9776604707 | Kakatapur: 9861413314 | Chandpur: 8018731318 | Adaspur: 9438344646 | Banki: 9337390774 | Narsinghpur: 934891773 | Niali: 7377401859 | Rajnagar: 9776887470 | Bidharpur: 9777100623 | Athagarh: 8249515189 | Jagatsinghpur: 8249845109 | Paradeep: 8895513620 | Rahama: 9439064788 | Salepur: 9337115957 | Pattamundai: 9861502095 | Chhatia: 9437397655 | Duburi: 8093869659 | Binjharpur: 9778266966 | Balichandrapur: 7978609768 | Bhuban: 8249158563 | Jajpur Town: 9777022033 | Mangalapur: 9937726644 | Singhpur: 7008382026.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ